
ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ସେପ୍ଟେମ୍ବର ୨୦୨୩



ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ଫଟୋ : ଅଞ୍ଜନ ମହାଲା

Vol-2 • Issue-7 • September 2023 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

**SAHITYA CHARCHA**

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୨ • ସଂଖ୍ୟା-୭ • ସେପ୍ଟେମ୍ବର ୨୦୨୩ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଅଜୟ ମହାଲା**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬

**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୪୦/-**

## ।। ସୂଚୀ ।।

| | |
|---|---|
| ପାଠକଙ୍କ ମତାମତ | ୦୨ |
| ଫେସବୁକିଆ ସାହିତ୍ୟ (ସଂପାଦକୀୟ) | ୦୩ |
| ଓଡ଼ିଆ ଚଉପଦୀ : ଅନୁଶୀଳନ ଓ ଅନୁସରଣ (ପ୍ରବନ୍ଧ): ଉଦୟନାଥ ସାହୁ | ୦୫ |
| ଶବ ପଡ଼ିଛି (ଗଳ୍ପ) : ପ୍ରଦୋଷ ମିଶ୍ର | ୧୦ |
| କିଏ ତୁମେ ମାନସୀ ଗୋ (କବିତା) : ଗୋପାଳକୃଷ୍ଣ ଆଚାର୍ଯ୍ୟ | ୧୫ |
| ଲକ୍ଷ୍ମୀନାରାୟଣ ବଚନିକା ଓ ଲକ୍ଷ୍ମୀପୁରାଣ (ପ୍ରବନ୍ଧ) : ସୁବାଷ ଚନ୍ଦ୍ର ଭୋଇ | ୧୬ |
| ଭୂତାଣୁ (ଗଳ୍ପ) : ସୁଶୀଳ କୁମାର ନନ୍ଦ | ୨୧ |
| 'ବଫାଲୋ' ଶବ୍ଦ ଓ ବି.ଏ. ପାସ୍ (ଅନୁଭୂତି): ଅଚ୍ୟୁତାନନ୍ଦ ପତି | ୨୩ |
| କବିତାରେ କରୋନାର ମୁଦ୍ରାଙ୍କ (ପ୍ରବନ୍ଧ) : ବାସୁଦେବ ଦାସ | ୨୬ |
| ବରିଷ୍ଠ କଥାକାର ନାରୁ ମହାନ୍ତିଙ୍କ ସହ ଅନ୍ତରଙ୍ଗ ଆଳାପ (ସାକ୍ଷାତକାର) | ୩୦ |
| ଅଲୋଡା ଅବୟବ (ଗଳ୍ପ) : ମନୋରଞ୍ଜନ ବେହୁରା | ୩୩ |
| ସମାଜସେବୀ ଡକ୍ଟର ଘଣ୍ଟେଶ୍ୱର (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର | ୩୮ |
| ମଦିରା ବନ୍ୟାରେ ସାହିତ୍ୟ ସର୍ଜନା (ପ୍ରବନ୍ଧ) : ନିଖିଳାନନ୍ଦ ପାଣିଗ୍ରାହୀ | ୪୨ |
| ମୁର୍ଦ୍ଦାରମାନଙ୍କ ଗାଁ (ଅନୁବାଦ ଗଳ୍ପ) : କନକ ମଂଜରୀ ପଟ୍ଟନାୟକ | ୪୫ |
| ନାଟକ କାହା ପାଇଁ ଏବଂ କାହିଁକି (ପ୍ରବନ୍ଧ) : ଚିନ୍ମୟ ସାମଲ | ୪୮ |
| ବିଜ୍ଞ ଅଭିଜ୍ଞ ସର୍ବଜ୍ଞ (ରମ୍ୟରଚନା) : ଅଭୟ ଦାଶ | ୫୪ |
| ପୁସ୍ତକ ପ୍ରକାଶନ ଓ ସଂପାଦନା (ପ୍ରବନ୍ଧ) : ମାନସ ରଂଜନ ମହାପାତ୍ର | ୫୬ |
| ଅରଣ୍ୟକ୍ଷେତ୍ର (କବିତା) : ବଳରାମ ପୂଜାରୀ | ୫୯ |
| ପରିଣତି (ଗଳ୍ପ) : ଆର୍ତ୍ତତ୍ରାଣ ମହାପାତ୍ର | ୬୦ |
| ଚାରିଟି ଅଣୁଗପ (ଗଳ୍ପ) : ରବିନାରାୟଣ ଦାଶ | ୬୩ |
| ଫୁଲଚୋର ଓ ମହୁମାଛି (ଶିଶୁ ଗଳ୍ପ) : ରବୀନ୍ଦ୍ରନାଥ ମାଝୀ | ୬୪ |
| ଶ୍ରେଷ୍ଠ ଓଡ଼ିଆ ଗଳ୍ପ ୨୦୨୧ (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ | ୬୬ |
| ସାହିତ୍ୟ ସମାଚାର | ୬୭ |
| ନିଘଣ୍ଟୁ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ | ୬୮ |


# ପାଠକଙ୍କ ମତାମତ

ଅଗଷ୍ଟ ମାସ ୨୦୨୩ର 'ସାହିତ୍ୟ ଚର୍ଚ୍ଚା' ପତ୍ରିକାଟି ପାଇଲି। ବହୁତ ଧନ୍ୟବାଦ। ପ୍ରତିଟି ଲେଖା ଅତ୍ୟନ୍ତ ରୋଚକ ଏବଂ ଶିକ୍ଷଣୀୟ। ଡ. ରମାକାନ୍ତ ନାୟକଙ୍କ ରଚିତ 'ସାମ୍ପ୍ରତିକ ଓଡ଼ିଆ କବିତାରେ ଅଭିବ୍ୟକ୍ତି' ଏକ ଚମତ୍କାର ଉପସ୍ଥାପନ। ଅଭିବ୍ୟକ୍ତି ଏକ ମାନସିକ କ୍ରିୟା। ତା ଛଡ଼ା ଓଡ଼ିଆ ଭାଷାର ଅଭିବ୍ୟକ୍ତିବାଦୀ ସାରସ୍ୱତ ସ୍ରଷ୍ଟା ମାନଙ୍କର ଯେତିକି ବି ନାମ ଉଲ୍ଲେଖ କରିଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ।

ଅଧ୍ୟାପକ ବିଶ୍ୱରଂଜନଙ୍କ ରଚିତ 'ବୁଢ଼ାମାଷ୍ଟ୍ର' ସୁନ୍ଦର ରଚନା। ପ୍ରତି ମଣିଷର ମନ ତା ନିଜ ସ୍ୱପ୍ନ ସମୁଦ୍ରରେ ପହଁରେ, ପୁଣି ମୁକ୍ତ ଆକାଶରେ ବିହଙ୍ଗଟିଏ ହୋଇ ଉଡ଼ି ବୁଲିବାର ଆଶା ବି ରଖେ। ସେତେବେଳେ ତା ବୟସ ଆଉ ତାକୁ ରୋକି ପାରେନା।

ଗାଳ୍ପିକ ରବି ପଣ୍ଡାଙ୍କ 'ବୋଉ' ଏକ ହୃଦୟସ୍ପର୍ଶୀ ଗଳ୍ପ। ବାସ୍ତବ ଜୀବନରେ ଗୋଟେ ବୋଉ ତା ଛାତି ଭିତରୁ କେବେ ତା ସନ୍ତାନକୁ ଦୂରେଇ ଦେଇ ନଥାଏ, ବରଂ ଆମେ ସନ୍ତାନମାନେ ନିଜକୁ ତା ଛାତିରୁ ଦୂରେଇ ଦେଇଥାଉ। ମା'ର ମମତା ଅତୁଳନୀୟ, ଅବର୍ଣ୍ଣନୀୟ।

**ଅଳକା ନନ୍ଦ**
alkananda@yahoo.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

ସେ ଦିନ ଥିଲା ୨୯ଜୁଲାଇ ୨୦୨୩ ମସିହା ଶନିବାର। ମୁଁ ଟ୍ରେନକୁ ଅପେକ୍ଷା କରି ଠିଆ ହୋଇଥାଏ ଭୁବନେଶ୍ୱର ରେଳ ଷ୍ଟେସନରେ। ସେଠାରେ ଥିବା ସର୍ବୋଦୟ ବୁକ୍ ଷ୍ଟଲ୍‌ରେ ପରବର୍ତ୍ତୀ ମାସ ଅର୍ଥାତ୍ ଅଗଷ୍ଟର 'ସାହିତ୍ୟ ଚର୍ଚ୍ଚା' ସମୟ ପୂର୍ବରୁ ପହଞ୍ଚି ଯାଇଥିବା ଦେଖି ଆଶ୍ଚର୍ଯ୍ୟ ହେଲି। ଖଣ୍ଡେ କପି କିଣିଲି ମଧ୍ୟ। ଓଡ଼ିଆ ସାହିତ୍ୟ ପାଇଁ ପତ୍ରିକାଟି ଆଶାର ଆଲୋକ।

**ସୁଶ୍ରୀସଂଗୀତା ରାଉତ**
sushreesangitarout16@gmail.com

ଶ୍ରୀ ଜଗନ୍ନାଥଙ୍କ ମୁରବିଦ୍ଧ ଆନୁକୂଲ୍ୟରେ ପ୍ରକାଶିତ ସାହିତ୍ୟ ଚର୍ଚ୍ଚା ପତ୍ରିକା ଓଡ଼ିଆ ପତ୍ରିକା ଜଗତରେ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରି ପାରିଛି। ଏହାର ପରିପାଟୀ ଆକର୍ଷଣୀୟ, କଳେବର କ୍ଷୁଦ୍ର ହେଲେ ମଧ୍ୟ ଏହାର ଆତ୍ମିକ ଓ ସାହିତ୍ୟିକ ମୂଲ୍ୟବୋଧ ଅକ୍ଷୁର୍ଣ୍ଣ ଓ ଉର୍ଦ୍ଧ୍ୱ ମାନର। ଏଥିରେ ପ୍ରବନ୍ଧ, କ୍ଷୁଦ୍ର ଗଳ୍ପ, କବିତା ଆଦି ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିପାରିଛି। ଚଳିତ ଅଗଷ୍ଟ ସଂଖ୍ୟାରେ ପ୍ରକାଶିତ ସମ୍ପାଦକୀୟ 'ଆଓ୍ୱାର୍ଡ଼ ଓ୍ୱାପସି' ଏକ ଯୁଗୋପଯୋଗୀ ଉଲ୍ଲେଖନୀୟ ଆଲୋଚନା। ଗୁଜରାଟୀ ଯୁବ ଲେଖକଙ୍କ ପୁରସ୍କାର ପ୍ରତ୍ୟାଖ୍ୟାନର କାରଣ ଯଥାର୍ଥରେ ଅନୁଧ୍ୟାନଯୋଗ୍ୟ। ଶ୍ରୀ ରବି ପଣ୍ଡାଙ୍କର କ୍ଷୁଦ୍ରଗଳ୍ପ ପ୍ରତ୍ୟେକ ପାଠକଙ୍କର ମର୍ମସ୍ଥଳକୁ ଚହଲାଇଦିଏ। ଅଜୟ କୁମାର ମିଶ୍ରଙ୍କ ବ୍ୟଙ୍ଗ ଗଳ୍ପଟି ମଧ୍ୟ ହୃଦୟସ୍ପର୍ଶୀ। ଶେଷ ପୃଷ୍ଠାର 'ବାଗ୍‌ବୈଦଗ୍ଧ୍ୟ' ଏ ଶବ୍ଦଟି ଏକ ସୁନ୍ଦର ଅଳଙ୍କାର ଆମ ଭାଷାର। ସାହିତ୍ୟର ସବୁ ଦିଗକୁ ଛୁଇଁଥିବା ସାହିତ୍ୟ ଚର୍ଚ୍ଚା ଯଥାର୍ଥ ଚର୍ଚ୍ଚାରେ ଭରପୂର ହୋଇ ଅଧିକରୁ ଅଧିକ ଆକର୍ଷଣୀୟ ହେଉ, ଏହାହିଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶ୍ରୀ ଜଗନ୍ନାଥ ଏହାର ମୁରବି। ଯାତ୍ରା ପଥ ମଙ୍ଗଳମୟ ହେଉ। ମୁଁ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।

**ବନଜ ଦେବୀ**
banajadevi2012@gmail.com

ଅଗଷ୍ଟ ମାସର 'ସାହିତ୍ୟ ଚର୍ଚ୍ଚା' ପତ୍ରିକାଟି ହାତରେ ପଡ଼ିବାମାତ୍ରେ ସମସ୍ତ କାର୍ଯ୍ୟ ପଛକୁ ପକାଇ ପଢ଼ିବସିଲି, ଅନ୍ତର୍ଦୃଷ୍ଟିର ଆବେଗରେ କିଛିକ୍ଷଣ ବିମୋହିତ ହେଲି । ବାସ୍ତବିକ ଆପଣଙ୍କ ଅଭିନବ ପ୍ରୟାସ ଓଡିଆ ସାହିତ୍ୟ ଜଗତରେ ଏକ ନୂଆ ଦିଶା।

**ଶୁଭେନ୍ଦୁ କୁମାର ମହାପାତ୍ର**
suvendrakumarm@gmail.com

**ସଂପାଦକୀୟ**

# ଫେସବୁକିଆ ସାହିତ୍ୟ

ଆମର ଭାଷାବିତ୍ ବନ୍ଧୁମାନେ ହୁଏତ ଭ୍ରୂକୁଞ୍ଚନ ପୂର୍ବକ ପ୍ରଶ୍ନ ଉଠାଇବେ, "ଏ 'ଫେସବୁକିଆ' କ'ଣ ହୋ ? କେଉଁ ଭାଷାକୋଷରୁ ପାଇଲ ଯାକୁ!" ହେଲେ ଇଂରାଜୀ ଅଭିଧାନମାନଙ୍କରେ ତ 'ଫେସବୁକିସ୍' ଏକ ଶବ୍ଦ ଭାବରେ ସ୍ୱୀକୃତି ପାଇସାରିଲାଣି। ଆମ ଓଡ଼ିଆ ଅଭିଧାନ ଓ ଭାଷାକୋଷଗୁଡିକରେ ବି ଏହା ଅନୁପ୍ରବେଶ କରିବାକୁ ଅବା ଆଉ କେତେ ଦିନ !

ଏହି 'ଫେସବୁକିଆ' ସାହିତ୍ୟ ଏବେ ପ୍ରବଳ ବେଗରେ କାୟା ବିସ୍ତାର କରିଚାଲିଛି। ଅନ୍ୟ ଭାଷାର ସାହିତ୍ୟରେ ଫେସବୁକ୍‌ର ସଂକ୍ରମଣ ଯେତେ ନୁହେଁ, ଆମ ସାହିତ୍ୟରେ ଏହା ବରଂ ତା'ଠାରୁ ଆହୁରି କେଇ ପାଦ ଆଗୁଆ। ଛାପା କାଗଜରେ ଯେତିକି ସାହିତ୍ୟ ଆମ ଭାଷାରେ ପ୍ରକାଶିତ ହେଉଛି, ତହୁଁ ବଳି ଅଧିକ ଲେଖାଯାଉଛି ଫେସବୁକ୍ ପରଦାରେ ଓ ସାମାଜିକ ଗଣ ମାଧ୍ୟମରେ। ଲକ୍ଷ୍ୟ କରିବେ ଯେ, ଆମେ 'ଲେଖାଯାଉଛି' ବୋଲି କହିଲୁ, 'ପଢ଼ାଯାଉଛି' ବୋଲି ନୁହେଁ। ଆମ ଫେସବୁକିଆ ସାହିତ୍ୟିକ ମହଲରୁ କେହି କେହି ଅବା ଯୁକ୍ତି ରଖିପାରନ୍ତି, "କି କଥା କହିଲେ ଆପଣ ? ଆପଣଙ୍କୁ କ'ଣ ଦୃଶ୍ୟ ହେଉନାହିଁ ଯେ ଫେସବୁକ୍‌ରେ ପୋଷ୍ଟ ହେଉଥିବା ଆମର ଗୋଟିଏ ଗୋଟିଏ ଲେଖା ପାଠକମାନଙ୍କଠାରୁ କେତେ ପ୍ରଚୁର 'ଲାଇକ୍' ଓ 'କମେଣ୍ଟ' ପାଉଛି ?" କିନ୍ତୁ ଟିକିଏ ନିରେଖିଲେ ଆମେ ଜାଣିପାରିବା ଯେ ଫେସବୁକ୍‌ରେ ସ୍ଥାନିତ ହେଉଥିବା ଗୋଟିଏ କବିତା ବା ଗପର ପାଦଦେଶରେ ଯେଉଁ ବୃଦ୍ଧାଙ୍ଗୁଷ୍ଠି ଅବା ଯୋଡହସ୍ତ ସୂଚକ ଇମୋଜୀମାନେ, କିମ୍ବା 'ଗୁଡ୍', 'ୱାହ୍' ଭଳି ମନ୍ତବ୍ୟମାନେ ଭିଡ଼ ଜମାଇଥାଆନ୍ତି, ତାହାର ପ୍ରେରକମାନଙ୍କ ମଧ୍ୟରୁ ଅନେକେ ଥରଟିଏ ହେଲେ ପଢ଼ିନଥା'ନ୍ତି ସେହି ଲେଖାକୁ।




ଅବଶ୍ୟ ଏହି ଫେସବୁକ୍ ମଧ୍ୟ ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଯେ ତୁଲାଉଛି ସେଥିରେ ଆମର ସନ୍ଦେହ ନାହିଁ। ଏହାକୁ ବରଂ ଆମ ସାହିତ୍ୟରେ ଗଣତନ୍ତ୍ରୀକରଣର ଏକ ଦୃଷ୍ଟାନ୍ତ ବୋଲି କୁହାଯାଇପାରେ। ଏହି ନବୀନ ମାଧ୍ୟମଟି ଦ୍ୱାରା ଆମ ସାହିତ୍ୟର ଅନେକ ପ୍ରତିଭାଧର ବଣମଲ୍ଲୀମାନେ ଲୋକଲୋଚନକୁ ଆସିପାରୁଛନ୍ତି ଓ ବହୁ ଉଚ୍ଚମାନର ରଚନା ମଧ୍ୟ ବିନା ପ୍ରତିବନ୍ଧକରେ ସର୍ଜିତ ଓ ପ୍ରକାଶିତ ହେବାର ଅବସର ଲାଭ କରୁଛନ୍ତି। କିନ୍ତୁ ତା'ସହିତ, ଏଥିରେ ପଠନ-ଅଯୋଗ୍ୟ କେତେକ ଅଳିଆ ମଧ୍ୟ ଯେଭଳି ସାହିତ୍ୟ ନାମରେ ପ୍ରସାର ଲାଭ କରି ରାଶି ରାଶି ଇମୋଜୀ ଓ 'କମେଣ୍ଟ'ମାନ ସାଉଁଟୁଛନ୍ତି, ତାହା ଦେଖିଲେ ବିବ୍ରତ ହେବାକୁ ପଡେ। ଏପରିକି ହାଟ ମଝିରେ ବ୍ରହ୍ମଜ୍ଞାନ ଭଳି ଫେସବୁକ୍‌ର ଅସଂଯତ ପରିବେଶ ଭିତରେ ଆମର ସୁସାହିତ୍ୟ ବେଳେ ବେଳେ ଅଣନିଃଶ୍ୱାସୀ ହେବାକୁ ବସିଲାଣି।

ଥରେ ଏକ ହିନ୍ଦୀ ସମ୍ବାଦପତ୍ର ଦ୍ୱାରା ଏହି ପ୍ରସଙ୍ଗରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତର ଦେଇ ଜାମସେଦପୁରର ଜଣେ ଲେଖକ, ପ୍ରଫେସର ଅବନିଶ କୁମାର କହିଥିଲେ, "ଆଜିର ସାହିତ୍ୟ ଫେସବୁକ୍, ହ୍ୱାଟସଆପ ଓ ଟୁଇଟର, ଭିତରେ ହିଁ ସୀମିତ ହୋଇ ରହିଯାଇଛି। ସାହିତ୍ୟର ରଚନାକାରମାନଙ୍କ ସଂଖ୍ୟା ତ ବଢ଼ିଛି, କିନ୍ତୁ ସମସାମୟିକ ସମସ୍ୟାଗୁଡିକ ଉପରେ ଗୁଣାତ୍ମକ ଲେଖାର ସ୍ରଷ୍ଟାମାନଙ୍କ ସଂଖ୍ୟା ମଧ୍ୟ କମିଛି। ସୋସିଆଲ ମିଡିଆରେ ଅହରହ ଜଣେ ଜଣେ ନୂଆ ସାହିତ୍ୟିକ ଜନ୍ମ ନେଉଛନ୍ତି। ଏମାନେ ନିଜ ପୋଷ୍ଟ ଉପରେ ପାଉଥିବା କିଛି 'କମେଣ୍ଟ' ଓ 'ଲାଇକ୍'ମାନ ଦେଖି ନିଜକୁ ଜଣେ ଜଣେ ବଡ଼ ଲେଖକ ବୋଲି ଧରିନେଉଛନ୍ତି। ଫଳରେ ଲୋକଙ୍କ ସାହିତ୍ୟ ପଠନର ସ୍ପୃହା ହିଁ କମିଯାଉଛି।" ତା'ଙ୍କର ଏହି ଟିପ୍ପଣୀ ସହିତ ଆମେ ସହମତ।

*ନିହାର ଶତପଥୀ*

## ସାହିତ୍ୟ ବିଚାର

**କମଳାକାନ୍ତ ରଥ**




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ ।*

---

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ । ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ । ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ ।

| | |
|---|---|
| *IFS Code* | : CNRB0018007 |
| *Account No.* | : 120000048648 |
| *Account Name* | : Sahitya Charcha |

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି ।

**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ । ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭, ମୋବାଇଲ : ୯୩୬୮୭୭୨୫୦୬


ପ୍ରବନ୍ଧ

# ଓଡ଼ିଆ ଚଉପଦୀ : ଅନୁଶୀଳନ ଓ ଅନୁସରଣ



ପ୍ରଫେସର ଉଦୟନାଥ ସାହୁ

ମନୁଷ୍ୟ ତା'ର ଭାବ ଓ ଭାବନାକୁ କଳାତ୍ମକ ମାଧ୍ୟମରେ ସାହିତ୍ୟରେ ପ୍ରକାଶ କରେ। କବିତା ହେଉଛି ସାହିତ୍ୟର ଅନ୍ୟତମ ରୂପ। ଗୀତିକବିତା ହେଉଛି ସାହିତ୍ୟର ଏକ ଅନନ୍ୟ ବିଭାଗ। ଏହାର ଦୁଇଟି ଭାବ ଦେଖିବାକୁ ମିଳେ। ଗୋଟିଏ ହେଉଛି ଗୀତିମୟତା ଓ ଅନ୍ୟଟି ଭାବମୟତା। ଭାବମୟ ହେଉଛି କବିତ୍ୱର ଅନ୍ତର୍ଭୁକ୍ତ ଏକ ବିଶିଷ୍ଟ ବୈଭବ। ପ୍ରାଚୀନ ଯୁଗର କବିମାନେ କବିତା ମାଧ୍ୟମରେ ଅନେକ କଥା ଉପସ୍ଥାପନ କରୁଥିଲେ। ତେଣୁ କୁହାଯାଏ, ଅତୀତରେ ଭାରତୀୟ ସାହିତ୍ୟରେ ସବୁପ୍ରକାର ରଚନାକୁ 'କାବ୍ୟ ବା କବିତା' ଭାବରେ ଅଭିହିତ କରାଯାଉଥିଲା। ସେଥିପାଇଁ ସଂସ୍କୃତ ଅଳଙ୍କାର ଶାସ୍ତ୍ରରେ ଗୀତିକବିତାର କୌଣସି ସ୍ୱତନ୍ତ୍ର ସଂଜ୍ଞା ବା ସ୍ୱରୂପ ପରିଲକ୍ଷିତ ହୁଏ ନାହିଁ। ତେଣୁ ଏହା ଅନୁମେୟ ଯେ, 'ଗୀତ' ଶବ୍ଦରୁ 'ଗୀତିକବିତା'ର ସୃଷ୍ଟି ହୋଇଛି। ଭରତଙ୍କ 'ନାଟ୍ୟଶାସ୍ତ୍ର'ରେ 'ଗୀତ' ଶବ୍ଦର ବହୁଳ ଉଲ୍ଲେଖ ଅଛି। 'ଗୀତ ଯୋଗ୍ୟତା' ଗୀତର ମୁଖ୍ୟ ଧର୍ମ ହୋଇଥିବାରୁ ସଙ୍ଗୀତକୁ 'ଗୀତିକବିତା' ଭାବରେ ଗ୍ରହଣ କରାଯାଇପାରେ। ଏହାର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି 'ଗୀତିମୟତା'। ଭାରତୀୟ ସାହିତ୍ୟରେ ବହୁପ୍ରାଚୀନ କାଳରୁ ଗୀତିକବିତା ଆତ୍ମପ୍ରକାଶ କରିଥିଲା। ଏହାର ମୁଖ୍ୟ ଉପାଦାନଗୁଡ଼ିକ ହେଲା- ଗୀତିମୟତା, ମନ୍ମୟତା, ସ୍ୱତଃସ୍ଫୂର୍ତ୍ତତା ଓ ସଂକ୍ଷିପ୍ତତା।




## ସୌନ୍ଦର୍ଯ୍ୟବୋଧ

ଗୀତିକବିତାରେ ସୌନ୍ଦର୍ଯ୍ୟବୋଧ ନିହାତି ଆବଶ୍ୟକ। ଗୀତିକବିତାର ଆତ୍ମିକ ସୌନ୍ଦର୍ଯ୍ୟ ତାକୁ ଶବ୍ଦ ଜଗତରୁ ଭାବଜଗତକୁ ନେଇଯାଏ। ଏହାର ଆତ୍ମିକ ସୌନ୍ଦର୍ଯ୍ୟ ହେଉଛି- ସମୟ ଓ ସମାଜର ପ୍ରତିବିମ୍ବ, ଧର୍ମୀୟ ଚେତନା, ପ୍ରଣୟାନୁଚିନ୍ତା ପ୍ରଭୃତି। ଓଡ଼ିଆ ଗୀତିକବିତା ସୃଷ୍ଟିର ପ୍ରଥମ ପର୍ଯ୍ୟାୟରେ ଆମେ ବୌଦ୍ଧ ସହଜିୟା ଦର୍ଶନ ତତ୍ତ୍ୱ ସମ୍ବଳିତ ଯେଉଁ 'ଚର୍ଯ୍ୟାପଦ' ବା 'ଚର୍ଯ୍ୟାଗୀତ'ର ପରିଚୟ ପାଉ, ତନ୍ମଧ୍ୟରେ ସମାଜ ଜୀବନର ବାସ୍ତବ ଚିତ୍ର ପ୍ରକାଶିତ ହୋଇଛି। ଶବରୀମାନଙ୍କର ବେଶଚର୍ଯ୍ୟାର ଚମତ୍କାର ଚିତ୍ର ଏଥିରେ ପରିବେଶିତ ହୋଇଅଛି।

କାବ୍ୟ କବିତାକୁ ଯେପରି ବିଭିନ୍ନ ଭାବରେ ବିଭକ୍ତ କରାଯାଇଛି, ସେହିପରି ଓଡ଼ିଆ ଗୀତିକବିତାକୁ ବିଭିନ୍ନ ଶୈଳୀ, ବିଷୟବସ୍ତୁ ଓ ତା'ର ଭାବକୁ ଲକ୍ଷ୍ୟକରି ଭିନ୍ନ ଭିନ୍ନ ଭାବରେ ବିଭକ୍ତ କରାଯାଇଅଛି। ପ୍ରାଚୀନ କାଳରେ ସବୁ ଗୀତିକବିତାକୁ 'ଚଉପଦୀ' ଭାବରେ ଗ୍ରହଣ କରାଯାଇଥିଲା। କାଳକ୍ରମେ ଏହାର କଳେବର ଯେପରି ବୃଦ୍ଧି ପାଇଲା, ସେହିପରି ଏହା ଭିନ୍ନ ଭିନ୍ନ ନାମ ଗ୍ରହଣ କରି ପରାଙ୍ଗପୁଷ୍ଟ ହେଲା। ଦିନକୁ ଦିନ ଏହାର ସଂଖ୍ୟା ବୃଦ୍ଧି ହେଲା। ଫଳରେ ଗୀତରଚନା କରିବାର ଶୈଳୀରେ ପରିବର୍ତ୍ତନ ଘଟିଲା। ଗୀତିକବିମାନେ ଏ କ୍ଷେତ୍ରରେ ବିଭିନ୍ନ ପରୀକ୍ଷା ଓ ନିରୀକ୍ଷା କରି ନୂଆ ନୂଆ ଶୈଳୀର ଓ ଭାବରେ ଗୀତିକବିତାମାନ ରଚନା କଲେ। ଗୀତରଚନା କରିବା କବିମାନଙ୍କର ଏକ ସଉକରେ ପରିଣତ ହୋଇପଡ଼ିଲା। ସେସବୁ ପାଠକମାନଙ୍କ ଦ୍ୱାରା ଆଦୃତ ହେଲା। ରାଜା, ମହାରାଜା ଓ ଭକ୍ତମାନେ ଗୀତରଚନା କରିବା ପାଇଁ ପ୍ରେରଣା ପ୍ରଦାନ କଲେ।

ସଂସ୍କୃତ ସାହିତ୍ୟରେ ଗୀତିକବିତା ସୃଷ୍ଟିର ଇତିହାସ ବେଶ୍ ପ୍ରାଚୀନ। କାଳିଦାସଙ୍କ ଦ୍ୱାରା ଗୀତିକବିତାର ଯେଉଁ ଉନ୍ମେଷ ଘଟିଥିଲା, ପରବର୍ତ୍ତୀ କାଳରେ ବହୁ କବିଙ୍କ ଦ୍ୱାରା ତାହା

ପରିପୂର୍ଣ୍ଣ ହୋଇ ବିକଶିତ ହେଲା। କାଳିଦାସଙ୍କ 'ମେଘଦୂତ' କେବଳ ସଂସ୍କୃତ କାବ୍ୟ ମଧ୍ୟରେ ସର୍ବପ୍ରଥମ ନୁହେଁ, ବହୁ ଦିଗରୁ ସର୍ବୋତ୍ତମ ପ୍ରେମଗୀତ ଭାବରେ ବିଶ୍ୱ ସାହିତ୍ୟରେ ସମ୍ମାନିତ। କାଳିଦାସଙ୍କର 'ଋତୁସଂହାର' ଓ 'ଶୃଙ୍ଗାର ତିଳକ' ମଧ୍ୟ ଦୁଇଟି ସାର୍ଥକ ଗୀତିକାବ୍ୟ। ଏତଦ୍ ବ୍ୟତୀତ ଅମରୁଙ୍କ 'ମରୁଶତକ', ବିଲ୍‌ହଣଙ୍କ 'ଚୌର ପଞ୍ଚାଶିକା, ଭର୍ତ୍ତୃହରିଙ୍କ 'ନୀତିଶତକ', 'ଶୃଙ୍ଗାର ଶତକ', 'ବୈରାଗ୍ୟ ଶତକ', ବାଣଭଟ୍ଟଙ୍କ 'ଚଣ୍ଡୀଶତକ', ମୟୂରକବିଙ୍କ 'ସୂର୍ଯ୍ୟଶତକ' ଆନନ୍ଦ ବର୍ଦ୍ଧନଙ୍କ 'ଦେବୀ ଶତକ', ଶିଲହଣଙ୍କ 'ଶାନ୍ତି ଶତକ' ପ୍ରଭୃତି ନାମ ଉଲ୍ଲେଖଯୋଗ୍ୟ। ସେହିପରି ଦ୍ୱାଦଶ ଶତାବ୍ଦୀରେ ଭକ୍ତକବି ଜୟଦେବ 'ଗୀତଗୋବିନ୍ଦ' ରଚନା କରିଥିଲେ। ଏହା ସର୍ବଦା ମନୁଷ୍ୟର ହୃଦୟକୁ ଆନନ୍ଦିତ, ଉଲ୍ଲସିତ ଓ ତଲ୍ଲୀନ କରିଥାଏ। ଏହା ଲୌକିକ ଓ ଅଲୌକିକ ଭାବ ଚେତନାକୁ ଋଦ୍ଧିମନ୍ତ କରିଥାଏ।

ଓଡ଼ିଆ ଭାଷାରେ ଗୀତିକବିତା ସଂସ୍କୃତ ସାହିତ୍ୟ ମଧ୍ୟ ଦେଇ ଆତ୍ମପ୍ରକାଶ କରିଛି। ଓଡ଼ିଆ ସାହିତ୍ୟରେ ଏହା ଚର୍ଯ୍ୟାଗୀତିକା ଠାରୁ ଆରମ୍ଭ କରି ସାରଳା ଦାସ, ବଳରାମ ଦାସ, ମାର୍କଣ୍ଡ ଦାସ ପ୍ରମୁଖ ଦେଇ ମଧ୍ୟଯୁଗରେ ବିପୁଳ ପରିମାଣରେ ପ୍ରକଟିତ ହୋଇଅଛି। ଭଜନ, ଜଣାଣ, ଚଉତିଶା, ଚଉପଦୀ, କୋଇଲି, ବୋଲି, ପୋଇ, ପୋଡ଼ଶା, ପଦିଆ, ମଙ୍ଗଳଗୀତ, ଚମ୍ପୂ ପ୍ରଭୃତି ବିବିଧ କାବ୍ୟ ରୂପ ଓଡ଼ିଆ ଗୀତିକବିତାରେ ଦେଖିବାକୁ ମିଳିଥାଏ। ଭାରତର ବହୁ ପ୍ରାନ୍ତୀୟ ସାହିତ୍ୟରେ ଏହିସବୁ ଗୀତିକବିତା ପ୍ରାୟ ବିରଳ।

**ଚଉପଦୀର ସାଧାରଣ ଅର୍ଥ ହେଲା ଚାରିପଦ ବିଶିଷ୍ଟ କବିତା। ସେହିପରି ପଞ୍ଚକ ହେଲା ପାଞ୍ଚଦଶ, ଷୋଡ଼ଶ ହେଲା ଷୋଳପଦ ଓ ଚଉତିଶା ହେଲା ଚଉତ୍ରିଶ ପଦ।**

## ସଂସ୍କୃତରେ କ୍ଷୁଦ୍ରଗୀତି

ସଂସ୍କୃତରେ କ୍ଷୁଦ୍ରଗୀତିକୁ ଚିତ୍ରପଦୀ, ଚିତ୍ରକଳା, ଧ୍ରୁବପଦା ଓ ପାଞ୍ଚାଳି ଭେଦରେ ବିଭକ୍ତ କରାଯାଇଛି। ସେଥିମଧ୍ୟରୁ ଚିତ୍ରକଳା ବହୁବିଧ ଚଉପଦୀ, ଏହି ଚିତ୍ରକଳାର ଅନ୍ତର୍ଗତ। ଏହି 'ଚଉପଦୀ' ଶବ୍ଦଟି ସଂସ୍କୃତ 'ଚତୁଷ୍ପଦୀ'ରୁ ନିଷ୍ପନ୍ନ ହୋଇଅଛି। ସଂସ୍କୃତ ସାହିତ୍ୟରେ ଚାରିପାଦ ବିଶିଷ୍ଟ ସଂଗୀତକୁ ଚତୁଷ୍ପଦୀ କୁହଯାଏ। ଓଡ଼ିଆ ଭାଷାକୋଷରେ ଚଉପଦୀ ସଂଜ୍ଞା ନିର୍ଦ୍ଦେଶ ଅଛି – 'ଚାରି ବା କ୍ୱଚିତ୍ ତତୋଽଧିକ ପଦ ବିଶିଷ୍ଟ ସଙ୍ଗୀତ ବା କବିତାକୁ ଚଉପଦୀ କୁହଯାଏ।' (ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ପୃ ୨୪୭୫) କିନ୍ତୁ ଏହା ଚାରିପଦ ମଧ୍ୟରେ ସୀମିତ ନ ରହି ତିନିପଦଠାରୁ ଆରମ୍ଭ କରି ଦଶପଦ ଥିବାର ଲକ୍ଷ୍ୟ କରାଯାଏ। କାରଣ ଚାରିପାଦ ମଧ୍ୟରେ ତା'ର ସ୍ୱତଃସ୍ଫୂର୍ତ୍ତ ଭାବଧାରାକୁ ପ୍ରକାଶ କରିବାରେ କ୍ଷୁଣ୍ଣ ବା ଅପୂର୍ଣ୍ଣ ହେବାର ସମ୍ଭାବନା ଥାଏ। ଉପେନ୍ଦ୍ର ଭଞ୍ଜ ମଧ୍ୟ ଛାନ୍ଦ, ଚଉପଦୀ, ଚଉତିଶା, ଢଗଢମାଳି ସର୍ବଜନ ଆଦୃତ ବୋଲି ସ୍ୱୀକାର କରି କହିଛନ୍ତି–


"ରୁଚ୍ୟ ବୋଲି ଛନ୍ଦ, ଚଉତିଶା, ଦଉପଦୀ, ଢଗ ପଞ୍ଚବଂଧଶ ଗୀତେଥିବ

ରସ ପଞ୍ଚକ ବର୍ଣ୍ଣରେ ବର୍ଣ୍ଣନା ଦେବାରୁ ରସ ପଞ୍ଚକ ଏ ବୋଲାଇବ।"

ଚଉପଦୀର ସାଧାରଣ ଅର୍ଥ ହେଲା ଚାରିପଦ ବିଶିଷ୍ଟ କବିତା। ସେହିପରି ପଞ୍ଚକ ହେଲା ପାଞ୍ଚଦଶ, ଷୋଡ଼ଶ ହେଲା ଷୋଳପଦ ଓ ଚଉତିଶା ହେଲା ଚଉତ୍ରିଶ ପଦ। ଏଥିରୁ ଷୋଡ଼ଶା ଓ ଚଉତିଶା ଯଥାକ୍ରମେ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣର ସଂଖ୍ୟା ଉପରେ ନିର୍ଭର କରୁଥିବାରୁ ଏସବୁ ସୀମା ଅତିକ୍ରମ କରେ ନାହିଁ। ଅଥଚ ଚଉପଦୀ ଓ ପଞ୍ଚକରେ ବେଳେବେଳେ ଅଧିକାପଦ ମିଳିଥାଏ। ଚଉପଦୀ ଆକାରରେ କ୍ଷୁଦ୍ର ହେଲେ ହେଁ ଶ୍ରୋତା ବା ପାଠକ ପାଇଁ ଏହାର ଆବେଦନ ଅତି ତୀବ୍ର। ଏହାର ପ୍ରଥମ ପଦ ସାଧାରଣତଃ 'ଘୋଷା' ବା 'ପଦ' ନାମରେ ରଚିତ। ଏହାକୁ ଗାୟକ ବା ସଙ୍ଗୀତଜ୍ଞ ପରବର୍ତ୍ତୀ ପଦସବୁ ସହିତ ବାରମ୍ବାର ଆବୃତ୍ତି କରେ। ଏହି ପ୍ରଥମ ପଦଟି ହେଉଛି କବିତାର ମୂଳ ବକ୍ତବ୍ୟ। ଏହାର ଯାଦୁକରୀ ସ୍ପର୍ଶ ଓ ଚମତ୍କାରୀ ଭାବ ଚେତନା ଶ୍ରୋତାର ଶରୀରରେ ରୋମାଞ୍ଚ ସୃଷ୍ଟି କରେ, ହୃଦୟକୁ ଝଙ୍କୃତ କରାଏ ଓ ଶେଷ ପଦରେ ଶ୍ରୋତାକୁ ଉଦ୍‌ଗ୍ରୀବ ବା ଉତ୍କଣ୍ଠିତ କରି ପୁଣି ବେଳେବେଳେ ସମସ୍ୟାର ସମାଧାନ କରି ସମାପ୍ତ ହୋଇଯାଏ। ସେହି ଅବସରରେ କବି କବିତାର ମୂଳ ସ୍ୱର ସହ ନିଜକୁ ମିଶାଇ ଦେଇ ନିଜ ମନ କଥା ବି କହିଦିଏ।

ପ୍ରାଚୀନ ସାହିତ୍ୟରେ ଜଟିଳ ସ୍ୱରଯୁକ୍ତ ଚଉପଦୀ ଥିଲେ

ହେଁ ସାଧାରଣ ଭାବେ ଓଡ଼ିଆ ଚଉପଦୀର ସ୍ୱରରେ ଅଳଙ୍କରଣ କମ୍। ଏଥିରେ କଣ୍ଠ ନୈପୁଣ୍ୟ ପରିବର୍ତ୍ତେ ଆବେଗ ଓ ରସ ପ୍ରକାଶକୁ ଗୁରୁତ୍ୱ ଦିଆଯାଇଥାଏ। ଓଡ଼ିଆ ଚଉପଦୀର ସ୍ୱାଭାବିକ ପ୍ରବଣତା କରୁଣ ଓ ଶାନ୍ତ ରସର ଅଧିକ ପ୍ରୟୋଗ। ମଣିଷର ଅନୁଭୂତି ପରଦାରେ ଯେତେବେଳେ ପ୍ରେମାନୁଭୂତି ଅପରୂପ ରାଗରଙ୍ଗରେ ଝଲସି ଉଠେ ସେତେବେଳେ ତା'ର ପ୍ରାଣରେ ପୁଲକର ସଞ୍ଚାର ହୁଏ। କବି ମନରେ ଏହି ଅନୁଭୂତି ଲାଭ ପାଇଁ ବ୍ୟାକୁଳତା ବେଶି ଜାଗ୍ରତ ହୁଏ। ଏହି ଚିରନ୍ତନ ବ୍ୟାକୁଳତା ହିଁ ଚଉପଦୀ। ଆୟତନରେ ସଂକ୍ଷିପ୍ତତା ଅଥବା ଆବେଦନର ତୀବ୍ରତା ହିଁ ଚଉପଦୀ ସୃଷ୍ଟିର ମୌଳିକ ରହସ୍ୟ। କେବେ, କେଉଁ ଶତାବ୍ଦୀରେ କେଉଁ ମଧୁର ମୁହୂର୍ତ୍ତରେ ଓଡ଼ିଆ ଚଉପଦୀ ସୃଷ୍ଟି ହୋଇଥିଲା, ତାହା ସଠିକ ଭାବରେ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ। କିନ୍ତୁ ଷୋଡ଼ଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ସଙ୍ଗୀତ ଚର୍ଚ୍ଚା କିପରି ଭାବରେ ହେଉଥିଲା ଓ ଓଡ଼ିଆ ଭାଷା କିପରି ପୁଷ୍ଟି ସାଧନ କରିଥିଲା, ତାହାର ନିଦର୍ଶନ ଅନେକ ଚଉପଦୀରୁ ମିଳିଥାଏ। ଚଉପଦୀରେ ବିଧିବଦ୍ଧ ରୂପ ଓ ଶାସ୍ତ୍ରୀୟ ବିକାଶରେ ଯେ, ଜୟଦେବଙ୍କ 'ଗୀତଗୋବିନ୍ଦ'ର ପ୍ରଭାବ ପଡ଼ିଛି, ଏଥିରେ ସନ୍ଦେହ ନାହିଁ। ରାଧାକୃଷ୍ଣଙ୍କର ପ୍ରଣୟ ଲୀଳାତ୍ମକ ଏହି ଗୀତ କାବ୍ୟରେ ସଙ୍ଗୀତ ହିଁ ପ୍ରାଣ। ଏହି ସଙ୍ଗୀତ ଓ ପରବର୍ତ୍ତୀ ସମୟର ଚଉପଦୀକୁ 'ଗୀତଗୋବିନ୍ଦ'ର କ୍ରମ ପରିଣତି ବୋଲି କୁହାଯାଇପାରେ।




### ପ୍ରେମ ଓ ପ୍ରଣୟ

ପ୍ରେମ ଓ ପ୍ରଣୟ ଚଉପଦୀର ମୁଖ୍ୟ ତଥା ଅନ୍ତଃସ୍ୱର। ତଥାପି ଏହି ପ୍ରେମ ଓ ପ୍ରଣୟ ବ୍ୟତୀତ ଓଡ଼ିଆରେ ଅନେକ ଚଉପଦୀ ସୃଷ୍ଟି ହୋଇଛି। ତାହା ବାତ୍ସଲ୍ୟ ରସର ସ୍ନେହପୂର୍ଣ୍ଣ ଅଭିବ୍ୟକ୍ତିରେ ସରସ, ସୁନ୍ଦର ଓ ମଧୁମୟ ହୋଇପାରିଛି।

ଷୋଡ଼ଶ ଶତାବ୍ଦୀରେ 'ପଞ୍ଚକ' (ନରସିଂହ ସେଣଙ୍କ 'ଢଗ ମୁକ୍ତାବଳୀ') ତଥା ଚାରିପଦ ବିଶିଷ୍ଟ ପଦାବଳୀ (ବଳରାମ ଦାସ ଓ ରଘୁ ଅରକ୍ଷିତ) ବି ଦେଖିବାକୁ ମିଳେ। ଅଥଚ 'ଚଉପଦୀ' ନାମଟି ପ୍ରଚଳିତ ନ ଥିଲା। ଅଚ୍ୟୁତଙ୍କ 'ଚଉପଦୀ' ଓ ଜଗନ୍ନାଥ ଦାସଙ୍କ 'ଷୋଡ଼ଶ ଚଉସ୍ପଦୀ; ଏକ ଚଉପଦୀ ଓ ଚାରି ଚଉପଦୀ' ପ୍ରଭୃତି ଉପଲବ୍ଧ ହେଲେ ବି ଏସବୁର ପ୍ରାମାଣିକତା ସନ୍ଦେହ ମୁକ୍ତ ନୁହେଁ। ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ଗଜପତି ଶାସନର ଅବସାନ ପରେ ଓଡ଼ିଶାରେ ବହୁ କ୍ଷୁଦ୍ର ରାଜ୍ୟ ପ୍ରସିଦ୍ଧି ଲାଭ କଲା। ସେମାନଙ୍କ ଦରବାରରେ କବି, ପଣ୍ଡିତ ଓ ସଙ୍ଗୀତଜ୍ଞ ଦେଖିବାକୁ ମିଳୁଥିଲେ। ସେମାନେ ରାଜାଙ୍କ ଚିତ୍ତ ବିନୋଦନ ନିମିତ୍ତ ବିଭିନ୍ନ ସମୟରେ ରାଜାଙ୍କ ନିର୍ଦ୍ଦେଶରେ ସଙ୍ଗୀତ ଗୋଷ୍ଠୀର ଆୟୋଜନ କରୁଥିଲେ। ରାଜାଙ୍କ ପ୍ରିୟପାତ୍ର ହେବାକୁ ରାଜାଙ୍କ ନାମରେ ନିଜ ରଚିତ କବିତା ସବୁକୁ ଭଣିତା ମଧ କରୁଥିଲେ। ଏହିପରି ଏକ ବିଳାସୀ ପରିବେଶ ମଧରେ ରୀତିଯୁଗର ପ୍ରବନ୍ଧକାବ୍ୟ ସହ ଚଉପଦୀ ସବୁର ସୃଷ୍ଟି ହୋଇଥିବା ଅନୁମେୟ। ଫଳରେ ସପ୍ତଦଶ ଶତାବ୍ଦୀରେ ଧନଞ୍ଜୟ ଭଞ୍ଜ, ଦୀନବନ୍ଧୁ ରାଜ ହରିଚନ୍ଦନ ଏବଂ ଅଷ୍ଟାଦଶ ଶତାବ୍ଦୀରେ ଉପେନ୍ଦ୍ର, ନୃସିଂହ ଭ୍ରମରବର, ଦୀନକୃଷ୍ଣ ପ୍ରଭୃତି ଚଉପଦୀ ରଚନାରେ ମନ ଦେଇ ଯଶସ୍ୱୀ ହେଲେ। ଏହିସବୁ ଚଉପଦୀଗୁଡ଼ିକୁ ନିମ୍ନୋକ୍ତ ଚାରିଭାଗରେ ବିଭକ୍ତ କରାଯାଇପାରେ। ଯଥା- (୧) ରାଧାକୃଷ୍ଣ ଲୀଳା ସମ୍ବଳିତ (୨) ଶ୍ରୀଜଗନ୍ନାଥ ମହିମା ସମ୍ପର୍କିତ, (୩) ନାଗର ନାଗରୀ ପ୍ରେମମୂଳକ (୪) ମନଃ ଶିକ୍ଷା ସୂଚକ। ଏସବୁ ଚଉପଦୀର ପଦସଂଖ୍ୟା ମଧ ସମାନ ନୁହେଁ। କେତେକରେ ଚାରିପଦ, କେତେକରେ ପାଞ୍ଚପଦ, ପୁଣି ଛଅ ପଦ, ଆଠପଦ ପ୍ରଭୃତି ଦେଖାଯାଏ। ସେଥିପାଇଁ 'ଚଉପଦୀ'ର ପଦସଂଖ୍ୟାର କୌଣସି ନିର୍ଦ୍ଦିଷ୍ଟ ନିୟମ ଥିବା ଜଣାଯାଏ ନାହିଁ।

ରାଧାକୃଷ୍ଣ ପ୍ରୀତିମୂଳକ ଅଲୌକିକ ପ୍ରଣୟ ପ୍ରଧାନ ଚଉପଦୀରେ ପ୍ରେମ, ମିଳନ ଓ ବିରହ ଯେପରି ହୋଇଉଠିଛି ମୁଖ୍ୟ ଉପଜୀବ୍ୟ। ଲୌକିକ ପ୍ରଣୟ ପ୍ରଧାନ ଚଉପଦୀମାନଙ୍କରେ ସେହିପରି କବିମାନଙ୍କ ପ୍ରୀତି ପ୍ରଣୟର ବର୍ଣ୍ଣନା ହୋଇଉଠିଛି ଅନ୍ତରଙ୍ଗ ସ୍ୱର। ଲୌକିକ ପ୍ରୀତିମୂଳକ ଚଉପଦୀ, ମନେ ହୁଏ ଯେପରି କାମଶରର ଅକ୍ଷୟ-ତୂଣୀର। କବିମାନେ ରାଜା-ମହାରାଜାମାନଙ୍କର ପୃଷ୍ଠପୋଷକତା ଲାଭ କରି ସେମାନଙ୍କ ଇନ୍ଦ୍ରିୟତୃପ୍ତି ସାଧନ ପାଇଁ ଚଉପଦୀ ସବୁ ରଚନା କରିଥିଲେ। ଚଉପଦୀଗୁଡ଼ିକରେ ରାଧାକୃଷ୍ଣଙ୍କ ପାଇଁ କବିମାନଙ୍କର ଆତ୍ମୀୟତା

ଆତ୍ମପ୍ରକାଶ କରିଥିଲା । ରାଧାକୃଷ୍ଣ ଲୀଳା ବର୍ଣ୍ଣନାରେ ପଦାବଳୀ ଓ ଚଉପଦୀ ମଧ୍ୟରେ କୌଣସି ପାର୍ଥକ୍ୟ ନ ଥିଲା । ପଦାବଳୀ ପରି ଏଥିରେ ବି ମଧୁର ବା ଶୃଙ୍ଗାର ରସର ପ୍ରାଧାନ୍ୟ ଥିଲା । ଏଥିରେ ମଧ୍ୟ ପୂର୍ବରାଗ ଓ ଅନୁରାଗ ଚିତ୍ରିତ ହୋଇଥିଲା । ଦେହ ଗୃହ ବନ୍ଧୁ, ବାନ୍ଧବ, ଗୁରୁଜନ ପ୍ରଭୃତି ସମସ୍ତଙ୍କୁ ଭୁଲି ପ୍ରିୟତମ ଶ୍ରୀକୃଷ୍ଣଙ୍କ ନିକଟରେ ନିଜକୁ ପରିପୂର୍ଣ୍ଣ ଭାବେ ଉତ୍ସର୍ଗ କରିଦେବା ହିଁ ହେଉଛି ଆତ୍ମସମର୍ପଣ । ରାଧାକୃଷ୍ଣ ପ୍ରୀତି ସମ୍ବଳିତ ଦୀନକୃଷ୍ଣଙ୍କ ଚଉପଦୀଗୁଡ଼ିକରେ ଏହି ସମର୍ପଣକୁ ବିଭିନ୍ନ ଭାବରେ ଦେଖିବାକୁ ମିଳେ । ଯେପରି–

"ରେ ସଙ୍ଗାତ ! କେ ବୋଲେ ପୀରତି ଭଲ ।
ଶଠ ଶ୍ୟାମ ତୁଲେ ପୀରତି ଆଚରି
କଥା କେତେ ସରିଗଲା ।
ହସି ହସି ଦୂତୀ କଲି ଯା' ପୀରତି
କାନ୍ଦିବାର ହେଲା ସାର
ସୁଖୀ ହେବି ବୋଲି ମନେ ପାଞ୍ଚିଥିଲି
ପିନ୍ଧିବାକୁ ଦୁଃଖ ହାର ।

ଅନେକ 'ଚଉପଦୀ'ରେ ଶୃଙ୍ଗାର ରସର ପ୍ରାଧାନ୍ୟ ଥିବାବେଳେ ଏଥିରେ ଶାନ୍ତ ରସ ହିଁ ମୁଖ୍ୟ । ମାନବୀୟ ପ୍ରୀତି ସ୍ଥାନରେ ଭକ୍ତ ପ୍ରୀତି ଏହାର ଉପଜୀବ୍ୟ । ଏଥିରେ ନାଗର ଓ ନାଗରୀ ସ୍ଥାନରେ ଭକ୍ତ ଓ ଭଗବାନ । ଅନେକ ଚଉପଦୀରେ ଦେଖାଯାଏ ଯେ ନାଗର–ନାଗରୀ ପ୍ରୀତିରେ ପ୍ରେମର ନିବିଡ଼ତା ନାହିଁ । ସୁନ୍ଦର ରସିକ ନାଗରର ନିଷ୍ଠୁରତାରେ ନାଗରୀର ତନୁ ନବ ଶୀତକର ପରି କ୍ଷୀଣ ହୋଇପାରିଛି ସତ, ମଳୟ ପବନ ଅନଳ ସମାନ ଜଣାଯାଉଛି ସତ, କିନ୍ତୁ ସେ ସବୁ କେବଳ ମଦନ ଶର ପ୍ରହାର ଯୋଗୁ । ନାୟକ ସହ ମିଳନ ହୋଇଗଲେ, ଏସବୁର ସମାଧାନ ହୋଇଯାଏ । ରାଧାପ୍ରେମର କିନ୍ତୁ ଅନନ୍ତ କାମନା, ଯେତେ ପାଇଲେ ନ ପାଇବା ପରି ଭାବନା ଏଥିରେ ନାହିଁ । ଶ୍ରୀକୃଷ୍ଣଙ୍କ ପରି ନୀଳାଚଳ ପତି ଜଗନ୍ନାଥଙ୍କ ଲୀଳା, ଯାତ୍ରା ଓ ମହିମାକୁ ନେଇ ଅନେକ ଚଉପଦୀ ମଧ୍ୟ ରଚିତ ହୋଇଅଛି । ଏଥିରେ ଥିବା ଭକ୍ତର ଆତ୍ମସମର୍ପଣ ଭାବ, ଜଗନ୍ନାଥଙ୍କ ମହିମା, ଜଗନ୍ନାଥଙ୍କ ବିଭିନ୍ନ ସେବା, ମହାପ୍ରସାଦର ମହିମା, ଜଗନ୍ନାଥଙ୍କ ନିକଟରେ ଭକ୍ତର ନିବେଦନ ପ୍ରଭୃତି ପାଠକକୁ ମୁଗ୍ଧ କରିଦିଏ । ଏସବୁକୁ ଗୀତିକା ମଧ୍ୟ କୁହାଯାଇପାରେ କାରଣ ଚଉପଦୀ ଢାଞ୍ଚାରେ ରଚିତ ହୋଇଥିଲେ ବି ଏହା ଚଉପଦୀଠାରୁ ଅଲଗା ମନେ ହୁଏ । କିନ୍ତୁ ଏହି ଗୀତିକା ଗୁଡ଼ିକର ବିଶିଷ୍ଟ ଆକର୍ଷଣ ହେଲା ଭାଷା ।

**ଅନେକ ଚଉପଦୀରେ ଦେଖାଯାଏ ଯେ ନାଗର-ନାଗରୀ ପ୍ରୀତିରେ ପ୍ରେମର ନିବିଡ଼ତା ନାହିଁ ।**

### ରୀତିଯୁଗ

ରୀତିଯୁଗର ଅଭ୍ୟୁଦୟ ପରେ ବୈଷ୍ଣବୀୟ ପରିବେଶକୁ ପରିତ୍ୟାଗ କରି କେବଳ ମାନବିକ ପରିପ୍ରେକ୍ଷୀରେ ସାହିତ୍ୟ ସୃଷ୍ଟି କରିବା ଥିଲା ମଧ୍ୟକାଳୀନ କବିମାନଙ୍କର ଓଡ଼ିଆ ସାହିତ୍ୟକୁ ବିଶିଷ୍ଟ ଦାନ । କାଞ୍ଚନିକ କାବ୍ୟ ସହ ରାମ ଓ କୃଷ୍ଣ କଥା ସମ୍ବଳିତ ପୌରାଣିକ ବିଷୟବସ୍ତୁକୁ ନେଇ କାବ୍ୟ ଲେଖିଥିଲେ ହେଁ ସବୁଥିରେ ମାନବୀୟ ପ୍ରବୃତ୍ତିର ପ୍ରାଧାନ୍ୟ ଥିଲା । ଓଡ଼ିଆ ସାହିତ୍ୟରେ ବଳରାମ, ମାଧବୀଦାସୀ, ରାମାନନ୍ଦ ରାୟ, ନବଘନ ଚାନ୍ଦ ପ୍ରଭୃତି କବି ଉଭୟ ବ୍ରଜବୋଲି ଓ ଓଡ଼ିଆ ଭାଷାରେ ବହୁ ପଦାବଳୀ ରଚନା କରି ପ୍ରସିଦ୍ଧି ଲାଭ କରିଥିଲେ । ସେଥିପାଇଁ ଧନଞ୍ଜୟ, ଉପେନ୍ଦ୍ର ଭଂଜ ପ୍ରଭୃତି କବି ପଦାବଳୀଠାରୁ ସ୍ୱତନ୍ତ୍ର ନାଗର ନାଗରୀ ପ୍ରୀତି ସମ୍ବଳିତ ଗୀତିକାକୁ 'ଚଉପଦୀ' ନାମ ଦେଲେ । କିନ୍ତୁ ପରବର୍ତ୍ତୀ ଯୁଗରେ ପଦାବଳୀ ଓ 'ଚଉପଦୀ'ର ସ୍ୱତନ୍ତ୍ର ଆବେଦନକୁ ଭୁଲି ଚାରି ବା ପାଞ୍ଚ ପଦ ବିଶିଷ୍ଟ ପ୍ରତ୍ୟେକ କବିତାକୁ ଚଉପଦୀ ସଂଗ୍ରହମାନଙ୍କରେ ସ୍ଥାନ ଦିଆଗଲା । ଫଳରେ 'ଚଉପଦୀ ଚନ୍ଦ୍ରୋଦୟ', 'ଚଉପଦୀ ଭୂଷଣ' (ଦୀନକୃଷ୍ଣ ଦାସ) ପ୍ରଭୃତିରେ ନାଗର ନାଗରୀ ପ୍ରୀତି କବିତା ସହ ରାଧାକୃଷ୍ଣ ପ୍ରୀତି, ଜଗନ୍ନାଥ ପ୍ରୀତି ଏବଂ ମନ ଶିକ୍ଷା ମୂଳକ କବିତାକୁ ସଂଯୋଗ କରାଯାଇଛି । ତେବେ ପଂକ୍ତି କବିତାର ପ୍ରତିପଦ ପରେ ଆବୃତ୍ତି କରାଯାଏ । ଏହି ପ୍ରଥମ ପଂକ୍ତିର ଭାବ ଓ ଆବେଦନକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ପରପଦ ସବୁର ସଂଯୋଜନା । ଶେଷ ପଦଟି ପ୍ରଥମ ପଂକ୍ତିରେ ଥିବା ଉତ୍କଣ୍ଠା, ଆବେଦନ ଓ ଅଶେଷ ପ୍ରଶ୍ନର ସମାଧାନ । ଯେପରି–

"ଆଉ ତ ସଖୀ ଜୀଇଁବି ନାହିଁ
ନନ୍ଦପୁଅ ମୋତେ ଯାଇଛି ଚାହିଁ ।

କାଳନ୍ଦୀ ତୀରେ ତୀରେ ରହି
ମନକୁ ଆଗ ପକାଇଲା ମୋହି।
ଦାମ ସୁଦାମ ଆଗେ କି କି କହି
ହସରେ ମୋତେ ପକାଇଲା ଦହି।
ତା ରୂପ ଯେବେ ମୋ ହୃଦରେ ରହି
ନାଚୁଛି ନାଚୁଆ ଭାବକୁ ବହି।
ୟେଥିକି ଉପାୟେ କରିବୁ ତହିଁ
ବୋଲେ ଦୀନକୃଷ୍ଣ ଅଇଲେ ହେଇ।"

ଚଉପଦୀ ପରମ୍ପରା ସମ୍ପର୍କରେ ଏହା ହେଉଛି କିଞ୍ଚିତ୍ ବିଚାର। ରାଜଦରବାର ହିଁ ସଙ୍ଗୀତଚର୍ଚ୍ଚାର କେନ୍ଦ୍ରସ୍ଥଳୀ ଥିବାରୁ ସଙ୍ଗୀତ ସହିତ ରୀତି ସାହିତ୍ୟର ଅଭିବୃଦ୍ଧି ପାଇଁ ଏହା ବିଶେଷ ଭାବରେ ସାହାଯ୍ୟ କରିଥିଲା। ବହୁ କବିଙ୍କ ଦ୍ୱାରା ରଚିତ ବହୁ ଚଉପଦୀ ମଧ୍ୟ ପୋଥିଗଦା ଭିତରେ ରହିଯାଇଛି। ସେଗୁଡ଼ିକ ଲୋକଲୋଚନକୁ ଆସିବା ନିତାନ୍ତ ଜରୁରୀ। ତାହାକୁ ଆବିଷ୍କାର କରି ପାଠ ଉଦ୍ଧାର କରିବା, ସମ୍ପାଦନା କରିବା ଦିଗରେ ଆମର ନୂତନ ପିଢ଼ି ଆଗେଇ ଆସିବା ଉଚିତ୍।


ସାହିତ୍ୟ ଚର୍ଚ୍ଚା ୧୩ ଅଗଷ୍ଟ - ୨୦୨୩

କବିତା

ଚଉପଦୀ :
କେଉଁ ନାମ ଦେବ କୁହ
ଆଲୋକ ପ୍ରଧାନ

ତା'ର କେଉଁ ନାମ ଦେବ କୁହ
ତୁମ ପ୍ରେମ ବିନା ତୁମ ସ୍ନେହ ବିନା
ଜିଇ ଥିବ ଗୋଟେ ଦେହ
ତା'ର କେଉଁ ନାମ ଦେବ କୁହ।।୦।।

ବରଫରେ ନିଆଁ ଲାଗିଯାଇଥିବ ନିଆଁ ହେଉଥିବ ପାଣି
ଖୁଆଣା ଗଙ୍ଗଣା ଶୀତଳ ଚନ୍ଦନ ପରି ହେଉଥିବ ଜାଣି
ଘଣ୍ଟାକରେ ଘୋଡା ଛୁଟୁଥିବ ଦେହେ, ଦହି ହେଉଥିବ ଦେହ
ମନ ଦରିଆରେ ଲହଡ଼ି ଉଠିଲେ କହୁଥିବ ଚୁପ୍ ରୁହ
ତା'ର କେଉଁ ନାମ ଦେବ କୁହ..।।୧।।


## ଆଧୁନିକ ଯୁଗର ଚଉପଦୀ

'ସାହିତ୍ୟ ଚର୍ଚ୍ଚା' ପତ୍ରିକା ଜୁଲାଇ ୨୦୨୩ ସଂଖ୍ୟାରେ ସଂପାଦକୀୟରେ ସଂପାଦକ ମହାଶୟ ପ୍ରକାଶ କରିଛନ୍ତି– "ଆମେ କାହିଁକି ସେହି ସୁଦିନର ସ୍ୱପ୍ନ ଦେଖିବା ନାହିଁ, ଯେବେ ଓଡ଼ିଆ ଚଉପଦୀର ପଦାଙ୍କ ଅନୁସରଣ କରି ଦିନେ ଇଂରାଜୀ ବା ଉର୍ଦ୍ଦୁରେ ମଧ୍ୟ କବିତାମାନ ଲେଖାଯିବ? ... ଏ ପରିପ୍ରେକ୍ଷାପଟରେ ପ୍ରଥମେ ଆମର ପରୀକ୍ଷାନିରୀକ୍ଷା ଆରମ୍ଭ ହୋଇଛି କେବଳ 'ଚଉପଦୀ'କୁ ନେଇ। ସହୃଦୟ ପାଠକମାନେ ଆମର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ ହେଉଥିବା ଚଉପଦୀଗୁଡ଼ିକରେ ତାହା ଲକ୍ଷ୍ୟ କରିପାରିବେ।" ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ମଧ୍ୟଯୁଗରେ ଯାହା ଲେଖାଯାଇଛି ହୁଏତ ତା'ର ଭାବ, ଭାଷା ଓ ଅଳଙ୍କାର-ବିନ୍ୟାସ ଯୋଗୁଁ ପାଠକମାନଙ୍କୁ ଆକୃଷ୍ଟ କରି ନ ଥାଇପାରେ। କିନ୍ତୁ ଅତୀତରେ ଯେଉଁ ଚଉପଦୀ ଲେଖାଯାଇଛି ତା'ର ଭାଷା ଓ ଭାବ ଅତି ସରଳ। 'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶିତ ଆଲୋକ ପ୍ରଧାନଙ୍କ 'କେଉଁ ନାମ ଦେବ କୁହ', ଜାନକୀ ବଲ୍ଲଭ ଦାସଙ୍କ 'ରଥଯାତ', ଗୋପାଳକୃଷ୍ଣ ଆଚାର୍ଯ୍ୟଙ୍କ 'ପ୍ରୀତି ବରଷାଧାର' ଓ 'କିଏ ତୁମେ ମାନସୀ ଗୋ'ରେ ଚଉପଦୀର ଭାବ ଅକ୍ଷୁର୍ଣ୍ଣ ରହିଛି। ଚଉପଦୀଗୁଡ଼ିକରେ ଗୋଟିଏ ବିଶିଷ୍ଟ ପ୍ରବୃତ୍ତି ହେଲା ରାଗ, ରାଗିଣୀର ପ୍ରୟୋଗ। ଉକ୍ତ ପ୍ରବନ୍ଧରେ ଯାହା ଆଲୋଚିତ ହୋଇଛି ପ୍ରକାଶିତ 'ଚଉପଦୀ'ଗୁଡ଼ିକରେ ତାହା କୌଣସି ଦୃଷ୍ଟିରୁ ଊଣା ନୁହେଁ। ଏଥିରେ ଭାଷାର ସରସତା ଓ ଶବ୍ଦ ପ୍ରୟୋଗର କୁଶଳତା ଆକଳନ କରାଯାଇପାରେ। କାବ୍ୟ କବିତାରାଜିର ମୁଖ୍ୟ ବିଭବ ହେଲା ଲୋକ ପ୍ରଚଳିତ ଶବ୍ଦ ସମ୍ଭାର। କ୍ଲିଷ୍ଟ ଅଳଙ୍କାର ଏପରିକି ଶବ୍ଦ ଅଳଙ୍କାରକୁ ପରିହାର କରାଯାଇପାରେ। ପ୍ରାଚୀନ କବିମାନେ ଚଉପଦୀ ବା ଗୀତିକାକୁ ରମଣୀୟ ପରିପ୍ରକାଶ କରିବା ପାଇଁ ଯମକ ଅପେକ୍ଷା ଅନୁପ୍ରାସ ଉପରେ ଗୁରୁତ୍ୱ ଦେଉଥିଲେ। ସେଥିପାଇଁ କେତେକ ଗୀତକୁ ସଙ୍ଗୀତ ଉପଯୋଗୀ କରିବା ପାଇଁ ଗୋଟିଏ ଗୋଟିଏ ଶବ୍ଦକୁ ବାରମ୍ବାର ପ୍ରୟୋଗ କରୁଥିଲେ। ସଂସାରର ଅନିତ୍ୟତା ଓ ଅସାରତା ସମ୍ପର୍କରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରି ସାବଧାନ କରାଇ ଦେଉଥିଲେ। ଚାରିପଦ ବିଶିଷ୍ଟ କବିତା, ପୁଣି ଚଉପଦୀର ଆଙ୍ଗିକ ସୌନ୍ଦର୍ଯ୍ୟ ବହନ କରି ଦୀପ୍ତିମନ୍ତ। ସେସବୁ ଦିଗ ପ୍ରତି ଆମର 'ଚଉପଦୀ'ର ନୂତନ କବିମାନେ ଧ୍ୟାନ ଦେଲେ ଆଧୁନିକ ବା ସାମ୍ପ୍ରତିକ ଓଡ଼ିଆ ଚଉପଦୀ ଲୋକପ୍ରିୟତା ହାସଲ ସହ ପରିଣାମରେ ସହଜ ଭାଷା ଓ ସହଜ ଛନ୍ଦରେ ପୁଣି ଆଧୁନିକ ଶୈଳୀରେ ବହୁ ଚଉପଦୀ ସୃଷ୍ଟି ହୋଇପାରିବ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
udayanath28@gmail.com


ଗଳ୍ପ



# ଶବ ପଡ଼ିଛି

ପ୍ରଦୋଷ ମିଶ୍ର

ଶବ ପଡ଼ିରହିଛି, କେଜାଣି କେତେଦିନରୁ। ମୁହଁଟା ଖୁବ୍ ବିକୃତ ଦେଖାଯାଉଛି। ଆଖି ଦୁଇଟା ପୂରାପୂରି ଖୋଲା। ମନେ ହେଉଛି, ଯେପରି ଗୋଟେ ଦୃଷ୍ଟିରେ ସେ ଚାହିଁରହିଛନ୍ତି, ଦେଖୁଥିବା ଲୋକଟିକୁ। ମୁହଁର ଭଙ୍ଗୀରୁ ଜଣାଯାଉଛି, ଯେପରି ତାଙ୍କର କିଛି କହିବାକୁ ନାହିଁ। କିଛି ଅଭିଯୋଗ, ବକ୍ତବ୍ୟ ନାହିଁ। ଜିଇଥିବା ଲମ୍ବା ରାସ୍ତାର ସମସ୍ତ ଅଭିଜ୍ଞତାକୁ ସେ ଶୂନ୍ୟରେ ମିଶାଇ ଦେଇଛନ୍ତି। ଦୁଇହାତ ଖୋଲିଯାଇଛି, ଦୁଇପଟକୁ। ଠିକ୍ ଇତିହାସର ସିକନ୍ଦରଙ୍କର ମୃତ୍ୟୁ ବେଳର ଛବିପରି।



ମୁଣ୍ଡର ବାଳମାନେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଦେହକୁ, ଗାରପକା ଲୁଙ୍ଗିଖଣ୍ଡେ ଆଉ ଅଧା ମଇଳା ଗଞ୍ଜିଖଣ୍ଡେ ଅବିନ୍ୟସ୍ତ ଭାବରେ ଘୋଡ଼ାଇ ରଖିଛି। ଟେବୁଲ ଉପରେ କିଛି ଔଷଧ ଇତଃସ୍ତତ ହୋଇ ପଡ଼ିରହିଛି। ଢାଳିଯାଇଛି ଅଧାଖୋଲା ବୋତଲରୁ, ପାଣିସବୁ। ଧାରଟିଏ ହୋଇ ଶବ ବାଟଦେଇ ବୋହିଯାଇଛି, ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ। ପାଣିର କିଛି ଅଂଶ ଲିଭିଯାଇ, ଦାଗଟିଏ ଛାଡ଼ିଯାଇଛି। ଆଉ ଠାଏ ଠାଏ ଅଳ୍ପ କିଛି ଅଟକିଯାଇଛି। ଭଦ୍ରବ୍ୟକ୍ତି ବୋଧହୁଏ ମୃତ୍ୟୁବେଳକୁ ବୋତଲରୁ ପାଣି ଆଣିବାକୁ ଚାହିଁଥିଲେ। ଜୀବନର ଅନ୍ତିମ କ୍ଷଣରେ ତାଙ୍କର ପାଣି ଟୋପାଏ ହିଁ ଆବଶ୍ୟକ ଥିଲା।

ଶବ ପଡ଼ିରହିଛି।

କିଛିଲୋକ ପରସ୍ପର ମୁହଁକୁ ଚାହିଁ ରହିଛନ୍ତି। କିଛି ପ୍ରଶ୍ନ, କିଛି ଉପଲବ୍ଧି ଅକୁହା ରହିଯାଉଛି। ଚିହ୍ନା, ଅଚିହ୍ନା ଭାବନା ଭିତରେ ସେ ଦ୍ୱନ୍ଦ୍ୱଟିଏ ବନିଯାଉଛନ୍ତି। କେହି କେହି ଅବଶ୍ୟ ତାଙ୍କୁ ଦେଖିଛନ୍ତି, ରାସ୍ତାରେ, ଘର ସାମ୍ନାରେ। କେହି କେହି କହୁଛନ୍ତି, ସେ ବାରଣ୍ଡାରେ ଆରାମ ଚଉକି ଉପରେ ବସି ଉପରକୁ ଚାହିଁ ରହନ୍ତି ଅନେକ ସମୟ। ତାଙ୍କ ପାଖରେ କିଛି ଶବ୍ଦ ନ ଥାଏ, ବିସ୍ମୟ ନ ଥାଏ।

ଏପରି ଏକ ଅନାତ୍ମୀୟ ସହରରେ, କିଏ ବା କାହା କଥା ଜାଣିବାରେ ଆଗ୍ରହ ରଖିଥାଏ? ମଣିଷମାନେ ଜଣେ ଅନ୍ୟ ଜଣକ ପାଇଁ ଅଦରକାରୀ ବନିଯାଆନ୍ତି। ବିଶେଷ ଦରକାର ନ ଥିଲେ ସମସ୍ତେ ଅଜଣା। ତେବେ କେହି ତ ଜଣେ ତାଙ୍କୁ ଚିହ୍ନିଥିବ? ବୋଧହୁଏ ଅଯଥା ପ୍ରଶ୍ନର ଶିକାର ହେବା ଭୟରେ ସେ ଆତ୍ମଗୋପନ କରି ରହିଥାଇ ପାରନ୍ତି। ତେବେ ଏ କଥା ସତ୍ୟ ଯେ, ଭଦ୍ରଲୋକଙ୍କର ସମ୍ପର୍କର ଡୋରଟା ଆଦୌ ଲମ୍ବିଯାଇ ନ ଥିଲା, ସାମ୍ନା ଫାଟକର ଆରପଟକୁ।

ତେବେ ବି, କେହି ଜଣେ କହିଲେ, ଏଇ କିଛିବର୍ଷ ହେବ, ସେ ଏ ଘରଟାରେ ରହିଆସୁଛନ୍ତି। ତାଙ୍କର ନିଜ ଘର ନା ଭଡ଼ାଘର ସେ କଥା ଜଣାନାହିଁ। ଏତେଦିନ ଭିତରେ ତାଙ୍କ ଘରକୁ ଆଉ କିଏ ଆସିବାର କେହି ଦେଖିନାହାନ୍ତି। ଭଦ୍ରବ୍ୟକ୍ତି ବୋଧହୁଏ ଅବିବାହିତ କିମ୍ବା ନିଃସନ୍ତାନ ହୋଇଥିବେ। ହୁଏତ ଜୀବନର ମଝି ରାସ୍ତାରୁ ପରିବାରର ସମସ୍ତେ ବାଟ ଭାଙ୍ଗି ଚାଲିଯାଇଥିବେ!

ସେ ଯିଏ ହୁଅନ୍ତୁ ନା କାହିଁକି, ମଣିଷ ତ ଥିଲେ!

ଘରର ଭିତରପଟୁ ବନ୍ଦ ଥିଲା, କେଜାଣି କେତେ ଦିନରୁ, ସେ କଥା ଜଣାନାହିଁ। କିଏ କାହିଁକି ବା ଧ୍ୟାନ ଦେବ। ସେଇବାଟ ଦେଇ ଠେଲା ଗାଡ଼ି ନେଇ ଯାଉଥିବା ପରିବାବାଲା ଭାବିଥିଲା, ବୋଧହୁଏ କୁଆଡ଼େ ଯାଇଥିବେ। ବାହାର ପଟ

ବାରଣ୍ଡାରେ ସେମିତି ଗୁଡ଼ାହୋଇ କିଛି ଖବରକାଗଜ ପଡ଼ିରହିଥିଲା। ସେ ବା କେମିତି ଜାଣିବ ତାଙ୍କର ଉପସ୍ଥିତି! ମାସର ଗୋଟାଏ ଦିନ ତ ତା'ର କାମ, ତାଙ୍କ ପାଖରେ।

-ତେବେ କେତେଦିନ ହେବ ସେ ନିରୁଦ୍ଦିଷ୍ଟ ଥିଲେ?

ଜଣେ ଖୁବ୍ ଚାଲାକ୍ ଲୋକ କହିଲେ, ଖବରକାଗଜତକ ଗଣିଦେଲେ ଜଣାପଡ଼ିଯିବ, କେତେଦିନ ହେବ ସେ ପଦାକୁ ବାହାରି ନାହାନ୍ତି। ସେଥିରୁ ହୁଏତ ତାଙ୍କର ମୃତ୍ୟୁ ଦିନକୁ ଗଣନା କରିହେବ। ଆଉ ଜଣେ ଖୁବ୍ ସଚେତନ ବ୍ୟକ୍ତି ତାଙ୍କୁ ଅଟକାଇଦେଲେ। କହିଲେ, ସେ କାମ ପୋଲିସର। ବିପଦକୁ ଡାକି ଲାଭ କ'ଣ ମିଳିବ? ବରଂ ଥାନାକୁ ଫୋନ୍ କରାଯାଉ। ଆମର କାଦୁଅକୁ ଯିବା ଆବଶ୍ୟକ ନାହିଁ।

ସମସ୍ତେ ପରସ୍ପର ମୁହଁକୁ ଚାହିଁଲେ। ନିଜର ମଣିଷପଣିଆକୁ ପ୍ରଶ୍ନ କଲେ। ଶବର ଫଟ ଉଠାଇଲେ।

କେହି ପୋଲିସକୁ ଜଣାଇଲେ କି?

ହଠାତ୍ ସଚେତନ ହୋଇଗଲେ ସମସ୍ତେ। ଧୀରେ ଧୀରେ ଘରଭିତରୁ ପଦାକୁ ବାହାରି ଆସିଲେ।

ଶବ ତେବେ ବି ପଡ଼ିରହିଥିଲା।

ପୋଲିସକୁ ଜଣାଇବା ଉଚିତ୍। ଏହା ତ ଏକ ସଚେତନ ନାଗରିକର କର୍ତ୍ତବ୍ୟ। ମଣିଷପଣିଆ। ହେଲେ ସେ ମଣିଷ ଜଣକ କିଏ? କିଏ ଫୋନ୍ କରିବ, କାହିଁକି? ପଡ଼ିଥାଉ ଶବ। କାହାର କ'ଣ ଯାଉଛି? ଅଯଥାରେ ଥାନାକୁ ଧାଁ ଧପଡ଼ କରି, ଗୁଡ଼ାଏ ଜଟିଳ ପ୍ରଶ୍ନର ଉତ୍ତର ଦେବାକୁ କିଏ କାହିଁକି ବା ଚାହିଁବ?

ଧୀରେ ଧୀରେ କିଛିଲୋକ ସେଠୁ ଖସି ଚାଲିଗଲେ। ଜମା ହୋଇଥିବା ଲୋକମାନେ ଆଖିଦୃଶିଆ ହୋଇଗଲେ। କେହି କେହି ପଥଚାରୀ ସେଇବାଟେ ଯାଉଥିବା ବେଳେ ଟିକେ ନଜର ପକାଇଦେଇ, ତରତର ହୋଇ ଚାଲିଗଲେ, କିଛି ଜରୁରୀ କାମର ବାହାନାରେ। କେବଳ ଦୁଇ ତିନିଜଣ ବୃଦ୍ଧ ଅଟକି ଯାଇଥିଲେ ସାମ୍ନାପଟେ। କିଏ ବାଡ଼ିଟାଏ ଧରିଥିଲା ତ, କିଏ ଖୁଁ ଖୁଁ ହୋଇ କାଶୁଥିଲା। ସେମାନଙ୍କ ବିଚାର ଯାହା ଥାଉନା କାହିଁକି, କଥାର ଧାରାଟା ଅଲଗା ପ୍ରକାରର ଥିଲା। ସେମାନେ ପରସ୍ପର ଭିତରେ ଏପରି କଥା ହେଉଥିଲେ ଏବଂ ମଜ୍ଜିଯାଇଥିଲେ ଯେ, ଘଟିଯାଇଥିବା ଅସଲ ଦୃଶ୍ୟଟା ଗୌଣ ହୋଇଯାଇଥିଲା। ସେମାନେ ସବୁ ନିଜ ଭିତରେ ଶବ ବନିଯାଉଥିଲେ। କେହି ଜଣେ କହୁଥିଲେ, 'ଏମିତି ଦିନଟେ ଆମ ପାଇଁ କେବେ ବି ଆସିପାରେ। କେ ଜାଣେ, ହୁଏତ ଆଜି କି କାଲି ବି ଘଟିପାରେ। ପିଲାମାନେ ତ ବାହାରେ ରହିଲେ, କିଏ ଦେଖିବ ଆମର ଅବସ୍ଥାକୁ? ସେମାନେ ସମସ୍ତେ ନିଜପାଇଁ ଦୁଃଖୀ ଥିଲେ। ଶବ ବନିଯାଉଥିଲେ, ଅନିଶ୍ଚିତ ସମୟର ବ୍ୟବଧାନରେ।'

**ସମସ୍ତେ ପରସ୍ପର ମୁହଁକୁ ଚାହିଁଲେ। ନିଜର ମଣିଷପଣିଆକୁ ପ୍ରଶ୍ନ କଲେ। ଶବର ଫଟ ଉଠାଇଲେ। କେହି ପୋଲିସକୁ ଜଣାଇଲେ କି?**

-ଭଗବାନ କରନ୍ତୁ, କିଛି କଷ୍ଟ ନ ଆସୁ। କିଏ ବୁଢ଼ାମାନଙ୍କୁ ପଚାରୁଛି ଭାଇ। ସେମାନେ ଥିଲେ କେତେ, ଗଲେ କେତେ। ତାଙ୍କ ପାଇଁ ଖାଲି ଗୁଡ଼େ ପଇସା ବରବାଦ ହେଉଛି ବୋଲି, ପିଲାମାନଙ୍କର ଧାରଣା।

ସେମାନେ କିଛି ଦେଶ ବିଦେଶରେ ଥିବା ବୃଦ୍ଧମାନଙ୍କୁ ହେଉଥିବା ଅବହେଳା ବିଷୟରେ ବି କଥାହେଲେ। ସେମାନଙ୍କୁ ଜାଣି ଜାଣି କିଛି ଚିକିତ୍ସା କରାଯାଏନି। କାରଣ, ସେମାନେ ଦେଶ ପାଇଁ, ପରିବାର ପାଇଁ ବୋଝ। ଅଯଥା ଖାଦ୍ୟ ଔଷଧର ଅପଚୟ କରନ୍ତି, ସତେ ଯେପରି ରାସ୍ତା କଡ଼ରେ ବୁଲୁଥିବା କୁକୁର କିମ୍ବା ବୟସ ଅତିକ୍ରମ କରିଥିବା ଗୋରୁଗାଈ। ଯଦିଓ ସେମାନଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ଖବର ନ ଥିଲା, ସେମାନେ ନିଜକୁ ସେଇ ପରିସ୍ଥିତିରେ ରଖି ଆତଙ୍କିତ ହେଉଥିଲେ।

-ଠିକ୍ କଥା। ଆମ ଠାରେ ଆଉ କ'ଣ କାମ କି? ଆମଠୁ ସବୁ ନେଇଗଲା ପରେ, ଅଳିଆ ବୋଝଟାଏ ତ ବନିଯାଇଛୁ ସମସ୍ତଙ୍କ ପାଇଁ। ପିଲାମାନଙ୍କର ଆମର ସେବା କରିବା ପାଇଁ ବେଳ କାଇଁ?

-ତେବେ ବୁଢ଼ାବୁଢ଼ୀମାନେ କରିବେ କ'ଣ? କୁଆଡ଼େ ତ ଉଭେଇ ଯିବେନି।

- ହେ ପ୍ରଭୁ, ଆଉ ଦୁଃଖ ଦିଅନା।

-ପିଲାମାନେ ଖବରପାଇ ଆସିଲେ ବି ଲାଭ କ'ଣ? ଆଜିକାଲିର ପିଲା କ'ଣ ଆମର କ୍ରିୟାକର୍ମ କରିବେ? ମଲା ପରେ ବି ଆତ୍ମାକୁ ଶାନ୍ତି ମିଳିବନି। ପ୍ରେତ ହୋଇ ବୁଲିବାକୁ

ପଡ଼ିବ। ଜୀବନ ପରେ ବି ମୁକ୍ତି ମିଳିବନି।

ନିଜର ଭବିଷ୍ୟତର ଶବ ପାଖରୁ ସେମାନେ ପୁଣି ଫେରିଆସିଲେ, ଦୃଶ୍ୟମାନ ଶବ ପାଖକୁ। ଲୋକଟା ଯିଏ ବି ହେଉ, ମଲା କିପରି ?

-ଖଟରୁ ଗଡ଼ି ପଡ଼ିଥିବ। ପାଣି ପାଇଁ ଉଠିଥିବ ରାତି ଅଧରେ। ଝୁଣ୍ଟି ପଡ଼ିଥିବ। ବ୍ଲଡ଼୍ ପ୍ରେସର କି ଡାଇବେଟିକ୍ ଥିବ। ହାର୍ଟ ପ୍ରୋବ୍ଲେମ୍ ଥାଇପାରେ କିମ୍ବା ଆଜ୍‌ମା। କିଛି ତ ନିଶ୍ଚୟ ରହିଥିବ। ଏ ଅସହାୟ ବୃଦ୍ଧମାନଙ୍କ ଉପରେ ଏଥିରୁ କିଛି ରୋଗକୁ ଭଗବାନ ଲଦି ଦିଅନ୍ତି।

-ହେଲେ ଏ ଭଦ୍ରଲୋକ ନିଶ୍ଚୟ ଅସାମାଜିକ ଥିଲେ। କାହା ସଙ୍ଗେ ସମ୍ପର୍କ ରଖିନାହାନ୍ତି।

- ଉ ହୁଁ, କାହାକୁ କାହାକୁ ଏକୁଟିଆ ରହିବାକୁ ଭଲଲାଗେ। ଦେଖୁନ ଖଟ ପାଖରେ କେତେ ଖାତା କଲମ ବହି ପଡ଼ିରହିଛି।

- ଗଦ୍ୟ ଲେଖକ, କି କବି ହୋଇଥିବ ପରା। ମୁଁ ଶୁଣିଛି ସେମାନେ ଏକୁଟିଆ ଅନ୍ୟ ଏକ ଦୁନିଆରେ ରହିବାକୁ ଭଲ ପାଆନ୍ତି।



-ହୁଏତ ସେ ଡାଇରୀ ବି ଲେଖୁଥିବେ। ତାଙ୍କ ଜୀବନରେ କିଛି ଦୁଃଖ କି ଅବସୋସ ଥାଇପାରେ।

-ସେ କ'ଣ ଚାକିରି କରୁଥିଲେ ନା ବ୍ୟବସାୟ ? କେଉଁଠୁ ଆସିଥିଲେ ?

ସେମାନଙ୍କର ଏମିତି କେତେ ସବୁ ଆଲୋଚନା ଚାଲିଥିଲା। ଘରେ କାମଧନ୍ଦା ହୁଏତ ନ ଥିଲା, ନ ଥିଲା କିଛି ଦାୟିତ୍ୱବୋଧ।

ଶବ ପଡ଼ିରହିଥିଲା ଘର ଭିତରେ।

ହଠାତ୍ ଲସର ପସର ହୋଇ ଧାଇଁ ଆସିଲା ମଧ୍ୟବୟସ୍କା ମହିଳା ଜଣେ। ଥରେ ଏପଟ ସେପଟ ଚାହିଁଲା। ତା'ପରେ, ଘର ଭିତରକୁ ପଶିଗଲା। କିଛି ସମୟ ପରେ ଖୁବ୍ ଜୋରରେ କ୍ରନ୍ଦନ ଶବ୍ଦ ଶୁଣାଗଲା। ବାହାରେ ଥିବା ଲୋକମାନେ ଭିତରକୁ ଗଲେ। ତାକୁ କିଛି ସମୟ ଚାହିଁଲେ। ଦୂରରେ ଥାଇ ସାନ୍ତ୍ୱନା ଦେଲେ।

ଝିଅଟିର କାନ୍ଦ ଥମିଗଲା।

-ତମେ କିଏ ?

-ତାଙ୍କ ଘରର ଚାକରାଣୀ। ଝିଅ। ମତେ ସେ ଝିଅ ବୋଲି ଡାକନ୍ତି।

-କେମିତି ସେ ଚାଲିଗଲେ ?

ଝିଅ ଏତେ ବଡ଼ ଆଖିରେ ଚାହିଁଲା। କହିଲା, 'ମତେ କି ଜଣା। ମୁଁ ତ ଗାଁକୁ ଯାଇଥିଲି। ଗଲାବେଳେ କିଛିଦିନ ପାଇଁ ରାନ୍ଧିଦେଇ, ଫ୍ରିଜ୍‌ରେ ରଖିଦେଇଥିଲି। ସବୁ ସେମିତି ଥୁଆହୋଇ ରହିଛି। କିଛି ଖାଇନାହାନ୍ତି।'

-ତାଙ୍କର କ'ଣ କିଛି ରୋଗ ଥିଲା ?

-କେଜାଣି ମତେ କି ଜଣା ? ସେ ନିଜେ ଔଷଧ ଆଣୁଥିଲେ। ମୁଁ ହାତ ପାଖରେ ଟେବୁଲ ଉପରେ ରଖିଦେଉଥିଲି।



-ବାବୁଙ୍କର କିଛି ଖରାପ ଅଭ୍ୟାସ ଥିଲା ? ଯେମିତି ପାନ, ସିଗାରେଟ୍, ମଦ୍ୟ ?

-ଧେତ୍, ବାପା ତ ସୁନା ମୁଣ୍ଡାଟେ। କିଛିନାହିଁ ସେ ସବୁ। ହେଲେ ପଢ଼ା ଆଉ ଲେଖାଟା ତାଙ୍କର ନିଶା। ରାତିରେ ନିଦ ହୁଏନି।

-ତେବେ ମଲେ କେମିତି ? ମର୍ଡର ହୋଇପାରେ। ଆତ୍ମହତ୍ୟା ବି କରିଥାଇ ପାରନ୍ତି। ତୁ କେଉଁଠି ରହୁ ?

-ଏଇ ସହରରେ। ଆଉ କୁଆଡ଼େ ଯିବି ? କିଏ ଅଛି କି ମୋର। ଆଗରୁ ଯା ତା' ଘରେ କାମ କରୁଥିଲି।

ସେମାନେ ବେକାରରେ ଗୁଡ଼ାଏ ପ୍ରଶ୍ନ କରୁଥିଲେ, ଯାହାର କିଛି ମୂଲ୍ୟ ନ ଥିଲା ବୋଲି ତାଙ୍କୁ ଜଣାଥିଲା।

-ବାବୁ ଚାକିରି କରୁଥିଲେ ?

- କେଜାଣି।

ଝିଅଟା ପୁଣି ବଡ଼ ପାଟିରେ କାନ୍ଦିଲା।

-କେତେଦିନ ହେବ ଗଲେଣି ?

- ମତେ କି ଜଣା। ଏବେ ତ ଦେଖିଲି।

-ତାଙ୍କର କିଏ ସବୁ ଅଛନ୍ତି ?

-ଜାଣେନି, ଥିବ କିଏ।

- ପୁଅ, ଝିଅ, ଭାଇ, ଭଉଣୀ ? କେହି ତ ନିଶ୍ଚୟ ଥିବେ ?

-ସେ ମୁଣ୍ଡ ହଲାଇଲା। କିଛି କହିନାହାନ୍ତି ବାପା।

-ତୁ ପଚାରିନୁ ?

-ମତେ ମନା କରିଥିଲେ କାହା କଥା ପଚାରିବାକୁ।

ଝିଅଟା କାନ୍ଦୁଥିଲା, କିଛି ଶବ୍ଦକରି।

ଶବ ପଡ଼ିରହିଥିଲା।

-ତୋ ନାଁ ?

-ଶାନ୍ତି। ଏବେ ମୁଁ କରିବି କ'ଣ ?

-ପୋଲିସକୁ ଫୋନ୍‌କର।

-ମତେ କି ଜଣା, ତମେ ଫୋନ୍ କରୁନ।

-ଆମେ ଚାଲିଲୁ। ବହୁତ ବେଳୁ ଆସିଲୁଣି। ଲୋକଟା ଯିଏ ହେଉ ପଛେ, ଖୁବ୍ ସୁଖ ମୃତ୍ୟୁଟିଏ ପାଇଲା। କେ ଜାଣେ, କାହା ଭାଗ୍ୟରେ କ'ଣ ଅଛି।

ହଠାତ୍ ଦୁଇଜଣ ଯୁବକ ପଶିଆସିଲେ। କିଛି ସମୟ ଶବ ଆଡ଼କୁ ଚାହିଁ ପଚାରିଲେ, ଏ ଲୋକ ମଲେ କିପରି ? ହାର୍ଟ ଆଟାକ୍ ବୋଧହୁଏ। ଉ,ହୁଁ ମର୍ଡର ବି ହୋଇପାରେ। ଲୋକଟାର କିଛି ଧନ ଥିବ। ଏ ଝିଅଟାକୁ ବି ସନ୍ଦେହ କରାଯାଇପାରେ। ପୋଲିସକୁ ଫୋନ୍ କର।

ଏଥର ଫୋନ କରାଗଲା।

-ତାଙ୍କର କିଏ ଅଛି ଡକାଯାଉ। ଶବ ସତ୍କାର ହେବ କିପରି ?

ଶାନ୍ତି ମୁଣ୍ଡ ହଲାଇଲା।

-ଓଃ, କେହି ନାହିଁ ବୋଧହୁଏ। ପୋଲିସ ଆସୁ। ପୋଷ୍ଟ ମର୍ଟମ୍ ହେବ। ସବୁକିଛି ସ୍ପଷ୍ଟ ହୋଇଯିବ।

ସେମାନେ ଚାଲିଗଲେ।

ଶାନ୍ତି କ'ଣ କରିବ, କିଛି ବୁଝିପାରୁ ନ ଥିଲା।

କିଛି ସ୍ଥାନୀୟ ମହିଳା, ଅଚାନକ ପଶିଆସିଲେ।

-ତୁ କାହିଁକି ମିଛଟାରେ କାନ୍ଦୁଛୁ ? ତୁ କ'ଣ ତାଙ୍କର ଝିଅ କି ?

-ଶାନ୍ତି ଚୁପ୍ ହୋଇଗଲା। ଏତେ ବଡ଼ ଆଖିରେ ଚାହିଁଲା। ବୁଝିପାରୁ ନ ଥିଲା। ତାଙ୍କ ପାଇଁ କାନ୍ଦିବାର ଅଧିକାର କ'ଣ କେବଳ ତାଙ୍କ ଝିଅର ଥାଏ କି ?

- ହୁଁ, ସେ କେମିତି ଚାଲିଗଲେ ତୁ ଠିକ୍ ଜାଣିଛୁ। ତାଙ୍କୁ ମାରି ଦିଆଯାଇନି ତ ? ତାଙ୍କର ବ୍ୟାଙ୍କରେ କେତେ ଟଙ୍କା ଅଛି ? ସବୁ ସୁରକ୍ଷିତ ଅଛି ତ ? କେଉଁଦିନ ସେ ଟଙ୍କା ଉଠାଇଥିଲେ ? ସେମାନଙ୍କ ପ୍ରଶ୍ନ ସବୁ ଠିକ୍ ପୋଲିସର ଇନ୍‌ଭେଷ୍ଟିଗେସନ୍ ପରି ଥିଲା।

-ଚାଲ, ସବୁ ନାଟର ଗୋବର୍ଦ୍ଧନ ଇଏ। ଏଠି ରହିବା ଠିକ୍ ନୁହେଁ। ଝିଅଟା ପ୍ରହସନ କରୁଛି। ପୋଲିସ ଆସିଲେ ସବୁ ରଙ୍ଗ ବାହାରିଯିବ।

ଶବ ପଡ଼ିରହିଥିଲା। ଆଉ କେହି ପାଖରେ ନ ଥିଲେ। ଝିଅଟି ଚୁପ୍ ଚାପ୍ ବସିରହିଥିଲା। ତା' ଆଗରେ ଥିଲା ଏଠୁ ଖସି ଚାଲିଯାଉଥିବା ଅନେକ ଲୋକଙ୍କର ପ୍ରଶ୍ନ। ସେ ବୁଝିପାରୁ ନ ଥିଲା ଏବେ କରାଯିବ କ'ଣ। ବାପାଙ୍କ କେଉଁ ଚିହ୍ନା ଲୋକ ଆସିବେ କି ନାହିଁ କେଜାଣି। ସେ ବି ହୁଏତ ଭୟ କରୁଥିବେ ସେମିତି କିଛି ପ୍ରଶ୍ନମାନଙ୍କୁ ?

**କେତେବେଳକୁ ଆଉ କିଛିଲୋକ ଆସିଗଲେ। ଚାରିଆଡ଼କୁ ଚାହିଁଲେ, ଯେପରି କେଉଁଠି ଚୋରଟିଏ ଲୁଚିରହିଛି।**

କେତେବେଳକୁ ଆଉ କିଛିଲୋକ ଆସିଗଲେ। ଚାରିଆଡ଼କୁ ଚାହିଁଲେ, ଯେପରି କେଉଁଠି ଚୋରଟିଏ ଲୁଚିରହିଛି। କେଉଁଠି ହୁଏତ ହତିଆର ପଡ଼ିରହିଛି। ସେମାନେ ଘରସାରା କ'ଣ ଖୋଜିଲେ। କିଛି ମିଳି ନ ଥିଲା। କେବଳ କିଛି ବହି, ପୁରୁଣା ଖବରକାଗଜ। ଡେକ୍‌ଚି, କଡ଼େଇ, କିଛି ପ୍ଲାଷ୍ଟିକ୍ ବୋତଲ, ଗୋଟେ ଆରାମ ଚେୟାର, ଟେବୁଲ୍ ଲ୍ୟାମ୍ପ। ଖଟ ଉପରେ ଅବିନ୍ୟସ୍ତ କିଛି କାଗଜ, କଲମ, କିଛି ଏଣୁ ତେଣୁ ଲେଖାଯାଇଥିବା ନୋଟ୍ ବୁକ୍। ହୁଏତ ଡାଇରୀ ହୋଇଥିବ। ସେଇଟାକୁ ସେମାନେ କିଛି ପାଇଲା ଭଙ୍ଗୀରେ ଉଠାଇନେଲେ। ପୃଷ୍ଠା ପରେ ପୃଷ୍ଠା ଓଲଟାଇଲେ। ସଭା ଶେଷ ପୃଷ୍ଠାରେ ଲେଖାଥିଲା, 'ମୁଁ ନିଜଠୁ ନିରୁଦ୍ଦିଷ୍ଟ'।

ଅଦ୍ଭୁତ! ଲୋକଟା କ'ଣ ପାଗଳ ? ତକିଆ ତଳୁ, କଳା ଧଳା ରଙ୍ଗର ଅନେକ ଦିନ ତଳର ଫଟଟାଏ ମିଳିଲା। ଭଦ୍ରଲୋକଙ୍କର ଯୁବକ ବେଳର। ପାଖରେ ଜଣେ ସ୍ତ୍ରୀଲୋକ ଆଉ ଛୋଟ ପିଲାଟାଏ। ତାଙ୍କର ପତ୍ନୀ ଆଉ ସନ୍ତାନ ହେବେ ବୋଧହୁଏ।

-ସେମାନେ ଏବେ କେଉଁଠି ?

କିଛି ଉତ୍ତର ନଥିଲା ଶବପାଖରେ ।

-ଏ ଘର କିଏ ଖୋଲିଲା ?

-ଘର ତ କେବେ ବନ୍ଦ ହୁଏନି ।

-ଲାଗୁଛି, ହାର୍ଟ ଫେଲୁଅର କିମ୍ବା ଅନାହାରଜନିତ ମୃତ୍ୟୁ ହୋଇପାରେ । ଖାଦ୍ୟ ସବୁ କିଛିଦିନ ହେବ ଅବ୍ୟବହୃତ ହୋଇ ପଡ଼ିରହିଛି । ନିଜେ ନିଜର ହତ୍ୟାପାଇଁ ଦାୟୀ । ଆତ୍ମହତ୍ୟା ।

-ହୁଁ, ହତ୍ୟା କରାଯାଇଥିବାର କିଛି ଚିହ୍ନ ନାହିଁ । ଚାଲ, ଏଠି ବେଶି ସମୟ ରହିବା ଠିକ୍ ନୁହେଁ ।

ଶବ ପଡ଼ିରହିଥିଲା ।

ସେମାନେ ଚାଲିଗଲା ପରେ, ଝିଅଟି ନିରୀହ ଭାବରେ ଚାରିଆଡ଼କୁ ଚାହିଁଲା । ଆଉ କାହାର କେତେ ଅଜଣା ପ୍ରଶ୍ନର ଉତ୍ତର ତ, ତା' ପାଖରେ ନ ଥିଲା । କେଜାଣି କାହିଁକି ଏତେଦିନ ସେବା କରିଆସୁଥିବା ଲୋକର ନିଶ୍ଚଳ ଦେହକୁ ଦେଖି ତାକୁ ଡର ଲାଗିଲା । ମନେମନେ ସେ ଭାବୁଥିଲା, ଏଠି ସମସ୍ତେ ତ ଅନାତ୍ମୀୟ । ପଳାୟନପନ୍ଥୀ । ଅନ୍ୟ ପାଇଁ ସମୟ ଅଭାବ । ନିଜର ପିଲାମାନଙ୍କ ପାଖରେ ବି ସମୟ ନ ଥାଏ ?

ତା' ପାଖରେ କିଛି ଉତ୍ତର ନ ଥିଲା, ଏହା ଅବହେଳା ନା, ସମସ୍ୟା ।

**ଏଠି ସମସ୍ତେ ତ ଅନାତ୍ମୀୟ । ପଳାୟନପନ୍ଥୀ । ଅନ୍ୟ ପାଇଁ ସମୟ ଅଭାବ । ନିଜର ପିଲାମାନଙ୍କ ପାଖରେ ବି ସମୟ ନ ଥାଏ ?**

ସେ ଚାରିଆଡ଼କୁ ଚାହିଁ ଦେଇ ଚୁପ୍ ଚାପ୍ ଚାଲିଗଲା ।

ଶବ ପଡ଼ିଥାଉ ।

ଆଉ କେହି ବି ସେଠି ନ ଥିଲେ ।

ତେବେ ବି ଶବ ପଡ଼ିରହିଥିଲା । ପଡ଼ିରହିଥିଲା ଆଜିର ସମସ୍ୟା ।

□□

ଲେଖକଙ୍କ ଇ-ମେଲ ଠିକଣା:
pradosmishra@gmail.com

'ସାହିତ୍ୟ ଚର୍ଚ୍ଚା'ର ଏକ ଅନବଦ୍ୟ ପ୍ରକାଶନ

**ଅନ୍ତରଙ୍ଗ ଆଳାପ**


ବାରଜଣ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟାଙ୍କ ସହିତ ସାକ୍ଷାତକାର

- ଅଚ୍ୟୁତାନନ୍ଦ ପତି
- ସାତକଡ଼ି ହୋତା
- ଶାନ୍ତନୁ କୁମାର ଆଚାର୍ଯ୍ୟ
- ଶ୍ରୀନିବାସ ଉଦଗାତା
- ବିଭୂତି ପଟ୍ଟନାୟକ
- ହରିହର ମିଶ୍ର
- ବୈଷ୍ଣବ ଚରଣ ସାମଲ
- ପ୍ରତିଭା ଶତପଥୀ
- ହର ପରିଚ୍ଛା ପଟ୍ଟନାୟକ
- ଦାଶ ବେନହୁର
- ହୃଷୀକେଶ ମଲ୍ଲିକ
- ସରୋଜିନୀ ସାହୁ

ମୂଲ୍ୟ: ଟ.୧୨୦/-

ପ୍ରାପ୍ତିସ୍ଥାନ :

amazon Flipkart meesho




'Google Play Books' ରେ ମଧ୍ୟ ଏହା ଏକ ଇ-ବୁକ୍ ଆକାରରେ ଉପଲବ୍ଧ ।

କବିତା



ଚଉପଦୀ :

# କିଏ ତୁମେ ମାନସୀ ଗୋ

ଡ.ଗୋପାଲକୃଷ୍ଣ ଆଚାର୍ଯ୍ୟ



ନୀଳନୟନା ଗୋ ଅୟନେ ନ ଆସ ଆଉ
ନୀଳନଭ ଲାଜେ ମରି ତ ଯାଉଚି
ଲୁଚିଲାଣି ସିନ୍ଧୁ ଢେଉ ॥୦॥

କେତେ ରଙ୍ଗ ମାଖି ହସୁଚି ଧରିତ୍ରୀ
ସରି ନୁହେଁ ତୁମ ରଙ୍ଗେ
ହରିତବରଣା ହରି ନିଅ ମନ ଲଳିତ ଅଙ୍ଗ ତରଙ୍ଗେ ।
ଯେତେ ଯୋଗୀ ଯତି ଭାଜି ଧ୍ୟାନମତି ପିଉଥାନ୍ତି ରୂପ ମହୁ ॥୧॥

କିଏ ସେ ବିଦ୍ଧାଣି ଧନ୍ୟ ତା କରଣୀ ଗଢ଼ିଚି କି ଯତନରେ
ସବୁ କଉଶଳ ଦେଇ ମାଠିମୁଠି ତୁମ ପରି ରତନରେ ।
ଯେତେ ଦେଖିଲେ ବି ପୂରୁନାହିଁ ଆଶା ଯେତେ କୁହ ଥାଉ ଥାଉ ॥୨॥

ମାଗୁଥିଲି ଟୋପେ ମିଠାଦରଦରୁ ମଠ କର କାହିଁ ପାଇଁ
ଘଟରେ ତୁମର ଭରିଚ କୁହୁକ ଆଉ ଫେରିପାରୁ ନାହିଁ ।
ଓଠରୁ ପଦଟେ ଅନାଇ ରହିଚି ସତେ କି ଝରୁଚି ମହୁ ॥୩॥

ମୋହମୁହାଣରେ ପକାଇ ଦେଇଚ ଓହ ଦେବ ଭଲା କିଏ
ଲହୁଲୁହାଣ ମୁଁ ହୋଇ ପହଁରୁଚି ତୁମକୁ ପାଇବା ଯାଏ
ଭଣଇ ଗୋପାଳ ଏ ଅପାଙ୍ଗ ଖେଳ ଦେଖାଇବ କିଏ ଆଉ ॥୪॥

□□

କବିଙ୍କ ଇ-ମେଲ ଠିକଣା:
gacharyalulu@gmail.com


ପ୍ରବନ୍ଧ



# ଲକ୍ଷ୍ମୀନାରାୟଣ ବଚନିକା ଓ ଲକ୍ଷ୍ମୀପୁରାଣ: ଏକ ତୁଳନାତ୍ମକ ଅଧ୍ୟୟନ

ସୁବାଷ ଚନ୍ଦ୍ର ଭୋଇ

ତୁଳନାତ୍ମକ ସାହିତ୍ୟ ହେଉଛି ଅଧ୍ୟୟନର ଏକ ଶୃଙ୍ଖଳା ବା ପଦ୍ଧତି। ଏ ପ୍ରକାର ଅଧ୍ୟୟନ ଦ୍ୱାରା ସାହିତ୍ୟକୁ ଅନ୍ୟ ଭାଷା ବା ଅନ୍ୟ ଦେଶର ସାହିତ୍ୟ ସହ ତୁଳନା କରାଯିବା ସହିତ ପ୍ରାଦେଶିକ ସାହିତ୍ୟର ଏକ ପ୍ରକାର ବିଶ୍ୱାୟନ ଘଟେ। ଓଡ଼ିଆ ସାହିତ୍ୟରେ ଏ ପ୍ରକାର ଅଧ୍ୟୟନ ନବଜାଗରଣ ପରେ ପରେ ଆରମ୍ଭ ହୋଇଛି, ଅଥବା ଏ ପ୍ରକାର ଅଧ୍ୟୟନର ମାନସିକତା ମାଧ୍ୟମରେ ଓଡ଼ିଆ ସାହିତ୍ୟକୁ ନବଜାଗରଣ ଆସିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତୁଳନାତ୍ମକ ଅଧ୍ୟୟନ ସାଧାରଣତଃ ଗୋଟିଏ ଜାତି ସହ ଅନ୍ୟ ଜାତିର, ଗୋଟିଏ ଭାଷା ସହ ଅନ୍ୟ ଏକ ଭାଷା, ଗୋଟିଏ ପରିବେଶ ସହ ଅନ୍ୟ ଏକ ପରିବେଶର ସାହିତ୍ୟ ସହିତ ହୋଇଥାଏ। ମାତ୍ର ଆମର ଆଲୋଚନା 'ଲକ୍ଷ୍ମୀ ନାରାୟଣ ବଚନିକା ଓ ଲକ୍ଷ୍ମୀପୁରାଣ : ଏକ ତୁଳନାତ୍ମକ ଅଧ୍ୟୟନ' ଓଡ଼ିଆ ଜାତିର ଆଦି କବି ସାରଳା ଦାସ ଓ ପଞ୍ଚସଖା ଜ୍ୟେଷ୍ଠ ବଳରାମ ଦାସଙ୍କ ଦ୍ୱାରା ବିରଚିତ ଲକ୍ଷ୍ମୀ ଓ ନାରାୟଣଙ୍କ କଥୋପକଥନଜନିତ କାବ୍ୟ ମଧ୍ୟରେ ହେବ। ଏପରି ସମାନ ବିଷୟବସ୍ତୁ ସମ୍ବନ୍ଧୀୟ ସମାନ ଭାଷାର କାବ୍ୟରେ ଏ ପ୍ରକାର ଅଧ୍ୟୟନର ପରିସର ସଂକୁଚିତ ମନେ ହେଲେ ହେଁ, ଏଭଳି ତୁଳନାର ଆବଶ୍ୟକତା ରହିଛି।



### ବିବିଧ ସଂସ୍କରଣ

ଓଡ଼ିଆ ଭାଷାରେ ଲକ୍ଷ୍ମୀ ଓ ନାରାୟଣଙ୍କ କଳି ତଥା ଲକ୍ଷ୍ମୀଙ୍କ ବ୍ରତ ସମ୍ପର୍କିତ ଅନେକ ଲେଖା ଉପଲବ୍ଧ। ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଭିନ୍ନ ଭିନ୍ନ ଲିଖନକାରଙ୍କ ଦ୍ୱାରା ଲିଖିତ ୨୬ ଗୋଟି ପୋଥି (ଓଡ଼ିଶା ସାହିତ୍ୟ ଏକାଡେମି ପ୍ରକାଶିତ ଲକ୍ଷ୍ମୀପୁରାଣରେ ଏହାର ସୂଚନା ରହିଛି), ଧାନମାଣିକା ବ୍ରତ ନାମରେ ତିନୋଟି ପୋଥି, ଯଥା- ଧାନମାଣିକା ବ୍ରତ - ଓଏଲ୍ /୧୬୫୭ (ବି), ବରଜୁ ମୋହନ ପଣ୍ଡା, ଧାନମାଣିକା ଗୁରୁବାର -ଓଏଲ୍ /୨୧୦୫ (ଏ), ବ୍ରଜସୁନ୍ଦର ମହାପାତ୍ର, ଧାନମାଣିକା ବ୍ରତ- ଓଏଲ୍/୨୫୬୮ (ବି) କରୁଣା କର (ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପୋଥିସୂଚୀ ଅନୁସାରେ) ଓ ବଳରାମ ଦାସଙ୍କ ନାମରେ ଭଣିତ ବଜାରରେ ଅନେକ ଲକ୍ଷ୍ମୀପୁରାଣ ଉପଲବ୍ଧ। ଓଡ଼ିଶା ସାହିତ୍ୟ ଏକାଡେମି ପ୍ରକାଶିତ ଲକ୍ଷ୍ମୀପୁରାଣରେ ଓ ଗବେଷକ ସନ୍ତୋଷ ଭୋଇଙ୍କର ଆଲୋଚନାରେ ଏହାର ସୂଚନା ରହିଛି। ତଥାପି ତାହା ଅସମ୍ପୂର୍ଣ୍ଣ ମନେହୁଏ। ଉକ୍ତ ଆଲୋଚନାରେ ବଂଶୀଧର ମହାନ୍ତିଙ୍କ ଦ୍ୱାରା ସୂଚିତ ଓ ଜଟାଧାରୀ ମହାପାତ୍ର ସଂପାଦିତ ସାରଳା ଦାସଙ୍କ 'ଲକ୍ଷ୍ମୀ ନାରାୟେଣୀ ବଚନିକା' ଓ ଓଡ଼ିଶା ସାହିତ୍ୟ ଏକାଡେମି ପ୍ରକାଶିତ (ସଂପାଦକ- ସୁଦର୍ଶନ ଆଚାର୍ଯ୍ୟ, ଭାଗ୍ୟଲିପି ମଲ୍ଲ ଓ ଗୌରାଙ୍ଗ ଚରଣ ଦାଶ) ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' ଧର୍ମଗ୍ରନ୍ଥ ଷ୍ଟୋର୍ ପ୍ରକାଶିତ ବୃହତ୍ ମହାଲକ୍ଷ୍ମୀ ପୁରାଣକୁ ଗ୍ରହଣ କରାଯାଇଛି। ବଂଶୀଧର ମହାନ୍ତିଙ୍କ ମତରେ ବଚନିକାର ପୃଷ୍ଠା ସଂଖ୍ୟା ନଅ ଓ ପଦ ସଂଖ୍ୟା ୭୯; କିନ୍ତୁ ଓ.ସା.ଏ ପ୍ରକାଶିତ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣର ପଦ ସଂଖ୍ୟା ୬୬୩, ବୃହତ୍ ମହାଲକ୍ଷ୍ମୀ ପୁରାଣର ପୃଷ୍ଠା ସଂଖ୍ୟା ୩୪।

ଉଭୟ କବିଙ୍କ ଆବିର୍ଭାବ ଓ ବାଣୀ ସାଧନା ସୂର୍ଯ୍ୟବଂଶୀ ରାଜାଙ୍କ ସମୟରେ ହିଁ ହୋଇଥିଲା। ସାରଳା ଦାସ କପିଳେନ୍ଦ୍ର ଦେବଙ୍କ ଶାସନ (୧୪୩୫-୧୪୬୭) ସମୟରେ ଓ

ବଳରାମ ଦାସ କପିଳେନ୍ଦ୍ର ଦେବଙ୍କ ପୌତ୍ର ପ୍ରତାପରୁଦ୍ର ଦେବଙ୍କ ଶାସନ (୧୪୯୫-୧୫୩୫) ସମୟରେ ଜୀବିତ ଥାଇ ସାରସ୍ୱତ ସାଧନା କରୁଥିଲେ।[୧] ତଥାପି ଉଭୟଙ୍କ ତୁଳନା ପାଇଁ ଜନ୍ମ ଓ ସାଧନା ସମୟ ଜାଣିବାର ଆବଶ୍ୟକତା ରହିଛି। ମାୟାଧର ମାନସିଂହଙ୍କ ମତରେ ୧୪୭୩ ଖ୍ରୀଷ୍ଟାବ୍ଦ, ଗୌରୀ କୁମାର ବ୍ରହ୍ମାଙ୍କ ମତରେ ୧୪୭୨ ଖ୍ରୀଷ୍ଟାବ୍ଦ ଓ କୃଷ୍ଣ ଚରଣ ସାହୁଙ୍କ ମତରେ ୧୪୭୩ ଖ୍ରୀଷ୍ଟାବ୍ଦରେ ବଳରାମ ଦାସ ଜନ୍ମଗ୍ରହଣ କରିଥିଲେ ବୋଲି ମତ ପ୍ରକାଶ ପାଇଛି ଓ ସାରଳା ଦାସଙ୍କ ନିର୍ଦ୍ଦିଷ୍ଟ ଜନ୍ମତିଥି ସମ୍ପର୍କରେ କେହି କହି ନ ଥିଲେ ମଧ୍ୟ କପିଳେନ୍ଦ୍ର ଦେବଙ୍କ ସମୟର ବୋଲି କହିଛନ୍ତି ଓ କପିଳେନ୍ଦ୍ର ଦେବଙ୍କ ସମୟ ୧୪୩୫ ବେଳକୁ ଆରମ୍ଭ ହେଉଥିବାରୁ ଉଭୟଙ୍କ ମଧ୍ୟରେ ପାଖାପାଖି ୫୦ ବର୍ଷର (୫୦ ବର୍ଷରୁ କମ୍ ବା ଅଧିକ ହୋଇପାରେ) ବ୍ୟବଧାନ ହୋଇଥାଇପାରେ।

**ରାଜବଂଶର ଛତ୍ରଛାୟା**

ସେ ଯାହା ହେଉ ଦୁହିଁଙ୍କ ବାଣୀ ସାଧନା ଉତ୍କଳର ଗୋଟିଏ ରାଜବଂଶର ଛତ୍ରଛାୟାରେ ବିକାଶ ଲାଭ କରିଛି। ସୂର୍ଯ୍ୟବଂଶୀ ରାଜାମାନେ ଜଗନ୍ନାଥଙ୍କୁ ନିଜ ଇଷ୍ଟଦେବ ବୋଲି ମାନୁଥିଲେ ହେଁ ସେମାନେ ନିଜକୁ ପରମ ମାହେଶ୍ୱର, ପରମ ବୈଷ୍ଣବ, ଦୁର୍ଗାପୁତ୍ର, ରୁଦ୍ରପୁତ୍ର ବୋଲି ନିଜର ପରିଚୟ ଦେଉଥିଲେ।[୨] ତେଣୁ ସାରଳା ଦାସଙ୍କ ସାହିତ୍ୟରେ ଶକ୍ତିଙ୍କ ଗୁରୁତ୍ୱ ରହିଥିଲେ ମଧ୍ୟ ସ୍ଥାନେ ସ୍ଥାନେ ବିଷ୍ଣୁ, ଶିବଙ୍କ ବର୍ଣ୍ଣନା ମଧ୍ୟ ରହିଛି। କିନ୍ତୁ ବଳରାମ ଦାସ ନିଜକୁ ଶ୍ରୀ ଜଗନ୍ନାଥ ବେଟା[୩] ଓ ଲକ୍ଷ୍ମୀପୁରାଣରେ ବାରମ୍ବାର କନାଇ (କହ୍ନାଇ)ଶବ୍ଦ ପ୍ରୟୋଗ ପ୍ରସଙ୍ଗ ହେତୁ ଉଭୟ ଉତ୍କଳ ଓ ଗୌଡ଼ୀୟ ବୈଷ୍ଣବ ଧାରା ପ୍ରତି ଭକ୍ତି ଥିବା ଜଣାଯାଏ। ସାରଳା ଦାସଙ୍କ ଚଣ୍ଡୀ ପୁରାଣ ଅନ୍ତର୍ଗତ ପଙ୍କ୍ତି 'ପ୍ରଥମେ ରାମାୟଣ ଦୁତିଏ ଭାରତ / ତୃତୀୟେ ଲିଖନ କଲି ଶିରୀ ଭାଗବତ' ଅନୁଯାୟୀ ସେ ବିଲଙ୍କା ରାମାୟଣ, ମହାଭାରତ ଓ ଚଣ୍ଡୀ ପୁରାଣ ରଚନା କରିଥିବା ସର୍ବବାଦୀ ସମ୍ମତ। ମାତ୍ର ବଂଶୀଧର ମହାନ୍ତି ପ୍ରଥମ କରି ୧୯୫୬ ମସିହାର ଝଙ୍କାରରେ 'ଲକ୍ଷ୍ମୀ ନାରାୟଣୀ ବଚନିକା ଓ ସାରଳା ଦାସ' ପ୍ରବନ୍ଧରେ ଲକ୍ଷ୍ମୀ ନାରାୟେଣୀ ବଚନିକା ସାରଳା ଦାସଙ୍କ ଅନ୍ୟ ଏକ କୃତି ବୋଲି ମତ ପ୍ରକାଶ କରଛନ୍ତି ଓ ପରେ ଏହା ସମ୍ପର୍କରେ ତାଙ୍କର ଓଡ଼ିଆ ସାହିତ୍ୟର ଇତିହାସ (୨ୟଖଣ୍ଡ)ରେ ବିଶଦ ସୂଚନା ଦେଇଛନ୍ତି। ବଂଶୀଧର ମହାନ୍ତିଙ୍କ ଏହି ମତକୁ ଗୌରୀ କୁମାର ବ୍ରହ୍ମା ଗ୍ରହଣ କରିଛନ୍ତି।[୪] ଅବଶ୍ୟ ଜଟାଧାରୀ ମହାପାତ୍ର ଏହାକୁ ସାରଳା ଦାସଙ୍କ ନୁହେଁ ଓ ବଡ଼ ଧାନମାଣିକା ଓଷା କଥାର ଶେଷରେ ସଂଯୋଜିତ ସ୍ତୁତିର ଅଂଶ ବୋଲି କହିଛନ୍ତି। ସେ ଯାହା ହେଉ ଲକ୍ଷ୍ମୀ ନାରାୟେଣୀ ବଚନିକାର ରଚନା ଶୈଳୀ, ଭାଷା ଓ ଶେଷରେ 'ଲକ୍ଷ୍ମୀ ନାରୟେଣଙ୍କ ପଦଂ ଚରଣେ ସେବା / ଶୂଦ୍ରମୁନି ସାରୋଳ ଦାସଙ୍କୁ ଗତି ମୁକତି ଦେବା' ବୋଲି ଭଣତି ରହିଛି। ତେଣୁ ଏହାକୁ ନିର୍ବିବାଦରେ ଗ୍ରହଣ କରିବାକୁ ପଡ଼ିବ; କାରଣ ଏପର୍ଯ୍ୟନ୍ତ ଦୁଇଜଣ କିମ୍ବା ତଦୂର୍ଦ୍ଧ୍ୱ ସାରଳା ଦାସ ଥିବାର ସୂଚନା ନାହିଁ। ତେବେ ଅନ୍ୟ କବି ନିଜେ ଲେଖି କାହିଁକି ସାରଳାଙ୍କ ନାମରେ ଭଣତି କରିବାକୁ ଯିବ? ଏମିତି ହୋଇଥାଇପାରେ ଯେ, ଲିପିକାର ଲେଖିଲା ବେଳେ ଜାଣତ ଅବା ଅଜାଣତରେ ହେଉ କିଛି ପରିବର୍ତ୍ତନ ହୋଇଥିବ। ଦାଶରଥି ଦାଶ ମଧ୍ୟ ଲକ୍ଷ୍ମୀ ପୁରାଣ ରଚିତ ହେବା ପୂର୍ବରୁ ଓଡ଼ିଆ ସମାଜରେ ଲକ୍ଷ୍ମୀ ବ୍ରତ ପ୍ରସଙ୍ଗ ପ୍ରଚଳିତ ଥିଲା ବୋଲି କହିଛନ୍ତି[୫] ଓ ସାରଳା ଦାସ ମହାଭାରତର ଉଦ୍‌ଯୋଗ ପର୍ବରେ ଲକ୍ଷ୍ମୀ ହସ୍ତିନାପୁର ଛାଡ଼ି ଚାଲିଯିବା[୬], ଗଦାପର୍ବରେ ଦୁର୍ଯ୍ୟୋଧନକୁ ଭର୍ତ୍ସନା କରିବା[୭] ଓ ମଧ୍ୟପର୍ବରେ ଶ୍ରୀକୃଷ୍ଣ ଲକ୍ଷ୍ମୀଙ୍କୁ ଚଞ୍ଚଳା ନାମଦେବା ପ୍ରସଙ୍ଗର ଅବତାରଣା କରିଛନ୍ତି।

**ବଂଶୀଧର ମହାନ୍ତି ପ୍ରଥମ କରି 'ଲକ୍ଷ୍ମୀ ନାରାୟଣୀ ବଚନିକା' ସାରଳା ଦାସଙ୍କ ଏକ କୃତି ବୋଲି ମତ ପ୍ରକାଶ କରଛନ୍ତି।**

ସାରଳା ଦାସଙ୍କ ପରବର୍ତ୍ତୀ ସୂରୀ ବଳରାମ ଦାସ କେବଳ ଜଣେ ଉତ୍କଳୀୟ ବୈଷ୍ଣବ ନ ଥିଲେ, ଥିଲେ ଜଣେ ଯୁକ୍ତିନିଷ୍ଠ, ସ୍ପଷ୍ଟବାଦୀ ସମାଜ ସଂସ୍କାରକ। ସେ ଦାଣ୍ଡି ରାମାୟଣ, ଭାବ ସମୁଦ୍ର, ବେଦାନ୍ତ ସାର, ଗୁପ୍ତ ଗୀତା ଭଳି ୩୧ ଖଣ୍ଡ କାବ୍ୟର ରଚୟିତା (ବିନାୟକ ମିଶ୍ରଙ୍କ ମତରେ)। ତାଙ୍କ ଦ୍ୱାରା ରଚିତ ଲକ୍ଷ୍ମୀ ପୁରାଣର ଲୋକପ୍ରିୟତା ତାଙ୍କର ଶ୍ରେଷ୍ଠ ରଚନା ବୋଲାଉଥିବା ଦାଣ୍ଡି ରାମାୟଣଠାରୁ ଅଧିକ ଓ ଲକ୍ଷ୍ମୀ ପୁରାଣ କହିଲେ ଲୋକେ ବଳାରାମ ଦାସଙ୍କ ପୁରାଣକୁ ହିଁ ବୁଝନ୍ତି।

**ଉଭୟ କାବ୍ୟର ନାମକରଣ**

ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ଚଳନ୍ତି ଓଡ଼ିଆ

ଅଭିଧାନ ଅନୁସାରେ 'ବଚନିକା' ଶବ୍ଦର ଅର୍ଥ ଦୁଇଜଣ ବ୍ୟକ୍ତି ମଧ୍ୟରେ କଥୋପକଥନ ବା ବଚସା (ଝଗଡ଼ା)। ସାରଳା ଦାସଙ୍କ କୃତ ଲକ୍ଷ୍ମୀ ନାରାୟେଣୀ ବଚନିକାରେ ଲକ୍ଷ୍ମୀ ଓ ନାରାୟଣଙ୍କ ମଧ୍ୟରେ ପରମଲକ୍ଷ୍ମୀଙ୍କ (ଶ୍ରୀ) ପ୍ରିୟ ଅପ୍ରିୟ ବ୍ୟକ୍ତି, କାର୍ଯ୍ୟ ଓ ସ୍ଥାନ ବିଷୟରେ କଥୋପକଥନ ହୋଇଛି। ଶ୍ରୀ ନାରାୟଣ 'ଚଞ୍ଚଳାକ୍ଷି ତୁଗୋ କ୍ଷଣେ ହେଁ ନ ରହୁ / କେବଣ ସ୍ଥାନରେ ମାଗୋ ସ୍ଥାୟୀ ହୋଇ ରହୁ' ବୋଲି ପଚାରିବାରୁ ଲକ୍ଷ୍ମୀ ସୁଦୀର୍ଘ ଉତ୍ତର ଦେଇଛନ୍ତି। ଧର୍ମଗ୍ରନ୍ଥ ଷ୍ଟୋର୍ ପ୍ରକାଶିତ ବୃହତ୍ ଲକ୍ଷ୍ମୀ ପୁରାଣରେ ନାରଦ ଓ ପରାଶର ମଧ୍ୟରେ କଥୋପକଥନ ହୋଇଛି। ଅନ୍ୟ ପକ୍ଷରେ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ଇନ୍ଦ୍ର ନାରଦଙ୍କ ପ୍ରଶ୍ନୋତ୍ତର ଛଳରେ କଥୋପକଥନ ପ୍ରସଙ୍ଗ ଉପସ୍ଥାପିତ ହୋଇଛି। ବଳରାମ ଦାସଙ୍କ ଲକ୍ଷ୍ମୀ ଓ ନାରାୟଣ କଥୋପକଥନ ଜନିତ କାବ୍ୟକୁ ପୁରାଣ କହିବା ଯଥୋଚିତ ମନେହୁଏନି, କାରଣ ସାହିତ୍ୟ ତତ୍ତ୍ୱାନୁଯାୟୀ ମହାପୁରାଣ ପାଇଁ ସର୍ଗ, ବିସର୍ଗ, ବୃତ୍ତି, ରକ୍ଷା, ଅନ୍ତର, ସମୂହ, ବଂଶ, ବଂଶାନୁଚରିତ, ସଂସ୍ଥା, ହେତୁ ଓ ଅପାଶ୍ରୟ ଭଳି ଦଶ ଗୋଟି ଲକ୍ଷଣ କିମ୍ବା ଉପ ପୁରାଣ ପାଇଁ ୫ଗୋଟି ଲକ୍ଷଣ ଯଥା ସର୍ଗ, ପ୍ରତିସର୍ଗ, ବଂଶ, ମନ୍ୱନ୍ତର ଓ ବଂଶାନୁଚରିତ ରହିବା କଥା ।




କିନ୍ତୁ ଲକ୍ଷ୍ମୀ ପୁରାଣରେ ଏଥିରୁ କୌଣସି ଗୋଟିଏ ଲକ୍ଷଣ ମଧ୍ୟ ପ୍ରତୀୟମାନ ହୁଏ ନାହିଁ। ତଥାପି କେତେକ ଗବେଷକ (ସୁଦର୍ଶନ ଆଚାର୍ଯ୍ୟ, ଭାଗ୍ୟଲିପି ମଲ୍ଲ, ଗୌରାଙ୍ଗ ଚରଣ ଦାଶ, ସନ୍ତୋଷ କୁମାର ଭୋଇ ଆଦି) ଏହାର ପ୍ରଶ୍ନୋତ୍ତର ଶୈଳୀ ଓ ଆଦର୍ଶ ପ୍ରତିଷ୍ଠା ପ୍ରୟାସକୁ ଦେଖି ଏହାକୁ ପୁରାଣ ବୋଲି ସ୍ୱୀକାର କରିଛନ୍ତି। ସମାଜରେ କୌଣସି ଲୋକର ଗୁପ୍ତ କଥା କହିବା ପ୍ରସଙ୍ଗରେ ପୁରାଣ ଶବ୍ଦକୁ ବ୍ୟଞ୍ଜନାର୍ଥେ ବ୍ୟବହାର କରନ୍ତି। ସେହି ହେତୁରୁ ଏହି କ୍ଷୁଦ୍ର କାବ୍ୟ ନାରାୟଣ ଓ ଲକ୍ଷ୍ମୀଙ୍କ ପାରିବାରିକ କଳହ (ଯାହା ସମାଜଠାରୁ ଗୁପ୍ତ ରଖାଯାଏ) ପ୍ରକାଶ କରୁଥିବାରୁ ପୁରାଣ ବୋଲି ଗ୍ରହଣ କରାଯାଇପାରେ। କିନ୍ତୁ ଏହି ବିଷୟକୁ ଉପସ୍ଥାପନା କରିବା ପାଇଁ ନାମକରଣରେ ଲକ୍ଷ୍ମୀ ନାରାୟେଣୀ ବଚନିକାର ସ୍ପଷ୍ଟତା ରହିଛି, ମାତ୍ର ଲକ୍ଷ୍ମୀ ପୁରାଣର ନାମକରଣ ରହସ୍ୟ ଘେରରେ ରହିଯାଇଛି ।

ଉଭୟ ଦାସ କବିଙ୍କ କଥୋପକଥନଜନିତ କାବ୍ୟ ପରମଲକ୍ଷ୍ମୀଙ୍କ ବନ୍ଦନାରୁ ଆରମ୍ଭ ହୋଇଛି ।

ଉଭୟଙ୍କ କାବ୍ୟରେ ଲକ୍ଷ୍ମୀଙ୍କୁ ସାଗର ଦୁହିତା ଭାବେ ପରିକଳ୍ପନା କରାଯାଇଛି। ଲକ୍ଷ୍ମୀ ନାରାୟେଣୀ ବଚନିକାରେ ନାରାୟଣ ଚଞ୍ଚଳାଙ୍କୁ କାହିଁକି ଗୋଟିଏ ସ୍ଥାନରେ ରହନ୍ତି ନାହିଁ? କେଉଁ ସ୍ଥାନରେ ରହିବା ପସନ୍ଦ ଲାଗେ ? କେଉଁ ସ୍ଥାନ ଅପସନ୍ଦ ମନେ ହୁଏ? ବୋଲି ପ୍ରଶ୍ନ କରିଛନ୍ତି ଏବଂ ଏହାର ଉତ୍ତରରେ ଲକ୍ଷ୍ମୀ ଏକ ଦୀର୍ଘ ବର୍ଣ୍ଣନା ଦେଇଛନ୍ତି। କିନ୍ତୁ ଲକ୍ଷ୍ମୀ ପୁରାଣରେ ବୃତ୍ରାସୁର ଭୟରେ ଇନ୍ଦ୍ର ଇନ୍ଦ୍ରପୁରୀ ପରିତ୍ୟାଗ କରି ଦକ୍ଷିଣ ମେରୁରେ ଅବସ୍ଥାନ କରିଛି । ଏହାର କାରଣ ଇନ୍ଦ୍ର ନାରଦଙ୍କୁ ପଚାରିବାରୁ ଲକ୍ଷ୍ମୀ ଯାହାକୁ ବାମ ହୁଅନ୍ତି ତାହାର ଏପରି ଅବସ୍ଥା ହୁଏ ବୋଲି କହିଛନ୍ତି। ଇନ୍ଦ୍ର ମର୍ତ୍ତ୍ୟରୁ ଏପରି ଉଦାହରଣ ଦେବା ପାଇଁ ନାରଦଙ୍କୁ ଅନୁରୋଧ କରିଛନ୍ତି। ଇନ୍ଦ୍ରଙ୍କ ପ୍ରଶ୍ନ ଓ ନାରଦଙ୍କ ଉତ୍ତର 'ବଦୟନ୍ତି ନାରଦ ହେ ଶୁଣ ମଘବାନ / ଲକ୍ଷ୍ମୀଛଡ଼ା ହୋଇଲେ ସେ ଜଗ ଯେ ମୋହନ' ବୋଲି କହିଛନ୍ତି। ପୁରାଣ ଅନୁସାରେ ଲକ୍ଷ୍ମୀ ନାରାୟଣଙ୍କ ଅନୁମତି ନେଇ ନଗ୍ର ଭ୍ରମଣ ପାଇଁ ବାହାରିଛନ୍ତି। ଲକ୍ଷ୍ମୀ ପୁରାଣରେ ବଳରାମ ଦାସ ଘଟଣାକୁ ସମାଜ ସହିତ ସଂଶ୍ଳିଷ୍ଟ କରିବା ପାଇଁ ସାଧବାଣୀ ପ୍ରସଙ୍ଗ, ଶ୍ରୀୟା ଚଣ୍ଡାଳୁଣୀ ପ୍ରସଙ୍ଗ, ବିଶ୍ୱକର୍ମା ମନ୍ଦିର ତୋଳା ପ୍ରସଙ୍ଗ, ଅଷ୍ଟବେତାଳ ପ୍ରସଙ୍ଗ, ଜଗା ବଳିଆ ଦୁଇଭାଇଙ୍କ ଉଦର ଜ୍ୱାଳା ପ୍ରସଙ୍ଗ ଆଦିର ମୌଳିକ କଥା ସଂଯୋଗ କରିଛନ୍ତି। ସାରଳା ଦାସ ଲକ୍ଷ୍ମୀ ନାରାୟଣ ବଚନିକାରେ ଲକ୍ଷ୍ମୀଙ୍କ ଗୁମର ଖୋଲି ଦେଇଛନ୍ତି। ମାତ୍ର ବଳରାମ ଦାସ ସେହି ଗୁମର ସହ ଉପରୋକ୍ତ ମୌଳିକ କାହାଣୀର ସଂଯୋଜନା କରିଛନ୍ତି। ବିଶେଷକରି ନାରୀକୁ ଅବହେଳା କଲେ ତାହାର ପରାଭବ କଅଣ ହୋଇପାରେ ତାହାର ବିଶଦ ବର୍ଣ୍ଣନା କରିଛନ୍ତି। ଶେଷରେ ସର୍ତ୍ତାନୁଯାୟୀ ପୁଣି ଲକ୍ଷ୍ମୀ ବଡ଼ଦେଉଳକୁ ପ୍ରବେଶ କରିଛନ୍ତି।

**ଉଦ୍ଦେଶ୍ୟ ଓ ଆଦର୍ଶ**

ଉଭୟ କାବ୍ୟର ଉଦ୍ଦେଶ୍ୟ ସମାଜ ସଂସ୍କାର, ଧନର ଅଯଥା ଉପଯୋଗ ନ କରିବା, ନରନାରୀଙ୍କ ସମ୍ପର୍କ କେମିତି ହେବା ଉଚିତ ତା' ସମ୍ପର୍କରେ ସୂଚନା ଦେବା। ଲକ୍ଷ୍ମୀ ନାରାୟେଣୀ

ବଚନିକା ଅପେକ୍ଷା ଲକ୍ଷ୍ମୀ ପୁରାଣର ସମାଜ ସମ୍ପୃକ୍ତି ଅଧିକ, ଅର୍ଥାତ୍ ବେଶି ସଫଳ ହୋଇଛି। କାରଣ ଶ୍ରୀ ଜଗନ୍ନାଥ ଶ୍ରୀହୀନ ହେବା ଓ ଶ୍ରୀୟା ଚଣ୍ଡାଲୁଣୀ ଲକ୍ଷ୍ମୀ ପୂଜା କରି ରାଣୀ ହୋଇଯିବା ପ୍ରସଙ୍ଗ ସମସ୍ତଙ୍କୁ ବ୍ରତ ସହ ନିକଟତର କରାଏ। ସାଧାରଣତଃ ଉଭୟ କାବ୍ୟରେ ବର୍ଣ୍ଣିତ ଲକ୍ଷ୍ମୀ ଶସ୍ୟ, ଆନନ୍ଦ, ସୌଭାଗ୍ୟ ଓ ଧନସମ୍ପଦର ପ୍ରତୀକ। ତେଣୁ କାବ୍ୟରେ ବର୍ଣ୍ଣିତ ଗୁରୁବାରରେ ଆମିଷ ଖାଇବା, ଚୁଲିରୁ ପାଉଁଶ ନ କାଢ଼ିବା, ହାଣ୍ଡି ନ ଧୋଇବା, ଶେଯ ବଙ୍କା କରି ଶୋଇବା, ଅତିଥି ଓ ସ୍ୱାମୀଙ୍କ ସେବା ନ କରିବା, ପୁରୁଷ ରତୁବତୀ ନାରୀ ସହିତ ସମ୍ପର୍କ ରଖିବା, ହାତ ଗୋଡ଼ ନ ଧୋଇ ଖାଇବା ଆଦି ଆଚାର ବ୍ୟବହାର ସ୍ଥାନରେ ସେ ବିରାଜ ହୁଅନ୍ତି ନାହିଁ ବୋଲି ଆପ୍ତବାକ୍ୟ ମାଧ୍ୟମରେ ସଚେତନ କରାଇଛନ୍ତି। ତେଣୁ ଏ ପ୍ରକାର କୁସଂସ୍କୃତିଠାରୁ ନିବୃତ୍ତ ରଖିବା ପାଇଁ ସମାଜ ସଂସ୍କାରକର ଗୋଟିଏ ଚାଲ୍ ନିଶ୍ଚୟ। ଦ୍ୱିତୀୟତଃ ଜାତିବାଦର ବିଲୋପର ପ୍ରଚେଷ୍ଟା। ଲକ୍ଷ୍ମୀ ନାରାୟେଣୀ ବଚନିକାରେ ଅବଶ୍ୟ ଜାତି ସମ୍ପର୍କରେ କୌଣସି ପ୍ରସଙ୍ଗ ନାହିଁ, କିନ୍ତୁ ଲକ୍ଷ୍ମୀ ପୁରାଣରେ ଲକ୍ଷ୍ମୀ ଚଣ୍ଡାଲୁଣୀ ଘରେ ଉଭା ହେବା ହିଁ ପୁରାଣର ମୁଖ୍ୟ କାରଣ। ଯେତେବେଳେ ସାହିର କୌଣସି ଘରେ ଲକ୍ଷ୍ମୀ ବ୍ରତର ଉପଚାର ଦେଖିନାହାନ୍ତି ସେତେବେଳେ ଲକ୍ଷ୍ମୀ ଚଣ୍ଡାଲୁଣୀ ଘରେ ଉଭା ହୋଇଛନ୍ତି। ଏହା ଜାଣି ଦୁଇଭାଇ ଶ୍ରୀମନ୍ଦିରରୁ ଲକ୍ଷ୍ମୀଙ୍କୁ ତଡ଼ି ଦେଇଛନ୍ତି। ଲକ୍ଷ୍ମୀଙ୍କ ଅଭିଶାପରେ ଜଗାବଳିଆ ଚଣ୍ଡାଲୁଣୀ ହାତରେ ଖାଇଛନ୍ତି। ବଳରାମଙ୍କ ସମୟରେ ଦେଶରେ ବ୍ରାହ୍ମଣ୍ୟବାଦର ପ୍ରାବଲ୍ୟ ଥିଲା। ଏହା ତାଙ୍କ ଜୀବନ ସହିତ ଜଡ଼ିତ କିଂବଦନ୍ତୀରୁ ଜଣାଯାଏ। ଏହାକୁ ବିନାଶ କରିବା ହିଁ ଏହାର ମୁଖ୍ୟ ବୈଶିଷ୍ଟ୍ୟ। ତୃତୀୟତଃ ସମାଜରେ ନାରୀର ଗୁରୁତ୍ୱ। ଲକ୍ଷ୍ମୀ ନାରାୟଣ ବଚନିକାରେ ନାରୀ ବା ଶକ୍ତିଙ୍କ ଗୁରୁତ୍ୱ ହିଁ ପ୍ରକାଶିତ। କାବ୍ୟର ଆମୂଳାନ୍ତ ଲକ୍ଷ୍ମୀଙ୍କ ଉପସ୍ଥିତି ଓ ଅନୁପସ୍ଥିତିର ପରିବେଶ କଥା ବର୍ଣ୍ଣନା କରାଯାଇଛି। ଏଥିରେ ନାରାୟଣ ସଂଯୋଜକ ମାତ୍ର। ଲକ୍ଷ୍ମୀ ପୁରାଣରେ ମଧ୍ୟ ନାରୀଶକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି। ଜଗାବଳିଆ ଦୁର୍ଭିକ୍ଷ ସହ ଲଢ଼ିବାର, ଚଣ୍ଡାଲୁଣୀ ରାଣୀ ହେବାର କାରଣ ସେହି ନାରୀ। ବିଶ୍ୱକର୍ମା, ପବନ, ସୂର୍ଯ୍ୟ, ଅଷ୍ଟବେତାଳ, ସରସ୍ୱତୀ ସମସ୍ତେ ନାରୀ ଶକ୍ତୀ ଲକ୍ଷ୍ମୀଙ୍କ ଆଦେଶ ପାଳନ କରିଛନ୍ତି। ଅବଶ୍ୟ ଶ୍ରୀୟା କନ୍ୟା ବଦଳରେ ପୁତ୍ର ମାଗିବା ଓ ଲକ୍ଷ୍ମୀ ନିର୍ଦ୍ୱନ୍ଦ୍ୱରେ ୫ଗୋଟି ପୁତ୍ର ପ୍ରଦାନ କରିବା ନାରୀର ଗୁରୁତ୍ୱକୁ କ୍ଷୀଣ କରିଦିଏ। ତଥାପି ନାରୀକୁ ଅବହେଳା କଲେ ତାହାର ପରିଣତି କ'ଣ ହୋଇପାରେ ଏଥିରେ ତାହାର ଚିତ୍ର ରହିଛି।

**ଲକ୍ଷ୍ମୀ ନାରାୟଣ ବଚନିକା ଅପେକ୍ଷା ଲକ୍ଷ୍ମୀ ପୁରାଣରେ ନାଟକୀୟତା ପାଠକକୁ ଆକୃଷ୍ଟ କରେ।**

**ଉଭୟରେ ନାଟକୀୟତା**

ଲକ୍ଷ୍ମୀ ନାରାୟଣ ବଚନିକାରେ ନାରାୟଣ ଓ ଲକ୍ଷ୍ମୀ ଦୁଇଟି ମାତ୍ର ଚରିତ୍ର, କିନ୍ତୁ ଲକ୍ଷ୍ମୀ ପୁରାଣରେ ଲକ୍ଷ୍ମୀ, ନାରାୟଣ, ବଳରାମ, ଶ୍ରୀୟା ଚଣ୍ଡାଲୁଣୀ, ନାରଦ, ଇନ୍ଦ୍ର, ଅଷ୍ଟବେତାଳ ଆଦି ଚରିତ୍ରର ଅବତାରଣା ଘଟିଛି। ଏମାନଙ୍କ ମଧ୍ୟରୁ ଜଗନ୍ନାଥ ଓ ଲକ୍ଷ୍ମୀ ସରଳରୈଖିକ ଚରିତ୍ର ଓ ବଳରାମ ବର୍ତ୍ତୁଳ ଚରିତ୍ର ଭଳି ମନେ ହୁଅନ୍ତି। ଲକ୍ଷ୍ମୀ ନାରାୟଣ ବଚନିକା ଅପେକ୍ଷା ଲକ୍ଷ୍ମୀ ପୁରାଣରେ ନାଟକୀୟତା ପାଠକକୁ ଆକୃଷ୍ଟ କରେ। ଇନ୍ଦ୍ର ଓ ନାରଦ ସୂତ୍ରଧର ଭାବେ ପୁରାଣର ଆରମ୍ଭର ସୂଚନା ପ୍ରଦାନ କରିଛନ୍ତି। ଇନ୍ଦ୍ର ଓ ନାରଦଙ୍କ ପ୍ରଶ୍ନୋତ୍ତର ପ୍ରସଙ୍ଗ, ଲକ୍ଷ୍ମୀଙ୍କ ମେଲାଣି ପ୍ରସଙ୍ଗ, ଦୁଇଭାଇଙ୍କ ଶିକାର କରିଯିବା ପ୍ରସଙ୍ଗ, ଚଣ୍ଡାଲୁଣୀ ଘରେ ଉଭା ହେବା, ଛାଡ଼ପତ୍ର, ଜଗାବଳିଆଙ୍କ ଖାଦ୍ୟ ଅନ୍ୱେଷଣ ଆଦି ଗୋଟିଏ ଗୋଟିଏ ଦୃଶ୍ୟ ଭଳି ମନେହୁଏ। ସୁଦର୍ଶନ ଆଚାର୍ଯ୍ୟ ଏ ସମ୍ପର୍କରେ କହନ୍ତି 'ପ୍ରପଞ୍ଚ ମଞ୍ଚରେ ଅଭିନୀତ ଏହା ଏକ ମହାନାଟକ ବା ଭାବନାଟକ।'୮ ଲକ୍ଷ୍ମୀପୁରାଣ ଏକ ଚମତ୍କାର ପକେଟ ନାଟକ ବୋଲି ଦାଶରଥି ଦାଶ କହିଛନ୍ତି।

**ଭାଷା ଓ ଛନ୍ଦ**

ଉଭୟ ଲକ୍ଷ୍ମୀ ନାରାୟଣ ବଚନିକା ଓ ଲକ୍ଷ୍ମୀ ପୁରାଣ ଦାଣ୍ଡି ବୃତ୍ତରେ ରଚିତ ଓ ଏଥିପାଇଁ ମଧ୍ୟ ସାଧାରଣ ପାଠକର ଅତି ପ୍ରିୟ। କାରଣ ଅନ୍ୟ କୌଣସି ଛନ୍ଦଠାରୁ ଏହା ସହଜ ଓ ସରଳ। ପାଠକ ତା ଇଚ୍ଛା ଅନୁସାରେ ଏହାକୁ ଗାଇ ବୋଲି ପାରେ। ଉଭୟଙ୍କ ରଚନା କାଳରେ ସାହିତ୍ୟରେ ସଂସ୍କୃତର ପ୍ରଭାବ ଥିଲା, ତେଣୁ ଉଭୟରେ କେତେକ ତତ୍ସମ ଶବ୍ଦର ବ୍ୟବହାର ହୋଇଥିବା ଦେଖାଯାଏ। ଉଭୟରେ ଚନ୍ଦ୍ରବିନ୍ଦୁ ଁ

ବଦଳରେ ଅନୁସ୍ୱାରର ଂ ବ୍ୟବହାର ହୋଇଛି। ଯେମିତି ମୁଂ, ଅଂଳା, ପାରଇଂ, ପାଇଂ, ପାଉଂଶ, ଆଇଂସ ଇତ୍ୟାଦି।

**ସାମ୍ୟ ଓ ବୈଷମ୍ୟ**

ଉଭୟଙ୍କ କୃତିରେ ନାରାୟଣ ଓ ଲକ୍ଷ୍ମୀଙ୍କ ମଧ୍ୟରେ ଲକ୍ଷ୍ମୀବ୍ରତର ମହିମା କଥୋପକଥନର ବିଷୟ ଓ କାହାଣୀର ଭାବ ଓ ଲକ୍ଷ୍ୟ ସମାନ ତଥାପି ସାରଳାଙ୍କ କ୍ଷୁଦ୍ର ରଚନା ଅପେକ୍ଷା ବଳରାମଙ୍କ ରଚନାଟିରେ ଅନେକ ନୂତନ କାହାଣୀର ଅବତାରଣା କରାଯାଇଛି। ତେଣୁ ଉଭୟ କୃତି ମଧ୍ୟରେ ସାମ୍ୟ ଓ ବୈଷମ୍ୟ ରହିବା ସ୍ୱାଭାବିକ। ଉଭୟଙ୍କ କାବ୍ୟର କଥାବସ୍ତୁରେ ଲକ୍ଷ୍ମୀବ୍ରତର ବିଧିରେ କରଣୀୟ ଓ ଅକରଣୀୟ ପଦ୍ଧତି ସମାନ ରହିଛି। ଉଭୟରେ ନାରୀଶକ୍ତିର ବା ଲକ୍ଷ୍ମୀଙ୍କ ସ୍ୱରକୁ ପ୍ରାଧାନ୍ୟ ଦିଆଯାଇଛି। ଅବଶ୍ୟ ଲକ୍ଷ୍ମୀ ପୁରାଣର ଲକ୍ଷ୍ମୀ ସବୁବେଳେ ପୁରୁଷର ଆନୁଗତ୍ୟ ଲାଭକରି ତା'ର ସେବା କରିବାରେ ତତ୍ପରତା ଦେଖାଇଛନ୍ତି। ସେଥିପାଇଁ ବୋଧହୁଏ ଯେତେବେଳେ ଦୁଇଭାଇ ଲକ୍ଷ୍ମୀଙ୍କ ଦ୍ୱାରକୁ ଆସିଛନ୍ତି ସେ 'ନିସ୍ତାର ପାଇଲି' ବୋଲି କହିଛନ୍ତି। ଉଭୟ କୃତିର ଆରମ୍ଭ ପ୍ରଶ୍ନୋତ୍ତର ଶୈଳୀ ମାଧ୍ୟମରେ ଲକ୍ଷ୍ମୀ ନାରାୟଣ ବଚନିକାରେ ଲକ୍ଷ୍ମୀ ଓ ନାରାୟଣ ଏବଂ ଲକ୍ଷ୍ମୀ ପୁରାଣରେ ଇନ୍ଦ୍ର ଓ ନାରଦ ମଧ୍ୟରେ ସମ୍ପାଦିତ ହୋଇଛି। ଉଭୟରେ ଲକ୍ଷ୍ମୀଙ୍କ ପୂଜା ପଦ୍ଧତି ଓ ପୂଜାରେ ସମର୍ପିତ ଭୋଗ ସେହି କୃଷି ଉତ୍ପାଦିତ ଦ୍ରବ୍ୟ ମୂଳା, ଆଖୁ, କାକୁଡ଼ି ରହିଛି। ନାରାୟଣ ଓ ଲକ୍ଷ୍ମୀଙ୍କ ମାନବାୟନ ଲକ୍ଷ୍ମୀ ନାରାୟଣ ବଚନିକା ଅପେକ୍ଷା ବଳରାମ ଦାସଙ୍କ ପୁରାଣରେ ସଫଳ ହୋଇଛି।

**ଉଭୟରେ ନାରୀଶକ୍ତିର ବା ଲକ୍ଷ୍ମୀଙ୍କ ସ୍ୱରକୁ ପ୍ରାଧାନ୍ୟ ଦିଆଯାଇଛି।**

ପରିଶେଷରେ ଏତିକି କୁହାଯାଇପାରେ ଯେ ବଳରାମ ଦାସ ସାରଳା ଦାସଙ୍କ ଲକ୍ଷ୍ମୀ ନାରାୟେଣୀ ବଚନିକା ଦ୍ୱାରା ପ୍ରଭାବିତ ହୋଇ ନ ଥିଲେ ମଧ୍ୟ ଏହା ନିଶ୍ଚିତ ଯେ ମହାଭାରତର ଲକ୍ଷ୍ମୀ ପ୍ରସଙ୍ଗ ଦ୍ୱାରା ନିଶ୍ଚୟ ପ୍ରଭାବିତ ହୋଇଥିବା କଥା କେହି ଅସ୍ୱୀକାର କରିପାରିବେ ନାହିଁ। ଉଭୟର ଚରିତ୍ର ଅସମାନ ହେଲେ ହେଁ, ଉପସ୍ଥାପନା କୌଶଳରେ ସମତା ଦେଖାଯାଏ। କଥାବସ୍ତୁ, ଭାବ, ଲୋକପ୍ରିୟତା, ସମାଜ ସମ୍ପୃକ୍ତିରେ ଲକ୍ଷ୍ମୀ ନାରାୟେଣୀ ବଚନିକା ଅପେକ୍ଷା ଲକ୍ଷ୍ମୀ ପୁରାଣ ଅଧିକ ସଫଳ କିନ୍ତୁ ଓଡ଼ିଆ ସାହିତ୍ୟରେ ଉଭୟ କୃତିର ଗୁରୁତ୍ୱ ରହିଛି।

**ପ୍ରାନ୍ତଟୀକା-**

୧. ଓଡ଼ିଆ ସାହିତ୍ୟର ପରିଚୟ (୧ମ ଭାଗ), ସୂର୍ଯ୍ୟ ନାରାୟଣ ଦାଶ, ୧୯୪୫, କଟକ

୨. ଓଡ଼ିଶାର ସାଂସ୍କୃତିକ ଇତିହାସ ଖ୍ରୀଷ୍ଟାବ୍ଦ ୧୧୦୦- ୧୫୬୮(୪ର୍ଥ ଖଣ୍ଡ), ସ. ରାଜଗୁରୁ, ୧୯୮୬।

୩. ବଳରାମ ଦାସଙ୍କ ଭାବ ସମୁଦ୍ର , ସଂ. ସୁରେନ୍ଦ୍ର ନାଥ ଦାଶ , ଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ୨୦୨୨ (୩ୟ )।

୪. ଓଡ଼ିଆ ସାହିତ୍ୟର ଇତିହାସ, ଗୌରୀକୁମାର ବ୍ରହ୍ମା, ୧୯୮୭(୫ମ ସଂ.)।

୫. ପ୍ରସଙ୍ଗ ପୁରୁଣା ଭାବନା ନୂଆ- ଦାଶରଥି ଦାଶ, ଫ୍ରେଣ୍ଡସ୍ ପବ୍ଲିଶର୍ସ୍, କଟକ, ୨୦୧୯, ୨ୟ ସଂ.।

୬. "ଅନେକ ଅପମାନ ଯହୁଁ ପାଇଲେ ନାରାୟଣ
ହୃଦଗତେ ଲକ୍ଷ୍ମୀଙ୍କୁ କଲେକ ସ୍ମରଣ।
(ପଦ-୧୭୭ରୁ ୧୮୩,ପୃଷ୍ଠା-୨୦୧,
ଉଦ୍‌ଯୋଗ ପର୍ବ, ସଂ- ଆର୍ତ୍ତବଲ୍ଲଭ ମହାନ୍ତି)

୭. "ମହାଲଛୀ ବୋଇଲେ ସେ ପଳାଉ ଅଛି ମୁହିଂ।
ତୋହର ଭ୍ରଚ୍ଛନା ବୋଲିବାକୁ ଥିଲିତ ବାଟ ଚାହିଂ।"(ପଦ-୨୨୨,ପୃଷ୍ଠା-୬୭, ଗଦାପର୍ବ, ସଂ- ଆର୍ତ୍ତବଲ୍ଲଭ ମହାନ୍ତି)

୮. ଲକ୍ଷ୍ମୀ ପୁରାଣ, ଓସାଏ,ପୃ- ୫୪

**ସହାୟକ ପୁସ୍ତକ ସୂଚୀ**

୧. ଆଚାର୍ଯ୍ୟ, ସୁଦର୍ଶନ ଓ ଅନ୍ୟମାନେ, ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ, ଭୁବନେଶ୍ୱର, ଓ.ସା.ଏ, ୨୦୧୮।

୨. ଦାଶ, ଦାଶରଥି, ପ୍ରସଙ୍ଗ ପୁରୁଣା ଭାବନା ନୂଆ, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ୍, ୨୦୧୯, ୨ୟ।

୩. ଦାଶ, ସୂର୍ଯ୍ୟ ନାରାୟଣ, ଓଡ଼ିଆ ସାହିତ୍ୟର ପରିଚୟ (୧ମ ଭାଗ), କଟକ, ଗ୍ରନ୍ଥମନ୍ଦିର, ୧୯୪୫।

୪. ଦାଶ, ସୁରେନ୍ଦ୍ର ନାଥ, ବଳରାମ ଦାସଙ୍କ ଭାବ ସମୁଦ୍ର, ଭୁବନେଶ୍ୱର, ଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ , ୨୦୨୨ (୩ୟ )।

୫. ବ୍ରହ୍ମା, ଗୌରୀକୁମାର, ଓଡ଼ିଆ ସାହିତ୍ୟର ଇତିହାସ, କଟକ, କଟକ ଷ୍ଟୁଡେଣ୍ଟ୍ ଷ୍ଟୋର୍, ୧୯୮୭(୫ମ ସଂ.)।

୬. ବୃହତ୍ ମହାଲକ୍ଷ୍ମୀ ପୁରାଣ, ଆଲିଶା ବଜାର, କଟକ, ଧର୍ମଗ୍ରନ୍ଥ ଷ୍ଟୋର

**ପତ୍ର ପତ୍ରିକା**

୧. ମହାନ୍ତି, ବଂଶୀଧର, ଲକ୍ଷ୍ମୀ ନାରାୟଣୀ ବଚନିକା ଓ ସାରଳା ଦାସ, ଝଙ୍କାର, ୯ମ ବର୍ଷ, ୧ମ ସଂଖ୍ୟା, ୧୯୫୬, ପୃ -୧୬୦-୧୬୨

୨. ମହାପାତ୍ର, ଜଟାଧାରୀ, ଲକ୍ଷ୍ମୀ ନାରାୟେଣୀ ବଚନିକା ନା ବଡ଼ଧାନ ମାଣିକା ଓଷା କଥା, ଏଷଣା, ୨୧ଖଣ୍ଡ ଡିସେମ୍ବର ୧୯୯୦, ପୃ – ୧୯-୩୨

□□

ଲେଖକଙ୍କ ଇ-ମେଲ୍ ଠିକଣା:
subashchandrabhoi@gmail.com


ଗଳ୍ପ

# ଭୂତାଣୁ



ସୁଶୀଳ କୁମାର ନନ୍ଦ

ସର୍ବ ସୁଖରେ ଥିବା ମନୁଷ୍ୟଟିଏ ଦିନେ ମନ ମଧ୍ୟରେ ଆସ୍ଫାଳନ କଲା, ଆଃ, ସେ ସତରେ କେତେ ପାରିବାର ! କେତେ ଜ୍ଞାନ ସେ ଅର୍ଜିଛି, କେତେ ଧନଦୌଲତ କମେଇ ପାରିଛି, କି ସୁନ୍ଦର ପଞ୍ଚତଳ ପ୍ରାସାଦ ନିର୍ମାଣ କରିଛି, ଧନ, ଜନ, ଗୋପ ଲକ୍ଷ୍ମୀ, କ'ଣ ନାହିଁ ତା' ପାଖରେ ! ଏ ସବୁ କେବଳ ତା'ର କର୍ମ ଏବଂ କୃତିର ଫଳ। ନିଜ ବିଦ୍ୟା, ବୁଦ୍ଧି, ପରିଶ୍ରମର ଏହା ପ୍ରତିଫଳ। ମନରେ ସୃଷ୍ଟି ହେଲା ତା'ର ପ୍ରଚୁର ଗର୍ବ। ଆଉ ଠିକ୍ ଏହି ସମୟରେ-



ଭୂତାଣୁଟିଏ ତା' ସମ୍ମୁଖରେ ଉପସ୍ଥିତ ହେଲା ଏବଂ କହିଲା, ମୋତେ ଦେଖିପାରୁଛ କି ? ମନୁଷ୍ୟ ଅବଜ୍ଞାର ସହ ଉତ୍ତର ଦେଲା, କିଏ ତୁ ? କେଉଁଠି ? ଭୂତାଣୁ କହିଲା, ମୁଁ ପରା ତୁମର ଚାରି ପାଖରେ ବୁଲୁଚି। ତୁମେ କ'ଣ ମୋତେ 'ତୁ-ତାକର' କରି କଥାବାର୍ତ୍ତା କରୁଛ। ତୁମେ ବୋଧେ ଜାଣିନ ଯେ, ମୋ ଦୟାରୁ ହିଁ ତୁମେ ସୁଖରେ ବଞ୍ଚିଛ ?

ମନୁଷ୍ୟ ତାଚ୍ଛଲ୍ୟ ହସଟେ ହସିଲା। କହିଲା, ଯାହାର ନିଜର ସ୍ଥିତି ମାତ୍ର ନାହିଁ, ସେ ପୁଣି ମୋତେ ଦୟା କରିବ ! ଭୂତାଣୁ କହିଲା, ତୁମେ ଏପର୍ଯ୍ୟନ୍ତ ଜୀବିତ ରହିଛ, ତାହା ମୋ ଦୟାର ଫଳ। ଦେଖିବ ଏଇଲେ, ତୁମ ଦେହରେ ପ୍ରବେଶ କରିବି ? ତା' ପରେ କ'ଣ ହେବ ଜାଣିଛ ? ତୁମ ଦେହର ତାପମାତ୍ରା ବଢ଼ିଯିବ। ତୁମ ଦେହ କମ୍ପିବ। ତୁମେ ଚଳତ୍‌ଶକ୍ତିହୀନ ହୋଇ ଶଯ୍ୟାଶାୟୀ ହୋଇଯିବ। ମୁଁ ଯଦି ତୁମ ଦେହରେ ଟିକିଏ ଅଧିକ ସମୟ ରହିଯିବି, ତୁମର ମୃତ୍ୟୁ ହୋଇଯାଇପାରେ। ତୁମେ ଜୀବରୁ ଗୋଟାଏ ଶବ ହୋଇଯିବ। ତା'ପରେ ଛଅ ଖଣ୍ଡି କାଠରେ ହେବ ସବାରି। ତା'ପରେ ମଶାଣି, ଜୁଇ, ନିଆଁ, ଭୂତ, ଘର ଘରଣୀ ଦେହ କିଳାଉଥିବେ, ହାଃ, ହାଃ, ହାଃ।

ଏଥର ଭୟଭୀତ ହୋଇପଡ଼ିଲା ସୁଖୀ ମଣିଷଟି। ଭୟ ତା' ମୁହଁରେ ପ୍ରତିଫଳିତ ହେଲା। ଅଦୃଶ୍ୟ ଭୂତାଣୁ ହସି ହସି କହିଲା, କହୁ କହୁ ମାତ୍ର ଡରିଗଲ ? ଡରନି। ମୁଁ ତୁମ ଦେହରେ ଏବେ ପ୍ରବେଶ କରୁନି। ଖାଲି ଏତିକି ବୁଝ, ତୁମେ ଏବେ ଯେଉଁ ସୁଖରେ ଅଛ, ସେଥିପାଇଁ ତୁମେ ଯେତିକି ପ୍ରଶଂସାର ହକ୍‌ଦାର, ତା'ଠାରୁ ଅନେକ ଅନେକ ବେଶି ପ୍ରଶଂସାର ହକଦାର୍ ହେଉଛନ୍ତି ମୋ ଭଳି ଶହ ଶହ ଦୃଶ୍ୟ, ଅଦୃଶ୍ୟ, ସଜୀବ, ନିର୍ଜୀବ ପଦାର୍ଥ, ଯେଉଁମାନଙ୍କ ଦୟାରୁ ତୁମେ ସୁଖ ଭୋଗ କରୁଛ। ମାନେ, ଧରିନିଅ, ଦେଖଇ ତୁମ ନେତ୍ର ଯାହା ଚଉଦିଗର। ତୁମେ ନିଜେ ଟିକେ ଏକାନ୍ତରେ ଚିନ୍ତା କଲେ ବି ଏହା ପରିଷ୍କାର ଭାବେ ଜାଣିପାରିବ। କ'ଣ ମୋ କଥା କିଛି ମୁଣ୍ଡରେ ପଶୁଛି ?

ହଁ, ବୁଝିପାରୁଛି, ମନୁଷ୍ୟଟିର କାତର ସ୍ୱର।

ଏବେ ଆଉ ଗୋଟେ କଥା ବି ତୁମ୍ଭର ବୁଝିବା ଉଚିତ୍।

କେଉଁ କଥା ?

ତୁମେ ଯଦି ଏତେ ଦୟା ସମସ୍ତଙ୍କଠାରୁ ଲାଭ କରିଛ, ତୁମକୁ ବି ସେପରି ଅନ୍ୟମାନଙ୍କୁ ଦୟା କରିବାକୁ ପଡ଼ିବ ନିଜର ସାଧ୍ୟ ମତେ। ଅନ୍ୟଥା ତୁମର ଏ ସୁଖ କ୍ଷଣସ୍ଥାୟୀ ବୋଲି ଜାଣ। ଜାଣିଛ କି ସେଇ ଶ୍ଳୋକଟା - ଈଶାବାସ୍ୟମ୍ ଇଦଂ ସର୍ବଂ--- ତେନ ତ୍ୟକ୍ତେନ ଭୁଞ୍ଜିଥା।

କ'ଣ ତାହାର ଅର୍ଥ ?

ସବୁ କଥା କ'ଣ ମୋତେ କହିବାକୁ ପଡ଼ିବ ? ଯାଅ, କୌଣସି ପଣ୍ଡିତଙ୍କଠାରୁ ଏହାର ଅର୍ଥ ବୁଝିନେବ। ସେ ତୁମକୁ ଏହାର ଅର୍ଥ ଠିକ୍ ବୁଝାଇଦେବେ। ଏବେ ମୁଁ ତୁମଠାରୁ ଦୂରକୁ ଚାଲି ଯାଉଛି। କେଜାଣି, ମୋ ମନରେ ଯଦି ଲୋଭ ଆସିଯିବ ତୁମ ଦେହରେ ଅନୁପ୍ରବେଶ କରିଯିବା ପାଇଁ, ଏଇ ଭିତରେ।

କିଛି ଦିନ ବିତିଗଲା। ମନୁଷ୍ୟଟି ଆଶ୍ୱସ୍ତ ହୋଇ ଯଥାପୂର୍ବ ନିର୍ଭୟ ହୋଇ ଚଳିଲା। ଭୂତାଣୁର ଭୟ ତା' ମନରୁ ସମ୍ପୂର୍ଣ୍ଣ ହଟିଯାଇଥିଲା। କିନ୍ତୁ ଭୂତାଣୁଟିର ଦିନେ ତା' ଦେହ ପ୍ରତି ସତରେ ଲୋଭ ହେଲା ଏବଂ ସେ ମନୁଷ୍ୟଟିର ଦେହରେ ପ୍ରବେଶ କରିଗଲା। ଖୁବ୍ ଶୀଘ୍ର ତା'ର ପ୍ରଭାବ ମନୁଷ୍ୟଟି ଅନୁଭବ କଲା। ଭୟଙ୍କର ଥଣ୍ଡା ଜ୍ୱରରେ ପୀଡ଼ିତ ହୋଇ ସେ ବିକଳରେ ଡାକ୍ତରଙ୍କ ଦିଆ ବିଭିନ୍ନ ଔଷଧ ଗିଳିଲା, କିନ୍ତୁ ଆରୋଗ୍ୟ ଲାଭ କରିପାରିଲା ନାହିଁ। ତା'ର ଦୃଢ଼ ବିଶ୍ୱାସ ହେଲା ଏ ସବୁ ନିଶ୍ଚୟ ସେଇ ଅଦୃଶ୍ୟ ଭୂତାଣୁର କାମ। ସେ ତା' ଉଦ୍ଦେଶ୍ୟରେ କାତର ନିବେଦନ କଲା- ହେ ମହାଶକ୍ତିମାନ! ମୋ ଉପରେ ଦୟା କର। ଦୟାକରି ମୋ ଦେହ ଛାଡ଼ି ବାହାରିଯାଅ। ଭୂତାଣୁ ବ୍ୟଙ୍ଗ କରି କହିଲା, ମୋତେ ତେବେ ଆଉ ଜଣକର ଦେହ ଦେଖାଇଦିଅ। ମୋ'ର ତ ପୁଣି ଗୋଟେ ଦେହ ଦରକାର ନା। ମନୁଷ୍ୟଟି କହିଲା, ହଜାର ହଜାର ମନୁଷ୍ୟ ତୁମ ସାମ୍ନାରେ। କାହାକୁ ବି ତୁମେ ବାଛିପାର।

**ଭୂତାଣୁ ବ୍ୟଙ୍ଗ କରି କହିଲା, ମୋତେ ତେବେ ଆଉ ଜଣକର ଦେହ ଦେଖାଇଦିଅ। ମୋ'ର ତ ପୁଣି ଗୋଟେ ଦେହ ଦରକାର ନା।**

ଭୂତାଣୁ କହିଲା, ତା'ର ବି ତୁମ ଭଳି ଦୁର୍ଦ୍ଦଶା ହେବ କି ନାହିଁ ? ମନୁଷ୍ୟ କହିଲା, ନିଜେ ମୁଁ ଯନ୍ତ୍ରଣା ଭୋଗୁଚି। ନିଜେ କିପରି ସେଥିରୁ ପାର ପାଇବି ସେ କଥା ଭାବିବି ନା ଅନ୍ୟମାନଙ୍କ କଥା ଭାବିବି ? ଭୂତାଣୁ ହସିଲା। କହିଲା, ତୁମେମାନେ କୁଆଡ଼େ ଦୁନିଆର ଶ୍ରେଷ୍ଠ ଜୀବ। କେମିତି ହେଇପାରୁଛ ଏତେ ସ୍ୱାର୍ଥପର ? ତୁମମାନଙ୍କର ଏହି ସମୂହ ସ୍ୱାର୍ଥପରତା ପାଇଁ ବିଶ୍ୱ ଆଜି ବିପନ୍ନ। ତୁମେମାନେ ଚାହଁ, କେବଳ ତୁମେମାନେ ବଞ୍ଚି ରହିବ। ଅନ୍ୟ ପ୍ରାଣୀମାନଙ୍କ ଜୀବନ ବିନିମୟରେ ବି। ଏଭଳି କୁତ୍ସିତ ମନୋଭାବ ପାଇଁ ଏବେ ତୁମେ ମୃତ୍ୟୁଦଣ୍ଡ ପାଇବ। ମୁଁ କିଛି ବର୍ଷ ପାଇଁ ମୋ ସଂହାର ଲୀଳା ଦେଖାଇବି।

ସେ ମନୁଷ୍ୟଟି ମାତ୍ର ଦୁଇଦିନ ପରେ ମରିଗଲା। ତା'ର ମୃତ୍ୟୁ କୋକୁଆ ଭୟ ଖେଳାଇ ଦେଲା ମନୁଷ୍ୟ ଜଗତରେ। ପ୍ରଚାର ହେଲା, ଭୂତାଣୁ ମାତିଛି। କେହି କାହାକୁ ଛୁଅଁ ନାହିଁ। ସମସ୍ତେ ସମସ୍ତଙ୍କଠାରୁ ତିନି ହାତ ଦୂରରେ ରୁହ। ନାକ, ପାଟିରେ ତୁଣ୍ଡି ବାନ୍ଧ। ଶାକାହାରୀ ହୁଅ। ନଚେତ୍ ମୃତ୍ୟୁ ସୁନିଶ୍ଚିତ।

ଏମିତି ବିତିଗଲା ପାଞ୍ଚ ବର୍ଷ। ସମସ୍ତ ସତର୍କତା ସତ୍ତ୍ୱେ ବି ପ୍ରତି ମୁହୂର୍ତ୍ତରେ ମନୁଷ୍ୟ ସମାଜରେ ଶୁଣାଗଲା ଖାଲି 'ରାମ୍ ନାମ୍ ସତ୍ୟ ହେ ସ୍ୱର। ଏକ ବି କୁଆଁ କୁଆଁ ସ୍ୱର ନାହିଁ।'

ଏବେ ମନୁଷ୍ୟକୁ ଛାଡି ଅନ୍ୟ ପ୍ରାଣୀ ଜଗତ ଟିକିଏ ଆଶ୍ୱସ୍ତ। ପତଳା ହୋଇଯାଇଛି ମନୁଷ୍ୟ ସମାଜ। ପୃଥିବୀ ଶାନ୍ତି, ଅନ୍ତରୀକ୍ଷ ଶାନ୍ତି, ସର୍ବ ଶାନ୍ତି। ଭୂତାଣୁ ବିଦାୟ ନେଇଛି। କିନ୍ତୁ ବିଦାୟ ବେଳାରେ ଏକ ସତର୍କବାଣୀ ଶୁଣାଇ ଯାଇଛି। ହେ ମନୁଷ୍ୟମାନେ, ଆଶା, ଏଥର ଠିକ୍ ଭାବେ ଚଳିବ ଓ ଅନ୍ୟକୁ ଚଳେଇବ। ନିଜେ ବଞ୍ଚ, ଅନ୍ୟକୁ ବି ବଞ୍ଚିବାକୁ ଦିଅ। ମୋତେ ଯେପରି ତୁମମାନଙ୍କ ଦେହରେ ଆଉ ଥରେ ପ୍ରବେଶ କରିବାକୁ ନ ପଡୁ। ଓଁ ଈଶାବାସ୍ୟମ୍ ଇଦଂ ସର୍ବଂ - ତେନ ତ୍ୟକ୍ତେନ ଭୁଞ୍ଜିଥା।

□□

ଲେଖକଙ୍କ ଇ-ମେଲ୍ ଠିକଣା:
sushilnanda06@gmail.com

ଅନୁଭୂତି

# 'ବଫାଲୋ' ଶବ୍ଦର ବନାନ ଓ ବି.ଏ. ପାସ୍



ଅଚ୍ୟୁତାନନ୍ଦ ପତି

ମୋ ଜୀବନବସ୍ତାନିର ଗଣ୍ଠିପକା ଡୋରକୁ ଖୋଲି, ବସ୍ତାନିକୁ ଖେଳାଇଲେ, ସେଥିରୁ ବାହାରିବ ଥାକମରା କଥାରୁ ଫର୍ଦ୍ଦ ପରେ ଫର୍ଦ୍ଦ। ସେଥିରେ ଥିବ, ହସଖୁସିର ମିଠା ମିଠା ଘଟଣା; ଲୁହର ଲୁଣିଆ ଲୁଣିଆ କାହାଣୀ; ରାଗ ରାଗୁଆ ରୋଷର ମୁଥାମୁଥିର କଥା; ଅପମାନ, ଅପବାଦର ପିତାପିତା ବାର୍ତ୍ତା।

ମୋର ଲଲାଟ ଲିଖନ, ମୁଁ ଯେଉଁ କାମରେ ହାତଦେଲେ, କିଛି ଗୋଟେ 'କେଁ' ମତେ ଅବଶ୍ୟ ଆସି କାମୁଡ଼ିବ। ମୋ ଜୀବନଜାତକର ଦୁଷ୍ଟ ଗ୍ରହମାନେ 'କୂଟ' କରି ମତେ ହଲାପଟା କରିବାକୁ ଯେମିତି ଟାକିକି ବସିଛନ୍ତି। ତାଙ୍କ ମର୍ଜିରେ ମତେ ନଚାଇ ନଚାଇ କଚାଡି ପକାଇବାକୁ ଢୋଲକି ପିଟୁଛନ୍ତି। କିନ୍ତୁ ତାଙ୍କର ଢୋଲକି ଫାଟି ଯାଇଛି, ମୋ ଘୁଙ୍ଗୁର ଥକି ପଡ଼ିନି। ଅବଶ୍ୟ ମୋ କପାଳରୁ ବହୁତ ଝାଳ ଝରାଇଛି।




ଆଜି ମୋର ସତାନବେ ବୟସରେ ମୋ ଜୀବନ 'ବିଅଁ'ରେ କାହାଣୀ ବୁଣା ହେଇ ଚାଲିଛି। ନୂଆ ନୂଆ 'ଜୁଅ' ବି ପଡୁଛି।

**ସମୟର ପରାକ୍ରମ**

ସମୟ ତା'ର ପରାକ୍ରମର କ୍ରମରେ କ୍ରମେ କ୍ରମେ ମତେ କାବୁ କରି ଅକାମୀ କରିଦେବାକୁ କାରବାର କରିଚାଲିଛି। ମୋ ଉପରେ ବୟସ, ବ୍ୟାଧି ବେଦନାର ବାଧା ବସୁଛି। ଏ ସବୁ ସମୟର କଷଣ। ଅସୁବିଧାର ଧକ୍କା ଖାଇ ମୁଁ ଧୂଳି ଚାଟି ଧକେଇନି। ଧୈର୍ଯ୍ୟର ଲାଠିଧରି ମୁଁ ଠିଆ ହେଇଚି। ସମୟ ଓ ଧୈର୍ଯ୍ୟ ଦୁଇ ଯୋଦ୍ଧା। ସେମାନଙ୍କ ଯୁଦ୍ଧ ସବୁବେଳେ ଚାଲେ।

କିନ୍ତୁ ଗୋଟେ 'କିନ୍ତୁ' ମତେ ଚିନ୍ତାଉଛି। ଉପରେ ମୋର ନିଜର ସାଜି, ନିଘନ ହେଇ, ମୋ ଜୟଜୟର କୁବଜି ବଜାଇ, ମତଲବୀ 'ମୋର'ମାନେ ପଛ ଆଡୁ ମୋ କଛା ଟାଣୁଛନ୍ତି। ମୋର ବୃଦ୍ଧ ହେବାରେ ଦୁଃଖ ନାହିଁ, କିନ୍ତୁ ବୃଦ୍ଧରେ ପରିଣତ କରାଇ ଦୁଃଖ ଦେବାରେ ମୁଁ ଦୁଃଖିତ।

କଥା କ'ଣ କି, ମୋ କଥା ଭାବିଲେ, ମୋ ଭିତରେ ଭର୍ତ୍ତି ହୋଇଥିବା ଅତୀତ ଗୁଡ଼ାକ ଆପେ ଆପେ ବାହାରି ଆସୁଛନ୍ତି। ଛାଡ଼, ଏବେ ମୁଁ ଯେଉଁ ଜୀବନ ଗପଟା ଗପିବି, ସେଥିରେ ରୋଷ ଅଛି, ପ୍ରୟାସ ଅଛି, ପ୍ରାପ୍ତି ଅଛି।

ମୁଁ ବଲାଙ୍ଗୀର ରାଜେନ୍ଦ୍ର କଲେଜରୁ ଆଇ.ଏ. ପାସ୍ କରି ଖଡ଼ିଆଳ ଅଞ୍ଚଳରେ ଚାକିରି କଲି। ସେଠୁ ମତେ ଯାଜପୁରକୁ ଅଣାହେଲା। ମୋର ପଢ଼ିବା, ଖଡ଼ିଆଳରେ ରହିବା ପଛରେ ବହୁତ ସଜାଦାର, ମଜାଦାର କାହାଣୀ ଅଛି। ଜଣେ କିଏ କହିଥିଲେ, ଜୀବନର ପ୍ରତି ପଦପାତରେ ଗୋଟାଏ କାହାଣୀ ଥାଏ।

ଖଡ଼ିଆଳରୁ ଆସି ଶଙ୍ଖଚିଲା ମାଇନର ସ୍କୁଲରେ ହେଡ୍‌ମାଷ୍ଟର ହେଇ ରହିଲି। ସେଠି ବି ଗୋଟେ ଥିଏଟର ପାର୍ଟି କରି ଥିଏଟର କରିବା ଆରମ୍ଭ କରିଦେଲି। ବାବାଜି ପୃଷ୍ଟି ନାମରେ ଜଣେ ନାମକରା ସଙ୍ଗୀତଜ୍ଞ ସେଠିଥିଲେ। ସେ ବହୁତ କଥା। ହଁ, ଶଙ୍ଖଚିଲା ସ୍କୁଲରେ ଥାଏ। ଅବିଭକ୍ତ କଟକ ଜିଲ୍ଲାର ଡି.ଆଇ. (ଡିଷ୍ଟ୍ରିକ୍ଟ ଇନ୍ସପେକ୍ଟର) ସ୍କୁଲ ପରିଦର୍ଶନରେ ଆସିଲେ। ସେ ବୋଧହୁଏ ମତେ ଜାଣିଥିଲେ। ସେ ସ୍ୱତଃପ୍ରବୃତ୍ତ ହେଇ ମତେ କହିଲେ, "ତୁମେ ପିଲାଲୋକ, କାହିଁକି ଘରୋଇ

ସ୍କୁଲରେ ରହିବ, ତୁମର ଭବିଷ୍ୟତ ଅଛି, ମୁଁ ତୁମକୁ ଏକ ସରକାରୀ ସ୍କୁଲରେ ନିଯୁକ୍ତି ଦେଉଛି।”

ମୁଁ ନିଯୁକ୍ତିପତ୍ର ପାଇ, ଶଙ୍ଖଚିଲାରୁ ଚାକିରି ଛାଡ଼ି ଯାଜପୁର ରୋଡ୍‌କୁ ଆସିଲି। ସେଠୁ ଟ୍ରେନ୍‌ରେ କଟକ ପାଇଁ, ମୋ ଚାକିରି କ୍ଷେତ୍ରକୁ ଯିବି।

**ନେପାଳୀ ବାବା**

ସେତିକିବେଳେ ‘କେଁ’ ଆସିଲା, ନେପାଳୀ ବାବା ନାମରେ ଜଣେ ପିଲା ହୁକୁମ ଦେଉଥାନ୍ତି। ସେ କାଳେ ଛୁଇଁଦେଲେ ବଡ଼ ବଡ଼ ରୋଗ ଭଲ ହେଉଥାଏ ବୋଲି ଚାରିଆଡ଼େ ଚହଳ ପଡ଼ିଥାଏ। କେବଳ ଓଡ଼ିଶାରେ ନୁହଁ, ବିହାର, ବଙ୍ଗଳାଦେଶରୁ ଲୋକ ଛୁଟୁଥାନ୍ତି। ଗାଡ଼ିରେ ପିମ୍ପୁଡ଼ିଟେ ପକାଇବାକୁ ଜାଗା ନାହିଁ। ମୁଁ ଆଠଦିନ ଚେଷ୍ଟା କଲି, ଗାଡ଼ିରେ ଉଠିପାରିଲିନି। ଯାଜପୁର ରୋଡ଼ ଏନ୍.ସି. ହାଇସ୍କୁଲରେ କେ.ବି ପଟ୍ଟନାୟକ ପ୍ରଧାନଶିକ୍ଷକ ଥା’ନ୍ତି। ଯାଜପୁର ହାଇସ୍କୁଲରେ ମୁଁ ପଢ଼ିଲାବେଳେ ସେ ମୋ ଶିକ୍ଷକ ଥିଲେ। ସେ ମତେ ତାଙ୍କ ସ୍କୁଲରେ ରହିଯିବାକୁ କହିଲେ। ମୁଁ ଯାଜପୁର ରୋଡ୍ ହାଇସ୍କୁଲରେ ରହିଗଲି। ପ୍ରାୟ ୧୯୫୦ ମସିହାର କଥା। ଦରମା ଦେଲେ ମାସକୁ ୭୦ ଟଙ୍କା। ଭାଗ୍ୟ ଯେଉଁଠି ପହଞ୍ଚିବା କଥା, ସେଇଠି ଓହ୍ଲାଇଦିଏ। ବେସରକାରୀ ସ୍କୁଲ ଛାଡ଼ି ସରକାରୀ ସ୍କୁଲକୁ ଯାଉଥିଲି, ପୁଣି ବେସରକାରୀ ସ୍କୁଲରେ ଚାକିରି କରିବାକୁ ବାଧ୍ୟ ହେଲି।

**ଯାହା ଜଣାଯାଉଥିଲା ଇଂରାଜୀରେ ‘ବଫାଲୋ’ ଶବ୍ଦଟିର ଠିକ୍ ବନାନ ସେ ମହାଶୟ ନିଜେ ଜାଣି ନ ଥିଲେ।**

ମୁଁ ହିନ୍ଦୀରେ କେତେଟା ପରୀକ୍ଷା ଦେଇ ଓଡ଼ିଶାରେ ପ୍ରଥମ ହେଇ ପାସ୍ କରିଥିଲି। ସଂସ୍କୃତରେ ମେଟ୍ରିକରେ ୯୦ ଉପରେ ନମ୍ବର ରଖିଥିଲି। ଆମ ଘର ଆଗରେ ସଂସ୍କୃତ ପଣ୍ଡିତଙ୍କ ଘର ଥିଲା। ନାଆଁ ଜନାର୍ଦ୍ଦନ ଦାଶ। ସେ ଜଣେ ମହାପଣ୍ଡିତ ଥିଲେ। ଯାଜପୁର କ୍ଷେତ୍ର ମାହାତ୍ମ୍ୟକୁ ସେ ପଦ୍ୟରେ ଲେଖିଥିଲେ। ସେ ମୋର ସଂସ୍କୃତ ଶିଖିବାକୁ ବିଶେଷ ଧ୍ୟାନ ଦେଉଥିଲେ। ଆଇ.ଏ.ରେ ମୁଁ ସଂସ୍କୃତ ବିଷୟ ନେଇଥିଲି।

**ବଫାଲୋ ପ୍ରକରଣ**

ଅଷ୍ଟମ ଓ ନବମ ଶ୍ରେଣୀରେ ମତେ ପ୍ରଥମେ ହିନ୍ଦୀ ଓ ସଂସ୍କୃତ ପଢ଼ାଇବାକୁ ଦିଆଗଲା। ମୁଁ ଅଷ୍ଟମ ଶ୍ରେଣୀରେ ହିନ୍ଦୀ ପଢ଼ାଉଥିଲି। ଇନ୍ସପେକ୍ଟର ସ୍କୁଲ ଦର୍ଶନରେ ଆସିଥାନ୍ତି। ସେ ଜଣେ ବିଲାତ ଫେରନ୍ତା ଥିଲେ। ସେ ମୋ କ୍ଲାସ୍‌କୁ ପଶି ଆସିଲେ। ପଢ଼ାଉଥିବା ବିଷୟରେ ‘ଭୈଷାଁ’ ବୋଲି ଗୋଟେ ଶବ୍ଦ ଥିଲା। ଇନ୍ସପେକ୍ଟର ପିଲାଙ୍କୁ ଭୈଷାଁ ଶବ୍ଦର ଓଡ଼ିଆ ପଚାରିଲେ। ଛାତ୍ରମାନେ ‘ମଇଁଷି’ ବୋଲି କହିଲେ। ମଇଁଷିର ଇଂରେଜୀ କ’ଣ ବୋଲି ପଚାରିଲେ। ସେହି ଶ୍ରେଣୀରେ ଆଗରୁ କିଏ କ’ଣ ପଢ଼ାଉଥିଲେ ଯେ ସେଦିନ ବ୍ଲାକବୋର୍ଡରେ ଇଂରାଜୀରେ ‘ବଫାଲୋ’ ବୋଲି ଲେଖା ହୋଇଥିଲା। ମୁଁ ବ୍ଲାକବୋର୍ଡ ଆଡ଼କୁ ଆଖି ମାରିଦେଲି। ସେ ପ୍ରତି ଛାତ୍ରକୁ ‘ବଫାଲୋ’ର ବନାନ୍ ପଚାରିଲେ। ପିଲାଏ ଠିକ୍ ଠିକ୍ କହିଲେ। ଯାହା ଜଣାଯାଉଥିଲା ଇଂରାଜୀରେ ‘ବଫାଲୋ’ ଶବ୍ଦଟିର ଠିକ୍ ବନାନ ସେ ମହାଶୟ ନିଜେ ଜାଣି ନ ଥିଲେ। ସେ ‘ଉହୁଁ’ ହେଇ ପିଲାଙ୍କୁ ପଚାରି ଚାଲିଥିଲେ। ତା’ପରେ ମୋତେ ବନାନ୍ ପଚାରିଲେ। ମୁଁ ବିଗିଡ଼ି ଯାଇଥିଲି। ମୁଁ କହିଲି, “ମାଇ ବଏଜ୍ ଆର୍ କରେକ୍ଟ, ଇଂଲିଶ ଡିକ୍ସନାରୀ ଅନୁସାରେ ମୋ ପିଲାମାନେ ଠିକ୍ କହିଛନ୍ତି।” କ’ଣ ତାଙ୍କର ଧାରଣା ହେଲା କେଜାଣି ସେ ତମ ତମ ହୋଇ କ୍ଲାସ୍‌ରୁ ଆସି ଅଫିସରେ ବସିଗଲେ। ମୁଁ ଗୋଟାଏ ଇଂରେଜୀ ଡିକ୍ସନାରୀ ଧରି ଅଫିସରେ ପଶିବା ଆଗରୁ ହେଡମାଷ୍ଟର ମୋତେ ଫେରାଇଦେଲେ। ବୋଧହୁଏ ସେ ଅଫିସରେ ଇନ୍ସପେକ୍ଟରଙ୍କ ଅପମାନ ଚାହୁଁ ନ ଥିଲେ। ମୁଁ ପଢ଼ିଥିବା କଥାକୁ ମନେ ପକାଉଥିଲି, ଯିଏ ମନର ଭାବନାକୁ ବ୍ୟକ୍ତ କରିବାକୁ ସାହସ କରି ନ ପାରେ ତାହା ହିଁ ତା’ର ଦାସତ୍ୱ।

ଇନ୍ସପେକ୍ଟରଙ୍କ ରିପୋର୍ଟ ଆସିଲା। ସେଥିରେ ଲେଖାଥିଲା ଏ ସ୍କୁଲରେ ଆଇ.ଏ. ଶିକ୍ଷକଙ୍କ ଜାଗାରେ ଜଣେ ଟ୍ରେନ୍‌ଡ଼ ଶିକ୍ଷକଙ୍କୁ ରଖାଯାଉ।

ମୁଁ ଭାରି ଜିଦ୍‌ଖୋର। ମୁଁ ଠିକ୍ କଲି, ଆର ଇନ୍‌ସ୍‌ପେକ୍‌ସନ ବେଳକୁ ମୁଁ ନ ଥିବି। ଠିକ୍ କରି ନେଲି ବି.ଏ. ପରୀକ୍ଷା ଦେବି। ୟୁନିଭରସିଟିକୁ ଯାଇ ଫର୍ମ ପକାଇଲି, ଫିସ୍ ବି ଦାଖଲ କରିଦେଲି। ପରୀକ୍ଷା ମୋଟେ ମାସେ, ଦେଢ଼ମାସ ଅଛି। କ’ଣ କରିବି ? ମନକୁ ମୁଁ ଥାପୁଡ଼େଇ ଦେଲି। ଜୀବନର ସାରାଂଶ ହେଉଛି ଦୁଇଟି ଶବ୍ଦ- ବହିଚାଲ, କିଏ କହିଥିଲେ, ‘ମୁଁ

ମାର୍ବଲ, ମୁଁ ହିଁ ମୂର୍ତ୍ତିକାର।' ମତେ ନିହାଣ ଧରିବାକୁ ପଡ଼ିବ, ପଢ଼ିଥିଲି, ସମସ୍ତଙ୍କ ଭିତରେ ସୁନାଖଣି ଅଛି, ମତେ ଖୋଳିବାକୁ ପଡ଼ିବ। ମୁଁ ମନକୁ ସଜାଡ଼ି ଭିଡ଼ିଗଲି।

ମୋର ଯାଜପୁରର ଶିକ୍ଷକ ବଲ୍ଲଭ ପଣ୍ଡା ଥିଲେ। ଶୁଣିଲି ତାଙ୍କ ପୁଅ ଗୋବିନ୍ଦ ପଣ୍ଡା ବି.ଏ. ପରୀକ୍ଷା ଦେଉଛନ୍ତି। ସେ ପରେ ଯାଜପୁରରେ ଜଣେ ବଡ଼ ଓକିଲ ହେଲେ। ସେ ଚାଲିଗଲେଣି। ଗୋବିନ୍ଦ ମୋର ଗୁରୁଙ୍କ ପୁଅ ହିସାବରେ ମୋର ହିସାବରେ ଭାଇ ଥିଲେ। ସେ ମୋତେ ଭରସା ଦେଲା। ସେ ଓଡ଼ିଆରେ ଅନର୍ସ ନେଇ ବି.ଏ. ପରୀକ୍ଷା ଦେଇଥିଲା। ଇଂରେଜୀରେ ପାସ୍ କରିବି ବୋଲି ଭରସା ଥିଲା। ସେତେବେଳେ ଇତିହାସ, ଭୂଗୋଳ, ଇଂରେଜୀ ସହିତ ମେଟ୍ରିକରେ ପଢ଼ାଯାଉଥିଲା ଇତିହାସ। ଏଲ୍. ମୁଖାର୍ଜୀଙ୍କ ଇତିହାସ ପଢ଼ିଥିଲି। ହେଡମାଷ୍ଟର ବାବୁ ମେଟ୍ରିକରେ ପଢ଼ାଉଥିଲେ। ସେ ମତେ କିଛି ଉପଦେଶ ଦେଲେ, ଏଣୁ ତେଣୁ ଯାହା ଲେଖୁଛ ଲେଖ, କିନ୍ତୁ ପରୀକ୍ଷାରେ ଖାତା ପୂରେଇକି ଲେଖିବ।

**ଏଣୁ ତେଣୁ ଯାହା ଲେଖୁଛ ଲେଖ, କିନ୍ତୁ ପରୀକ୍ଷାରେ ଖାତା ପୂରେଇକି ଲେଖିବ।**

ଆତ୍ମବିଶ୍ୱାସ ନେଇ ମୁଁ ପରୀକ୍ଷାରେ ବସିଲି।

ମୁଁ ଯାଜପୁର ରୋଡ୍‌ରେ ଥାଏ। ଶନିବାର ଦିନ ଘରକୁ ଆସେ। ସୋମବାର ସକାଳୁ ଯାଇଁ ସ୍କୁଲ କରେ।

ବାଟରେ ଯାଉ ଯାଉ ଶୁଣିଲି ବି.ଏ.ର ରେଜଲ୍ଟ ବାହାରିଛି। ଖବରକାଗଜଟା ଦେଖିବି କି ନାହିଁ, କେମିତି ଭୟ ଭୟ ଲାଗୁଥିଲା। ମୁଁ ଖବରକାଗଜଟା ଖୋଲିଲି, ଇଉରେକା, ମୁଁ ପାସ୍ କରିଛି। ସ୍କୁଲକୁ ଯାଇ ହେଡ୍‌ମାଷ୍ଟରଙ୍କୁ ଖବରଟା କହିଲି। ଘରକୁ ଯିବି ବୋଲି କହିବାରୁ ସେ ରାଜିହେଲେ। ଯାଜପୁର ରୋଡ୍‌ରେ ଭଲ ମାଛ ମିଳେ। ମୁଁ ଗୋଟେ ବଡ଼ ମାଛ ଧରି ଘରମୁହାଁ ହେଲି।

ମତେ ଫେରିବା ଦେଖି ସ୍ତ୍ରୀ କ'ଣ ବୋଲି କ'ଣ ଭାବିଲେ। କିଛି ଅଘଟଣ ହେଲା କି?

ଆସିକି ଖଟ ଉପରେ ଲଥକିନା ଶୋଇ ପଡ଼ିଲି। ସ୍ତ୍ରୀ ବ୍ୟସ୍ତ ହେଇ ଉଠିଲେ। ଦେହ ହାତରେ ହାତ ବୁଲାଇଲେ। ଦେହ ଠିକ୍ ଅଛି ତ?

ମୁଁ କହିଲି, ମାଛଟାକୁ ମୁଁ କାଟି ଦେଉଛି (ସେତେବେଳେ ମାଛବାଲା ମାଛ କାଟିଦେଉ ନ ଥିଲେ)। ତୁମେ ଶୀଘ୍ର ଖାଇବାର ବ୍ୟବସ୍ଥା କର। କ'ଣ ହେଇଛି ମୁଁ କହିବି।

ସେ ଚେଁ, ଚାଁ କରି ଯେତେବେଳେ ମାଛ ଭାଜୁଥିଲେ, ମୁଁ ଗରମ ତାୱା ଉପରୁ ମାଛ ଖଣ୍ଡିଏ ଆଣି, ସେଥିରୁ ଅଳ୍ପ ଛିଣ୍ଡାଇ ତାଙ୍କ ପାଟିରେ ଗୁଞ୍ଜି ଦେଲି ଏବଂ ଅଳପ ହସି କହିଲି, "ମୁଁ ବି.ଏ ପାସ୍ କରିଛି।"

□□

ଲେଖକଙ୍କ ଇ-ମେଲ୍ ଠିକଣା:
utpalpati@gmail.com

ଏକ ନୂଆ ପ୍ରୟାସ...
AMESABU
ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ ଆମେସବୁ ପ୍ଲାଟଫର୍ମରେ
WE ALL. FOR ALL.
ଆମେସବୁ
ANDROID APP ON Google Play
@ amesabu



ପ୍ରବନ୍ଧ

# କବିତାରେ କରୋନାର ମୁଦ୍ରାଙ୍କ

ଡ. ବାସୁଦେବ ଦାସ

ସାମ୍ପ୍ରତିକ ଓଡ଼ିଆ ସାହିତ୍ୟ, ଓଡ଼ିଆ ସାରସ୍ୱତ ସାଧକଙ୍କ ଲେଖନୀରେ ସମୃଦ୍ଧ। ନାନା ପରୀକ୍ଷାନିରୀକ୍ଷା ଦେଇ କବିତା, ଗଳ୍ପ, ଉପନ୍ୟାସ, ନାଟକ, ଶିଶୁ କିଶୋର ସାହିତ୍ୟ ଆଦିରେ ନୂତନ ଦିଶା ରେଖାପାତ କରିଛନ୍ତି। ବିଶେଷକରି ସାମ୍ପ୍ରତିକ ସମୟର ପ୍ରାରମ୍ଭ ଭାବରେ ନବେ ଦଶକକୁ ଗ୍ରହଣ କରିବାକୁ ହୁଏ, କାରଣ ସାମାଜିକ ଓ ଆର୍ଥନୀତିକ ପରିବର୍ତ୍ତନ ଏହି ସମୟରୁ ହିଁ ଆରମ୍ଭ। ୧୯୯୦-୯୧ରେ ସୋଭିଏତ ରୁଷରେ ଗ୍ଲାସନସ୍ତ - ପେରିସ୍ତ୍ରୋଇକାର ସୂତ୍ରପାତ ହେବାରୁ ବିଶ୍ୱରେ ତା'ର ପ୍ରଭାବ ପଡ଼ିଲା ଏବଂ ଅନ୍ୟପକ୍ଷରେ ଡଙ୍କେଲ ଚୁକ୍ତି ଭାରତର ପ୍ରଧାନମନ୍ତ୍ରୀ ନରସିଂହା ରାଓ ଦସ୍ତଖତ କରି ଆମନ୍ତ୍ରଣ କରନ୍ତି ବୈଶ୍ୱାୟନ ବା ଘରୋଇକରଣ; ଯାହାକି ବହୁରାଷ୍ଟ୍ରୀୟ ଶୋଷଣର କାରଣ ରୂପେ ସମାଜକୁ ବେଦନାର୍ତ୍ତ କରିଛି। ଭାରତୀୟ ସଂସ୍କୃତି 'ୟୁଜ୍ ଆଣ୍ଡ ଥ୍ରୋ'ରେ ବିଶ୍ୱାସ ରଖେନାହିଁ ବରଂ ତାହାର ମୂଳକେନ୍ଦ୍ର 'ୟୁଜ୍ ଆଣ୍ଡ ଗ୍ରୋ', ଯାହାର ବ୍ୟବହାର ମଣିଷକୁ ଏକ ବିକଶିତ ସ୍ତରକୁ ଉନ୍ନୀତ କରିପାରିବ।



**ସହିବାପଣରେ ଘାସ**

ଓଡ଼ିଶା ମାଟିରେ ବହୁ ପ୍ରାକୃତିକ ବିପର୍ଯ୍ୟୟ ଘଟିଥିଲେ ମଧ କଷଣ ସହିବା ପଣରେ ସେ 'ଘାସ' ପରି ସହିଯାଏ। ମାତ୍ର ୧୯୯୯ର ମହାବାତ୍ୟା ଧ୍ୱଂସର ତାଣ୍ଡବ ଲୀଳା କରିଥିଲେ ସୁଦ୍ଧା ନୂତନ ନିର୍ମାଣର ସୂତ୍ର ବଢ଼ାଇ ଦେଇଛି।

ସାମାଜିକ ଘଟନା ଓ ସ୍ଥିତି-ସ୍ଥାପତ୍ୟ କବିତା ବା ସାହିତ୍ୟର ଉପାଦାନ। ସମଗ୍ର ବିଶ୍ୱରେ ମୃତ୍ୟୁର ତାଣ୍ଡବକୁ କବି ବିଚାର କରି ବିବ୍ରତ ହୋଇପଡ଼ିଛି। ପ୍ରତ୍ୟେକ ଭାଷା-ସାହିତ୍ୟରେ ଓ ଦେଶରେ କବିର ଲେଖନୀ ଚେଇଁ ଉଠିଛି। ତା'ର ପ୍ରତିକାର ଓ ପ୍ରତିରୋଧ ନିମନ୍ତେ ଆହ୍ୱାନ ଦେବା ସହିତ ତାର ଚିତ୍ର ଅଙ୍କନ କରିବାରେ ଫୁଟି ଉଠିଛି ଶବ୍ଦଶିଳ୍ପ। କେବଳ କବିତା ନୁହେଁ, ୨୦୨୦ରୁ ୨୦୨୨ ଅଢ଼େଇ ବର୍ଷ ମଧ୍ୟରେ ଅଗଣିତ ଶିଳ୍ପ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିପାରିଛି। ମା' ଉପନ୍ୟାସିକାରେ ଡ. ସୁଲୋଚନା ଦାସଙ୍କର ମା'ର କାରୁଣ୍ୟ ମଥିତ ସ୍ୱର ବଡ଼ ହୃଦୟବିଦାରକ। ଯଦିଚ ସମସ୍ତ ଲେଖକ ପୁସ୍ତକ ପ୍ରକାଶ କରିପାରି ନାହାନ୍ତି, ତଥାପି ବହୁ ପତ୍ରପତ୍ରିକାରେ ରାଶିରାଶି କବିତା ଲେଖକର ଦୃଷ୍ଟିଗୋଚର ହୋଇଅଛି। ମାନସ ପଣ୍ଡାଙ୍କ 'କରୋନାର ଦୁଇଟି ସ୍କେଚ୍ ଗଳ୍ପ' ହୃଦୟସ୍ପର୍ଶୀ ହୋଇପାରିଛି। ଓଡ଼ିଆ ଭାଷା ସାହିତ୍ୟ କାହିଁକି, ବିଶ୍ୱର ଅନେକ ସାହିତ୍ୟ ଭିତରକୁ ହଠାତ୍ ପଶ୍ଚିମା ପବନ ପଶି ଆସିଲା। କୋହଲା ପାଗ, ଥୁରୁଥୁରୁ ଛାତି। ଅବରୁଦ୍ଧ ନିଃଶ୍ୱାସ, ପାଣିଚିଆ ବିଶ୍ୱାସ, ଲୋକ-ଲୋକଠୁଁ ଦୂରେଇଯିବା, ଏକାଘରେ ରହି କ୍ୱାରେଣ୍ଟାଇନ୍, ଯା' ଭିତରେ ଅନେକ ମାସ ତାଲାବନ୍ଦର ଦୃଶ୍ୟ କବିପ୍ରାଣରେ ବଞ୍ଚିବା-ମରିବାର ଅବିଶ୍ୱାସର ଢେଉ ଖେଳାଇଦେଲା। ଯାହା ଖବର ନ ହୋଇ 'ଅଖବର' କବିତାରେ ପ୍ରକାଶ କରିଛନ୍ତି। ଯେଉଁ ଖବର ଅଶ୍ରାବ୍ୟ, ଅଗ୍ରହଣୀୟ ଅଥଚ ଅଦ୍ଭୁତ, ପ୍ରାଣାନ୍ତକ ଯନ୍ତ୍ରଣାର କାରଣ ତାକୁ କି ଖବର କୁହାଯାଏ ? କବି ପ୍ରଣବ ପ୍ରକାଶ ନାୟକ (ଶୈଳଜା-୨୦୨୦) ସରକାର ତୁଣ୍ଡି ଲଗାଇଲେ, ହାତ ଧୁଆଇଲେ, ସଙ୍ଗରୋଧ କଲେ... ତଥାପି :

"ମୋତେ ଛାଡୁନି ନିଆଁଲଗା ଶର୍ଦ୍ଦି, ସାରାରାତି କାଶ, କଉ ଏମିତି ପ୍ରାଣ ଛାଡ଼ିଯାଉଥିଲା, ଯା' ପଞ୍ଚାୟତ ଘର ପଳା...

ନାଇଁ ଆମର କିଛି ଲୋଡ଼ା ନାହିଁ, ବଞ୍ଚି ରହିବା ହିଁ ଏକମାତ୍ର ବାସନା ଏକମାତ୍ର ସାବିତ୍ରୀ ବ୍ରତ।" ମଣିଷକୁ କେତେ ଠାଁ ଉଠାପକା ହେବାକୁ ଏ ରୋଗ ବା ଚିକିତ୍ସା ପଦ୍ଧତି ବାଧକରେ ତାହା ଦେଖନ୍ତୁ -

ପୋଖରୀ ପାଣି ଯାଇଥିଲା ସନାମା'
ଅତୁଠ ଶିଉଳିରେ ଖସିଗଲା ଗୋଡ଼
ନ ଫେରିଲା ଚେତା,
ଫେରେଇ ଦେଲା ହାଟଗାଁ ଡାକ୍ତରଖାନା
ସେଇଠୁ କଟକ, ସେଇଠୁ ଭୁବନେଶ୍ୱର
ଏ ମେଡ଼ିକାଲରୁ ସେ ମେଡ଼ିକାଲ
ହେଲା ବାର ଦୁଆର ଶୁଣିପିଣ୍ଡା
ଛୁଇଁଲେନି କେହି ଗାଡ଼ିରେ ଗାଡ଼ିରେ ଘଟ ଛୁଟିଲା।"

କରୋନା ଏକ ପାରିବାରିକ ତଥା ପର୍ଯ୍ୟାବରଣର ଅନ୍ତର୍ଭୁକ୍ତ ରୋଗ। ଟିକିଏ ଅମ୍ଳଜାନର ଅଭାବରେ ଉଡ଼ିଯାଉଛି ପ୍ରାଣବାୟୁ। କୌଣସି ଡାକ୍ତର କି ବଡ଼ ଚିକିତ୍ସାଳୟ ନେଇ କୋଟି କୋଟି ଖର୍ଚ୍ଚ କରି କେହି ଫେରିପାଇଲେ ନାହିଁ ଫୁଣ୍ଟାଏ ଜୀବନ।

**ମଣିଷର ଦେଶ, ଜାତି, ଧର୍ମ ଏ ସବୁ ବିଲୀନ ହୋଇଯାଇଛି ଗୋଟାଏ ଆହ୍ୱାନରେ: ବଞ୍ଚି ରହିବାଠାରୁ ବଡ଼ ଧର୍ମ ନାହିଁ।**

ଏ କଥା ସତ୍ୟ, ଉତ୍ତର ଉପନିବେଶବାଦ ପରିବେଶ ବୋଧଭିତ୍ତିକ ସାହିତ୍ୟକୁ ଜନ୍ମ ଦେଇଛି। ପରିବେଶର ସବୁଜିମା, କ୍ଷେତର ଫସଲ, ଋତୁଚକ୍ରର ସ୍ପର୍ଶହୀନତା ସାଙ୍ଗକୁ ଅଗଣିତ ବୃକ୍ଷ ଛେଦନ କରିବା ହେତୁ ବିଶ୍ୱ ପର୍ଯ୍ୟାବରଣରୁ ଉତ୍ପନ୍ନ ହୋଇଛି ଅମ୍ଳଜାନଜନିତ ସଙ୍କଟ ଓ ରୌଦ୍ରତାପର ପ୍ରଖର ତୀରବିଦ୍ଧତା। ଏହି ପରିପ୍ରେକ୍ଷୀରେ ଓଡ଼ିଆ କବିତା ୧୯୯୯ ପରଠାରୁ ତା'ର ଚରିତ୍ର ଓ ସଂଜ୍ଞା ବଦଳାଇଛି। ସେହି ଛାଞ୍ଚରେ ଏବେ କୋଭିଡ୍-୧୯ ସ୍ଥାନ ଗ୍ରହଣ କରିଛି ଏବଂ ନିର୍ମମ ନିଷ୍ଠୁରତାକୁ ମଣିଷର ଫୁଲ୍ଲ କଳିଜା ଫଟାଇ ତା'ର କବିତା ସ୍ଥାନିତ। 'ସୁପର ସ୍ପ୍ରେଡ୍‌ର ଈଶ୍ୱରଙ୍କ ମୃତ୍ୟୁ' କବିତାରେ ଶ୍ରୀଦେବ ଚିଆଁ ଲଗାଇ ଦେଇଛନ୍ତି - ପରିବେଶ, ଜୀବନ ଓ କରୋନାର କଙ୍କାଳ ଭିତରେ। ଯେଉଁ ବନ୍ଧୁଙ୍କୁ ମର୍ଣ୍ଣିଂ ଓ୍ୱାକ୍‌ରେ ଯିବାକୁ ଡାକନ୍ତି, ସିଗାରେଟ ଶୋଷିବାକୁ କହନ୍ତି - ସେ ଉପେକ୍ଷା କରନ୍ତି ବରଂ ସେଗୁଡ଼ାକ ଭଲ ନୁହଁ କହି ରହିଯାଆନ୍ତି। ସେହି ବନ୍ଧୁ ରୂପସୀ ତରୁଣୀକୁ ସୁଖ ପାଇ ଦୂରେଇଗଲେ - ତା'ର ବଳକା ନାହିଁ। ଫେରି ଆସିଛନ୍ତି ବନ୍ଧୁ ସେହି ସହରକୁ - "ଯେଉଁଠି କୋଭିଡ୍ ଭାଇରସ୍ ବ୍ୟାପିଛି/ ଆମ ସହର ରେଡ୍ ଜୋନ୍ ମାର୍କ ହେଇ / ଓଡ଼ିଶା ମ୍ୟାପ୍ ଛାତିରେ ଜଳୁଛି / ଲକ୍ ଡାଉନ୍ / ସଟ୍ ଡାଉନ୍ / ବ୍ଲକ୍ ପଏଣ୍ଟ/ ଟ୍ରାଭେଲ ହିଷ୍ଟ୍ରି / ସୁପର ସ୍ପ୍ରେଡିଂ - ଏମିତି କେତେ ପରିଭାଷା / ଟିଭି ଖବରକାଗଜରୁ ମିଳୁଚି / ବିଚିତ୍ରତା ଯେ ତମପରି କେତେକଙ୍କୁ ସ୍ୱାବ ଟେଷ୍ଟରେ / ପଜିଟିଭ୍ ବାହାରିଲା ପରେ ମଲ କି ଗଲ କିଛି ଖବର ମିଳୁଛି।" ସେହି ବନ୍ଧୁଙ୍କ ପତ୍ତା ମିଳିନାହିଁ। ଏହା ହିଁ ବିଚିତ୍ରତାର ମହାବୈଚିତ୍ର୍ୟ।

**ଶିଶୁକବିତାରେ କାରୁଣ୍ୟ**

କେବଳ ବୌଦ୍ଧିକ କବିତା ନୁହେଁ, ଶିଶୁ କବିତାରେ କେତେକ 'କରୋନା' ଶୀର୍ଷକ ଦୁଃଖ କାରୁଣ୍ୟ ମଥିତ ସୃଷ୍ଟି ଦୃଷ୍ଟିଗୋଚର ହୁଏ।

"ଚୀନ୍ ଦେଶରୁ ମାଡ଼ି ଆସିଲା ରୋଗ
ବିଦେଶ ଫେରନ୍ତାଙ୍କୁ ହୋଇଲା ଆଗ
ଆସିଥିବେ ଯଦି ବିଦେଶୀ କେହି
ଚଉଦ ଦିନ ରଖିବା ଅଲଗା ହୋଇ।
ଶର୍ଦ୍ଦି, କାଶ, ଜ୍ୱର ତଣ୍ଟି ଦରଜରେ
ଲକ୍ଷଣ ଜାଣିବା ଘଡ଼ଘଡ଼ିକରେ।"

ମଞ୍ଜୁଶ୍ରୀ ଦାସଙ୍କର 'ଏକାମ୍ର କୁସୁମ' (୨୧/୨୨)ରେ କବିତାଟି ମୁଦ୍ରିତ। ପିଲାଙ୍କୁ ସତର୍କ କରିବା ଓ ଶିକ୍ଷାଦାନ ଛଳରେ କବିତା ସରଳ ଓ ତରଳ ହୋଇଛି। ଶେଷରେ କବୀ କହିଛନ୍ତି - କରୋନା କରୋନା କରୋନା, ତାକୁ ଆଉ କେହି ଡରନା। କବୀ ବାସନ୍ତୀ ମହାନ୍ତିଙ୍କ 'ଚନ୍ଦ୍ରମଲ୍ଲୀ' କବିତାରେ କରୋନାର ବିଭୀଷିକା, ପ୍ରତିକାର ଓ ଅବସାନର ପୂର୍ଣ୍ଣଚ୍ଛେଦ ଅଙ୍କନ କରିଛନ୍ତି। ନୂଆ ନୂଆ ଶବ୍ଦ, ନୂତନ ଭାବ ଓ ନୂତନ ସମ୍ପର୍କରେ ଯୋଡ଼ି ହୋଇଯିବା ପୃଥିବୀବାସୀଙ୍କ ପାଇଁ ଅମୂଲ୍ୟ ସୁଯୋଗ। ମଣିଷର ଦେଶ, ଜାତି, ଧର୍ମ ଏ ସବୁ ବିଲୀନ ହୋଇଯାଇଛି ଗୋଟାଏ ଆହ୍ୱାନରେ। ବଞ୍ଚି ରହିବାଠାରୁ ବଡ଼ ଧର୍ମ ନାହିଁ; କି ମିଶି ରହିବାଠୁ ବଡ଼

ପ୍ରେମ ନାହିଁ । ମଣିଷ ଗୋଟାଏ ଜାତି ଏବଂ ଭାଷା କେବଳ ହୃଦୟର ଭାଷା । 'ଲଭ୍ ଅଲ୍, ସର୍ଭ ଅଲ୍' ଏହି ଦର୍ଶନ ତାଙ୍କ କବିତାର ମର୍ମବାଣୀ –

"ସେ ଲୁହମାନଙ୍କୁ ବାନ୍ଧିରଖି
ରୋଗାକ୍ରାନ୍ତ ପୃଥିବୀର ତମାମ ଦେହକୁ
ଭିଜେଇ ଦେଲେ ବି ହଜିଯାଇଥିବା ମୁହଁମାନ
ଆଉ ଫେରିବନି ଚନ୍ଦ୍ରମଲ୍ଲୀ ।"

ଡକ୍ଟର ରବିନାରାୟଣ ସେନାପତିଙ୍କର 'ଏକାନ୍ତ ବାସ' କବିତା ସ୍ତବକ କରୋନାକୁ ପୁଙ୍ଖାନୁପୁଙ୍ଖ ବିଚାର କରିଛନ୍ତି । ଏଥିରେ ୫୭ଟି ପାଖୁଡ଼ା ରହିଛି ।

"ଶତ୍ରୁର ଶିବିର ଦୃଶ୍ୟ ହେଉନାହିଁ /
ଏକଇ ଶତ୍ରୁ କରୁଛି ପ୍ରହାର
କରୋନାର ପୀଡ଼ା ଉପଶମ ପାଇଁ
ଯୁଦ୍ଧରତ ସ୍ୱାସ୍ଥ୍ୟ କର୍ମଚାରୀ
ପଇଁତରା ମାରୁଛନ୍ତି ପୋଲିସ ବାହିନୀ
ସତର୍କ ପ୍ରହରୀ ଭଳି ଦେଉଛନ୍ତି ଚେତାବନୀ ।" (ଏକାନ୍ତବାସ)



**ଲୁଚିଯାଇଛି ହସ**

ରବିନାରାୟଣ ସେନାପତିଙ୍କ 'ଏକାନ୍ତବାସ'ରେ ନିହିତ ଶିଳ୍ପ ଶୈଳୀ ପେଟର ଦାଉ, ବିଶ୍ରାମ, ପ୍ରତୀକ୍ଷାର ଅନ୍ତ କେବେ, ଏକାକୀ ଶବ ଲୁଚିଯାଇଛି ହସ, ଭିଟାମାଟି, ମୁଠାଏ ଅନ୍ନ, ସୁନାର ସଂସାର ଆଦି କବିତାଗୁଡ଼ିକରେ କରୋନାର କୋରଡ଼ାମାଡ଼ ସହି ମରିଥିବା ପୁଣି ଜୀବନ୍ମୃତ ହୋଇ କାଳ କାଟୁଥିବା ଶ୍ରମିକ ଗୋଷ୍ଠୀର ଦୁର୍ଘଟଣାର କାହାଣୀ ବର୍ଣ୍ଣିତ । ସୁନାର ସଂସାର କବିତାରେ କବି କହନ୍ତି –

"ଯେଉଁ ଭିଟାମାଟି ମୋହ ଛାଡ଼ି
ଯାଇଥିଲା ଦୂର ପ୍ରବାସକୁ
ସେହି ମୋହ ଏବେ ପାଗଳ କରିଛି
ଫେରିବାକୁ ନିଜ ଗାଁ ମାଟି
ଯେଉଁଠି ରହିଛି ତା'ର ଷଠିଘର
ପୁଣି ମା'ର ପଣତକାନି
ଦୁଇବେଳା ଦୁଇମୁଠା ଭାତ ଖାଇ
ବଞ୍ଚିବାର ବିପୁଳ ଆନନ୍ଦ ।"

କୋଭିଡ୍-୧୯ କିପରି ଅବରୁଦ୍ଧ କୋଠରିର ଚଉହଦିକୁ ଥରାଇ ମଣିଷର ଭିତରେ ସ୍ପନ୍ଦନ ଆଣେ, ତାହାର ଏକ ଦୃଷ୍ଟାନ୍ତ ଦିଆଯାଇପାରେ ।

"ଅବରୁଦ୍ଧ କୋଠରିକୁ ଥରାଇ ଶୁଭେ
ଆସ୍ଥା ଓ ଆଶ୍ୱାସନା ବାର୍ତ୍ତାଳାପ
ଅହମିକା ହେମାୟେ ତେଜି ଆମେ
ବହୁ ଯୁଗାନ୍ତର ପରେ ଏକ ହୋଇଛୁ
ଅସ୍ତ୍ର ଆମ ମାନବତା ମନ୍ତ୍ର ।"

ଆପଣା ଆପଣା ଭାବ ସେତିକି ବେଳେ ଉଦ୍ରେକ ହୁଏ, ମଣିଷ ଯେବେ ବିପଦଗ୍ରସ୍ତ ହୁଏ, ରହିବା, ଖାଇବା ଓ ଅନ୍ୟାନ୍ୟ ସୁଯୋଗ ଲାଭ କରିବା, ବାତ୍ୟା, ବନ୍ୟା ଓ ମହାମାରୀ ଭଳି ବିପର୍ଯ୍ୟୟର ସମ୍ମୁଖୀନ ହେଲେ ଭେଦଭାବ ଆପେଆପେ ଦୂର ହୁଏ । ଆହ୍ୱାନକୁ ସମ୍ମୁଖୀନ ହେବାଲାଗି ଏକ ମନ, ଏକ ପ୍ରାଣ ହୋଇ ଲଢନ୍ତି, ପଢ଼ନ୍ତି ଓ ହୃଦୟର ଭାଷା ପଢ଼ି ଭଗବାନଙ୍କୁ ଡାକନ୍ତି ।

କବୀ ବିଦ୍ୟୁଲ୍ଲତା (ଆଳି)ଙ୍କର ଲେଖନୀ ତ୍ରସ୍ତ କରି ଦେଇଛି ସାମାଜିକ ମହାମାରୀ କଥା ସ୍ମରଣ କରି –

"କରୋନା ଯାହା ତ କଳା ସତ୍ୟାନାଶ
ସେ କଥା ସଭିଙ୍କୁ ଜଣା
ସେ କାହାଣୀ ଆଉ ଚାହୁଁନାହିଁ ବନ୍ଧୁ
କରିବାକୁ ଆଲୋଚନା
କରୋନା ଆସୁଛି ଓମିକ୍ରନ୍ ରୂପେ
ବୃଦ୍ଧି ହୋଇଯାଏ ବଣା ।"

ସେନାପତି ପ୍ରଦ୍ୟୁମ୍ନ କୁମାର, ସୌଭାଗ୍ୟବନ୍ତ ମହାରଣା, ପ୍ରଶାନ୍ତ ପଟ୍ଟନାୟକ, ମାଲକାନଗିରିର କରୁଣାକର ମଲ୍ଲିକ (ଅହ୍ୟରାଣୀ), ସୁରେନ୍ଦ୍ର ବେହେରା, ବାସୁଦେବ ଦାସ ପ୍ରମୁଖ କବିତା ରଚନା କରି କରୋନାର ନଖଦନ୍ତ ଛେଦନ

କରିବା ସହିତ ଏକବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧକୁ ସଜୀବ ଓ ସଚେତନ କରାଇଛନ୍ତି। ଏବେ ମଧ୍ୟ ମାନବ ସମାଜ କରୋନା ଆତଙ୍କରୁ ସମ୍ପୂର୍ଣ୍ଣ ମୁକ୍ତ ନୁହେଁ। ବେଣୁଧର ପାଢ଼ୀ, ଡଃ ବିଜୟ ଶତପଥୀ, ନିରଞ୍ଜନ ଶତପଥୀ ପ୍ରମୁଖ ପ୍ରବନ୍ଧ ଦ୍ୱାରା କରୋନା ସାହିତ୍ୟକୁ ପୁଷ୍କଳ କରିଛନ୍ତି।

ଇଂରାଜୀ ଭାଷାରେ ଏଭଳି କେତେକ କବିତା ଦୃଷ୍ଟିକୁ ଆସିଛି। ‘ରେନ୍‌ବୋ’ ସଂକଳନରେ ‘ସେଭ୍ ଦି ଆର୍ଥ’ ରେ ଡ. କଳ୍ପନା ମଲିକଙ୍କ କବିତାରୁ ଗୋଟିଏ ଦୃଷ୍ଟାନ୍ତ ହେଲା -

“ଦି ମଦର ଆର୍ଥ  
ଇଜ୍ କ୍ରାଇଙ୍ଗ ଫର ଅକ୍ସିଜେନ୍  
ୱିଥ୍ ଇଟ୍‌ସ ଇନ୍‌ଫ୍ଲେମ୍‌ଡ ଲଙ୍ଗସ୍ ...”

ଏହି ଷ୍ଟାଞ୍ଜାରେ ମାଟିର ସ୍ୱର ଏବଂ ମାନବପ୍ରୀତି ବଳବତ୍ତର।

କରୋନା ଯେଉଁ ଯେଉଁ ଅଭୂତପୂର୍ବ ଆହ୍ୱାନଗୁଡ଼ିକ ଆଣିଲା ତାହା ମାନବ ହୃଦୟକୁ ସ୍ତବ୍ଧ କରିଦେଇଛି। ମୃତ୍ୟୁର କଳାଛାଇ ଘୂରିବୁଲିବା, ଘରଦ୍ୱାର, ହସ୍ପିଟାଲ, ରାଜରାସ୍ତାରୁ ଆରମ୍ଭ କରି ମଣିଷର ଅନ୍ତଃ ସ୍ମରଣ ପର୍ଯ୍ୟନ୍ତ ଭୟ, ଭ୍ରାନ୍ତି ଓ ମୃତ୍ୟୁର ସାହାନାଇ ବାଜିବା। ନୀରବତା ଓ ନିସ୍ତବ୍ଧତାର ବ୍ୟାକୁଳ ବାତାବରଣ, ଖାଁ ଖାଁ ପଣ ଚତୁର୍ଦ୍ଦିଗକୁ ଆଚ୍ଛନ୍ନ କରି ରଖିଥିଲା। କେବଳ ମଝିରେ ମଝିରେ ଆମ୍ବୁଲାନ୍ସ ଓ ତାଲାବନ୍ଦର ଘୋଷଣା ଏବଂ ପରିବାରରେ ଛାତିଫଟା କାନ୍ଦଣା ସମଗ୍ର ପରିବେଶକୁ ବିଷଣ୍ଣ କାତର କରି ତୋଳୁଥିଲା। ବିଶ୍ୱ ବକ୍ଷରେ କରୋନା ଯେଉଁ ଗଭୀର କ୍ଷତ ସୃଷ୍ଟି କରିଗଲା, ସତରେ କ’ଣ ସେ ଚିହ୍ନ ଲିଭିପାରିବ ?

**କରୋନା ଯେଉଁ ଯେଉଁ ଅଭୂତପୂର୍ବ ଆହ୍ୱାନଗୁଡ଼ିକ ଆଣିଲା ତାହା ମାନବ ହୃଦୟକୁ ସ୍ତବ୍ଧ କରିଦେଇଛି।**

□□

ଲେଖକଙ୍କ ଇ-ମେଲ୍ ଠିକଣା:  
basudevdaskabi@gmail.com

---

## ‘ସାହିତ୍ୟ ଚର୍ଚ୍ଚା’କୁ ଲେଖା ପଠାଇବାର ନିୟମାବଳୀ

୧. ‘ସାହିତ୍ୟ ଚର୍ଚ୍ଚା’ ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୪. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୫. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ।

୬. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୭. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୮. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ପାରିତୋଷିକର ବ୍ୟବସ୍ଥା ଅଛି। କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ପାରିତୋଷିକ ରାଶି ପ୍ରେରଣ ହୁଏ ନାହିଁ।

୯. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।


୧୦. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୧. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।

# ବରିଷ୍ଠ କଥାକାର ନାରୁ ମହାନ୍ତିଙ୍କ ସହ ଅନ୍ତରଙ୍ଗ ଆଳାପ

ସାକ୍ଷାତକାର

*ନାରୁ ମହାନ୍ତିଙ୍କର ବୟସ ଏବେ ୮୦ ବର୍ଷ ଏବଂ ସେ ଓଡ଼ିଆ କଥା-ସାହିତ୍ୟର ଜଣେ ପ୍ରତିଷ୍ଠିତ ସାଧକ। ସେ ୧୯୯୯ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ଭୂଷିତ ହୋଇଥିଲେ। ତାଙ୍କର ଏ ଯାବତ ତେରଗୋଟି ଗଳ୍ପ ସଂକଳନ, ତିନିଟି ଉପନ୍ୟାସ ଓ ଗୋଟିଏ ପ୍ରବନ୍ଧ ସଂକଳନ ପ୍ରକାଶିତ। ସରକାରୀ ଚାକିରିରୁ ସେବାନିବୃତ ହେବା ପରେ ସେ ଏବେ ଭୁବନେଶ୍ୱରଠାରେ ଅବସ୍ଥାନ କରୁଛନ୍ତି। ତାଙ୍କ ସହିତ ବିବିଧ ସାରସ୍ୱତ ପ୍ରସଙ୍ଗରେ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** ଆମେ ଶୁଣିଛୁ ଯେ ଆପଣ ଇଂରାଜୀ ଭାଷାର ରଚନାରୁ ହିଁ ନିଜର ଲେଖକୀୟ ଜୀବନ ଆରମ୍ଭ କରିଥିଲେ। ଏହା କ'ଣ ସତ?

**ନାରୁ ମହାନ୍ତି:** ହଁ, ସତ।

**ସାହିତ୍ୟ ଚର୍ଚ୍ଚା:** ଏମିତି ଇଂରାଜୀ ଭାଷାର ସୋପାନ ଦେଇ ସାହିତ୍ୟ ଜଗତରେ ପାଦ ଥାପିବାକୁ ମନ ବଳିଲା କାହିଁକି?

**ନାରୁ ମହାନ୍ତି:** ଓଡ଼ିଆରେ ମୁଁ ପ୍ରଥମେ ଚେଷ୍ଟା କରିଥିଲି; ଲେଖିଥିଲି ବି କିଛି। କିନ୍ତୁ କେତେକ ପତ୍ରିକାକୁ ଯେତେବେଳେ ଏହା ପଠାଇଲି, ସେମାନେ କେହି ଛପେଇଲେନି। ସେ ସମୟର ଗୋଟିଏ ପ୍ରସିଦ୍ଧ ପତ୍ରିକାର ମୁଖ୍ୟ ସମ୍ପାଦକଙ୍କ ପାଖକୁ, ଯିଏ କି ଏବେ ନାହାନ୍ତି, ମୁଁ ସେତେବେଳେ ଗୋଟିଏ ଚିଠି ଲେଖିଥିଲି,'ମୁଁ ଆପଣଙ୍କ ପାଖକୁ ଲେଖା ପଠାଉଛି; ଆପଣ ତା'କୁ ସଙ୍ଗେ ସଙ୍ଗେ ଡଷ୍ଟବିନ୍‌କୁ ଫୋପାଡ଼ି ଦେଉଛନ୍ତି ! ପତ୍ରୁନାହାନ୍ତି !' ଏହାର ଉତ୍ତରରେ ପତ୍ରିକାଟିର ସମ୍ପାଦକ ମୋତେ ଗୋଟିଏ କଡ଼ା ଚିଠି ଲେଖିଲେ। ସେଇଟି ପଢ଼ି ମୋ'ର ସାହିତ୍ୟ ପ୍ରତି ବିତୃଷ୍ଣା ଆସିଗଲା।

**ସାହିତ୍ୟ ଚର୍ଚ୍ଚା:** ତେବେ, ଓଡ଼ିଆ ପତ୍ରିକାମାନଙ୍କ ପ୍ରତି ବିତୃଷ୍ଣା ହୋଇ ଆପଣ ଇଂରାଜୀରେ ଲେଖିବା ଆରମ୍ଭ କଲେ! ଏହା ମଧ୍ୟ ଶୁଣିଛୁ ଯେ ଥରେ ଟ୍ରେନ୍‌ରେ ଯିବାବେଳେ ଆପଣଙ୍କ ମନରେ ସାହିତ୍ୟିକ ଭାବର ସ୍ଫୁରଣ ହୋଇଥିଲା, ଏବଂ ଆପଣ କାଗଜକଲମ ଧରି ସେହି ଟ୍ରେନ୍‌ରେ ହିଁ ଲେଖିଲେ ନିଜର ପ୍ରଥମ ଇଂରାଜୀ ରଚନା। ସେ ଅନୁଭୂତିଟି କ'ଣ ଥିଲା?

**ନାରୁ ମହାନ୍ତି:** ସେ ଅନୁଭୂତିଟି ଏବେ ପୂରାପୂରି ମୋ'ର ମନେ ନାହିଁ। ତେବେ ଏତିକି ଜାଣିଛି ଯେ, ସେଇଟି ଲେଖିବାକୁ ମୁଁ ମନ ଭିତରୁ ପ୍ରେରିତ ହୋଇଥିଲି। କିଛି ନିଆରା ଭାବ ମୋ କଲମରେ ସବାର ହୋଇଗଲା।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ରଚନା-ସମଗ୍ରକୁ ଆବୋରି ବସିଛି କେବଳ ଆପଣଙ୍କ ଉପନ୍ୟାସ ଓ ଗଳ୍ପସାହିତ୍ୟ। କବିତା ଆପଣଙ୍କୁ କେବେ ମାଡ଼ିନାହିଁ, ନା ଏଥିପ୍ରତି ଆପଣଙ୍କର କେବେ ଧ୍ୟାନ ଯାଇନାହିଁ?

**ନାରୁ ମହାନ୍ତି:** କବିତା କେବେ ମୋ ପାଖକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଆସିନାହିଁ। ତେବେ ମଝିରେ ମଝିରେ ମୁଁ କବିତା ଲେଖେ।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ସେହି କବିତାଗୁଡ଼ିକ କେବେ ସଂକଳନ ଆକାରରେ ପ୍ରକାଶ କରିନାହାନ୍ତି?

**ନାରୁ ମହାନ୍ତି:** ନା।

**ସାହିତ୍ୟ ଚର୍ଚ୍ଚା:** 'ପୂର୍ବାପର' ଆପଣଙ୍କର ଗୋଟିଏ କାଳଜୟୀ ଉପନ୍ୟାସ। ଏହାର ଚରିତ୍ରଗୁଡ଼ିକ ଅତି ଜୀବନ୍ତ। ଆପଣ କ'ଣ ଏମାନଙ୍କୁ ନିଜର ବାସ୍ତବ ଜୀବନରୁ ସାଉଁଟିଥିଲେ?

**ନାରୁ ମହାନ୍ତି:** 'ପୂର୍ବାପର' ହେଉଛି ଏକ ଅଟୋବାଇଓଗ୍ରାଫିକାଲ୍ ନଭେଲ୍। ଏଣୁ ଚରିତ୍ରଗୁଡ଼ିକ ବାସ୍ତବ ମନେହେବା ସ୍ୱାଭାବିକ। ଏବେ ଏହି ଉପନ୍ୟାସର ଦ୍ୱିତୀୟ ଭାଗ ପ୍ରକାଶିତ ହେବାକୁ ଯାଉଛି, 'ପରାପ୍ରର' ନାମରେ।

**ସାହିତ୍ୟ ଚର୍ଚ୍ଚା:** 'ପୂର୍ବାପର' ପ୍ରକାଶିତ ହେବାର ପ୍ରାୟ ୨୫ ବର୍ଷ ପରେ ଆପଣ ଏହାର ସେକ୍ୱେଲ୍ 'ପରାପ୍ରର'କୁ ରୂପ ଦେଉଛନ୍ତି। ଏହି ୨୫ ବର୍ଷ ଭିତରେ ପ୍ରଥମ ଉପନ୍ୟାସଟିର ନାୟକ ନରେନ୍ଦ୍ର ଦାସର ଅବସ୍ଥା କ'ଣ ହୋଇଥିବ? ସେ କ'ଣ ଆଉ ସେତିକି ବର୍ଷ ବୁଢ଼ା ହୋଇଯାଇଥିବ?

**ମୁଁ କେବେ କୃତ୍ରିମ ଭାଷା କହିବାକୁ ଚେଷ୍ଟା କରିନାହିଁ। କାହାକୁ ଖୁସି କରିବା ପାଇଁ କହେନା, ଯାହା ମନକୁ ଆସେ କହିଯାଏ।**

**ନାରୁ ମହାନ୍ତି:** ହଁ, ବୟସ ଅନୁସାରେ ତା'ର ମଧ୍ୟ ପରିବର୍ତ୍ତନ ହୋଇଛି। ମୁଁ ଏତିକି ସ୍ୱୀକାର କରିଦିଏ ଯେ ଯେହେତୁ ଏହା ଆତ୍ମଜୀବନୀମୂଳକ ଉପନ୍ୟାସ, ଯେଉଁ ଯେଉଁ ଚରିତ୍ରମାନଙ୍କର ସଂସ୍ପର୍ଶରେ ମୁଁ ଆସିଛି, ଏବଂ ଯେଉଁମାନେ ମୋତେ ସ୍ପର୍ଶ କରିଛନ୍ତି, ସେହିମାନଙ୍କୁ ହିଁ ଏଥିରେ ସ୍ଥାନ ଦେଇଛି। ପ୍ରଥମ ଭାଗଟି ଭଳି ଏଥିରେ ବି ପ୍ରାୟ ଶହେରୁ ଅଧିକ ଚରିତ୍ର ଅଛନ୍ତି।

**ସାହିତ୍ୟ ଚର୍ଚ୍ଚା:** ଏତେ ବର୍ଷର ବ୍ୟବଧାନ ପରେ ଏହି ଉପନ୍ୟାସର ଦ୍ୱିତୀୟ ଭାଗଟି ଲେଖିବାପାଇଁ ଆପଣ କାହିଁକି ଚିନ୍ତା କଲେ?

**ନାରୁ ମହାନ୍ତି:** ଏହି ଭାବନାଟି ମୋ ମନରେ ମୂଳରୁ ଲାଖି ରହିଥିଲା। ସେହି ଚରିତ୍ରମାନେ ମୋ ସାମ୍ନାରେ ଏବେ ବି ଆତଯାତ ହେଉଥିବାର ଦେଖୁଛି। ବଡ଼ ବିଚିତ୍ର ଚରିତ୍ରମାନେ। ଏମାନଙ୍କର ବର୍ତ୍ତମାନର ସ୍ଥିତିକୁ ଚିତ୍ରଣ କରିବାର ଆବେଶକୁ ଅଟକାଇ ପାରିଲି ନାହିଁ।

**ସାହିତ୍ୟ ଚର୍ଚ୍ଚା:** କୁହାଯାଏ, ଆପଣଙ୍କ କଥା ସାହିତ୍ୟର ଏକ ଅନନ୍ୟ ଦିଗ ହେଲା ଏହାର ଶବ୍ଦଚିତ୍ର, ଯେଉଁଥିରେ ଗୋଟିଏ ଗତିଶୀଳତା ଥାଏ। ଏହି ଶୈଳୀ ଆପଣଙ୍କ କଲମ ଭିତରକୁ ଜାଣତରେ ଆସିଛି, ନା ଅଜାଣତରେ?

**ନାରୁ ମହାନ୍ତି:** ମୋ'ର ବ୍ୟକ୍ତିତ୍ୱକୁ ନେଇ ଏହି ଭାଷା ଗଢ଼ି ହୋଇଛି। ମୋ'ର ପରିବାର, ମୋ'ର ପରିବେଶ ଓ ମୋ' ପରିସ୍ଥିତିର ପ୍ରଭାବ ମଧ୍ୟ ପଡ଼ିଛି ଏଥିରେ। ମୁଁ କେବେ କୃତ୍ରିମ ଭାଷା କହିବାକୁ ଚେଷ୍ଟା କରିନାହିଁ। କାହାକୁ ଖୁସି କରିବା ପାଇଁ କହେନା, ଯାହା ମନକୁ ଆସେ କହିଯାଏ।

**ସାହିତ୍ୟ ଚର୍ଚ୍ଚା:** ଏହା ତେବେ ଆପଣଙ୍କ ଭାଷାର ରହସ୍ୟ।

**ନାରୁ ମହାନ୍ତି:** ଏଥିରେ ରହସ୍ୟ ବୋଲି କିଛି ନାହିଁ। ଏହା ବାସ୍ତବତା।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ରଚନାକୁ ଅନୁଧ୍ୟାନ କଲେ ଜଣାଯାଏ, ଯେମିତି ଏହାର ପ୍ରତ୍ୟେକଟି ବାକ୍ୟ ହିଁ ନିଆରା। ଅର୍ଥାତ୍ କୌଣସି ଭାଷା ବା ଭାବ ଆପଣ ଥରେ ଲେଖିଦେଲେ, ପୁଣି କେଉଁଠି ତାହାର ପୁନରାବୃତ୍ତି କରନ୍ତି ନାହିଁ। ଆପଣଙ୍କଠାରେ ଏହି ଶୈଳୀଟି ବିକଶିତ ହେଲା କେମିତି?

**ନାରୁ ମହାନ୍ତି:** ଏ ବ୍ୟାପାରରେ ମୋ'ର ସ୍ମୃତି ଶକ୍ତି ହେଉଛି ବହୁତ କ୍ଷୀଣ। ମୁଁ ଭୁଲିଯାଏ। ଥରେ କ'ଣ ଲେଖି ଚାଲିଗଲି ତାହା ପରବର୍ତ୍ତୀ ସମୟରେ ମନେ ରହେ ନାହିଁ। ଏପରିକି ଆପଣ ମୁଁ ଲେଖିଥିବା ବହିଗୁଡ଼ିକର ନାଁ ପଚାରିଲେ ମୁଁ ଠିକ୍ ରୂପେ କହିପାରିବି ନାହିଁ। ତେଣୁ ମୁଁ ଯାହା ଲେଖିଛି, ତା'କୁ ମନେ ରଖିବି ବା କେମିତି? ପୁନରାବୃତ୍ତିର ପ୍ରଶ୍ନ ନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆମେ ଲକ୍ଷ୍ୟ କରିଛୁ ଯେ ଆପଣ ଆତ୍ମପ୍ରଚାର ଅଭିମୁଖୀ ନୁହନ୍ତି। ତେଣୁ କିଛି ବର୍ଷ ହେଲା ନିଜକୁ ସାହିତ୍ୟ ଜଗତରୁ ପ୍ରାୟ ଅଗୋଚର କରି ରଖିଛନ୍ତି। ଗୋଟିଏ ସମୟରେ ଆପଣ ସବୁ ପତ୍ରପତ୍ରିକାରେ ଯେମିତି ଛାଇ ହୋଇ ରହିଥିଲେ, ଏବେ ଟିକିଏ ଧିମେଇ ଯାଇଥିବା ଭଳି ଲାଗୁଛନ୍ତି। ଏହାର କାରଣ କ'ଣ?

**ନାରୁ ମହାନ୍ତି:** ମୁଁ ନିଜକୁ ଧିମେଇ ଦେଇନାହିଁ। ପରିବେଶ ଓ ପରିସ୍ଥିତି ମୋତେ ଏମିତି ଧିମେଇ ଦେଇଛି। ସେମାନେ

ଚାହାନ୍ତି ଯେ ମୁଁ ନିରବ ହୋଇଯାଏ।

**ସାହିତ୍ୟ ଚର୍ଚ୍ଚା:** 'ସେମାନେ,' ଅର୍ଥାତ୍ କିଏ ?


**ନାରୁ ମହାନ୍ତି:** ଯେଉଁମାନେ ସାହିତ୍ୟର କାରପଟଦାର; ଯେଉଁମାନେ ଏକଦା ମୋ ପାଖକୁ ଆସୁଥିଲେ, ମୋତେ ଖୋଜୁଥିଲେ ଓ ଲୋଡୁଥିଲେ। ସେମାନେ କାହିଁକି ଏହା ବନ୍ଦ କରିଦେଲେ ଆସ୍ତେ ଆସ୍ତେ ?

**ସାହିତ୍ୟ ଚର୍ଚ୍ଚା:** ସେମାନେ କ'ଣ କିଛି ଅଲଗା ପ୍ରକାରର ଲେଖା ଚାହାନ୍ତି ଆପଣଙ୍କଠାରୁ ?

**ନାରୁ ମହାନ୍ତି:** ସେମାନେ ଯେଉଁ ପ୍ରକାର କମର୍ସିଆଲ ଲେଖା ଚାହୁଁଛନ୍ତି ସେଇଟା ମୁଁ ଲେଖେ ନାହିଁ। କମର୍ସିଆଲିଟି ବିଷୟରେ ମୋ'ର ଧାରଣା ଅଲଗା। ମୁଁ ବି କମର୍ସିଆଲ ହେବାକୁ ଚାହେଁ, କିନ୍ତୁ ମୋ ବାଟରେ।

**ସାହିତ୍ୟ ଚର୍ଚ୍ଚା:** ସୁସାହିତ୍ୟର କ'ଣ କମର୍ସିଆଲ ଚାହିଦା ହୋଇପାରିବ ନାହିଁ ?

**ନାରୁ ମହାନ୍ତି:** କାହିଁକି ହୋଇପାରିବ ନାହିଁ ! କିନ୍ତୁ, ଯାହା ଆମେ ପ୍ରାୟତଃ ଦେଖୁଛୁ, ଉଚ୍ଚକୋଟୀର ଲେଖାମାନଙ୍କର ପାଠକୀୟତା ସୀମିତ।




**ସାହିତ୍ୟ ଚର୍ଚ୍ଚା:** ସାଧାରଣ ଓଡ଼ିଆ ପାଠକମାନଙ୍କର ଭଲ ଗଳ୍ପଟିଏକୁ ଚିହ୍ନିବାର ଶକ୍ତି ଉପରେ ଆପଣଙ୍କର ଭରସା ଅଛି କି ?

**ନାରୁ ମହାନ୍ତି:** କ୍ୱଚିତ ଲୋକଙ୍କର ସେ ଶକ୍ତି ଅଛି; ସମସ୍ତଙ୍କର ନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ରଚନା-ସମଗ୍ରକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସେଥି ମଧ୍ୟରୁ ସବୁତକ ହିଁ ଗଳ୍ପ, ଉପନ୍ୟାସ, କିମ୍ବା ଉପନ୍ୟାସିକା, କେବଳ ଗୋଟିଏ ପ୍ରବନ୍ଧ ସଂକଳନକୁ ଛାଡି - 'ଆମ ଗଳ୍ପର ରୂପ, ଭେକ, ସ୍ୱଭାବ ଚରିତ୍ର।' ଏଥିରେ ଆପଣ ଗୋଟିଏ ଆଦର୍ଶ ଗଳ୍ପର ପରିଭାଷା ବା ସ୍ୱରୂପ ଯେମିତି ଆଙ୍କିଛନ୍ତି, ତାହା କେତେଦୂର ଯଥାର୍ଥ ?

**ନାରୁ ମହାନ୍ତି:** ସେଥିରେ ମୁଁ ଯାହା କହିଛି, ନିଜର ବିଷୟବସ୍ତୁ ଏବଂ ଚିନ୍ତାଧାରାକୁ ନେଇ ଗଳ୍ପଟିଏ ରୂପ ନିଏ। ତାହାର ନିର୍ଦ୍ଦିଷ୍ଟ ଷ୍ଟାଣ୍ଡାର୍ଡ ବୋଲି କିଛି ନାହିଁ। ଷ୍ଟାଣ୍ଡାର୍ଡଟା ଆମେ ନିଜେ ହିଁ ଗଢୁ। ମୂଳ କଥା ହେଲା, ଗାଳ୍ପିକଟିଏ ସର୍ବଦା ଭାବିବା ଉଚିତ ଯେ ମୁଁ ମୋ' ଭଳି ଲେଖିବି; ଆଉ କାହା ଭଳି ନୁହେଁ।

**ସାହିତ୍ୟ ଚର୍ଚ୍ଚା:** ଆପଣ ୧୯୯୮ ମସିହାରେ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଲେ, ତା'ପରେ କେନ୍ଦ୍ର ଏକାଡେମୀ ପୁରସ୍କାରର ସୁଦୃଷ୍ଟି ଆପଣଙ୍କ ଉପରେ ପଡ଼ିନାହିଁ। ଏହା ଆପଣଙ୍କୁ ବ୍ୟଥିତ କରିଛି କି ?

**ନାରୁ ମହାନ୍ତି:** ମୋତେ ବ୍ୟଥିତ କରିନାହିଁ। ବରଂ ବ୍ୟଥିତ କରୁଛି ଅନ୍ୟ ଦୃଷ୍ଟିରୁ, ଯେ ଏସବୁ କ'ଣ ଘଟିଯାଉଛି ? ଆଜିକାଲି ପୁରସ୍କାରମାନେ ଯେଉଁ ପ୍ରକାର ସାହିତ୍ୟକୁ ଷ୍ଟାମ୍ପ ମାରୁଛନ୍ତି, ସେ ସାହିତ୍ୟ ତିଷ୍ଠିବ ତ ? ବର୍ତ୍ତମାନ ତ ତିଷ୍ଠିପାରିନାହିଁ, ଆଉ କେବେ ତିଷ୍ଠିବ ?

**ସାହିତ୍ୟ ଚର୍ଚ୍ଚା:** ଏବର ସମକାଳୀନ କଥା ସାହିତ୍ୟରେ ଆପଣ କିଛି ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି କି ?

**ନାରୁ ମହାନ୍ତି:** ପରିବର୍ତ୍ତନ ବିଶେଷ ନାହିଁ। ତେବେ ଏବର କଥାକାର ବେଶି ଅନୁକରଣ ପ୍ରିୟ। ଏମାନେ ଅନ୍ୟ ସାହିତ୍ୟକୁ ଦେଖି ତାହାରି ଅନୁକରଣରେ ଲେଖୁଛନ୍ତି; ଭାବୁଛନ୍ତି ଶସ୍ତା, ସୁନ୍ଦର ଜିନିଷ ତିଆରି କରିବେ। କିନ୍ତୁ ଜିନିଷଟି ଯେ ମଜଭୁତ ମଧ୍ୟ ହେବା ଦରକାର, ସେକଥା ଦେଖୁନାହାନ୍ତି। ଏହା ହିଁ ଦୁଃଖର କଥା।

**ସାହିତ୍ୟ ଚର୍ଚ୍ଚା:** ଆମ ଗଳ୍ପ ସାହିତ୍ୟକୁ ତ ନୂଆ ପିଢ଼ିର ଲେଖକମାନେ ଆଗକୁ ନେବେ। ସେଇ ଯୁବ ବା ତରୁଣ ଲେଖକମାନଙ୍କ କଲମରେ ଗଳ୍ପଗୁଡ଼ିକ କେଉଁ ପ୍ରକାର ରୂପ ନେଉଛି, ଏ ବିଷୟରେ ଆପଣଙ୍କର ମତ କ'ଣ ?

**ନାରୁ ମହାନ୍ତି:** ସେମାନଙ୍କ ପ୍ରାଥମିକ ପ୍ରେରଣାଟା ଖୁବ୍ ଭଲ; ଏହା ରହିବା କଥା। କିନ୍ତୁ ତାହା ପରର କଥାଟି ହେଲା ତାହାକୁ ପରିମାର୍ଜିତ ଓ ପରିବର୍ଦ୍ଧିତ କରିବା, ଯାହାର ଅଭାବ ରହୁଛି।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ମନୋଜ୍ଞ ଆଲୋଚନାଟି ପାଇଁ ଆପଣଙ୍କୁ ଧନ୍ୟବାଦ ଜଣାଉଛୁ।

□□


ଗଳ୍ପ

# ଅଲୋଡ଼ା ଅବୟବ



ଡ. ମନୋରଞ୍ଜନ ବେହୁରା

ବର୍ଷା ଋତୁର ସେହି ଆକର୍ଷଣୀୟ ସୌନ୍ଦର୍ଯ୍ୟ ଗଲା କୁଆଡ଼େ ? ମନ ଭିତରେ ଥିବା ସୁନ୍ଦରୀ ଯୁବତୀକୁ ବହୁବର୍ଷ ପରେ ବୃଦ୍ଧାବସ୍ଥାରେ ଦେଖି ତା'ର ପୂର୍ବ ସୌନ୍ଦର୍ଯ୍ୟକୁ ମନେ ପକାଇ ବର୍ଷାଋତୁରେ ପିଲା ବେଳେ ଦେଖିଥିବା ସେହି ରିମ୍‌ଝିମ ନୃତ୍ୟକୁ ଗାଁରେ ଖୋଜୁଛନ୍ତି କର ବାବୁ। ଗାଁ ଦାଣ୍ଡରେ ଆଗଭଳି ନାହିଁ ଆଉ ସେହି ଧାଡ଼ି ଧାଡ଼ି ହଳ, ହଳ ପଛରେ ପଖିଆ ମୁଣ୍ଡରେ ବଳଦଙ୍କୁ ଜୋରେ ଜୋରେ ଚଲାଇ ନେଇ ଯାଉଥିବା କୃଷକ। ବୋବାଳି ଛାଡ଼ି ଚରିବାକୁ ଯାଉଥିବା ପଲ ପଲ ଗାଇ ଛେଳି ମେଣ୍ଢା। ତୁହାକୁ ତୁହା ବର୍ଷାରେ ରାସ୍ତା ଉପରେ ସୃଷ୍ଟି ହେଉଥିବା ଝରଣାର ଭ୍ରମ ଏବଂ ସ୍ୱତଃପ୍ରବୃତ୍ତ ଭାବରେ ମୂଲିଆଙ୍କ ପାଟିରୁ ବାହାରି ଆସୁଥିବା ପ୍ରେମ-ବିରକ୍ତିଭରା କଟାକ୍ଷ ଗୀତ। ନାହାନ୍ତି ଆଉ ସେହି ହଳଦୀବସନ୍ତ, କାଣ୍ଟିବଗ, ବଣି ଚଢ଼େଇ, ଗଡ଼ିଆ, ନଈ ଏବଂ ନାଳରେ ସକାଳେ ସନ୍ଧ୍ୟାରେ ବନିଶି ପଡୁଥିବାର ଦୃଶ୍ୟ। ଗାଁରେ ହଜିଯାଇଛି ସେହି ପିଲା ଦିନ, ଯାହା କେବଳ ସ୍ମୃତିର ଆଲବମ୍‌ରେ ରହିଯାଇଛି। ବାର ମାସରେ ତେର ପରବ। ପର୍ବପର୍ବାଣିର ପ୍ରାକ୍ ଆଭାସ ଗାଁ ଦାଣ୍ଡରୁ ଜଣାପଡୁଥିଲା। ରଜର ବହୁ ପୂର୍ବରୁ ବିରୂପା ନଦୀର ବାଲିରେ ବାଗୁଡ଼ି ଖେଳ, ଘରେ ଘରେ ପଟା ଦୋଳିମାନ ଝୁଲୁଥିଲା। ଆଜି ସବୁ ସ୍ୱପ୍ନାତୀତ।



ଗାଁ କେତେ ବଦଳିଯାଇଛି। ଗାଁ ଦାଣ୍ଡର ଫଟା, ଖାଲ ଢିପ କଂକ୍ରିଟ ରାସ୍ତା ଉପହାସ କରୁଛି ପଞ୍ଚାୟତିରାଜ ବ୍ୟବସ୍ଥା ଏବଂ ବ୍ୟବସ୍ଥାକୁ ଗଢୁଥିବା ଭୋଟରଙ୍କୁ। କଂକ୍ରିଟ ରାସ୍ତାର ଫାଟଠାରୁ ଲୋକଙ୍କ ହୃଦୟ କେତେଗୁଣ ଅଧିକ ଫଟା। ରାଜନୈତିକ ମତାନ୍ତର ମନାନ୍ତରରେ ରୂପାନ୍ତରିତ ହୋଇ ପଡ଼ୋଶୀ ପଡ଼ୋଶୀ ସହିତ ଅପଡ଼। ଗୋଟିଏ ଘରେ ରହୁଥିବା ପରିବାରର ଲୋକଙ୍କ ମଧ୍ୟରେ ମଧ୍ୟ ବଢ଼ିଛି ଦୂରତ୍ୱ। ରାସ୍ତା ଉପରେ କେହି ଜଣେ କହିଲା, 'ଆଜ୍ଞା ! ନମସ୍କାର। ନମସ୍କାର ଆଜ୍ଞା !'

କର ବାବୁଙ୍କ ଏକାଗ୍ରତା ଭଙ୍ଗ ହେଲା। ସେ ବୁଲିକରି ଚାହିଲେ। ସୁବାସ ଏବଂ ତା' ସହିତ କେତେକ ଯୁବକ ଛିଡ଼ା ହୋଇଛନ୍ତି। ପୁନର୍ବାର ସମସ୍ତେ ଏକା ସାଙ୍ଗରେ ହାତ ଯୋଡ଼ି ମୁଣ୍ଡ ନୁଆଁଇ କହିଲେ, "ନମସ୍କାର ଆଜ୍ଞା"। ପ୍ରତିନମସ୍କାର ଜଣାଇଲେ କର ବାବୁ।

ପଞ୍ଚସ୍ତରି ବର୍ଷୀୟ ବିବେକ କର ସୁଦୂର ଜର୍ମାନୀରେ ରହନ୍ତି। ପିଲାବେଳେ ସେ ଗାଁରେ ବଢ଼ିଥିଲେ, ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ସମାପ୍ତ କରି ବାପା ମା'ଙ୍କ ସହିତ ସହରକୁ ପଳାଇଯାଇଥିଲେ ସତ, ମାତ୍ର ଗାଁରେ ରହିଯାଇଥିଲା ତାଙ୍କ ଆତ୍ମା। ମେଟ୍ରିକ ପାସ୍ କରିବା ପର୍ଯ୍ୟନ୍ତ ଖରାଦିନ ଛୁଟି ସେ ଗାଁରେ କଟାଇଛନ୍ତି ମାତ୍ର କଲେଜ ଶିକ୍ଷା ପାଇଁ ଦିଲ୍ଲୀ, ପରେ ପରେ ଲଣ୍ଡନ ଯିବାକୁ ପଡ଼ିଥିଲା ଯେଉଁଥିପାଇଁ ସେ ଗାଁକୁ ବିଶେଷ ଆସିପାରୁ ନ ଥିଲେ। ଶିକ୍ଷା ଶେଷ ପରେ ସେ ଜର୍ମାନୀରେ ଚାକିରି ଜୀବନ ଆରମ୍ଭ କରିଥିଲେ। ସେଠାରେ ଜୀବନସାଥୀ ମିଳିବା ପରେ ପରେ କର ବାବୁ ଜର୍ମାନୀର ସ୍ଥାୟୀ ବାସିନ୍ଦା ହୋଇଗଲେ। ଅଥଚ ପ୍ରାଚୁର୍ଯ୍ୟ, ପ୍ରତିପତ୍ତି ତାଙ୍କ ମନରୁ ଗ୍ରାମ୍ୟ ପରିବେଶକୁ ଏବଂ ସଂସ୍କୃତିକୁ ବିସ୍ମୃତ କରିପାରି ନ ଥିଲା। ସମୟ ମିଳିଲେ ସେ ନିଜ ଗାଁ'କୁ ପଳାଇ ଆସନ୍ତି।

ବସନ୍ତପୁର ବାସିନ୍ଦା ତାଙ୍କ ପରିବାରକୁ ବହୁତ ସମ୍ମାନ କରନ୍ତି। କାରଣ କର ବାବୁଙ୍କ ଜେଜବାପା ଜଗନ୍ନାଥ କର ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ ଏବଂ ସମାଜସେବୀ।

ସ୍ୱାଧୀନତା ଆନ୍ଦୋଳନ ସମୟରେ ସେ କେତେ ଥର ଜେଲ୍ ବି ଯାଇଛନ୍ତି। ସ୍ୱାଧୀନତା ପରେ ପରେ ସଂଗ୍ରାମୀ ଭତ୍ତାକୁ ବର୍ଜନ କରିଥିବାରୁ ତାଙ୍କୁ ବସନ୍ତପୁର ଗାନ୍ଧୀ ବୋଲି କୁହାଯାଏ। ଦେଶ ସ୍ୱାଧୀନ ହେବା ପରେ କର ବାବୁଙ୍କ ଜେଜେ ଗାଁରେ ବିଦ୍ୟାଳୟ ସ୍ଥାପନ କରିଥିଲେ। ଉକ୍ତ ବିଦ୍ୟାଳୟ ସେ ସମୟରେ ଶିକ୍ଷାଦାନ କ୍ଷେତ୍ରରେ ଜିଲ୍ଲା ସ୍ତରରେ ଅନେକ ସୁନାମ ଆଣିଥିଲା। ଜଗନ୍ନାଥ କର ଜୀବନର ଶେଷ ସମୟରେ ଏକ କଲେଜର ପରିକଳ୍ପନା କରିଥିଲେ। ଏହାକୁ ସାକାର କରିବା ପାଇଁ ସେ ଉଦ୍ୟମ କଲେ ଏବଂ ଗାଁରେ ଲୋକଙ୍କୁ ଡାକି ସଭାମାନ କଲେ। ପିତାଙ୍କ ଶେଷ ସ୍ୱପ୍ନକୁ ସାକାର କରିବା ପାଇଁ ଓଡ଼ିଶା ବାହାରେ ରହୁଥିବା ତାଙ୍କ ପୁତ୍ର ରାମଚନ୍ଦ୍ର କର ସମସ୍ତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ କଲେଜ ପାଇଁ। ତା'ପରେ ଆଉ ସବୁ ଇତିହାସ ? ? ?

କଲେଜକୁ ପଚାଶ ବର୍ଷ ହୋଇଗଲାଣି। ଚଳିତ ବର୍ଷ ଶେଷ ଆଡ଼କୁ ସୁବର୍ଣ୍ଣ ଜୟନ୍ତୀ ପାଳିତ ହେବାକୁ ଯାଉଛି। କର ବାବୁଙ୍କୁ ଗାଁ ନେତାମାନେ ଅନୁରୋଧ କରିଥିଲେ ସୁବର୍ଣ୍ଣ ଜୟନ୍ତୀ ନିମିତ୍ତ କଲେଜରେ ଏକ ଗୃହ ନିର୍ମାଣ ଏବଂ ତାଙ୍କ ଜେଜଙ୍କ ପାଇଁ ଏକ ଅବୟବ ତିଆରି କରିବା ନିମିତ୍ତ ଆର୍ଥିକ ସହାୟତା। କର ବାବୁ ମଧ୍ୟ ସୁଦୂର ଜର୍ମାନୀରୁ ଆସିଛନ୍ତି ସେଇଥିପାଇଁ।

**କର ବାବୁ ସ୍କୁଲ୍ ପରିସରରେ ଏକ ଭାବୁକ ପରି ବିହରଣ କରୁଥିଲେ, ସତେ ଯେପରି ସେ ଏକ ମହାନ ତୀର୍ଥ କ୍ଷେତ୍ରରେ ଭ୍ରମଣ କରୁଛନ୍ତି।**

କର ବାବୁଙ୍କ ଘରଠାରୁ କଲେଜ ମାତ୍ର ଦୁଇ କିଲୋମିଟର। ସେ ଅନ୍ୟମାନଙ୍କ ସହିତ ଚାଲି ଚାଲି କଲେଜ ଯିବାକୁ ଚାହିଁଲେ। ସମସ୍ତେ ତାଙ୍କ ସହିତ ଚାଲିଲେ। ଚାଲୁ ଚାଲୁ ସୁବାସ କହିଲା, 'ଆଜ୍ଞା ଏ ହେଉଛନ୍ତି ମାଧବ ସ୍ୱାଇଁ, ଯାହାଙ୍କ କଥା ମୁଁ ଆପଣଙ୍କୁ କହୁଥିଲି।' ମାଧବ, ଆଉ ଥରେ କର ବାବୁଙ୍କୁ ପ୍ରଣାମ କଲା। 'ମାଧବ ବାବୁ ଆପଣଙ୍କ ଜେଜଙ୍କ ଅବୟବ ତିଆରି କରିବେ। ସେ ଜଣେ ଅତି ସୁନ୍ଦର କାରିଗର।' ମୁଣ୍ଡ ଟୁଙ୍ଗାରିଲେ କର ବାବୁ। 'ଆଚ୍ଛା ପୂର୍ବରୁ କେତେ ମୂର୍ତ୍ତି କରିଛ ?' ଦୁଇ ହାତକୁ ଯୋଡ଼ି ମକଚି ମାଧବ କହିଲା, 'ଆଜ୍ଞା ଦଶ ବର୍ଷରେ ଯେତେ ମୂର୍ତ୍ତି କଲେଜରେ ଲାଗିଛି ସବୁ ମୁଁ ତିଆରି କରିଛି'।

ରାସ୍ତାର ଦୁଇ ପାଖରେ ଏକ ଏବଂ ଦୁଇ କୋଠରି ବିଶିଷ୍ଟ ଛୋଟ ଛୋଟ କୋଠା ଘରମାନ ଦଣ୍ଡାୟମାନ। କର ବାବୁ କହିଲେ, "ମୁଁ ପନ୍ଦର ବର୍ଷ ତଳେ ଗାଁକୁ ଆସିଥିଲି, ଏଗୁଡ଼ିକ ସବୁ ଚାଳଛପର ଥିଲା। ଛପର ଘରର ଶାନ୍ତି କ'ଣ ଚାଳ ଘରେ ଅଛି ?" ପରେ ମାଧବ କହିଲା, "ଆଜ୍ଞା ଦଶ ବର୍ଷ ମଧ୍ୟରେ ଆମେ ଏ ଘର ସବୁ ଲୋକଙ୍କୁ ଦେଇଛୁ।" "ତୁମେ କାହିଁକି ଦେଲ ? ତୁମର କ'ଣ ବହୁତ ପଇସା ହୋଇଯାଇଛି ?" କର ବାବୁ ପଚାରିଲେ। "ଆଜ୍ଞା, ଆମ ଶାସକ ଦଳର ସରକାର ଲୋକଙ୍କୁ ଏ ସମସ୍ତ ଘର ଦେଇଛନ୍ତି।" କର ବାବୁ କେବଳ ମାଧବକୁ ଚାହିଁଲେ।

କିଛି ବାଟ ଗଲା ପରେ କର ବାବୁ ପୁଣି କହିବାକୁ ଆରମ୍ଭ କଲେ, 'ଏ ଘର ହେଉଛି ମୋର ପିଲାଦିନ ସାଙ୍ଗ ସୁଧୀରର ଘର। ସେ ବହୁ ଦିନ ହେବ ଚାଲିଗଲାଣି। କିନ୍ତୁ ତା'ର ଘର କ'ଣ ଏବେ ବି ଛପର ହୋଇ ରହିଛି ?' ସମସ୍ତେ ନୀରବ ରହିଲେ। ମାଗୁଣି କହିଲା, "ଆଜ୍ଞା, ସୁଧୀରର ପୁଅ ବିରୋଧୀ ଦଳରେ ଅଛି। ତାକୁ ସରକାରୀ ଘର ଦେବ କିଏ ? ସରକାରୀ ଦଳକୁ ଯିଏ ଭୋଟ ଦେବ ତାକୁ କେବଳ ସମସ୍ତ ସରକାରୀ ସାହାଯ୍ୟ ମିଳିବ।" କର ବାବୁ ଚୁପ୍ ରହିଲେ। "ତୁ ବିଧାୟକ ହେଲେ, ତାକୁ ଘର ଦେବୁ", ବିନୋଦ କହିଲା। ମାଗୁଣି ହେଉଛି ଆଡ଼ବାଇଆ। ତା'ର କଥାକୁ କିଏ ଗୁରୁତ୍ୱ ଦିଅନ୍ତି ନାହିଁ। ସମସ୍ତେ ତାକୁ ଥଟ୍ଟା ପରିହାସ କରନ୍ତି। ମାଗୁଣି ଟିକେ ରାଗିଯାଇ କହିଲା, "ମୁଁ ଏମ୍‌ଏଲ୍‌ଏ ହେଲେ ତୁମ ସମସ୍ତଙ୍କୁ ଜେଲ୍‌ରେ ପୂରାଇବି। ଗାଁ ଟିକେ ଶାନ୍ତ ପଡିବ।" ସମସ୍ତେ କିଲିକିଲି ହୋଇ ହସିଲେ।

ଶେଷରେ କର ବାବୁ ସଦଳବଳ ସ୍କୁଲରେ ପହଞ୍ଚିଲେ। ଏହି ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା। ପଞ୍ଚମ ଶ୍ରେଣୀ ଶେଷ କରିବା ପରେ ସେ ବାପା ମା'ଙ୍କ ସହିତ ଗାଁ ଛାଡ଼ି ସହରକୁ ଚାଲିଗଲେ। ଯେଉଁ ଛପର ଘରେ ସେ ପଢୁଥିଲେ ସେ କୋଠରି ଆଉ ନାହିଁ। ତା'ର ଉପରେ ଏକ ବଡ ଅଟ୍ଟାଳିକା ମୁଣ୍ଡ ଟେକିଛି। ସେ ଚାହୁଁଥିଲେ ସେ ଛପର ଘର ରହିଥାଉ ଏକ ସ୍ମାରକୀ ଭାବରେ, ମାତ୍ର ତାହା ସମ୍ଭବ ହୋଇ ନ ଥିଲା। ସ୍କୁଲର ରୌପ୍ୟ ଜୟନ୍ତୀରେ

କର ବାବୁଙ୍କ ସମ୍ପୂର୍ଣ୍ଣ ଆର୍ଥିକ ସହାୟତାରେ ସେଠାରେ ନିର୍ମାଣ ହେଲା ରୌପ୍ୟ ଜୟନ୍ତୀ ସ୍ମାରକୀ। ସବୁଦିନ ପାଇଁ ହଜିଗଲା ତାଙ୍କର ସେହି ପ୍ରିୟ କୋଠରି। ମାତ୍ର ଏବେ ବି କର ବାବୁଙ୍କ ମାନସପଟରେ ସେ ସମସ୍ତ ଦୃଶ୍ୟ ସତେଜ। କର ବାବୁ ସ୍କୁଲ୍ ପରିସରରେ ଏକ ଭାବୁକ ପରି ବିହରଣ କରୁଥିଲେ, ସତେ ଯେପରି ସେ ଏକ ମହାନ ତୀର୍ଥ କ୍ଷେତ୍ରରେ ଭ୍ରମଣ କରୁଛନ୍ତି।

ଆଉ ପୁରୁଣା ଗଛମାନ ନାହିଁ। ସେଗୁଡ଼ିକ ସ୍ଥାନରେ ମୁଣ୍ଡ ଟେକିଛନ୍ତି ଛୋଟ ଛୋଟ ଫୁଲଗଛମାନ। କର ବାବୁ ଆଉଟିକେ ଭାବପ୍ରବଣ ହୋଇଗଲେ ଯେତେବେଳେ ସେ ସ୍କୁଲରେ ବୁଲୁ ବୁଲୁ ତାଙ୍କ ଜେଜେଙ୍କ ଅବୟବ ପାଖରେ ପହଞ୍ଚିଗଲେ। ରୌପ୍ୟ ଜୟନ୍ତୀରେ ନିର୍ମିତ ହୋଇଥିଲା ଏ ତାଙ୍କର ଅବୟବ। ତତ୍କାଳୀନ ମନ୍ତ୍ରୀ ଯେ କି ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ସେ ଜେଜେଙ୍କର ଅବୟବକୁ ରୌପ୍ୟ ଜୟନ୍ତୀରେ ଉନ୍ମୋଚନ କରିଥିଲେ। ମନ୍ତ୍ରୀ ମହୋଦୟ ଯାହା ସେଦିନ କହିଲେ, କର ବାବୁଙ୍କ ଏବେ ବି ମନେ ଅଛି। ମନ୍ତ୍ରୀ କହିଲେ ଯେ ଜଗନ୍ନାଥ କର ତାଙ୍କ ବନ୍ଧୁ ଥିଲେ। ସେମାନଙ୍କର କେବଳ ଗୋଟିଏ ଲକ୍ଷ୍ୟ ଥିଲା କିପରି ସ୍ୱରାଜ ମିଳିବ। ଦେଶ ସ୍ୱାଧୀନତା ପାଇଁ ଜଗନ୍ନାଥ କରଙ୍କ ତ୍ୟାଗକୁ ଏ ଜାତି ସର୍ବଦା ସ୍ମରଣ କରିବ। ସେ ଏଠାରେ ପ୍ରଥମେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ ଏବଂ ପିଲାମାନଙ୍କୁ ସର୍ବଦା କହୁଥିଲେ ଗାନ୍ଧିଜୀଙ୍କ ମୂର୍ତ୍ତିକୁ ଘେରି ପ୍ରାର୍ଥନା କରିବା ପାଇଁ। ତେଣୁ ସେ ମହାନ ବ୍ୟକ୍ତି ହେଉଛନ୍ତି ଏ ଅଞ୍ଚଳର ଗାନ୍ଧିଜୀ। ସେଇଥିପାଇଁ ମୁଁ ମୋର ବ୍ୟକ୍ତିଗତ ଅର୍ଥ ଏବଂ ଏ ଅଞ୍ଚଳବାସୀଙ୍କ ସାହାଯ୍ୟରେ ଆମେ ଜଗନ୍ନାଥ କରଙ୍କ ପ୍ରତିମୂର୍ତ୍ତି ଠିକ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ପାଖରେ ନିର୍ମାଣ କରିଛୁ।



ରୌପ୍ୟ ଜୟନ୍ତୀର ଦଶ ବର୍ଷ ପୂର୍ବରୁ ଜେଜେ ଇହଲୀଳା ତ୍ୟାଗ କରିଥିଲେ। ଜେଜେଙ୍କ ସହିତ ଅନେକ ସ୍ମୃତି କର ବାବୁଙ୍କ ଭିତରେ ଏବେ ବି ସତେଜ ହୋଇ ରହିଛି।

ପକେଟରୁ ରୁମାଲ ବାହାର କରି କର ବାବୁ ଗାନ୍ଧିଜୀଙ୍କ ମୁହଁ ପୋଛିବା ଆରମ୍ଭ କଲେ। ତାଙ୍କୁ ଦେଖି ଅନ୍ୟମାନେ ବି ଲାଗିପଡ଼ିଲେ ସେହି କାମରେ। ମାଗୁଣି କହିଲା, "ଗାନ୍ଧୀ ଜୟନ୍ତୀରେ ବର୍ଷକୁ ଥରେ ଏହି ଦୁଇଟି ମୂର୍ତ୍ତି ସଫା ହୁଏ। ଆପଣ ରୁମାଲରେ କେତେ ସଫା କରିବେ। ବିନା ସର୍ଫ ପାଣି ନଡ଼ିଆ କତା ଘଷାରେ କ'ଣ ମଇଳା ଛାଡ଼ିବ ?"

ମୂର୍ତ୍ତି ସଫାକରିବା ଛାଡ଼ି କର ବାବୁ କହିଲେ, 'ଚାଲ କଲେଜକୁ ଯିବା।' ସମସ୍ତେ ଏକ ସାଙ୍ଗରେ କହିଲେ, 'ଆଜ୍ଞା ସାର୍।' ସ୍କୁଲ କମ୍ପାଉଣ୍ଡ କଲେଜକୁ ଲାଗିଛି। କର ବାବୁ କଲେଜ ଗେଟ୍ ପାଖରେ ପହଞ୍ଚିଲେ। ଦରୁଆନ ଗେଟ୍ ଖୋଲିଲା। ସମସ୍ତେ ଚାଲିଲେ ଭିତରକୁ।

ବଡ଼ ବଡ଼ ଲାଲ ରଙ୍ଗର ଲମ୍ବା ଅଟ୍ଟାଳିକା। ଏକ ପ୍ରଶସ୍ତ ଜମିରେ ନିର୍ମାଣ ହୋଇଛି କଲେଜ। ଏହାର ଚାରି ପାଖରେ ହୋଇଛି ଏକ ଉଚ୍ଚ ପାଚେରି। କର ବାବୁ ଘଡ଼ିକୁ ଅନାଇଲେ। ଆସି ନଅଟା ହେଲାଣି। ସେ ସୁଦୂର ଜର୍ମାନୀରୁ ଆସିଛନ୍ତି କେବଳ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଇଁ। ଅତୀତକୁ ମଣିଷ ଭୁଲିପାରେନା। ଏହାର ମହତ୍ତ୍ୱ ପରପିଢ଼ି ପାଇଁ ପ୍ରେରଣା ଯୋଗାଇଥାଏ। ମହାବିଦ୍ୟାଳୟ ଏ ଅଞ୍ଚଳରେ ଉଚ୍ଚଶିକ୍ଷା ପ୍ରସାର କରିଆସୁଅଛି। ଗାଁ ଝିଅମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଏ କଲେଜ ନ ଥିଲେ ଗାଁର ଗରିବ ଝିଅମାନେ କ'ଣ ଉଚ୍ଚଶିକ୍ଷା ପାଇଁ ସହରକୁ ଯାଇ ପାରିଥାନ୍ତେ ?

କରଙ୍କୁ କଲେଜର ଅଧ୍ୟକ୍ଷ ଫୁଲତୋଡ଼ା ଦେଇ ସ୍ୱାଗତ କଲେ। 'ଏ ହେଉଛନ୍ତି କଲେଜର ପ୍ରିନ୍ସିପାଲ,' ସୁମନ୍ତ କହିଲା। କର ବାବୁ ମୁଣ୍ଡ ନୂଆଁଇ ପ୍ରତିନମସ୍କାର କଲେ। 'ଭଲ ଅଛନ୍ତି ସାର ?' ଦୁଇ ହାତ ଯୋଡ଼ି ଥିବା ଅବସ୍ଥାରେ କର ବାବୁ ପଚାରିଲେ। ଅଧ୍ୟକ୍ଷ କହିଲେ, 'ଆଜ୍ଞା ଭଲରେ ଅଛି। ସୁବାସ ଏବଂ ତାର ସାଥୀମାନେ ଅଧ୍ୟକ୍ଷଙ୍କ ଆସ୍ଥାନ ସମ୍ମୁଖରେ ବସି ଗପମାରିଲେ। ତାଙ୍କ ମୁଖଭଙ୍ଗୀରୁ ଜଣାଗଲା ଏପରି ଗପସପକୁ ଅଧ୍ୟକ୍ଷ ଆଦୌ ପସନ୍ଦ କରୁନାହାନ୍ତି; ମାତ୍ର କିଛି କହିବା

ଅବସ୍ଥାରେ ସେ ନ ଥିଲା ପରି ମନେ ହେଉଛି ।

କର ବାବୁ କହିଲେ, "ଆସ ଯିବା କେଉଁ ସ୍ଥାନରେ ଅବୟବ ବସିବ ଦେଖିବା ।" ସମସ୍ତେ ବାହାରିଲେ । ଯେଉଁ ସ୍ଥାନରେ ଅବୟବ ବସିବ, ସେଠାରେ କିଛି ଯୁବକ ଛିଡ଼ାହୋଇ ତାଙ୍କ ମଧ୍ୟରେ ଥଟ୍ଟାମଜା କରୁଥିଲେ । ସୁବାସ କହିଲା, "ସାର୍ ଏମାନେ କଲେଜର ଛାତ୍ର ନେତା । ସମସ୍ତେ କର ବାବୁଙ୍କୁ ହାତଯୋଡ଼ି ନମସ୍କାର କଲେ । ପ୍ରତି ନମସ୍କାର କରି କର ବାବୁ କହିଲେ, "ଆରେ ଆପଣମାନେ ସକାଳୁ ପାଠପଢ଼ା ଛାଡ଼ି ଏଠାରେ କ'ଣ କରୁଛନ୍ତି ? ଆପଣମାନେ ହେଉଛନ୍ତି ଆମ ଗରିବ ରାଜ୍ୟର ଭବିଷ୍ୟତ । ରାଜ୍ୟ ନିର୍ମାଣ ଆପଣମାନଙ୍କ ଦ୍ୱାରା ହେବ । ନିଜକୁ ସିନା ଭଲ ଭାବରେ ତିଆରି କଲେ ଦେଶ ନିର୍ମାଣରେ ଜଣେ ଜଣେ ଯୋଦ୍ଧା ହୋଇପାରିବ ।"

କର ବାବୁଙ୍କ ପାଟିରୁ କଥା ଛଡ଼ାଇଆଣି ମାଗୁଣି କହିଲା, "ଆଜ୍ଞା ଏମାନେ ଏବେଠାରୁ ବହୁତ ରୋଜଗାର କଲେଣି । ବଡ଼ ହେଲେ ସହଜରେ କୋଟିପତି ହୋଇଯିବେ । ଆଉ ପାଠ ପଢ଼ିବା କ'ଣ ଦରକାର ? ଆମ ଗାଁ ଅନାମ ପୁଅ ପାଠ ପଢ଼ି ପଢ଼ି ବେକାର । ସେ କୋଡ଼ିକୁ ଛୋଟ ବେଣାକୁ ମୋଟ । ବୁଢ଼ା ବାପା ଏ ଦିନେ ମୂଲ ଲାଗି ପୋଷୁଛି । ଗାଁ କଲେଜରେ ତ ପ୍ରବଳ କପି ହେଉଛି । ପୁଣି କିଛି ସାରଙ୍କୁ ଟଙ୍କା ଦେଇଦେଲେ ସେ ଖାତାରେ ନମ୍ବର ଦେଇ ଦେଉଛନ୍ତି । ଶୂନ ରଖିଥିବା ପିଲାକୁ ବି ଫାଷ୍ଟ କ୍ଲାସ୍ କରିଦେଉଛନ୍ତି, ତେଣୁ ପାଠ ପଢ଼ିବା କ'ଣ ଦରକାର ? ବିଧାୟକ ସହିତ ବୁଲିଲେ ଯେ କଣ୍ଟ୍ରାକ୍ଟରି କରିବାକୁ ଦେବ । ସେଥିରେ ମୋଟା ପଇସା ଅଛି ।" କର ବାବୁ ମାଗୁଣିକୁ ଚାହିଁଲେ ।

ସୁବାସ ତାଙ୍କୁ ମଣ୍ଡପ ପାଖକୁ ନେଇ ଦେଖେଇଲା କେତେକ ଅବୟବ । କର ବାବୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଚଷମାକୁ ରୁମାଲରେ ପୋଛି ଭଲଭାବରେ ଅବୟବମାନଙ୍କୁ ନିରୀକ୍ଷଣ କଲେ । ମାର୍ବଲ ଅବୟବଗୁଡ଼ିକୁ ଧୂଳିର ଏକ ମୋଟା ଆବରଣ ଧୂସର କରିସାରିଲାଣି । କର ବାବୁ ନିକଟକୁ ଯାଇ ଅବୟବଗୁଡ଼ିକର ଠିକ୍ ତଳେ ମାର୍ବଲରେ ଖୋଦିତ ହୋଇ ବଡ଼ ବଡ଼ ଅକ୍ଷରରେ ଲେଖାଯାଇଥିବା ନାମ ଏବଂ ଜନ୍ମ ବର୍ଷକୁ ଲକ୍ଷ୍ୟ କଲେ । ସେମାନଙ୍କ ମଧ୍ୟରୁ ସେ ଜଣକୁ ଚିହ୍ନିଛନ୍ତି । ସେ ହେଉଛନ୍ତି ସ୍ୱର୍ଗତ ଭାଗ୍ୟ ମଳିକ । ସେ ଆଶ୍ଚର୍ଯ୍ୟ ହୋଇଗଲେ କାରଣ ଭଗିଆର ପ୍ରତିଭା ବିଷୟରେ ସେ ଆଦୌ ଜାଣିନାହାନ୍ତି । ଭଗିଆ ମଳିକ କର ବାବୁଙ୍କ ବିଲରେ କାମ କରୁଥିଲା । ସେ ଜଣେ ହରିଜନ ହୋଇଥିବାରୁ ତାକୁ ଗାଁ ଲୋକମାନେ ବିଲ କାମ ବ୍ୟତୀତ ଘରକାମ କରିବାକୁ ଦେଉ ନ ଥିଲେ । କିନ୍ତୁ କର ବାବୁଙ୍କ ବାପା ତାକୁ ନିଜ ଘରେ ପୂରାଇ ପାଖରେ ବସାଇ ଜାତି ପ୍ରଥା ନିବାରଣ ପାଇଁ ପ୍ରୟାସ କରିଥିଲେ । ଭଗିଆର ଅବୟବ ଏଠାରେ କାହିଁକି ହୋଇଛି ? କର ବାବୁଙ୍କର ମନେପଡ଼ିଲା ଯେ ଭଗିଆ ତାଙ୍କଠାରୁ ବୟସରେ ପାଖାପାଖି ଦଶ ବର୍ଷ ସାନ ହେବ । କେବଳ ମଦ ପିଉଥିବାରୁ ରୋଗାକ୍ରାନ୍ତ ହୋଇ ଶେଷରେ ଭିକ ମାଗୁଥିଲା । ତା'ର ପରେ ଘରେ ପଡ଼ି ପଡ଼ି ମଲା । ସେ ତାଙ୍କ ଘରପାଖ ଲୋକ ମାତ୍ର । ତା'ର ପ୍ରତିଭା ବିଷୟରେ ଜାଣି ନ ଥିବାରୁ କର ବାବୁଙ୍କୁ ଯେତିକି ଦୁଃଖ ଲାଗିଲା, ସେତିକି ଆଶ୍ଚର୍ଯ୍ୟ ବି ।

**ଗାଁ କଲେଜରେ ତ ପ୍ରବଳ କପି ହେଉଛି । ପୁଣି କିଛି ସାରଙ୍କୁ ଟଙ୍କା ଦେଇଦେଲେ ସେ ଖାତାରେ ନମ୍ବର ଦେଇ ଦେଉଛନ୍ତି ।**

କର ବାବୁ ପଚାରିଲେ, "ଭଗିଆର ପ୍ରତିମୂର୍ତ୍ତି କାହିଁକି ଏଠାରେ ରହିଛି ?"ମାଗୁଣି ତାଙ୍କ ପାଟିରୁ କଥା ଛଡ଼ାଇ ନେଇ କହିଲା , "ମଲା, ଏ କଥା ଜାଣିନା । ସେ ପରା ସରପଞ୍ଚ ଥିଲା । ସରକାର ହରିଜନଙ୍କ ପାଇଁ ଆମ ପଞ୍ଚାୟତ ସଂରକ୍ଷଣ କରିଦେବାରୁ, ସେ ସରପଞ୍ଚ ହୋଇଗଲା । କ୍ଷମତା ପାଇବା ପରେ ପରେ ସୁବାସ ପଞ୍ଚାୟତ କଥା ବୁଝିଲା । ଭାଗିଆ କେବଳ ମଦ ପିଇ ପିଇ ମରିଗଲା ।"

"ତେବେ ଏଠାରେ ତା'ର ଅବୟବ କାହିଁକି ହୋଇଛି ?" "ମଲା ତମେ ଏତିକି ଜାଣିନ ?" ମାଗୁଣି କହିଲା । "ତୁ କଣ ଜାଣିଛୁ କହ ?" କର ବାବୁ କହିଲେ । "ପ୍ରତିବର୍ଷ କଲେଜ ଇଲେକ୍ସନ ପୂର୍ବରୁ କଲେଜକୁ ଆସି ବଡ଼ ମିଟିଙ୍ଗ କରି ତାଙ୍କ ଦଳୀୟ ପିଲାଙ୍କୁ ଜିତାଇବାଟା ହେଉଛି ଅସଲି କଥା, ମୂର୍ତ୍ତି ବସାଇବାଟା କେବଳ ଏକ ବାହାନା ।"

ମାଗୁଣି ପାଟିରୁ କଥା ଛଡ଼ାଇ ନେଇ ସୁବାସ କହିଲା, "ଦେଖ ମାଗୁଣି ତୁ ଯେତିକି ଦରର ଲୋକ ସେତିକି ସ୍ତରରେ ରହ କହିଦେଉଛି । କିଛି ନ କହିବାରୁ ତୁ ଅଧିକା ଗପୁଛୁ ।"

"ତୁ ବିଧାୟକର ପାଖ ଲୋକ ? ତୁ ପାଖାପାଖି ବିଧାୟକ। ଯେତେକ ଦୋନମ୍ବରୀ କାମ ତୋ ଦ୍ୱାରା ହେଉଛି। ତୁ ପଞ୍ଚାୟତକୁ ପୂରା ଲୁଟି ସାରିଲୁଣି .......।" ମାଗୁଣିକୁ ଅନ୍ୟମାନେ ପାଟିକଲେ।

ଏକ ମୂର୍ତ୍ତି ଦାମିକା ମାର୍ବଲରେ ନିର୍ମିତ ହୋଇଥିଲା ଯାହା ଅନ୍ୟ ମୂର୍ତ୍ତିଠାରୁ ଭିନ୍ନ ଜଣାପଡୁଥିଲା। କର ବାବୁ ତାକୁ ନିରୀକ୍ଷଣ କରି ଦେଖିଲେ। ପଛରୁ ଜଣେ କେହି କହିଲା, "ଯିଏ ଆସୁଛି ସେ ମୂର୍ତ୍ତିକୁ ଦେଖୁଛନ୍ତି।" କର ବାବୁ ପଛକୁ ଚାହିଁଲେ। ଜଣେ ଡେଙ୍ଗା ପତଳା ରୁଗ୍ଣ ଯୁବକ। ଆଖି ତା'ର ସତେ ଯେପରି ଜଳୁଥିଲା। ନିଶ, ଦାଢି, କେଶ ବହୁଦିନରୁ ନିର୍ବିଘ୍ନରେ ବଢୁଥିଲା। ମାଗୁଣି କହିଲା, "ଏ ମୂର୍ତ୍ତି ରଞ୍ଜିତ ବୋଉର।" କର ବାବୁ ଚାହିଁଲେ ମାଗୁଣିକୁ, ମାଗୁଣି କହିଲା, "ସେଇ ଡେଙ୍ଗା ମଦୁଆର ବୋଉ। ସେ ବୁଢୀ ଆମ ଗାଁ ୱାର୍ଡ ମେମ୍ବର ଥିଲା। ତା'ର ମୂର୍ତ୍ତି ଏଠାରେ ବସିଛି। ତୁମ ଜେଜ ସେମାନଙ୍କ ପାଖରେ ରହିବେ। ଏ ଯେତେ ମୂର୍ତ୍ତି ଅଛନ୍ତି ସେଗୁଡିକର ମର୍ଯ୍ୟାଦା ବଢାଇବ ତୁମ ଜେଜଙ୍କ ପ୍ରତିମୂର୍ତ୍ତି।"

**"ତୁମେ ଏଠାରେ, ତୁମ ଜେଜଙ୍କ ପ୍ରତିମୂର୍ତ୍ତି କରି କ'ଣ ତାଙ୍କ ସମ୍ମାନ ବଢାଇବ?"**

କର ବାବୁ କହିଲେ ଚାଲ ଫେରିଯିବା। ସମସ୍ତେ ତାଙ୍କ ପଛରେ ଚାଲିଲେ। କଲେଜ ସାମ୍ନାରେ ଥିବା ଏକ ପୁରୁଣା ଜଳଖିଆ ଦୋକାନରେ କର ବାବୁ ବସିଲେ। ଅନ୍ୟମାନେ ପଳାଇ ଯାଇଥିଲେ କେବଳ ମାଗୁଣିକୁ ଛାଡି। କର ବାବୁ କହିଲେ, "ମାଗୁଣି ଜଳଖିଆ ଖାଇବୁ ଆ।"

ମାଗୁଣି କହିଲା, "ନା ମୋତେ ଭଲଲାଗୁନି ମୁଁ ଖାଇବିନି।" କର ବାବୁ କହିଲେ, "ତୋ ଦେହ କ'ଣ ଭଲ ନାହିଁ?" "ନା ମୋ ମନ ଭଲ ନାହିଁ," ମାଗୁଣି କହିଲା। "କ'ଣ ପାଇଁ?" କର ବାବୁ ପଚାରିଲେ। "ତୁମ ପାଇଁ," କର ବାବୁ ହସିଲେ। ମାଗୁଣି କହିଲା, "ତୁମେ ଏଠାରେ, ତୁମ ଜେଜଙ୍କ ପ୍ରତିମୂର୍ତ୍ତି କରି କ'ଣ ତାଙ୍କ ସମ୍ମାନ ବଢାଇବ? ବିଧାୟକ ତାଙ୍କ ପ୍ରଚାର ପାଇଁ ଏ ମୂର୍ତ୍ତିଗୁଡିକୁ କରିଥିଲେ। ଆପଣ ଶିକ୍ଷିତ ଲୋକ ହୋଇ ଏ କଥା ଜାଣିପାରୁ ନାହାନ୍ତି। କର ବୁଢା ତ ସମସ୍ତଙ୍କ ହୃଦୟରେ ଅଛି, ତୁମେ ଏ ଶସ୍ତା ଲୋକଙ୍କ କଥାରେ ପଡ଼ି ସେ ଦଶଟା ମୂର୍ତ୍ତି ପାଖରେ ତାଙ୍କୁ କାହିଁକି ରଖୁଛ?"

କର ବାବୁ ମାଗୁଣିକୁ କୁଣ୍ଢାଇ ପକାଇଲେ। ମାଗୁଣି କହିଲା, "ମୋ ଭଳି ଏକ ପାଗଳକୁ କାହିଁକି କୁଣ୍ଢାଉଛନ୍ତି?" ସେ ଉତ୍ତର ଦେଲେ, "ଯଦି ମୁଁ ଗାଁରେ ରହୁଥାନ୍ତି, ମୋତେ ବି ତୋ ପରି ପାଗଳ ଭାବୁଥାନ୍ତେ।"

□□

ଲେଖକଙ୍କ ଇ-ମେଲ ଠିକଣା:
manoranjanbehura2012@gmail.com

## ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ଅତି ସୁଲଭ ମୂଲ୍ୟରେ।

*It's Easy !*

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.11.80 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୧୧.୮୦
(ଏଗାର ଟଙ୍କା ଏବଂ ଅଶୀ ପଇସା ମାତ୍ର)



ବ୍ୟଙ୍ଗ

# ସମାଜସେବୀ ଡକ୍ଟର ଘଣ୍ଟେଶ୍ୱର

ଡ. ଅଜୟ କୁମାର ମିଶ୍ର

ସେଦିନ ଘଣ୍ଟୁଣୀ ଦେଖିବା ବେଳକୁ ଘଣ୍ଟେ ଗାଡ଼ଯୋଗରେ ବେଡ୍ ଉପରେ ଷ୍ଟାଚ୍ୟୁ ଭଳି ନିଜକୁ ଥୟ କରିଚନ୍ତି। "ଆଲୋ, ଇଏ କି କଥା ବା?" ଦିନେ କାଳେ କିଛି ନାଇଁ ଘଣ୍ଟା କଣ୍ଟା ଘୂରିବା ଭଳିଆ ସକାଳୁ ରାତିଯାଏ, ରାତିରୁ ସକାଳଯାଏ ଏଣେ ତେଣେ ଅଥୟ ହେଇ ବୁଲୁଥିବା ତାଙ୍କ ପରମେଶ୍ୱର ଏମିତି ଥୟ କେମିତି? ଆଉ କେହି ଦେଖିଥିଲେ ଷ୍ଟାଚ୍ୟୁ ଭାବନ୍ତେ; ମାତ୍ର ଘଣ୍ଟୁଣୀ ନିଜ ଆଖିକି ପରତେ ନ ଯିବେ ବା କେମିତି? କିଛି କ୍ଷଣ ଯୋଗ ସାଧିଲେ ଘଣ୍ଟେ, ସବୁ ଆୟାମକୁ ବ୍ୟାୟାମ କରାଇ ଥୟ କଲେ। ମନକୁ ରୁନ୍ଧିଲେ, ଏକାଗ୍ର କରେଇଲେ। ଋଷି ଭାଷାରେ ହାରାହାରି ସମାଧିଆ ଅବସ୍ଥା। ଏମିତି କେଡ଼େ ବଡ଼ ବଡ଼ କାମ କରିବା ଆଗରୁ ଘଣ୍ଟେ ଏମିତି ମନ ଥୟ କରନ୍ତି, ବୁଲୁ ବୁଲୁ ଓ ହଲଚଲ ହେଉଥିବା ଇନ୍ଦ୍ରିୟମାନଙ୍କୁ ଛାଟିଆ ମାରି ଥୟ କରି ଘାଣ୍ଟନ୍ତି, ଘଣ୍ଟାଘଣ୍ଟି ସରିଲେ ତତ୍ତ୍ୱ ପାଆନ୍ତି, ପରେ ତତ୍ତ୍ୱର ପ୍ରୟୋଗ କରନ୍ତି।




## ଆଜି ଫୁଲ୍ ଥୟ

ଗାଁ ଛାଡ଼ି ଏକମୁହାଁ ହେଇ ଦରଭଙ୍ଗା ସାଇକେଲ୍‌ରେ ଆସି ଘଣ୍ଟେ ରାଜଧାନୀରେ ଆଜି ଫୁଲ୍ ଥୟ ହେଇଚନ୍ତି। ବଡ଼ ସୁନ୍ଦରିଆ ଥାନରେ ଦଶତାଳିଆ ଭାଡ଼ିଆରେ ନିଜକୁ ଅନ୍ୟମାନଙ୍କ ଆଗରେ ପରିଚିତ କରେଇଚନ୍ତି। ଶିକ୍ଷାଠାରୁ ମଗଜ କସରତ କରି, ନିଜ ପାରିବାପଣରେ ଅନେକଙ୍କୁ ଜିତିଛନ୍ତି, ଜଟିଳ ସମସ୍ୟାର ଜାଲ ଘେରରୁ ମୁଣ୍ଡବୁଲା ଶେଉଳ ପ୍ରକାରେ ଆଡ଼େଇ ଦେଇ, ଏବେ ସମାଜସେବୀ ପାଲଟିଚନ୍ତି। ଆଜିକାଲିକା ଦୁନିଆରେ ଯେ କିଛି ନ କରି, ଗଛରେ ପାଣିଦେବା ବେଳେ, ଗାଳିଚା ଆଗରେ ଖାଲି ବାଲଟି ରଖିବା ବେଳେ, କେଉଁ ଲୋକ ଗହଳିରେ ବିକଳିଆ ଛୁଆ ହାତରେ ବାସି ପାଉଁରୁଟିଟେ ଧରାଇ ଦେବାବେଳେ, କାଉ, ପାରା ଆଗରେ ବଳକା ଚୁଡ଼ାମୁଢ଼ି ଫିଙ୍ଗିବା ବେଳେ, ଲୋକ ଲଗାଇ ଫଅଟ୍ ଉଠେଇ ବୃକ୍ଷପ୍ରେମୀ, ପରିବେଶପ୍ରେମୀ, ପଶୁପକ୍ଷୀ ପ୍ରେମୀ, ଅନ୍ନଦାନ କର୍ତ୍ତା ଭାବରେ ନିଜକୁ ବିଜ୍ଞାପିତ କରାଇ ସୁଖ ପାଆନ୍ତି। ଗୋଟାଏ ଚାରା ଗଛକୁ ଦିନକ ଭିତରେ ଚାରି ପାଞ୍ଚ ଜାଗାରେ ପୋତି, ବିଭିନ୍ନ ଜାଗାର ପ୍ରଚ୍ଛଦ ରଖି ଫଅଟ ମାଧ୍ୟମରେ ପରିବେଶ ପ୍ରେମୀ ପାଲଟନ୍ତି। ଏମିତି ନିଜନିଜର ଢୋଲ ଢାଉଁ ଢାଉଁ, ମହୁରି ପେଏଁ ପେଏଁ କରି ଅନେକ ଖବରକାଗେଜିଆଙ୍କୁ ଧରି ସମାଜସେବୀ ବୋଲାନ୍ତି। ସେମାନଙ୍କ ଦେଖାଦେଖି ଘଣ୍ଟେ ବି ସମାଜସେବୀ ହୋଇ ସାରିଛନ୍ତି।

ସାଧାରଣ ସେବୀମାନେ ଆଉଟଡୋର୍ ସମାଜସେବୀ, ଘଣ୍ଟେ ଉଭୟ ଆଉଟ୍‌ଡୋର୍ ଓ ଇନ୍‌ଡୋର ସମାଜସେବୀ। ଇନ୍‌ଡୋର ସେବାରେ ଘଣ୍ଟୁଙ୍କ ମଗଜ କମ୍ପ୍ୟୁଟରଠୁଁ ଅଧିକ କାର୍ଯ୍ୟକ୍ଷମ। ଚତୁରା ଚତୁରୀମାନେ ଉଡ଼ନ୍ତା ଚଢ଼େଇର ପର ଗଣିପାରନ୍ତି, ମାତ୍ର ଘଣ୍ଟେ ଉଡ଼ନ୍ତା ନୁହେଁ, ଉଡ଼ିବାକୁ ଥିବା ଚଢ଼େଇମାନଙ୍କ ପର, ଉଡ଼ାଣର ବେଗ- ଏସବୁ ଆଖି ପିଛୁଳାକେ ମାପିନିଅନ୍ତି ଓ ଏମାନେ ଉଡ଼ାଣ ଆରମ୍ଭ କରିବା ବେଳକୁ ଘଣ୍ଟୁଙ୍କର ନିକଟତର ହୁଅନ୍ତି। ଏକଦା ନିଜର ଉଡ଼ାଘରେ ଏଇ ଇନ୍‌ଡୋର୍ ସେବା ଆରମ୍ଭ କରିଥିଲେ ଘଣ୍ଟେ, ଏଇ ସେବାରେ କେଡ଼େ କେଡ଼େ ଉତ୍‌ପାତିଆଙ୍କୁ କାଞ୍ଜିଆହୁଦାରେ ଭରି ଦେଇଚନ୍ତି; ପୁଣି କେଡ଼େ କେଡ଼େ ସୁଧାରିଆ ପିଲାଏ ଉତ୍‌ପାତିଆ ହେଇଚନ୍ତି। ଡାଆଣୀ ହେଇ ଘଣ୍ଟେ ଶରୀରରେ ବିଜେ କରିପାରନ୍ତି ଏବଂ ଗୁଣିଆ ହେଇ ଡାଆଣୀକି ଗାଁ ଓ ସହରପାର କରି ଦରକାର ହେଲେ ଦେଶ

ପାର୍ କରାଇ ଦେଇପାରନ୍ତି। ସେବା କରି କରି, ନିଜ ଭଡ଼ାଘର ଛାଡ଼ି ସେ ଆସି ଭାଡ଼ି ଘରେ ପ୍ରବେଶିଲେଣି।

**ବହୁଶାଖିଆ ବରଗଛ**

ଘଣ୍ଟେଙ୍କ ଇନ୍‌ଡୋର ସେବା ବହୁଶାଖିଆ ବରଗଛ ଭଳିଆ ବହୁଲୋକଙ୍କୁ ଛାଇ ଯୋଗେଇ ଦେଇଚି। ଘଣ୍ଟୁଙ୍କ ଇନ୍‌ଡୋର ସେବାର ମନ୍ତ୍ରବଳରେ କେତେ ମୁରୁଖ ଆଜି ଶ୍ରୀଗଣେଶ ପାଲଟିଚନ୍ତି। କେତେ ପଙ୍ଗୁ ଗିରି ଲଂଘିଚନ୍ତି, କେତେ ଉଜୁଡ଼ାଘର ସଜଡ଼ା ହେଇଚି, କେତେ ଅଧିକୃତ ଥାନ ମୁକୁଳା ହେଇଚି, କେତେ ଅଯୋଗ୍ୟ ଲୋକ ସରକାରୀ ଦପ୍ତରରେ ବାବୁ ହେଇଚନ୍ତି, କେତେ ବଦଳି ରୋକା ହେଇଚି, ଏମିତି ବର୍ଣ୍ଣିଲେ ହିସାବ ଫର୍ଦ୍ଦ ତ ଲମ୍ବିବ।

ଯେଉଁମାନେ ଘଣ୍ଟୁଙ୍କ ଇନର୍ ବୁଦ୍ଧିରେ ଭାଗ୍ୟକୁ ସଳଖିଚନ୍ତି, ସେଇମାନଙ୍କ ଠା, ଠିକଣା, କାନଫୁଙ୍କା ନମ୍ବରମାନ ଗୋଟା ମୋଟା ଖାତାରେ ସଇ କରି ଓଳିଆ ବାନ୍ଧିଲା ଭଳି ସାଇତି ରଖିଚି। କାହାଠୁଁ ହପ୍ତାକିଆ, କାହାଠୁ ମାସିକିଆ ଆଦାୟ କରିଚି। ତା' ଖାତାରେ ଏମିତି ବି କେତେ ଅଛନ୍ତି, ଯେଉଁମାନେ ମାର୍ଚ୍ଚରେ ଆୟକର ପଇଠିବା ଭଳି, ଆଗରୁ ଘଣ୍ଟୁ ପାଖରେ ଆପଣା ଛାଏଁ ନେଇ ବର୍ଷିକିଆ ଜମା କରି ଦେଇ ଆସନ୍ତି। ଲୋକେ ଟାଉଟରିଆଙ୍କୁ ଦେଖିଚନ୍ତି। ମାତ୍ର ଘଣ୍ଟୁଙ୍କ ଭଳି ପାକଳସିଆଣିଆ ହାବୁଡ଼େ ଯେଉଁମାନେ ଆଇଚନ୍ତି, ସେମାନେ ଘଣ୍ଟୁଙ୍କୁ ଦେଇ ନେଇ ବି ଡରନ୍ତି। ସେମାନଙ୍କ ଘା, ଘାଉଡ଼ ଘଣ୍ଟୁ ଜାଣେ, ତାଙ୍କ ଦୁରବଳିଆ ପଣକୁ ଘଣ୍ଟୁ ଯେ କୌଣସି କ୍ଷଣରେ ବି ଫୁଟିଆରା କରିଦେଇପାରେ। ସେମାନଙ୍କ ନାଆଁରେ ଲଗେଇ ଜୁଟେଇ ଗପ ନୁହେଁ, ଉପନ୍ୟାସ ଭଳିଆ ଗୁଜବ ବି ପ୍ରଚାର କରିଦେଇପାରେ। ଏକାଧାରରେ ସେ ଉର୍ବରମଗଜା, ଟାଉଟରିଆଙ୍କ ଜେଜେବାପା, ଚୁଗୁଲିଆଙ୍କ ମହାଗୁରୁ। ଏମିତି ଆଉ ଆଉ କ'ଣ ବି ହେଇପାରେ। ରାଜଧାନିଆଁଙ୍କ ଧଳା ପୋଷାକ ତଳର ବିକଳ କାରନାମା ସନ୍ଧାନରେ ଘଣ୍ଟୁ ଘୁ'ମାଛିଠାରୁ ଆଉରି ନିଷ୍ଠା ଦେଖାଏ। ସେଇମାନଙ୍କ ଦାନ, ଅନୁଦାନ, ମହାଦାନରେ ଘଣ୍ଟୁ ଅଥୟରୁ ଥୟ ଖାଲି ନୁହେଁ; ବରଂ ନଈବନ୍ଧ ତଳିଆ, ଅନାବାଦିଆ ଲୋକେ ସରକାରୀ ଜାଗାମାଡ଼ି ବସିବା ପରେ ପରେ ଦାବି କରି ଥାଇ ଥଇଥାନ ହେବା ଭଳିଆ, ଘଣ୍ଟୁ ବି ନିଜ କଦରରେ ଭାଡ଼ିଘର ବିଲ୍‌ଡରିଆମାନଙ୍କୁ ପାଣି ପେଇ ଗୋଟାଏ ଭାଡ଼ି ଘର ନିଜ ନାଆଁରେ କରି ସେଇଠି ଆତ୍ମଘୋଷିତ ବାବା ଭଳିଆ ନିଜ ନାଗରିକପଣକୁ ଏକବାରେ ବଇଧ କରିଦେଇଚି।



ସବୁ ଜଞ୍ଜାଳ ଭେଦି, ଘଣ୍ଟୁ କିନ୍ତୁ ଦୈନିକ ଖବରକାଗଜ ପଢ଼ିବାରେ କେବେ ବି ଭୁଲଭଟକା କରିନାହିଁ। ଏଥରକ ଖାଲି ପଦପଦବୀ ବଣ୍ଟୁଆରା ଖବରଗୁଡ଼ିକ ଉପରେ ଘଣ୍ଟୁ ନଜର ରଖିଲେ। ନିଜେ ରହୁଥିବା ଭାଡ଼ିଘରର ସବୁ ମହଲାରେ ବି କେତେଜଣ ନାଆଁ ପୂର୍ବରୁ ଶ୍ରୀ, ଶ୍ରୀମତୀ, ଶ୍ରୀମାନ୍, ସୁଶ୍ରୀ ନ ଥାଇ 'ଡକ୍ଟର' ପ୍ରକାର ଫଳକ ଲେଖା ଦେଖି କୌତୂହଳରେ ନାଆଁ ଖୋଦେଇ କାଠପଟା ବା ଟିଣ ପ୍ଲେଟକୁ ନିରେଖିକି ବହୁବାର ଡାଆଁଣା ପିଲା, ମିଠେଇ ଦୋକାନକୁ ଅନେଇବା ଭଳିଆ ରଙ୍କୁଣା ହେଇ ଅନେଇଚି। ଖବରକାଗଜରେ ବିଷବିଦାଳୟମାନ ଏମିତି 'ଡକ୍ଟର' ଡିଗ୍ରୀ ବାଣ୍ଟୁଥିବା କଥା ପଢ଼ି, ଘଣ୍ଟୁ 'ଡକ୍ଟର' ପଦଟା କେମିତି ହାତେଇବ, ସେଇ ନିଶାରେ ରହିଲା।

**ଘଣ୍ଟୁଙ୍କ ତଲାସ୍**

ସିବିଆଇ ତଲାସିଠାରୁ ଘଣ୍ଟୁଙ୍କ ତଲାସ୍ ଆଉ ଗହିରିଆ। ସିବିଆଇଏ ଦୋଷୀକୁ ଠାବ କରନ୍ତି ବହୁ ଦିନ ପରେ ଖବର ବାହାରେ। ମାତ୍ର ଘଣ୍ଟେ କେବଳ ଲୋକ ନୁହେଁ, ଲୋକଟି କେଉଁ ଗଛମୂଳେ ବସିଥିଲା, ତା' ମଞ୍ଜି କେଉଁଠୁ ଆଇଥିଲା ସବୁ ଦରାଣ୍ଡନ୍ତି। ଲୋକ ରହୁଥିବା ଘରର ଦେଇ ପିଣ୍ଡି ତଳୁ ପୋତା ହୋଇଥିବା ବାସ୍ତୁକୁ ବି ତଲାସ କରନ୍ତି। ଘଣ୍ଟୁ ଏଥର ତା'ର ଚେଲା ଚାମେଣ୍ଡାଙ୍କୁ ଲଗେଇ ସନ୍ଧାନ କରିନେଲେ, ହୋଡ଼ିଶା ରାଇଜରେ କେତେ ସରକାରୀ, ବେସରକାରୀ, ଅର୍ଦ୍ଧଘରୋଇ, କେତେ ଘରୋଇ ଏଇମନ୍ତେ ମାଳ ମାଳ

ଯାବତ ବିଶ୍ୱବିଦ୍ୟାଳୟର ଖବର ନେଇ ଘଣ୍ଟେ ଜାଣିଲେ ଯେ ଗୋଟେ ଗୋଟେ ମୁକୁଳା ବିଶ୍ୱବିଦ୍ୟାଳୟ ଅଛି। ସେଠି ଜଣେ ଜଣେ ରାସ-ରସିଆ କାହ୍ନାମାର୍କା ପ୍ରୋଫେସର ଉପର ତୋଷଣ ପୋଷଣ କରି ମୁଣ୍ଡଧାରଣ କୁଳାଙ୍ଗାରପତି, କୁଳସ୍ୱାମୀ ଅଛନ୍ତି। ଏମାନେ ଉପୁରିଆଙ୍କୁ ଥୋପ ଖୋଇ, ଶିକ୍ଷା ନାମକ ସଦା ଅର୍ଥକରୀ ଫସଲ କ୍ଷେତର ରଖୁଆଳ ହେଇଚନ୍ତି। ଯେତେ ଦେଇଚନ୍ତି, ତା'ର ଦଶଗୁଣା ଆୟ କରିବାକୁ ରାଘବା ବାଳିଆ ଭଳିଆ ଆଁ ମେଲେଇଚନ୍ତି। କେରାଣ୍ଡି, ଦଣ୍ଡିକିରି ଯାହା ଦେଖିଲେ ପାଟିଲେ ଗଳେଇ ଦେଉଚନ୍ତି। ଏ ଚଉକିରେ ଥୟ ହେବାକୁ ସେମାନେ ଲକ୍ଷ୍ମୀଙ୍କୁ ବାଜି ଲଗେଇ ସରସ୍ୱତୀ ଖୁଆଡ଼ ଜଗିଚନ୍ତି। ଏମିତିଆ କେତେଜଣଙ୍କ ଇତିହାସ ଘଣ୍ଟା ଘାଣ୍ଟି କରି ଘଣ୍ଟୁ ଥିର ମନରେ ଧୀର ଚିତ୍ତରେ ଡକ୍ଟରେଟ୍ ଦାନିଆଁଙ୍କୁ ବାଛିଲେ। ତହିଁ ଭିତରୁ ଜଣେ ତାଙ୍କ ମାପ ପାଇଁ ଯୋଗ୍ୟତମ ଲାଗିଲେ। ଏମନ୍ତ କୁଳିଆସ୍ୱାମୀଙ୍କ ଚରିତ୍ରର ଗାତ ଗୁଡ଼ିକ ଦରଣ୍ଡା ଦରଣ୍ଡି କରି ଘଣ୍ଟୁ ତାଙ୍କୁ କଳିନେଲେ। ଏ ଲୋକଟି ଆକୃତିରେ ବାସନାବାତେରାର ଅନ୍ୟତମ ସଂସ୍କରଣ। କୃଷ୍ଣକଳାକୁ ଷୋଳପଣ ସାଧିସାଧି ଏଯାଏଁ ଆଇଚି। ଚାକିରି ଆଉ କେଇଟା ମାସ, ତେଣୁ ସେ ନଅଙ୍କିଆଟା ଡାହୁକ ଭଳିଆ ଗିଳାଣ ଖୋଜୁଚି। ଦିହସୁଖ ସହ ଟଙ୍କା ସୁଖ - ଉଭୟ ପାଇଗଲେ ଏପାରି ଗଛ ସେପାରି କରିଦେବାର ସବୁ ଯାଦୁ କାଛୁ, କୁଣ୍ଡିଆ ମଚଳା ଚମଦଳା ବିଦ୍ୟାରେ ସେ ଓସ୍ତାଦ୍।

ନିଜର ଉଦ୍ଦେଶ୍ୟ ପୂରଣ ପାଇଁ ଘଣ୍ଟେ ତାଙ୍କର ଜଣେ ପରମାନେଣ୍ଟ ସହଚାରିଣୀଙ୍କ ସୁବେଶ କରାଇ, ଅଗତ୍ୟା ଗୁରୁଘରେ ହେଇ ପ୍ରଣମିଲେ, ପୟର ବନ୍ଦିଲେ ଅସାମାନ୍ୟ ଚାଟୁବଚନରେ। ସୁନ୍ଦରୀ ସହଚାରିଣୀଙ୍କ ନେଇ, କେତେ କେତେ ଧବଳଗଜଙ୍କୁ ଭେଟେଇ କେତେ ବଡ଼ ବଡ଼ ଦୂରିଆ ବଦଳିକୁ ତତ୍କ୍ଷଣାତ୍ ବାତିଲ କରେଇଚନ୍ତି ସେ। ଏ ଗେଟାମାଟା କେତେ ମାତ୍ରା ବା? ବାମନ ମାର୍କା କୁଳସ୍ୱାମୀଙ୍କ ପାଖରେ ସହଚାରିଣୀଙ୍କୁ ରଖେଇ, ଗାଡ଼ିରେ ଛାଡ଼ି ଆସିଥିବା ମିଠା ପାକିଟ୍‌ଟା ଆଣିବାକୁ ଧାଇଁଲେ। ସୁଯୋଗରେ ସହଚାରିଣୀ ମୁନି-ଜିତା ଚାହାଣି ହାଣିଲେ, ତାତୁଣିଆଁ ମହାଗୁରୁଙ୍କ ଛାତି ଭିତରେ ଭୂକମ୍ପ ସୃଜିଲେ। ଜଣେଇଲେ ସିଧା

**ଏମାନେ ଉପୁରିଆଙ୍କୁ ଥୋପ ଖୋଇ, ଶିକ୍ଷା ନାମକ ସଦା ଅର୍ଥକରୀ ଫସଲ କ୍ଷେତର ରଖୁଆଳ ହେଇଚନ୍ତି।**

ବିଶ୍ୱବିଦ୍ୟାଳୟ। ମାନପତ୍ର, ଡକ୍ଟରେଟ୍ ବଣ୍ଟନ କେନ୍ଦ୍ର ଭାବରେ କେଇଟାଙ୍କର ଖ୍ୟାତି ରହିଚି। ଏଠି ବିଭିନ୍ନ ବିଦ୍ୟାରେ ଗୋବେଷଣା କଲେ ଏ ଡିଗ୍ରୀ ମିଳେ, କେଉଁ କେଉଁମାନଙ୍କ ଗୋବେଷଣା ଫୋବେଷଣା ନ ଥାଇ ବି ଏ ଡିଗ୍ରୀ ମିଳେ, ନାଆଁ ପୂର୍ବରୁ ଏ ଡିଗ୍ରୀଟାକୁ ସେମାନେ ନେଇ ଝଳେଇ କରିଦିଅନ୍ତି। ଘଣ୍ଟୁ ଜାଣିଲା ଯେ, ଗୋବେଷଣା ଫୋବେଷଣା ପାଇଁ ସେ ଅଯୋଗ୍ୟ। ତେଣୁ ଅନାହାରୀ ଡକ୍ଟରେଟ୍ ପାଇବାକୁ ଯୋଗାଡ଼ଯନ୍ତ୍ର କରିବା ଦରକାର। ଏ ରାଜ୍ୟରେ ନାଚୁଆ, ଖାଉଆ, ନାଟେଇ, ଗାଉଣୀ ବି ଏମନ୍ତ ଡିଗ୍ରୀ ପୁଆଇଚନ୍ତି। ବିଶ୍ୱବିଦ୍ୟାଳୟ ଚୁମ୍ବକ ପକେଇ ଏମନ୍ତ ପ୍ରତିଭା ଲୁହାକଣ୍ଟାଗୁଡ଼ିକୁ ତଲାସି ତଲାସି ଆକର୍ଷି କରିନେଇଚନ୍ତି। ଏମିତି ଭାବିଲେ ଗଛ ପ୍ରେମୁଆଁ, ପଶୁପକ୍ଷୀ ପ୍ରେମୁଆଁଙ୍କୁ ବି ଏ ଡିଗ୍ରୀ ପରାପତ ହେଇଚି। ଘଣ୍ଟୁ ଏମିତିଆ ବାଟ ଖୋଜିଲେ, ସେ ନିଜେ ବି ସମାଜସେବୀ ପାଲଟିଚନ୍ତି, ନାଆଁ ବି କମେଇଚନ୍ତି।

**ଗଳିବାଟ**

ମେନ୍‌ଗେଟ୍ ନ ହେଲେ ବି ଗଳିବାଟ ଦେଇ ଅନେକ କର୍ମଚାରୀ ଅଫିସ୍ ଯାଆସ କରି, ବିଜୁଳି ଖୋଳପାରେ ଟିପ ମଡ଼ାଇ କରି ବେଶ ସୁରୁଖୁରୁରେ କାମ ଚଳାନ୍ତି। ଏଇ ଗଳିବାଟକୁ ପସନ୍ଦ କଲେ ଘଣ୍ଟୁ ସାହାବ। ଖବର ନେଇ ଘଣ୍ଟୁ ଜାଣିଲେ ଯେ ଆଉ ଅନ୍ୟ ଗଳିବାଟ ଅଛି। ଏଠି ଜଣେ ବାହା ହୁଏ, ଅନ୍ୟ ଜଣେ ଚଉଠି କରେ। କେତେ ବଡ଼ବଡ଼ିଆ ପ୍ରୋଫେ ଅଛନ୍ତି, ସେମାନେ ଦାଣ୍ଡକବାଟ, ଢାଲ ଭଳି ଉଭା। ତାଙ୍କୁ ଗୋବେଷଣାର ବାଟବତାଳି ଭାବେ ଗ୍ରହଣ କରି, ତାଙ୍କ ଅଧୀନ ନାଁ ସଇ ହେବା ପରେ ସାତଖୁଣ ମାଫ୍। ଖାଲି ତାଙ୍କୁ ରୋକଡ଼ା ଦେଇଦେଲେ ଗୋବେଷଣା ଫଳ ଛାଆଁକୁ ଛାଆଁ ପାକଳ ହୁଏ, ପାଚେ ବି। ତାଙ୍କ ପାଖରେ କେତେଜଣ ଅଧେପୋକ, ହାଉଯାଉ, ଏମାନେ ଅଳପ କିଛି ନେଇ ଲେଖୁଆଳ ଭାବେ ଉତୁରା ଉତୁରି କରି ପତରପଣ୍ଡୁଅ ବାନ୍ଧିଲା ଭଳିଆ ଗୋବେଷଣା ଭାଣ୍ଡଲିପି ତୟାର କରନ୍ତି, ଉପରେ ସବୁ ଚକଚକିଆ ଛାପା, ମହାକାଳ ଫଳ ପ୍ରକାରେ ପୂରା ସୁନ୍ଦର, ଚିରି ଭିତରେ ଦେଖୁଚି କିଏ? ଏ ପ୍ରକାର ଗୋବେଷଣା ଘଣ୍ଟୁଙ୍କ ପାଇଁ ଅକୁଳାଣ। କାରଣ ସେ ମାତୃକୁଳନାଶନ ଯାଏ ଠେଲାପେଲା କରି ଉଠିଚନ୍ତି।

ସିଧା ସାଆରେ ! ଆପଣ ଚାହିଁଲେ ଆମ ଘଣ୍ଟୁ ସାହେବଙ୍କୁ ଗୋଟାଏ ଡକ୍ଟର ଉପାଧି ଦିଆ କରିପାରିବେ। ଆମ ସାହେବ୍ ଜଣେ ବିରାଟ ମଣିଷ, ଆଡ଼ ଅଛି ଦୀର୍ଘ ଅଛି। ସରକାରୀ କଳର ଅନେକ ସାଆଁନ୍ତ ସାଆଁନ୍ତାଣୀ ତାଙ୍କ କବ୍‌ଜାରେ। ସିଏ ବି ଅନେକ ପାଠ ଦୋକାନ ଖୋଲିଚନ୍ତି, ଗୋଟାଏ ଏକକ ବିଷବିଦ୍ୟାଳୟ ଖୋଲିବାର ମସୁଧା ବି ରଖିଚନ୍ତି। ତାଙ୍କୁ ଆପଣଙ୍କ ବିଷବିଦ୍ୟାଳୟ ଭଳି ବିଟ୍, ସିଟ୍, ମିଟ୍, ଭଳିଆ କେତେକ ନୂଆ ପୁରୁଣା ବିଷବିଦ୍ୟାଳୟ ଅନାହାରୀ ଡକ୍ଟର କରିବାକୁ ବାଛିଛନ୍ତି। ତାଙ୍କ ହାତରେ ସହରର ବଛାବଛା ଟୋକା, ମାଳମାଳ ନେତାଳିଆ ବି ଅଛନ୍ତି। ସେ ଅନ୍ୟ ଆଡ଼େ ଯାଉଥିଲେ; ମାତ୍ର ଆପଣଙ୍କ ଭଳି ଜଣେ ନାଉଆଁ ଗୋବେଷକ ଆଉ ପ୍ରୋଫେସରଙ୍କ କଥା କହି ମନେଇ ମାନେଇଁ ଏଠିକି ଆଣିଚି। ଖାଲି ଗୋଟାଏ ଡିଗ୍ରୀ ଆପଣ ଦିଆ କରେଇଲେ, ଆପଣଙ୍କୁ ଧନ, ଜନ, ଗୋପ ଲକ୍ଷ୍ମୀରେ ପରିପୂର୍ଣ୍ଣ କରିଦେବେ। ଆପଣଙ୍କ ଅବସର ବାସି, ସେ ଆପଣଙ୍କୁ ବଡ଼ ପଟୁଆରରେ ନେଇ ତାଙ୍କ ପାଠଗ୍ରୁପ୍ ଅଧୀନରେ ଚଳପ୍ରଚଳ ହେଉଥିବା ଅନେକ ଅନୁଷ୍ଠାନର ମୁଖ୍ୟ ନିର୍ଦ୍ଦେଶକ କରି ଚୌକିରେ ଥାପିବେ। ଡିଗ୍ରୀ ପୂର୍ବରୁ ଆପଣଙ୍କ ମନୋବାଞ୍ଛା ଫୁଲ୍ କରେଇବେ, ଡିଗ୍ରୀ ପାଇଯିବା ପରେ ଅଖଣ୍ଡ କୃତଜ୍ଞତା ନେଇ ପୁଣି ଆପଣଙ୍କୁ ଥୟ କରେଇ ସରସ୍ୱତୀ ଦୁଆରରେ ଲକ୍ଷ୍ମୀଙ୍କୁ ଭିଡ଼ି ଆଣି ଆପଣଙ୍କୁ ଧରେଇଦେବେ।



**ଆଖିର ବଖାଣ**

ସୁହାସିନୀ- କାମକୁତୁକିନୀ ସହଚାରିଣୀଙ୍କ ତୁଣ୍ଡ ବଖାଣରୁ ଆଖିର ବଖାଣ ଅଧିକ। ନାରୀମାୟାରେ କେତେକେତେ ମୁନି ଋଷି ସଂସାର କରିଚନ୍ତି, ଇଏ ବା କି ଛାର। ମନେ ମନେ ଭାବିଲେ ବାମନାବତାରେ- "ଆରେ ସତେ ତ, ଆଉ କେଇମାସରେ ଚାକିରି ଦୋକାନରେ ସଟର ପଡ଼ିଯିବ, ପାବାର ପଅର୍ ଲିକ୍ ବି ହେଇଯିବ, ତାଙ୍କୁ ଏଠି ଥୟ କରିଥିବା ଶ୍ୱେତଗଜିଆମାନେ ବି ନ ଥିବେ। ତେଣୁ ଏ ସୁଯୋଗ ଛାଡ଼ିବାର ନାହିଁ। ତେବେ ଘଣ୍ଟଙ୍କ ଚଉହଦୀ ଜାଇଁଲା ପରେ ତାଙ୍କୁ କେଉଁ ସୂତ୍ରରୁ ଉପାଧି ପାଇଁ ବାଛିହେବ- ସେ କଥା ଭାବି ଗଣିତ କଷୁଥିଲେ। ଘଣ୍ଟୁଙ୍କୁ ବିଶିଷ୍ଟ ସମାଜସେବୀର ଷ୍ଟାମ୍ପ୍ ଦେଇଦେଲେ ନିରାପଦ। କିନ୍ତୁ ତାଙ୍କ ପାଖକୁ ଘଣ୍ଟୁଙ୍କ ନାମ ସୁପାରିସ ହେଇଥିବା ଆଠଦଶଟା ଚିଠି ଆସିବା ଦରକାର, କେତେକ ଜଣା ଅଜଣା ଅନୁଷ୍ଠାନ ବି ତାଙ୍କ ପାଇଁ ପ୍ରସ୍ତାବ ଦେବା ଦରକାର। ସହଚାରିଣୀଙ୍କ କଥା ଅଧାରେ ଗୋଟାଏ ବଡ଼ ପେଟିରେ ବଜାରର ସରସା ମିଠା, ଦାମୀ ଫଳମାନ ଆଣି ସମର୍ପିଲେ ଘଣ୍ଟେ।

ଘଣ୍ଟେ ସହଚାରିଣୀ ସହ ସେଠୁ ଫେରିବା ପରେ ସୁପାରିସ ପତ୍ର ଯୋଗାଡ଼ରେ ଲାଗିପଡ଼ିଲେ। ତାଙ୍କ ପୋଷା କମ୍ପ୍ୟୁଟରିଆକୁ ଡକେଇ ସତ ମିଛ କରି ଦେଢ଼ ଡଜନ୍ ବିଭିନ୍ନ କିସମର ପ୍ୟାଡ୍ ଜନ୍ମଦିଆ କରେଇଲେ। ତାଙ୍କ ବଟସ୍କରିଆମାନଙ୍କୁ ଡକେଇ ନାନା ପ୍ରକାରେ ଘଣ୍ଟୁଟେକାଣ ପତ୍ରମାନ ଲେଖାହେଲା। ତହିଁରେ ପୁଣି ମାଳମାଳ ଦସ୍ତଖତ କରାଗଲା। ଘଣ୍ଟୁଙ୍କ ନିର୍ଦ୍ଦେଶରେ କେତେକରେ ଅଫିସ୍‌ର ଚିଠି ନମ୍ବର ପଇଲା, ସହର ଓ ସହର ବାହାରର ନାନା ଡାକ ବାକ୍ସରେ କୁଳସ୍ୱାମୀ ଓ ବିଷବିଦ୍ୟାଳୟ ଠିକଣା ଲେଖି ଚିଠିମାନ ପକାଗଲା। ସବୁ ଚିଠିରେ ତାରିଖମାନ ଅଲଗା, ହାତ ଅକ୍ଷର ବି ଅଲଗା କାହା ସହ, କାହାର ସଇ ମେଳ ଖାଉ ନାହିଁ। କୁଳସ୍ୱାମୀ ଏସବୁ ପ୍ରାପ୍ତ ହେଇ, ତାଙ୍କ ଗୋଡ଼ାଣିଆ କେତେଟା ପ୍ରୋଫେଙ୍କୁ ଡକେଇ ମିଟିଂ ବସେଇ ଘଣ୍ଟୁଙ୍କୁ ଅନାହାରୀ ଡକ୍ଟରେଟ୍ ଦେବାକୁ ଥିର କରିଦେଲେ। ବଦଳରେ ଘଣ୍ଟୁଙ୍କ ତରଫରୁ କେତେ ବିଡ଼ା ଗାନ୍ଧୀମୁଣ୍ଡିଆ ତାଙ୍କର ହସ୍ତଗତ ହୋଇଥିଲା। ଖବରକାଗଜରେ ସମାଜସେବୀ ଘଣ୍ଟେଙ୍କ ଅନାହାରୀ ଡକ୍ଟରେଟ୍ ପ୍ରସଙ୍ଗ ପ୍ରକାଶ ପାଇଥିଲା। ନିଜ ଭାଡ଼ିଘର ଦୁଆରେ ଘଣ୍ଟେ - "ଡକ୍ଟର ଘଣ୍ଟେଶ୍ୱର" ବୋଲି ନାଁ ଫଳକ ଟଙ୍ଗେଇଦେଲେ। ପଡ଼ିଶା ପ୍ରଫେସରଙ୍କ ପ୍ରଶ୍ନିଳ ଆଖି ଆଗରେ ଖବରକାଗଜର ସଚିତ୍ର ଖବରଟିକୁ ଧରେଇଦେଲେ ଡକ୍ଟର ଘଣ୍ଟେଶ୍ୱର। ନିଜ ଚନ୍ଦାମଥାରେ ପାପୁଲି ବୁଲେଇଥିଲେ ପ୍ରଫେସରେ। ଖବରକାଗଜର ଏ ଫଟୋଟା ଦେଖି ଓ ତଳେ ଥିବା ଖବର ପଢ଼ି ନିଜ ନାଡ଼ି ନିଜ ହାତରେ ବାର ବାର ଚିପି ନିଜ ସ୍ନାୟୁକୁ ପରୀକ୍ଷା କରୁଥିଲେ । ମନେ ମନେ ଭାବୁଥିଲେ, ତାଙ୍କର ଚେତା ଅଛି ତ ? (କ୍ରମଶଃ)

□□

ଲେଖକଙ୍କ ଇ-ମେଲ୍ ଠିକଣା:
ajayamishraodia@gmail.com



ପ୍ରବନ୍ଧ

# ମଦିରା ବନ୍ୟାରେ ସାହିତ୍ୟ ସର୍ଜନା


ଡ. ନିଖିଳାନନ୍ଦ ପାଣିଗ୍ରାହୀ

ରାତି ଗୋଟାଏ। ଗୋଟିଏ ବଡ଼ ସହରର ଘଟଣା ଶୂନସାନ ରାସ୍ତା, ଦୋକାନ ବଜାର ବନ୍ଦ ମାତ୍ର ପାନୁଆର ମନ ହେଲା, ଯେତେ ଯାହା ହେଉ ପାନ ଖାଇବ ହିଁ ଖାଇବ। ରାସ୍ତାରେ ତା' ସହିତ ଥାଏ ଗୋଟିଏ ସାଥୀ। ତାକୁ ଜିଦ୍ ଧରି କହିଲା ପାନ ଆଣିବା ପାଇଁ। ବିଚରା ସାଥୀଟି ନାଚାର। କିନ୍ତୁ ପାନୁଆ ସହଜେ ଛାଡ଼ିବା ଲୋକ ନୁହେଁ। ପେଟେ ମଦ ପିଇଛି। ଅବଶ୍ୟ ସାଥୀଟି ମଧ୍ୟ। ସେମାନଙ୍କ ମଧ୍ୟରେ ପାନ ପ୍ରସଙ୍ଗ ବେଳକୁ ବେଳ ଚରମ ସୀମା ଛୁଇଁଲା।

ତେବେ ପାନୁଆ ମଦ ନିଶାରେ ଚୂର ହୋଇଥିଲେ ମଧ୍ୟ ବାଜି ମାରି କହିଲା ଯେ, ସେ ଅଲବତ୍ ପାନ ଆଣିବ। ରାସ୍ତାରେ କାଁ ଭାଁ ଗୋଟିଏ ଖଣ୍ଡେ କାର ଯାଉଥିବା ବେଳେ ଗାଡ଼ି ଆଗରେ ଠିଆ ହୋଇ ପାନୁଆ ଟଳି ଟଳି ନାଚ ନାଚିଲା। କେହି କେହି ଗାଡ଼ି ଚାଳକ ବିରକ୍ତ ହୋଇ ତାକୁ ଗାଳି ଦିଅନ୍ତି। ମାତ୍ର ସେ ବାଜି ଜିତିବା ଲକ୍ଷ୍ୟରେ ଜିଦ୍‌ଖୋର। ତେବେ ଆଶ୍ଚର୍ଯ୍ୟଜନକ ଭାବେ ଗୋଟିଏ କାର୍ ଅଟକିଲା। ଗାଡ଼ିରୁ ଜଣେ ଭଦ୍ରଲୋକ ଓହ୍ଲାଇ ସମ୍ମାନର ସହ କହିଲେ, "ଭାଇ ଏତେ ରାତିରେ ? ଘରେ ଛାଡ଼ିଦେବି ?"

କିନ୍ତୁ ପାନୁଆର ଲକ୍ଷ୍ୟ ସ୍ଥିର ଥିଲା। ଏହାର ସରଳ ଓ ନିର୍ଧାର୍ଯ୍ୟ ଉତ୍ତର ଥିଲା 'ପାନ ଅଛି ?'

ଭଦ୍ର ବ୍ୟକ୍ତି ଜଣକ ନିଜ ପକେଟରେ ଥିବା ପାନପୁଡ଼ିଆଟି ତା' ହାତକୁ ବଢ଼ାଇ ଦେବା ମାତ୍ରେ ପୂର୍ବରୁ 'ଭାଲୁ ପରି' ନାଚୁଥିବା ପାନୁଆଟି 'ରାବଣ ପରି' ହସିଲା। ଅବଶ୍ୟ ଭଦ୍ରବ୍ୟକ୍ତି ଜଣକ ପାନ ଦେବା ପରେ ସେଠାରୁ ଚାଲି ଯାଇଥିଲେ।



**ଅସାମାନ୍ୟ ପାନୁଆ**

ପ୍ରିୟ ପାଠକେ ! ଆପଣମାନେ ହୁଏତ ଏହି ପାନୁଆକୁ ମନେ ମନେ ଘୃଣା କରିବା ପାଇଁ ଉଦ୍ୟତ ହୋଇଥିବେ। କିନ୍ତୁ ସେ ଜଣେ ସାମାନ୍ୟ ବ୍ୟକ୍ତି ନ ଥିଲେ। ସେ ହେଉଛନ୍ତି ଖୋକା ଭାଇ। ଅକ୍ଷୟ ମହାନ୍ତି। ଆମ ରାଜ୍ୟର ଘରେ ଘରେ ତାଙ୍କ ଗୀତ ବାଜୁଛି। ତାଙ୍କ ସାଥିରେ ଯିଏ ଥିଲେ, ସେ ମଧ୍ୟ କମ୍ ପ୍ରସିଦ୍ଧ ନୁହନ୍ତି। ସେ ହେଉଛନ୍ତି ପାରଦର୍ଶୀ କଥାକାର ପ୍ରକାଶ ମହାପାତ୍ର।

ଘଟଣାଟି ୧୯୮୩ ମସିହାର। ସେତେବେଳେ କଟକର ବାରବାଟୀ ଷ୍ଟାଡିୟମ ପଛ ପଟେ ଥିବା କଟକ କ୍ଲବରେ ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସମାବେଶରେ ଉଭୟେ ମନ ଭରି ମଦ୍ୟପାନ କରିଥିଲେ। ମଦ ଆସରରେ ମଦ ନିଶାରେ ଚିୟର୍ସ ବୋଲି କହିବା ବେଳେ ଶୁଭୁଥାଏ, 'ଚେସସସ୍'। ତେବେ ଗୁଲୁଗୁଲିଆ ଜଣେ ହୃଷ୍ଟପୁଷ୍ଟ ନାବାଳକ ପାଇଁ ସେଇ ସମୟରେ ଏହି ଶବ୍ଦଟି 'ସସସ....ସେକ୍ସ'। ଉଭୟେ ସେଠାକାର କୁସନରେ ବସି ପିଇବା ବେଳେ ପିଲାଟିର ପାଟିରୁ ବାହାରୁଥାଏ, 'ଏଇ ଲାଷ୍ଟ୍‌ଟାଇମ ଟିକେ ସେକ୍ସ କରିଦିଅ।' ଏମିତି କହିବା ବେଳେ ସେ ଗ୍ଲାସରେ ଗ୍ଲାସ ବାଡ଼େଇଲା। (ଦ୍ରଷ୍ଟବ୍ୟ: ସ୍‌ସ୍‌ ସେକ୍‌ସ, ପ୍ରକାଶ ମହାପାତ୍ର, କଥାର ନାମ ବଂଶୀ, ୧୨୯)

ଅକ୍ଷୟ ମହାନ୍ତି (୧୯୩୬-୨୦୦୨)ଙ୍କ ଠାରେ ବିଦ୍ୟମାନ ଥିଲା ପ୍ରଚଣ୍ଡ ସର୍ଜନଶୀଳ ପ୍ରତିଭା। କେବଳ କଣ୍ଠଶିଳ୍ପୀ, ଗୀତିକାର, ସଂଗୀତ ନିର୍ଦ୍ଦେଶକ ଭାବେ ନୁହେଁ, ସେ ଜଣେ ଭିନ୍ନ ଧରଣର ସାହିତ୍ୟିକ। ତାଙ୍କ ରଚିତ 'ବାଃ ବାଃରେ ଆମେରିକା' ଭ୍ରମଣ କାହାଣୀ ଏହା ପୁଷ୍ଟ କରେ।

ସମାଲୋଚକଙ୍କ ମତରେ ତାଙ୍କ ଲେଖାରେ ପରିଦୃଷ୍ଟ ହୁଏ, "ଦ୍ୱନ୍ଦ୍ୱ ଓ ଉତ୍କଣ୍ଠାପୂର୍ଣ୍ଣ ନାଟକୀୟ ବିନ୍ୟାସ, କଥକତାଧର୍ମୀ ଶୈଳୀ, କବିତାମୟ ସାବଲୀଳ ବର୍ଣ୍ଣନା।" ତାଙ୍କ ରଚିତ ତିନୋଟି ଗୀତି କବିତା ବହି ମଧ୍ୟରେ 'ମଧୁଶାଳା' ଶୀର୍ଷକ ପୁସ୍ତକଟି ଅନ୍ତର୍ଭୁକ୍ତ।

## ବିରଳ ବିଶେଷତ୍ୱ

ଅକ୍ଷୟ ମହାନ୍ତିଙ୍କ ଚରିତ୍ରର ଏକ ବିରଳ ବିଶେଷତ୍ୱ ହେଉଛି ଯେ, ସେ ମଦ୍ୟପାନ କରିବା ବିଷୟକୁ ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି, ଯଦିଚ ଆମ ସମାଜରେ ଏହା ଏକ ମନ୍ଦ ଓ ଘୃଣ୍ୟ ଅଭ୍ୟାସ ଭାବେ ନିନ୍ଦିତ।

ଏହି ମର୍ମରେ ଅନ୍ୟ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ ଆମ ନଜରକୁ ଆସନ୍ତି। ସେ ହେଉଛନ୍ତି ଏକାଧାରରେ ସାହିତ୍ୟ ସାଧକ, ରାଜନୀତିଜ୍ଞ, ସାମ୍ବାଦିକ ଓ ଜନସେବକ ସୁରେନ୍ଦ୍ର ମହାନ୍ତି (୧୯୨୨-୧୯୯୦)। ଲେଖକର ସଂଜ୍ଞା ସମ୍ପର୍କରେ ସେ କହିଛନ୍ତି, "ପାଦ ଥିଲେ ଚାଲି ହୁଏ, ହାତ ଥିଲେ ସବୁବେଳେ ଲେଖି ହୁଏନା। ଲେଖକ ଏ ଯୁଗର ମହାମୌନ ତପସ୍ୱୀ ଓ ଲେଖା ତା'ର ତପସ୍ୟା:- ସତ୍ୟର ସନ୍ଧାନ ପାଇଁ ଓ ନୂତନ ମୂଲ୍ୟବୋଧର ପରିଚୟ ପାଇଁ ତପଶ୍ଚରଣ ମଧ୍ୟରେ ଯେତିକି, ସ୍ଖଳନ ମଧ୍ୟରେ ମଧ୍ୟ ସେତିକି।" (ଦ୍ରଷ୍ଟବ୍ୟ- ମୁଁ କାହିଁକି ଲେଖେ, ସାହିତ୍ୟ କୋଷ, ପୃ. ୧୪୪୫)

**ପାଦ ଥିଲେ ଚାଲି ହୁଏ, ହାତ ଥିଲେ ସବୁବେଳେ ଲେଖି ହୁଏନା। ଲେଖକ ଏ ଯୁଗର ମହାମୌନ ତପସ୍ୱୀ ଓ ଲେଖା ତା'ର ତପସ୍ୟା।**

ତାଙ୍କ ଲେଖନୀରେ ସ୍ଖଳନ ସମ୍ପର୍କରେ ପ୍ରବୀଣ ସାହିତ୍ୟିକ ସମାଲୋଚକମାନେ ଅବଶ୍ୟ ବିଜ୍ଞ ମତ ରଖିବେ। କିନ୍ତୁ ତାଙ୍କ ଜୀବନଚରିତରେ ସାଧାରଣଠାରୁ ଯେଉଁ ବ୍ୟତିକ୍ରମ ଆମର ଦୃଷ୍ଟି ଆକର୍ଷଣ କରିଥାଏ, ତାହା ଉଲ୍ଲେଖନୀୟ। ତାଙ୍କ ବିବାହ ସମୟର ଘଟଣା। କନ୍ୟା ଘର ପକ୍ଷରୁ ଗାଡ଼ି ଠିକ୍ ସମୟରେ ତାଙ୍କ ଡଗରପଡାସ୍ଥିତ ଘରେ ପହଞ୍ଚି ନ ଥିବାରୁ ସେ ନିଜେ ବେକରେ ଫୁଲମାଳ ଲମ୍ବାଇ ଅବିଳମ୍ବେ ଶ୍ୱଶୁରଘର ଆଡ଼କୁ ଚାଲିଲେ। ଏହି ଖବର ଶ୍ୱଶୁରଘର ଲୋକେ ଜାଣିବା ମାତ୍ରେ ନିମଚଉଡ଼ି ଠାରେ ଯାତ୍ରାରତ ସୁରେନ୍ଦ୍ରଙ୍କୁ ଦେଖି ଆଣିଥିବା ଫୁଲରେ ମଣ୍ଡିତ କାର୍‌ରେ ତରବରରେ ଜବରଦସ୍ତ ବସାଇଲେ। ଏହି ଦୃଷ୍ଟାନ୍ତକୁ କିଏ କହିପାରେ ତାଙ୍କ ଧୈର୍ଯ୍ୟହୀନତା। ଅବଶ୍ୟ ଅନ୍ୟ କେହି କହିପାରେ ଶୃଙ୍ଖଳାଜ୍ଞାନ। ସେମିତି ଭୂତପୂର୍ବ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଅଜ୍ଞାତରେ ତାଙ୍କ ତକିଆ ତଳ ପାର୍ଶ୍ୱରୁ ପାଞ୍ଚ ଶହ ଟଙ୍କା ନେଇ ଗଣତନ୍ତ୍ର ପରିଷଦ ତରଫରୁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଆମେ ଅବଶ୍ୟ ଜାଣି ନାହୁଁ ସିଂହଦେଓ ମହାଶୟ ପର୍ସ ପରେ ଦେଖି ଚୋରି ହୋଇଛି ବୋଲି ଭାବିଥିବେ କି ନାହିଁ। ସେ ଯାହା ହେଉ ଏହି ସମ୍ପର୍କରେ ତାଙ୍କର ଜଣେ ଜୀବନୀ ଆଲୋଚକ ମନ୍ତବ୍ୟ ଦେଇଛନ୍ତି, "....ଏ ବ୍ୟାପାରରେ ସେ ମିଥ୍ୟା, ଚୋରି ଓ ଛଳନା ଇତ୍ୟାଦିର ପଥ ଆପଣେଇଥିବା ଅକପଟ ଭାବେ ନିଜ ଜୀବନସ୍ମୃତିରେ ଲେଖିଛନ୍ତି। କାରଣ ତା' ପୂର୍ବରୁ ଉତ୍ପୀଡ଼କ ଜୀବନ ତାଙ୍କୁ ଏକ ପ୍ରକାର ଅସହାୟ କରି ଦେଇଥିଲା।"


## ସୌମ୍ୟରଞ୍ଜନଙ୍କ ଭେଟି

ପରବର୍ତ୍ତୀ ସମୟରେ ତାଙ୍କର କୌଣସି ଏକ ଜନ୍ମଦିନ-ପାଳନ ଅବସରରେ ଯାହା ଘଟିଥିଲା, ତାହା ଉଲ୍ଲେଖନୀୟ। ଏହି ମର୍ମରେ ଗୋଟିଏ ଉଦ୍ଧୃତି ହେଉଛି, "ଜନ୍ମଦିନରେ ତାଙ୍କୁ ଭେଟିବାକୁ ଅନେକ ବ୍ୟକ୍ତି କିଏ କଲମ, କିଏ ଭାଗବତ, କିଏ ଜଗନ୍ନାଥଙ୍କ ଫଟୋ ଇତ୍ୟାଦି ନେଇ ଯାଆନ୍ତି। କିନ୍ତୁ ସୌମ୍ୟରଞ୍ଜନ ପଟ୍ଟନାୟକ ବିରାଟ ଲାଲ ଗୋଲାପର ଗୋଟିଏ ତୋଡ଼ା ସାଙ୍ଗକୁ ସୁରେନ୍ଦ୍ର ବାବୁଙ୍କ ମନପସନ୍ଦର ବଡ଼ ସ୍କଚ୍ ବୋତଲ ନେଇ ଭେଟନ୍ତି। ଏସବୁକୁ ଦେଖି ଉଲ୍ଲସିତ ସୁରେନ୍ଦ୍ର ବାବୁ ଥରେ କହିଥିଲେ, 'ଆସ,ସୌମ୍ୟବାବୁ, ଏମାନେ ଭାଗବତ, ଗଙ୍ଗା ପାଣି, ଜଗନ୍ନାଥ ଫଟୋ ଦେଇ ମୋ ଜନ୍ମଦିନରେ ମୋତେ ମଶାଣିକୁ ପଠେଇବାର ପରିବେଶ ତିଆରି କରି ସାରିଥିଲେ। ତୁମେ ଅନ୍ତତଃ ମୋତେ ଏଥିରୁ ନିଷ୍କୃତି ଦେଲ।" (ଦ୍ରଷ୍ଟବ୍ୟ: ଓଡ଼ିଆ ସାହିତ୍ୟର ବିସ୍ମୟ ବିଶ୍ୱକର୍ମା, ଗୌରହରି ଦାସ, ୨୧ ଡିସେମ୍ବର ୨୦୨୨)।

ମନପସନ୍ଦର ମଦ ବୋତଲ ମିଳିଗଲେ, ମଶାଣି ଘୁଞ୍ଚି ଘୁଞ୍ଚି ହଜିଯାଏ ଚକ୍ରବାଳ ସମୀପରେ। ମଦର ଶକ୍ତି କେତେ ଅକଳନ, ଏହା ଏଥିରୁ ଅନୁମେୟ। ଅବଶ୍ୟ ଏଥି ପୂର୍ବରୁ ମଧ୍ୟ ଏମିତି ମଦ୍ୟାସକ୍ତି ଅନ୍ୟ ଲେଖକଙ୍କଠାରେ ବିଦ୍ୟମାନ ଥିଲା।

ଜନପ୍ରିୟ ଗପ 'ପେଟେଣ୍ଟ ମେଡିସିନ୍'ର ସ୍ରଷ୍ଟା ଫକୀର

ମୋହନ ସେନାପତି (୧୮୪୩-୧୯୧୮) ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, ଯେ, ସେ ପ୍ରଥମେ ମଦିରାକୁ ବିଷ ତୁଲ୍ୟ ମଣୁଥିଲେ। ... ହଠାତ୍ ମଦ ପିଇବା ପରେ ତାଙ୍କର ସବୁ ଘୃଣା ଉଭେଇଗଲା।.... ପ୍ରାର୍ଥନା ପରେ ସେ ଅନ୍ୟମାନଙ୍କ ସହ ମଦ୍ୟପାନ କରିବା ଚାଲୁ ରଖିଲେ। ଅବଶ୍ୟ ନିଶାସକ୍ତ ବୋଲି କେହି ନ ଜାଣନ୍ତୁ- ଏହି କାରଣରୁ ସେ ନିଜକୁ ସୀମିତ କରୁଥିଲେ। .... ସେମାନେ (ତିନି ଜଣ) ଶକ୍ତିଶାଳୀ ମଦର ଗୋଟିଏ ବୋତଲ ପିଉଥିଲେ। ....କ୍ଲାନ୍ତିରୁ ବିମୁକ୍ତ ହେବାକୁ ଫକୀର ମୋହନ ପ୍ରଥମେ ଦୁଇ ପେଗ୍ ଦେଶୀ ମଦରୁ ଆରମ୍ଭ କଲେ ଇତ୍ୟାଦି। ଆଇରିଶ କବି ଡବ୍ଲ୍ୟୁ. ବି. ୟିଟସ୍ (୧୮୬୫-୧୯୩୯) "ଡ୍ରିଙ୍କିଙ୍ଗ ସଙ୍ଗ୍" ଶୀର୍ଷକ ଲେଖିଥିବା ପ୍ରସିଦ୍ଧ କବିତା ଆଧାରରେ ଜେପି ଦାସ "ସ୍ୱାଦ୍ୟ" ନାମରେ ଗୋଟିଏ କ୍ଷୁଦ୍ର କବିତା ରଚନା କରିଛନ୍ତି,




"ମତେ ଭଲ ଲାଗେ ଗଦ୍ୟ
ମନ୍ଦ ଲାଗେନା ପଦ୍ୟ
ଯେଉଁଟି କିନ୍ତୁ ଅତି ଭଲ ଲାଗେ
ସେଇଟି ହେଉଛି ମଦ୍ୟ।"

### ଚାରୋଟି ଉପାଦାନ

ପଦ୍ମଭୂଷଣରେ ଭୂଷିତ କବି ହରିବଂଶ ରାୟ ବଚ୍ଚନ (୧୯୦୭-୨୦୦୨) ୨୮ ବର୍ଷ ବୟସ ବେଳେ ୧୩୫ଟି ଚାରିଧାଡ଼ିଆ କବିତା ବିଶିଷ୍ଟ 'ମଧୁଶାଳା' ରଚନା କରିଥିଲେ। ଜୀବନର ଜଟିଳତାକୁ ଅବତାରଣା କରିବାକୁ ସେ ଚାରୋଟି ଉପାଦାନ ଉପଯୋଗ କରିଥିଲେ: ମଦ, ସାକୀ (ସୁରା ପରିବେଷଣକାରୀ ତରୁଣ ବା ତରୁଣୀ), ପ୍ୟାଲା (ପାତ୍ର, କପ୍ ବା ଗ୍ଲାସ) ଓ ମଧୁଶାଳା (ମଦିରାଳୟ, ବାର୍)। ସେ ଓମାର ଖୟାମଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। 'ମଧୁଶାଳା' ଅପାର ଲୋକପ୍ରିୟତା ହାସଲ କରି ବିଭିନ୍ନ ଭାଷାରେ ଅନୂଦିତ ହୋଇଥିଲା। ତାଙ୍କ ଜୀବନ ଦର୍ଶନରେ ଥିଲା, 'ଏ ଶରୀର ମାଟିର, ମନ ଖେଳୁଆଡ଼ ଓ ଜୀବନ କ୍ଷଣିକ' ତାଙ୍କ ଏହି ସମ୍ପର୍କିତ ତିନିଖଣ୍ଡ ବିଶିଷ୍ଟ ବହିରେ ମଧୁଶାଳା ବ୍ୟତୀତ ଅନ୍ୟ ଦୁଇଟି ଲେଖା ମଧୁକଳା ଓ ମଧୁକଳଶ।

'ମଧୁଶାଳା' ପଦ୍ୟାବଳୀରେ ଏମିତି କିଛି ରହିଛି: ଗୋଟିଏ ମଦୁଆ ମଦ ପିଇବା ପାଇଁ ମଦ୍ୟଶାଳାକୁ ଚାଲିଲା। କିନ୍ତୁ କେଉଁ ରାସ୍ତାରେ ଯିବାକୁ ପଡ଼ିବ, ସେ ଜାଣି ପାରିଲା ନାହିଁ। ତା'କୁ ଦିଗ୍‌ଦର୍ଶନ ଦେଖାଇବାକୁ ପରାମର୍ଶ ଦିଆଗଲା ଯେ, ଯେଉଁ ରାସ୍ତାରେ ଚାହୁଁଛ ଯାଅ। କିନ୍ତୁ ଚାଲ, ତେବେ ମଧୁଶାଳାରେ ପହଞ୍ଚିବ। ଏହା ଏକ ପଦ୍ୟାଂଶର ଦୃଷ୍ଟାନ୍ତ। ସାହିତ୍ୟିକଙ୍କ ମତରେ ଏହା ବେଦାନ୍ତ ଓ ସୁଫି ଦର୍ଶନରେ ପରିପୁଷ୍ଟ ଓ ଛାୟାବାଦର (ନିଓ-ରୋମାଣ୍ଟିସିଜମ୍) ଏକ ଅନନ୍ୟ ସୃଷ୍ଟି।


ଯେ କୌଣସି ବ୍ୟକ୍ତିକୁ ଲାଗିପାରେ ଯେ, ଜଣେ ଯଦି ଏତେ ନିଖୁଣ ଭାବେ ମଦିରା ଉପରେ ପଦ୍ୟ ଲେଖୁଛି, ଏହାର କାରଣ ହେବ ଯେ, ସେ ନିଜ ଜୀବନରେ ଏହାର ପ୍ରତ୍ୟକ୍ଷ ଅନୁଭୂତି ଭୋଗିଛି। କିନ୍ତୁ ହରିବଂଶ ବାରମ୍ବାର କହିଛନ୍ତି ଯେ, ସେ ଜୀବନରେ ମଦ ଛୁଇଁ ନାହାନ୍ତି। ଅବଶ୍ୟ ଖୋକାଭାଇ ମଧ୍ୟ 'ମଧୁଶାଳା' ରଚନା କରିଛନ୍ତି କିନ୍ତୁ ସେ ମଦ୍ୟପ ବୋଲି ଖୋଲାମେଲା ଭାବେ ସ୍ୱୀକାର କରିଛନ୍ତି। ତାଙ୍କ କ୍ଷେତ୍ରରେ ପୋଥି ବାଇଗଣ ଓ ବାଡ଼ି ବାଇଗଣ ଏକା। ମାତ୍ର ହରିବଂଶଙ୍କ କ୍ଷେତ୍ରରେ ଏହା ସତ ନୁହେଁ। ତଥାପି ସାଧାରଣ ଲୋକେ ହୁଏତ କହିବେ:

"ଶୁଣ୍ଢୀ ଦୁଆରେ ଦୁଧ ପିଇଲେ
ସମସ୍ତେ କହିବେ ମଦ।
ଗଉଡ଼ ଦୁଆରେ ମଦ ପିଇଲେ
ସମସ୍ତେ କହିବେ ଦୁଧ।"

ଅର୍ଥାତ୍ ସ୍ଥାନ-କାଳ-ପାତ୍ରର ପ୍ରଭାବ ସାଧାରଣ ଭାବେ ଅଲଂଘନୀୟ। ତଥାପି ହରିବଂଶ ଯଦି ମଦ ଉପରେ ଲେଖି ଜଣେ ମଦ-ବର୍ଜନକାରୀ ବ୍ୟକ୍ତିର ଭାବମୂର୍ତ୍ତି ସୃଷ୍ଟି କରିପାରିଛନ୍ତି, ଏହା ଏକ ଅଚିନ୍ତ୍ୟ ସୌଭାଗ୍ୟର ପରିଚାୟକ ହେବ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
nikhilanand.panigrahy@gmail.com



ଅନୁବାଦ

# ମୁର୍ଦ୍ଦାରମାନଙ୍କ ଗାଁ

ମୂଳ ହିନ୍ଦୀ - ଧର୍ମବୀର ଭାରତୀ   ଅନୁବାଦ - ଡ. କନକ ମଂଜରୀ ପଟ୍ଟନାୟକ



ସେଇ ଗାଁକୁ ନେଇ ବିଚିତ୍ର ଉଡ଼ା ଖବର ସବୁ ପ୍ରସାରିତ ହେଉଥିଲା। ଲୋକେ କହୁଥିଲେ ସେଠି ଦିନରେ ମଧ୍ୟ ମୃତ୍ୟୁର ଏକ କଳାଛାୟା ଆଲୋକ ଉପରେ ପଡୁଛି। ସନ୍ଧ୍ୟା ହେଉ ହେଉ କବରଗୁଡ଼ିକ ହାଇ ମାରିବାରେ ଲାଗିଯାଆନ୍ତି ଏବଂ ଭୋକିଲା କଙ୍କାଳ ଅନ୍ଧାରର ଲମ୍ବା କମିଜ ଢାଙ୍କି ହୋଇ ସଡ଼କ, ପାଦଚଲା ରାସ୍ତା ଏବଂ କ୍ଷେତମାନଙ୍କ ଭାଡ଼ି ଉପରେ ଖାଦ୍ୟ ଅନ୍ୱେଷଣରେ ବୁଲନ୍ତି।

ସେମାନଙ୍କର ପଞ୍ଜରାମାନଙ୍କର ଖଡ଼ଖଡ଼ ଶବ୍ଦ ଶୁଣି ମୁର୍ଦ୍ଦାରମାନଙ୍କ ଚାରିପାଖରେ ଚିତ୍କାରୁଥିବା ଘୃଣ୍ୟ ଶୃଗାଳ ଡରିମରି ନୀରବି ଯାଆନ୍ତି ଏବଂ ମାଂସଲୋଭୀ ଗୃଧ୍ରମାନଙ୍କ ଶାବକମାନେ ଡେଣାତଳେ ମଥା ଢାଙ୍କି ଶୁଖିଲା କାଠର କୋଟରମାନଙ୍କରେ ଲୁଚି ଯାଆନ୍ତି।



ଏବଂ ଏହି ପରିସ୍ଥିତିରେ ଅଖିଳ ଯେତେବେଳେ କହିଲା, 'ଚାଲ, ସେଇ ଗାଁର ସଂଖ୍ୟା ବି ପ୍ରସ୍ତୁତ କରିନେବା', ଶୁଣୁ ଶୁଣୁ ମୁଁ ଥରି ଉଠିଲି। ପାଖ ଗାଁର ଗୋଟେ ଟୋକା ପିଲା ସାଙ୍ଗରେ ଆସିବାକୁ ଅତି କଷ୍ଟରେ ରାଜିହେଲା। ଆଗରେ ଦୁଇମାଇଲ ଦୂରରେ ଗଛମାନଙ୍କ ଗହଳି ଭିତରେ ଉକ୍ତ ଗାଁର ଗୋଟେ ଝଲକ ଦିଶିଲା। ପୂର୍ବରୁ ମାଇଲ ମାଇଲ ଧରି ବିଲମାନଙ୍କରେ ମାଳମାଳ ଶବ ପଡ଼ିଥିଲା। ଗାଁ ନିକଟରେ ପହଁଚୁ ପହଁଚୁ ଏମିତି ଅବସ୍ଥା ହେଲା ଯେ ଜଣା ପଡ଼ିଲା, ଭୋକ ହିଁ ଏହି ଗ୍ରାମର ଚତୁର୍ଦ୍ଦିଗରେ ମୃତ୍ୟୁର ବୀଜ ବୁଣିଥିଲା ଏବଂ ଆଜି ଗଳିତ ଶବମାଳର ଫସଲ ଲହଡ଼ି ଭାଙ୍ଗୁଛି। ଶ୍ୱାନ, ଗୃଧ୍ର, ଶୃଗାଳ ଏବଂ କୁଆମାନେ ଉକ୍ତ ଫସଲର ଭରପୂର ଲାଭ ଉଠାଉଛନ୍ତି। ଏତିକିବେଳେ ବାୟୁର ଏକ ହିଲ୍ଲୋଳରେ ଦୁର୍ଗନ୍ଧ ପ୍ରସରି ଯାଇ ଆମ ମଥାକୁ ଘୂରାଇଦେଲା। କିନ୍ତୁ ପୁଣି ଉକ୍ତ ଦୁର୍ଗନ୍ଧବାହୀ ବାୟୁ ଶୁଖିଲା ବାଉଁଶ ବୁଦା ଭିତରେ ରୁନ୍ଧି ହୋଇ ଅଟକି ଗଲା।

ସମ୍ମୁଖରେ ମୁର୍ଦ୍ଦାର ଗ୍ରାମର ପ୍ରଥମ କୁଡ଼ିଆ ଦିଶିଲା। ତିନି ଦିଗରୁ ଭୁଶୁଡି ପଡ଼ିଥିବା ଅଧା ଛପର ଝୁଲି ରହିଥିଲା ଗୋଟିଏ କାନ୍ଥର ସାହାରା ନେଇ। କାନ୍ଥ ଆଡୁଆଳରେ ଗୋଟେ କଙ୍କାଳ ପଡ଼ିଥିଲା। ସାଙ୍ଗରେ ଆସିଥିବା ଟୋକା ଜଣକ ଅଟକିଗଲା- 'ଇଏ! ଇଏ ନିତାଇ ଧୀବର।'

'କାଇଁ?' ଅଖିଳ ପଚାରିଲା।

'ସେଇଠି, ସେଇ ନିତାଇ ଧୀବର ଶୋଇଛି!' ପିଲା ଜଣଙ୍କ କଙ୍କାଳ ଆଡ଼କୁ ଇଙ୍ଗିତ କଲା- 'ଇଏ ଧୀବର ଥିଲା ଏବଂ ଗାଁର ସବୁଠାରୁ ସ୍ୱାସ୍ଥ୍ୟବାନ ଜୁଆନ। ଅକାଳ ପଡ଼ିଲା। ଭୋକରେ ତା' ମା' ମରିଗଲା। ତା' ପାଖରେ ଖାଇବାକୁ କିଛି ନ ଥିଲା। କାଷ୍ଠ ସଂଗ୍ରହ କରି ଚିତା ଯୋଗାଡ଼ିବା ଅସମ୍ଭବ ଥିଲା। ସେ ତା' ଡଙ୍ଗାକୁ ବାହାରକୁ ଆଣି ମା'ର ମଲାଦେହକୁ ଡଙ୍ଗାରେ ରଖିଲା। ଉପରେ ଶୁଖିଲା ଘାସ ବିଛେଇ ନିଆଁ ଲଗାଇଦେଲା। ବଳକା ବଳକି ଆଶ୍ରା ବି ଚାଲିଗଲା। ଆଉ ଦିନେ ଇଏ ବି ଭୋକିଲା ପଡ଼ିଲା। ଏଇଠି ଏଇ ଜାଗାରେ ତା' ମା' ବି ଶେଷ ନିଃଶ୍ୱାସ ଛାଡିଥିଲା।' ସାଙ୍ଗରେ ଆସିଥିବା ପିଲା କହିଲା।

ବାୟୁର ହିଲ୍ଲୋଳ ପୁଣି ପ୍ରସରିଗଲା। ପୋଲା ବାଉଁଶ ଭିତର ଦେଇ ନିରବତା ଭିତରେ ବାୟୁ ଖସି ପଡ଼ିଲା। ପିଲା ଜଣକ ଚିତ୍କାରି ଉଠିଲା- 'ସେ ନିଃଶ୍ୱାସ ନେଉଛି- ଆପଣମାନେ ଶୁଣି ପାରୁଛନ୍ତି?

'କିଏ?'

'ସେଇ, ସେଇ ତନ୍ତିଆଣୀ ନିଃଶ୍ୱାସ ନେଉଛି।'

'କ'ଣ ଆଜେ ବାଜେ ବକୁଛୁ?' ଅଖିଳ ଚିଡ଼ି ଉଠି

ଗାଳି କଲା। 'କିଏ ତନ୍ତିଆଣୀ ?'

'ଆପଣ ଜାଣନ୍ତି ନାହିଁ? ଏ ଯେଉଁ ସାମ୍ନାରେ କୁଡ଼ିଆ ଦିଶୁଛି, ସେଇଠି ତନ୍ତୀ ରହୁଥିଲା। ସେମାନଙ୍କ ଭିତରୁ ତିନି ଜଣ ଭୋକରେ ମରିଗଲେ। କେବଳ ରହିଗଲା ଅରଟ।

କିନ୍ତୁ ଭୋକରେ ସେମାନଙ୍କ ସ୍ନାୟୁ ବି ଏତେ ଦୁର୍ବଳ, ନିସ୍ତେଜ ଥିଲା ଯେ କପଡ଼ା ବୁଣିବା ମାତ୍ରେ ଯନ୍ତ୍ର ବି ବେକାର ହେଲା। ସେମାନେ ପାଖ ଜଙ୍ଗଲରୁ କନ୍ଦା ଖୋଳି ଖାଇବା ଆରମ୍ଭ କଲେ। ଶୃଗାଳମାନଙ୍କ ଆଗଦାନ୍ତ ଭଳି ସେମାନଙ୍କ ଦାନ୍ତ ମୁନିଆ ହୋଇଗଲା। ତନ୍ତୀ ରୋଗରେ ପଡ଼ିଲା। ତନ୍ତିଆଣୀ କନ୍ଦା ଖୋଳିବାକୁ ଯାଏ । ଦିନକର କନ୍ଦା ଖୋଳିବା ସମୟରେ ତା'ର ଦୁର୍ବଳ ହାତରୁ ଖୁସୁଣି ଖସିଗଲା ଏବଂ ବାମ ହାତର ତର୍ଜନୀ ଓ ବୁଢ଼ା ଆଙ୍ଗୁଠି କଟିଯାଇ ତଳେ ପଡ଼ିଗଲା। ସେ ଘରେ ପହଞ୍ଚିଲା ପରେ ରୋଗିଣା ଓ ଭୋକିଲା ତନ୍ତୀ ରାଗରେ ପାଟି ଉଠି ଚିତ୍କାର କରିଲା– 'ବାହାରି ଯା' ମୋ ଘରୁ। ତୁ ଏବେ ବେକାର, ନା ଚରଖା ଚଲାଇ ପାରିବୁ ନା କନ୍ଦା ଖୋଳି ପାରିବୁ।' ସେହି ଦିନଠାରୁ ତନ୍ତିଆଣୀର ଠିକଣା ନାହିଁ। କିନ୍ତୁ କିଛି ଲୋକ କହୁଛନ୍ତି ସେ ଭୂତ ହୋଇ ଗାଁର କବରମାନଙ୍କ ପାଖରେ ବୁଲୁଛି । ଏବେ ବି ସେ ଶ୍ୱାସ ନେଉଛି। ଆପଣମାନେ ଶୁଣି ନାହାନ୍ତି ?'

**କିଛି ଲୋକ କହୁଛନ୍ତି ସେ ଭୂତ ହୋଇ ଗାଁର କବରମାନଙ୍କ ପାଖରେ ବୁଲୁଛି । ଏବେ ବି ସେ ଶ୍ୱାସ ନେଉଛି। ଆପଣମାନେ ଶୁଣି ନାହାନ୍ତି ?**

ଅଖିଳ ମୋ ଆଡ଼କୁ ଚାହିଁଲା। ମୁଁ ମଧ୍ୟ ତା' ଆଡ଼କୁ ଅନାଇଲି। ଆମେ ଦୁହେଁ ଆଗକୁ ଅଗ୍ରସର ହେଲୁ ଏବଂ ତନ୍ତୀର କୁଡ଼ିଆ ଭିତରେ ପଶିଲୁ। ଟୋକା ପିଲାଟା ପଛଘୁଞ୍ଚା ଦେଉଥିଲା, କିନ୍ତୁ ସାହସ ଦେବାରୁ ସେ ମଧ୍ୟ ଭିତରକୁ ଗଲା। ପିଲାଟା ଭିତରୁ ଦରଜା ବନ୍ଦ କରିଦେଲା ଏବଂ ଆମ ସହ ଲାଗିକରି ଛିଡ଼ା ହେଲା। ସେ ଭୟରେ କମ୍ପୁଥିଲା। ସମ୍ମୁଖସ୍ଥ ଅଗଣାରେ ତିନୋଟି କବର ପାଖାପାଖି ଖୋଳା ହୋଇଥିଲା। ମଝି କବରରେ ଗୋଟେ ବଡ଼ କଣାଥିଲା। ତା' ଭିତରୁ ଗୋଟେ ବଣଭୁଆ ବାହାରିଲା। ଆମ ଆଡ଼କୁ ଭୟାତୁର ଆଖିରେ ଚାହିଁ ମୁଣ୍ଡ ଘୁମାଇ ପୁଣି କବର ଭିତରକୁ ପଶିଗଲା।


ଅଗଣାରେ କୌଣସି ମୁର୍ଦ୍ଦାରର ଶଢ଼ା ଗନ୍ଧ ଖେଳେଇ ହୋଇ ରହିଥିଲା। ଅଖିଳ ତା'ର କ୍ୟାମେରାକୁ ସଜ କଲା ଫଟୋ ଉଠାଇବା ପାଇଁ। ଏତିକିବେଳେ ପଛ କବାଟ ଖଡ଼ କରି ଶବ୍ଦ ହେଲା। ମୋର ଲୋମ ଠିଆ ଠିଆ ହୋଇପଡ଼ିଲା। ଅଖିଳ କହିଲା– 'ଶିଆଳ ହୋଇଥିବ।' କେହି ଯେମିତି କବାଟକୁ ବାର-ବାର ଧକ୍କା ଦେବା ଆରମ୍ଭ କଲା। ମୁଁ ଭାବିଲି ସମ୍ଭବତଃ ଜିଅନ୍ତା ମଣିଷର ଗନ୍ଧବାରି ସାରା ଗାଁର ମୁର୍ଦ୍ଦାରମାନେ ଆମ ଉପରେ ଆକ୍ରମଣ କରିବାକୁ ଆସିଗଲେ। ଭୟରେ ମୋ ରକ୍ତର ପ୍ରତିଟି ବିନ୍ଦୁ ଜମାଟ ବାନ୍ଧିଗଲା। ସାଙ୍ଗରେ ଥିବା ଟୋକା ପିଲାଟା ଭୟରେ ପାଟିକରି ଉଠିଲା। ଅଖିଳ ଧୀରେ ଧୀରେ ଯାଇ କବାଟ ଖୋଲିଦେଲା ଏବଂ ତା' ପରେ ବଡ଼ ପାଟିରେ ଚିତ୍କାର କରି ଦୌଡ଼ି ଆସି ମୋ ପାଖରେ ଛିଡ଼ା ହୋଇପଡ଼ିଲା।। ସେତେବେଳକୁ ମୋର ଅର୍ଦ୍ଧମୂର୍ଚ୍ଛିତ ଅବସ୍ଥା। ଆପଣମାନଙ୍କୁ ବିଶ୍ୱାସ ହୋଇ ନ ପାରେ, ଦରଜା ପାଖରେ ମୁଁ କ'ଣ ଦେଖିଲି। ମୁଁ ଯାହାକୁ ଦେଖିଲି ତାକୁ ମଣିଷ କୁହାଯାଇପାରିବ ନାହିଁ। ସେ ପଶୁ ବି ନ ଥିଲା, ଭୂତ ବି ନୁହେଁ–ଗୋଟେ ସ୍ତ୍ରୀ ସୁଲଭ ମୁହଁ, ଠାଏଁ ଠାଏଁ ତା'ର ଚର୍ମ ଓହଳି ପଡ଼ିଥିଲା, ମୁଣ୍ଡବାଳ ସବୁ ଝଡ଼ି ଯାଇଥିଲା, ନିଶ୍ଚଳ ଓଠ ଝୁଲି ପଡ଼ିଥିଲା ଏବଂ କୁକୁରମାନଙ୍କ ଦାନ୍ତ ଭଳି ଦାନ୍ତ ମୁନିଆଁ ଥିଲା। ମନେ ହେଉଥିଲା ଯେପରିକି ମଣିଷର ଛାଞ୍ଚ ଉପରେ ଝିଟିପିଟିର ଚମଡ଼ା ମଢ଼େଇ ଦିଆଯାଇଛି। ତା'ର ଡାହାଣ ହାତରେ ଗୋଟେ ଖୁସୁଣି ଥିଲା ଏବଂ ବାମ ହାତରେ ଦୁଇଟି ଅଧାକଟା ଆଙ୍ଗୁଠି ଏବଂ ବାକି ତିନୋଟି ଆଙ୍ଗୁଠିରେ କିଛିଟା କନ୍ଦା।

ସେ କିଛି କ୍ଷଣ ପାଇଁ ଦରଜା ପାଖରେ ଛିଡ଼ା ହୋଇ ରହିଲା। ତା' ପରେ ଧୀରେ ଧୀରେ ଆଗକୁ ବଢ଼ିଲା। ମୁଁ ଚିତ୍କାର କରିବାକୁ ଚାହୁଁଥିଲି; କିନ୍ତୁ ଗଳାରେ ଶକ୍ତି ନ ଥିଲା। ସେ ପୂରାପୂରି ଆମ ନିକଟରେ ଆସି ଛିଡ଼ା ହୋଇ ପଡ଼ିଲା। କନ୍ଦା ସବୁ ତଳେ ରଖିଲା ଏବଂ ତିନି ଆଙ୍ଗୁଠି ଥିବା ହାତକୁ ମୁହଁ ପାଖକୁ ନେଇ ଯାଇ କିଛି ଖାଇବାର ଇଙ୍ଗିତ କଲା। ଏତିକି ବେଳେ ଯାଇ ଆମ ପିଣ୍ଡରେ ପ୍ରାଣ ପଶିଲା। ସେ ଭୋକିଲା ଅଛି, ସେ ପୁରୁଷ ହିଁ ହୋଇ ଥିବ, କାରଣ ଭୋକ ପୁରୁଷପଣର ପରିଚୟ। ଅଖିଳ ତା' ମୁଣିରୁ କଦଳୀ ବାହାର କରି ତା' ଆଡ଼କୁ ଫୋପାଡ଼ି ଦେଲା। ସେ କଦଳୀ ଉଠାଇ ମୁହଁ ପାଖକୁ ନେଇଗଲା।

ତା'ପରେ ଅଟକିଗଲା, ଉଠିଲା ଏବଂ କୁଡ଼ିଆର ଅପର

ପାର୍ଶ୍ୱକୁ ଚାଲିଗଲା। ଆମେ ସବୁ କୌତୂହଳୀ ହୋଇ ଉଠିଲୁ। ଆମେ ବି ପଛେ ପଛେ ଚାଲିଲୁ। ସେ ସ୍ତ୍ରୀ ଲୋକଟା ନିଜକୁ ସମ୍ଭାଳି ଗୋଟେ କୋଣକୁ ଗଲା। ସେଠି ଗୋଟେ ମୁର୍ଦ୍ଦାର ଥିଲା। ତା'ର ପଚାଗନ୍ଧ ଅଗଣା ସାରା ପ୍ରସରି ଯାଇଥିଲା। ଗାଉଁଲି ଟୋକା ଜଣକ ତା' ଆଡ଼କୁ ଚାହିଁଲା। ପ୍ରଥମ ଥର ପାଇଁ ତା' ମୁହଁରୁ କଥା ବାହାରିଲା– 'ତନ୍ତୀ! ଇଏ ତ ତନ୍ତୀର ଲାସ୍– ଏ ତନ୍ତିଆଣୀ ଯାକୁ ବି ଭୂତ ବନାଇବାକୁ ଆସିଛି।'

ତନ୍ତିଆଣୀ ଶବ ପାଖକୁ ଗଲା। ଶବ ପୂରାପୂରି ଶଢି ଯାଇଥିଲା ଏବଂ ପିମ୍ପୁଡିମାନେ ବେଢ଼ି ରହିଥିଲେ। ସେ କଦଳୀ ଓ କନ୍ଦା ଶବର ମୁହଁ ଉପରେ ରଖିଦେଲା ଏବଂ ହସି ଉଠିଲା। ହସର ଶବ୍ଦ ମୁହଁରୁ ବାହାରି ନ ଥିଲା, ବରଂ ତା'ର ଲଜ୍ଜା ଭାବକୁ ଦେଖି ଅନୁମାନ ହେଉଥିଲା, ତାହା ହସ ହିଁ ହୋଇଥିବ; ପରନ୍ତୁ ପର ମୁହୂର୍ତ୍ତରେ ସେ ବସି ପଡ଼ିଲା ଏବଂ ଶବର ଛାତି ଉପରେ ମଥା ରଖି ଧକେଇ ଧକେଇ କାନ୍ଦିବାରେ ଲାଗିଲା।



'ଇଏ ତନ୍ତିଆଣୀ? ପରନ୍ତୁ ଇଏ ତ ଅତି କମ୍‌ରେ ସତୁରି ବର୍ଷର ହେବ।'

'ସତୁରି ବର୍ଷ! ଦେଖିପାରୁନ, ବିଷାକ୍ତ କନ୍ଦା ଖାଇ ଏହାର ଶିରାମାନଙ୍କରେ ପାଣି ଭରିଯାଇଛି, ମାଂସ ଝୁଲି ଯାଇଛି'। ଅଖିଳ କହିଲା– 'ଏଇ ଶବକୁ ଏଠୁ ହଟାଅ। ଅନ୍ୟଥା ଇଏ ବି ମରିଯିବ।'

ତା'ପରେ ଆମେ କୁଡ଼ିଆ ଭିତରକୁ ଆସିଲୁ। ପାଖରେ ଗୋଟେ ଗାତ ଥିଲା। ଭାବିଲୁ ତା' ଭିତରେ ଶବଟିକୁ ପକାଇ ଦେବୁ। ଭିତରକୁ ଆସି ତନ୍ତିଆଣୀକୁ ପାଖରୁ ହଟାଇଲୁ। ଏବଂ ତା'ଶବ ବି ଗୋଟେ ପାଖକୁ ଗଡ଼ି ପଡ଼ିଲା। ମୁଁ ଘାବରେଇ ଗଲି। ମୂର୍ଚ୍ଛା ହେଲା ଭଳି ଲାଗିଲା। ଅଖିଳ ମତେ ସମ୍ଭାଳି ନେଲା।

ଆମେ ଅଳ୍ପ ସମୟ ନିରବ ରହିଲୁ। ତାପରେ ମୋ ମୁହଁରୁ କଥା ବାହାରିଲା–ଭାରି ଗଳାରେ– 'ଅଖିଳ! ଆଙ୍ଗୁଠି କଟିଯିବା ପରେ ତାକୁ ବାହାର କରି ଦିଆଗଲା। ତେବେ କି ପ୍ରକାର ବନ୍ଧନର ଆଶ୍ରା ନେଇ, କି ଭଳି ଆଧାରର ଆଶ୍ରୟରେ ଇଏ ମରିବା ପୂର୍ବରୁ ତନ୍ତୀ ପାଖକୁ ଆସିଥିଲା, କନ୍ଦା ନେଇ, କାହିଁକି?'

ଅଖିଳ ନିରବ ରହିଲା– ମୁର୍ଦ୍ଦାରମାନଙ୍କ ଗାଁର ଶେଷ ଦୁଇ ଶବ ସମ୍ମୁଖରେ ପଡ଼ି ରହିଥିଲା।

'ଆଚ୍ଛା, ଉଠ!' ଅଖିଳ କହିଲା।

ଆମେ ଶବ ଦୁଇଟିକୁ ଉଠାଇଲୁ। ଗାତରେ ପକାଇ ଦେଲୁ। ଗୋଟେ ଥିଲା ତନ୍ତୀ ଆଉ ଗୋଟେ ତନ୍ତିଆଣୀ। ଶୁଖିଲା ବାଉଁଶ ପତ୍ରରେ ସେମାନଙ୍କୁ ଢାଙ୍କି ଦେଲୁ। ମୁଁ ମୋ ଆଙ୍ଗୁଠିରେ ମାଟିର ସେଇ ଗାତ ପାଖରେ ଲେଖିଦେଲି–

'ତାଜମହଲ, ୧୯୪୩'

ତା'ପରେ ଆମେ ଫେରି ଆସିଲୁ।

(୧୯୪୩ ମସିହା ବଙ୍ଗଳାର ଦୁର୍ଭିକ୍ଷ ସମୟ ଉପରେ ଆଧାରିତ)

□□

ଅନୁବାଦିକାଙ୍କ ଇ-ମେଲ ଠିକଣା:
kanakmanjari1951@gmail.com

ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ




Search Sahitya Charcha
on Play Store



ଆପଣଙ୍କ ମୋବାଇଲ ଫୋନ୍‌ର 'ପ୍ଲେଷ୍ଟୋର'ରୁ 'ସାହିତ୍ୟ ଚର୍ଚ୍ଚା'ର ଆପ୍
ଡାଉନ୍‌ଲୋଡ୍ କରନ୍ତୁ, ଏଥିରେ ପ୍ରକାଶିତ ରଚନାମାନ ସୁବିଧାରେ ପଢ଼ିବା ପାଇଁ।




ପ୍ରବନ୍ଧ

# ନାଟକ କାହା ପାଇଁ ଏବଂ କାହିଁକି

ଚିନ୍ମୟ ସାମଲ

ନାଟକ କାହା ପାଇଁ ଓ କାହିଁକି ? – ନାଟ୍ୟାଧ୍ୟୟନ ତଥା ଗବେଷଣା କରିବା ଅବସରରେ ବାରମ୍ବାର ଏହି ପ୍ରଶ୍ନ ଆମ ମନକୁ ଆନ୍ଦୋଳିତ କରେ। ପ୍ରଥମଟିର ଉତ୍ତର ଦେବାକୁ ଯାଇ କେହି କେହି ହୁଏତ ମତବ୍ୟକ୍ତ କରିବେ ଯେ ନାଟକ କେବଳ ଦର୍ଶକମାନଙ୍କ ପାଇଁ। ହଁ, ସ୍ୱାଭାବିକ। ନାଟ୍ୟ ରଚନା ତଥା ମଞ୍ଚ ଉପସ୍ଥାପନା ତ ଦର୍ଶକମାନଙ୍କ ପାଇଁ। ନାଟକର ପ୍ରଧାନ ବିଚାରକ ସାଧାରଣ ଦର୍ଶକମାନେ। ଏଥିରେ ସନ୍ଦେହ ନାହିଁ ଯେ ନାଟକ ଦର୍ଶକମାନଙ୍କ ପାଇଁ ଲିଖିତ। ତଥାପି ଏହି ପଦିଏ ଉତ୍ତରରେ ତ ପ୍ରଶ୍ନର ପୂର୍ଣ୍ଣଚ୍ଛେଦ ପଡ଼ିଯିବନି। ଏହାର ବ୍ୟାପକ ଅନୁଶୀଳନ ହେବା ଆବଶ୍ୟକ। ସେହିପରି ଏହାର ଦ୍ୱିତୀୟ ପ୍ରଶ୍ନ- ନାଟ୍ୟ ରଚନା ତଥା ତା'ର ମଞ୍ଚ ପରିବେଷଣ କାହିଁକି ? ଏହା ଦ୍ୱାରା ସମାଜ ଉପରେ କି ପ୍ରଭାବ ପଡ଼ିଥାଏ ? କେବଳ ଯେ ମନୋରଞ୍ଜନ ତଥା ଲୋକାନୁରଞ୍ଜନ ଉଦ୍ଦେଶ୍ୟରେ ନାଟକ ଲେଖାଯିବ, ତାହା ନୁହେଁ। ତେବେ ତା'ର ତାତ୍ତ୍ୱିକ ଦିଗଟି କ'ଣ ? ଏହିଭଳି ଏକ ଦ୍ୱନ୍ଦ୍ୱ ତଥା ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନର ଉତ୍ତର ସନ୍ଧାନରେ ଆମର ଏହି ପ୍ରବନ୍ଧ।



### ଏକ ଯୌଥ କ୍ରିୟା

ନାଟକ ଏକ ସମ୍ମିଳିତ ଯୌଥ କ୍ରିୟା। ଏଥିରେ ବ୍ୟକ୍ତିଗତ ବିଚାର ଆଲୋଚନାର ପ୍ରଶ୍ନ ଉଠେନା। ନାଟକଟିଏ କେବଳ ଯେ ଲେଖିଦେଲେ ନାଟ୍ୟକାର ସମସ୍ତ ଦାୟିତ୍ୱରୁ ମୁକ୍ତ, ଏପରି ନୁହେଁ। ନାଟକର ସଫଳତା ନିର୍ଭର କରେ ମଞ୍ଚାଭିନୟ ତଥା ଦର୍ଶକୀୟ ଗ୍ରହଣଶୀଳତା ଉପରେ। ଉପନ୍ୟାସ ବା ଗଳ୍ପ ସହିତ ଏହାକୁ ସମତୁଲ କରାଯାଇ ନ ପାରେ। ଉପନ୍ୟାସ ବା ଗଳ୍ପ ବା ତା'ର ରସକୁ ଉପଭୋଗ କରାଯାଏ ଶ୍ରବଣ ମାଧ୍ୟମରେ; ମାତ୍ର ନାଟକର ରସକୁ ଉପଭୋଗ କରିବା ପାଇଁ ଉଭୟ କର୍ଣ୍ଣ, ମନ ଓ ଚକ୍ଷୁର ଆବଶ୍ୟକତା ଲୋଡ଼ା। ସେଦିନର କବିଚନ୍ଦ୍ର ଦର୍ଶକଙ୍କ ରୁଚିକୁ ଦୃଷ୍ଟିରେ ରଖି ନାଟକ ପରେ ନାଟକ ଲେଖି ମଞ୍ଚସ୍ଥ କରାଇଥିଲେ ଏବଂ ସେହି ସବୁ ନାଟକ ଦର୍ଶକୀୟ ସମର୍ଥନ ଲାଭ ମଧ୍ୟ କରିଥିଲା। ଅବଶ୍ୟ କବିଚନ୍ଦ୍ର ତାଙ୍କର ସମସ୍ତ ସାମାଜିକ ନାଟକରେ, ସମସାମୟିକ ସମସ୍ୟାକୁ ଉପସ୍ଥାପନ କରିଥିଲେ ହେଁ ତରଳ ପ୍ରେମରସକୁ ମଧ୍ୟ ସଂଯୋଜିତ କରିଥିଲେ। ନାଟ୍ୟ ବିଷୟବସ୍ତୁ ସହିତ ତା'ର କୌଣସି ପ୍ରୟୋଜନ ନ ଥିଲେ ହେଁ ତତ୍କାଳୀନ ଦର୍ଶକୀୟ ରୁଚି ତଥା ବ୍ୟାବସାୟିକ କୌଶଳକୁ ଆଧାର କରି ସେ ଏହା ସଂଯୋଜିତ କରିବାକୁ ବାଧ୍ୟ ହୋଇଥିଲେ। କାଳୀଚରଣ ନାଟ୍ୟରଚନାର ପ୍ରାଥମିକ ପର୍ଯ୍ୟାୟରେ ବିଭିନ୍ନ ଲୀଳାତ୍ମକ ନାଟକ ବା ପୌରାଣିକ ନାଟକ ରଚନା କରିଥିଲେ ହେଁ ଏତାଦୃଶ ନାଟକ ରଚନା କ୍ଷେତ୍ରରେ ତାଙ୍କର ଦର୍ଶକୀୟ ଅଭିରୁଚି ହିଁ ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହିଭଳି ନାଟକ ରଚନା କରି ସେ ଦର୍ଶକମାନଙ୍କ ରୁଚିକୁ ବୁଝିବାକୁ ଚେଷ୍ଟା କରିଥିଲେ, ଯାହାର ଫଳସ୍ୱରୂପ ସେ ବିଭିନ୍ନ ଶ୍ରେଣୀର ଦର୍ଶକ ଓ ପାଠକମାନଙ୍କର ଶ୍ରଦ୍ଧା ଓ ସମ୍ମାନର କାରଣ ହୋଇଗଲେ। ଏହାର ସପ୍ରମାଣ ଉଦାହରଣ ଆମେ ଦେଖିବାକୁ ପାଉ ତାଙ୍କର ସାମାଜିକ ନାଟକରେ। 'ପ୍ରତିଶୋଧ', 'ଆହୁତି', 'ଗାର୍ଲସ୍କୁଲ', 'ପରିବର୍ତ୍ତନ', 'ଚୁମ୍ବନ', 'ଭାତ' ପ୍ରଭୃତି ନାଟକ

ଏହାର ଉଦାହରଣ। ଅବଶ୍ୟ ଏହି ସବୁ ନାଟକରେ ସମସ୍ୟା ଗୌଣ ହୋଇପଡ଼ିଥିଲା, କିନ୍ତୁ ଦର୍ଶକୀୟ ସମର୍ଥନ ବିପୁଳ ପରିମାଣରେ ଲାଭ କରିଥିବାରୁ ଏହିସବୁ ନାଟକ ଶତ ରଜନୀରୁ ଊର୍ଦ୍ଧ୍ୱ ରଜନୀ ଅଭିନୀତ ହୋଇ ଦର୍ଶକଙ୍କ ନାଟ୍ୟ ପିପାସାକୁ ଚରିତାର୍ଥ କରୁଥିଲା। ତେଣୁ ରସ ସୃଷ୍ଟିରେ ସାର୍ଥକତା ଲାଭ କରିବାକୁ ହେଲେ ଦର୍ଶକମଣ୍ଡଳୀର ସହଯୋଗିତା ନିତାନ୍ତ ଆବଶ୍ୟକ।

## ଦର୍ଶକ ହିଁ ବିଚାରକ

ମନେ ରଖିବାକୁ ହେବ ଯେ ଦର୍ଶକମାନେ ହିଁ ନାଟକର ପ୍ରଧାନ ବିଚାରକ। ତେଣୁ ପ୍ରଧାନ ବିଚାରକ ଭାବରେ ସେମାନେ ହିଁ ନାଟକର ଦୋଷଗୁଣକୁ ବିଚାର କରିବେ। ନାଟ୍ୟରଚନା ପରେ ନାଟ୍ୟକାରଙ୍କ ଭୂମିକା ଗୌଣ ହୋଇଯାଏ। ନାଟ୍ୟକାର, ଅଭିନେତା ଓ ଦର୍ଶକ ଏହି ତିନିଜଣ ମଧ୍ୟରୁ ଦର୍ଶକ ଚିତ୍ତର ଆକର୍ଷଣ ବିକର୍ଷଣ ଉପରେ ହିଁ ନାଟକର ସଫଳତା ନିର୍ଭର କରେ।

ପ୍ରାଚୀନ ଗ୍ରୀସ୍ ନାଟକରେ ପାତ୍ରପାତ୍ରୀଗଣ ଏକ ଛାଗର ମୁଖାପିନ୍ଧି (ମୁହଁରେ କେବଳ ଛାଗର ମୁଖା, ଅବଶିଷ୍ଟାଂଶ ବେକରୁ ଗୋଡ଼ ପର୍ଯ୍ୟନ୍ତ ମଣିଷ ପୋଷାକ) ଅଭିନୟ କରୁଥିବାର ଆମ୍ଭେ ଜାଣୁ। ତାହା ହିଁ ଥିଲା ଦର୍ଶକ ରୁଚି, ତେଣୁ ସମର୍ଥନ ପାଇବା ସହ ଉଚ୍ଚପ୍ରଶଂସିତ ହେଲା। ଜାପାନ୍ 'ନୋ-ନାଟକ'ର ପ୍ରସିଦ୍ଧି ମଧ୍ୟ କେବଳ ଦର୍ଶକୀୟ ରୁଚିକୁ ପ୍ରାଧାନ୍ୟ ତଥା ସମ୍ମାନ ଦେଇଥିବାରୁ। ଏହିପରି କେତେକ ନାଟକ ରହିଛି, ଯହିଁରେ କଥାବସ୍ତୁର ନୂତନତା ତଥା ଅଭିନବତା ଥିବା ସତ୍ତ୍ୱେ ତାହା ସମୟର ଅତଳ ଗର୍ଭରେ ଲୀନ ହୋଇଯାଇଛି ଏବଂ ଆହୁରି ମଧ୍ୟ ନାଟକ ରହିଛି, ଯେଉଁଥିରେ କଥାବସ୍ତୁର ସେହିପରି ନୂତନତା ନ ଥିବା ସତ୍ତ୍ୱେ ଉତ୍କୃଷ୍ଟ ମାନର ନିର୍ଦ୍ଦେଶନା ତଥା ବାସ୍ତବ ଅଭିନୟ ଯୋଗୁ ତାହା ଦର୍ଶକୀୟ ପ୍ରଶଂସା ଲାଭ କରିବାରେ ସଫଳ ହୋଇଛି। ସେଭଳି ନାଟକର ଜନପ୍ରିୟତା ମଧ୍ୟ ଆଜି ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଛି। ନାଟ୍ୟ ସମାଲୋଚକ ଡ. ହେମନ୍ତ କୁମାର ଦାସଙ୍କ ମତରେ- "....ଦର୍ଶକମାନଙ୍କ ପ୍ରତ୍ୟାଶା, ତା'ର ବୌଦ୍ଧିକତା ଭିତରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହେବା ପ୍ରୟୋଜନ। ଏଥିରେ ଅସୁବିଧା ମଧ୍ୟ ନାହିଁ। କାରଣ କଳାକାର ମଧ୍ୟ ଜଣେ ସମସାମୟିକ ମଣିଷ। ଯାହା ସେ ଅନୁଭବ କରୁଛି କେବଳ ସେ ବିଷୟରେ ସେ ଚିନ୍ତା କରିବ ଏବଂ ତାକୁ ରୂପାୟିତ କରିବ ମଧ୍ୟ। ଏତକ ହୋଇପାରିଲେ ଦର୍ଶକ ସହଜରେ ତାକୁ ଗ୍ରହଣ କରିନେବେ।" ତେଣୁ କେବଳ ନାଟକ ଲେଖା ହୋଇଗଲେ ଯେ ନାଟ୍ୟକାର ସମସ୍ତ ଦାୟିତ୍ୱରୁ ମୁକ୍ତ, ତାହା ନୁହେଁ, ନାଟକର ଠିକ ନିର୍ଦ୍ଦେଶନାଠାରୁ ଆରମ୍ଭ କରି ମଞ୍ଚାଭିନୟ, ପାତ୍ରୋଚିତ ସଂଳାପ ପରିବେଷଣ କରିପାରୁଥିବା ଦକ୍ଷ ଅଭିନେତା / ନେତ୍ରୀ, ଆଲୋକ ସଂପାତରେ ନୂତନତା ଏବଂ ଦୃଶ୍ୟ ବିଭାଜନରେ ଅଭିନବତା ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିଥାଏ। ଏଥିପାଇଁ ଆବଶ୍ୟକ ଦକ୍ଷ ଏବଂ ମଞ୍ଚକଳାରେ ନିପୁଣ ଥିବା ନିର୍ଦ୍ଦେଶକ, ଯେ କି ନାଟକକୁ ସଫଳତାର ସହିତ ପରିବେଷଣ କରାଇପାରିବେ। ମନେ ରଖିବାକୁ ହେବ ଯେ, ଯେଉଁ ନାଟକ ରଙ୍ଗମଞ୍ଚରେ ବହୁଜନ ସନ୍ତୁଷ୍ଟିର କାରଣ ହୋଇ ନ ପାରେ; ଶିଳ୍ପ ହିସାବରେ, ସାହିତ୍ୟ ହିସାବରେ ତାହାର ମାନ ଯେତେ ଉଚ୍ଚ ହେଉନା କାହିଁକି ତାହା ପାଠ୍ୟନାଟକ (କ୍ଲୋଜେଟ ଡ୍ରାମା)ର ଅନ୍ତର୍ଭୁକ୍ତ ହେବ ପଛେ ମଞ୍ଚ ନାଟକ (ଷ୍ଟେଜ୍ ଡ୍ରାମା)/ ଅଥବା ସଫଳ ନାଟକ ଭାବରେ କଦାପି ଗଣାଯାଇ ନ ପାରେ।

**କଳାକାର ମଧ୍ୟ ଜଣେ ସମସାମୟିକ ମଣିଷ। ଯାହା ସେ ଅନୁଭବ କରୁଛି କେବଳ ସେ ବିଷୟରେ ସେ ଚିନ୍ତା କରିବ ଏବଂ ତାକୁ ରୂପାୟିତ କରିବ।**

## ଇବସେନ୍‌ଙ୍କ ନାଟକ

ଯେତେବେଳେ ଇଂଲଣ୍ଡରେ ପ୍ରଥମ କରି ଇବସେନ୍‌ଙ୍କ ନାଟକ ଅଭିନୟ ହେଲା, ସେତେବେଳେ ସାରା ଇଂଲଣ୍ଡ ତୀବ୍ର ସମାଲୋଚନାରେ ଫାଟିପଡ଼ିଲା। ଇବସେନ୍ ମାନବ ଜୀବନର ସେହି ଅନ୍ଧାରୀ ମୂଳକର ଦାନବଟିକୁ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଥଲେ, ଯାହା ସେହି ସମୟର ସମସାମୟିକ ଅନ୍ୟ ନାଟ୍ୟକାରଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା। ଧୀରେ ଧୀରେ ଇବସେନ୍‌ଙ୍କ ନାଟ୍ୟଶୈଳୀକୁ ଅନ୍ୟ ନାଟ୍ୟକାରମାନେ ଗ୍ରହଣ କରିନେଲେ। ବର୍ଣ୍ଣାଡ୍ ଶ, ଗଲ୍‌ସଓ୍ୱର୍ଦ୍ଦି ପ୍ରମୁଖ ଇବସେନୀୟ ଯଥାର୍ଥବାଦକୁ ଗ୍ରହଣ କରିନେଲେ। ପରବର୍ତ୍ତୀ ସମୟରେ ବେକେଟ୍, ବ୍ରେଖଟ୍, ଜାଁ ଜିନେତ୍ ପ୍ରମୁଖ ଆବସର୍ଡିଷ୍ଟ ନାଟ୍ୟକାରମାନଙ୍କ ପାଇଁ ଏହି

ଶୈଳୀ ହିଁ ପାଥେୟ ହେଲା। ଅବଶ୍ୟ ଏହି ନାଟ୍ୟକାରମାନଙ୍କ ସୃଷ୍ଟିରେ କିଛିଟା ରୋମାଞ୍ଚ ଆସିଲା। ମନୁଷ୍ୟର ସମସ୍ୟାକୁ ମୁଖ୍ୟ ଭାବରେ ଗ୍ରହଣ ନ କରି ଏମାନେ ମନୁଷ୍ୟର ମନକୁ ହିଁ ସମସ୍ୟାର ମୂଳବନ୍ଧ ଭାବରେ ଗ୍ରହଣ କରିନେଲେ। ମଞ୍ଚୋପସ୍ଥାପନ ବେଳେ ମଧ୍ୟ ତାହା ଦର୍ଶକମାନଙ୍କ ପାଇଁ ବୁଝିବା ନିମନ୍ତେ କଷ୍ଟସାଧ୍ୟ ହେଲା। କାରଣ ଏଥିରେ କଥାବସ୍ତୁରେ ସେଭଳି କିଛି କାହାଣୀ ବା ଘଟଣା ନ ଥିଲା। ଯାହାକୁ ପ୍ଲଟଲେସ୍ ଡ୍ରାମା ବୋଲି କୁହାଗଲା। କ୍ରମେ କ୍ରମେ ଦର୍ଶକମାନେ ତହିଁର ମଙ୍ଗଳକାମୀ ଦିଗଟିକୁ ସ୍ପଷ୍ଟ ଭାବରେ ଜାଣିପାରିଲେ ଏବଂ ପରେ ପରେ ଏହି ଦର୍ଶକୀୟ ଅନୁକମ୍ପା ପାଇ ନାଟ୍ୟକାରମାନେ ବିଶ୍ୱନାଟ୍ୟ ଦରବାରର ଶ୍ରେଷ୍ଠ ଆସନରେ ଆସୀନ ହେଲେ।

## ଓଡ଼ିଆ ନାଟକର ଦୃଶ୍ୟପଟ

ପାଶ୍ଚାତ୍ୟ ନାଟକ କଥା ଦୂରେ ଥାଉ, ଏବେ ଆମେ ଆମ ଓଡ଼ିଆ ନାଟକ କଥା ବିଚାରକୁ ଆଣିବା। ମନୋରଞ୍ଜନଙ୍କ 'ଆଗାମୀ', 'ବନହଂସୀ', 'ଅରଣ୍ୟ ଫସଲ', ପ୍ରାଣବନ୍ଧୁ କରଙ୍କ 'ଅଶାନ୍ତ', ଗୋପାଳ ଛୋଟରାୟଙ୍କ 'ଅର୍ଦ୍ଧାଙ୍ଗିନୀ', ବିଶ୍ୱଜିତ୍ ଦାସଙ୍କ 'କ୍ଷୁଧା' କିମ୍ବା ବିଜୟ ମିଶ୍ରଙ୍କ 'ଶବବାହକମାନେ' ଯେ ମନୁଷ୍ୟ ଜୀବନର ଅନ୍ଧାରୀ କୋଣର ସନ୍ଧାନ ବହିର୍ଜଗତକୁ ଦେଇଛନ୍ତି, ଏଥିରେ ସନ୍ଦେହ ନାହିଁ। ଅବଶ୍ୟ ଏହିପରି ନାଟକ ଦର୍ଶକମାନଙ୍କ କ୍ଷେତ୍ରରେ ପ୍ରଥମେ ପ୍ରଥମେ ଅସହ୍ୟ ହୋଇପଡ଼ିଥିଲେ ହେଁ ପରେ ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ଉପଲବ୍ଧି କରିବା ପରେ ସାଦରେ ଗ୍ରହଣ କରିନେଇଥିଲେ। ତଥାପି ନାଟକୀୟ ଅଭିବ୍ୟକ୍ତିର ଏହିପରି ବିଚାରବୋଧକୁ ବିଶ୍ଳେଷଣ କରିବାକୁ ଡ. ରତ୍ନାକର ଚଇନି ମତବ୍ୟକ୍ତ କରନ୍ତି– "…. ଏସବୁ ନାଟକଠାରୁ ନିରାପଦ ଦୂରତ୍ୱରେ ରହି ପ୍ରଶଂସା କରାଯାଉଛି; ମାତ୍ର ଆତ୍ମିକ ନିବିଡ଼ ସମ୍ପର୍କରେ ବାନ୍ଧି ରଖାହୋଇପାରିନାହିଁ। ସାହିତ୍ୟିକ କଳାକୃତି ଦୃଷ୍ଟିରୁ ଏ ନାଟକଗୁଡ଼ିକ ଓଡ଼ିଆ ନାଟ୍ୟ ସାହିତ୍ୟର ଶ୍ରୀବୃଦ୍ଧି କରିଛନ୍ତି; ମାତ୍ର ମୁମୂର୍ଷୁ ରଙ୍ଗମଞ୍ଚ ପାଇଁ ଏମାନେ ମୃତ୍ୟୁର ଘଣ୍ଟି ବଜାଇ ଦେଇଛନ୍ତି।"




କଥାବସ୍ତୁକୁ ବା ଘଟଣାକୁ ସୁନିର୍ଦ୍ଦେଶନାରେ ଦର୍ଶକମାନଙ୍କ ଆଗରେ ଉପସ୍ଥାପନା କରିପାରିଲେ ଯାଇ ମଞ୍ଚରେ ତାହାର ଔଜ୍ଜ୍ୱଲ୍ୟ ବଢ଼ିବ ଏବଂ ଦର୍ଶକମାନେ ମଧ୍ୟ ସେହିପରି ନାଟକକୁ ଅଧିକ ଭଲ ପାଇବା ଦେବା ସହିତ ଏହିଭଳି ନାଟକ ଆଗକୁ ଦେଖିବା ନିମିତ୍ତ ଅଭିଳାଷ ପୋଷଣ କରିବେ ବୋଲି ଆମର ବିଶ୍ୱାସ। ବେଳେବେଳେ 'କହିବା ଠାରୁ କରିବା କଷ୍ଟସାଧ୍ୟ' ଏହି ନ୍ୟାୟ ସତ୍ୟ ହୋଇପଡ଼େ। ତେଣୁ ଏହି ବ୍ୟାପାରଟି ଖୁବ୍ ସହଜ ମଧ୍ୟ ନୁହେଁ। ଏଥିରେ ଉଭୟ ନାଟ୍ୟକାର ଏବଂ ଅଭିନେତାଙ୍କ ମଧ୍ୟରେ ଏକ ଉତ୍ତମ ବୁଝାମଣା ଆବଶ୍ୟକ। ନାଟ୍ୟକାର ଯେଉଁ ଜଗତ ସୃଷ୍ଟି କରିବେ ସେହି ସୃଷ୍ଟିକୁ ନିଜ ଅନୁଭବ ଭିତରୁ ଆଣି ମଞ୍ଚରେ ଫୁଟାଇବା ଅଭିନେତାର କାର୍ଯ୍ୟ। ଅବଶ୍ୟ ଏହି ଦୁଇଜଣଙ୍କ ମଧ୍ୟରେ ଅନ୍ୟ ଏକ ମନୁଷ୍ୟ ରହିଛି, ଯାହାର ବିନା ଉପସ୍ଥିତିରେ ନାଟକ ସଫଳ ହେବା ଅସମ୍ଭବ, ସେ ହେଉଛି ନିର୍ଦ୍ଦେଶକ (ଡାଇରେକ୍ଟର)। ତେଣୁ ସୁନିର୍ଦ୍ଦେଶନା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହି ନାଟ୍ୟପ୍ରତିଭା ତ୍ରୟୀଙ୍କୁ ନାଟକର ତିନୋଟି ସୋପାନ ଦେଇ ଅଗ୍ରସର ହେବାକୁ ପଡ଼େ। ତାହା (୧) ଅନୁସରଣ, (୨) ଅନୁକରଣ, (୩) ଅନୁକ୍ରମଣ। ତେଣୁ ନାଟକର ସଫଳତା କେବଳ ଯେ ନାଟକର ପ୍ରଧାନ ବିଚାରକ ଭାବେ ଦର୍ଶକମାନଙ୍କ ପାଖରେ ଛାଡ଼ିଦେବା ତାହା ଠିକ୍ ହେବ ନାହିଁ। ନାଟକର ସଫଳତା ପାଇଁ ଦର୍ଶକମାନେ ଯେପରି ଦାୟୀ, ଅନୁରୂପ ଭାବରେ ନାଟ୍ୟକାର, ନିର୍ଦ୍ଦେଶକ ଏବଂ ଅଭିନେତା/ ଅଭିନେତ୍ରୀମାନେ ମଧ୍ୟ ସେତିକି ଦାୟୀ। ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା ଏବଂ ଦର୍ଶକ ଯେତେବେଳେ ବୁଝାମଣାରେ ଗୋଟିଏ ବିନ୍ଦୁରେ ଉପସ୍ଥିତ ହେବେ, ସେତେବେଳେ ଯାଇ ନାଟକ ସଫଳ ହେଲା ବୋଲି କୁହାଯାଇପାରିବ, ଅନ୍ୟଥା ନୁହେଁ।

## 'ଜଣ' ନୁହେଁ 'ଗଣ'

ନାଟକ ସର୍ବଦା 'ଜଣ'ର ଅନ୍ତର୍ଭୁକ୍ତ ନୁହେଁ, ତାହା 'ଗଣ'ର। ତେଣୁ ନାଟ୍ୟକାର ନିଜର ବ୍ୟକ୍ତିଗତ ଇଚ୍ଛାକୁ ବାଦ ଦେଲେ ଅଥବା କେଇଜଣ ହାତଗଣତି ଦର୍ଶକଙ୍କୁ ପାଥେୟ ନ କରି ସାମଗ୍ରିକ ଜନସ୍ୱାର୍ଥ ତଥା ତା'ର ରୁଚିକୁ ପ୍ରାଧାନ୍ୟ ଦେଇ ନାଟକ

ଲେଖିବା ଆବଶ୍ୟକ। ଏହା ପାଇଁ ସେ କେତୋଟି ପ୍ରଶ୍ନର ସମ୍ମୁଖୀନ ହେବା ମଧ୍ୟ ନିତାନ୍ତ ଜରୁରୀ। ଯେପରି-

(୧) ନାଟକର କଥାବସ୍ତୁ କେଉଁ ବିଷୟକୁ ଆଧାର କରି ଲିଖିତ ହେବା ଉଚିତ?

(୨) ନାଟକର ଚରିତ୍ର କେଉଁ ପରିବେଶରୁ ଅଣାଯିବା ଆବଶ୍ୟକ।

(୩) ନାଟକୀୟ ବିଷୟବସ୍ତୁ ସହ ଦର୍ଶକୀୟ ରୁଚି ମେଳ ଖାଇବ କି ନାହିଁ?

(୪) ସମ୍ପୃକ୍ତ ନାଟକୀୟ ଘଟଣା ଦର୍ଶକମାନଙ୍କ ଉପରେ କି ପ୍ରଭାବ ପକାଇବ?

ଏହିପରି ଆହୁରି ଅନେକ ପ୍ରଶ୍ନ ମଧ୍ୟ ନାଟ୍ୟକାରମାନଙ୍କ ମନରେ ସୃଷ୍ଟି ହେବା ଆବଶ୍ୟକ। ଏଣୁ ଏହିସବୁ ପ୍ରଶ୍ନର ଏକ ନିରପେକ୍ଷ ସତ୍ୟାନୁସନ୍ଧାନ କରିସାରିବା ପରେ ହିଁ ନାଟ୍ୟକାର ତାଙ୍କ ନାଟ୍ୟରଚନା କ୍ଷେତ୍ରରେ ଅଗ୍ରସର ହେବେ। ନାଟକୀୟ କଥାବସ୍ତୁ ଯାହା ହୋଇଥାଉ ନା କାହିଁକି, ତାହା ମନୁଷ୍ୟ ଜୀବନଧର୍ମୀ ହେବା ଏକାନ୍ତ ଆବଶ୍ୟକ। ଦର୍ଶକ ତା' ଜୀବନର ଏକ ପ୍ରାକ୍ଟିକାଲ ପରିବେଶ ମଞ୍ଚରେ ଦେଖିବାକୁ ସର୍ବଦା ପସନ୍ଦ କରିଥାଏ। କାଳୀଚରଣ ଆଜି ପର୍ଯ୍ୟନ୍ତ ଯଦି ଓଡ଼ିଆ ନାଟକରେ ନିଜର ଆଧିପତ୍ୟ ବିସ୍ତାର କରି ରହିପାରିଛନ୍ତି, ତା'ର ଏକମାତ୍ର କାରଣ କେବଳ ଏଇଆ ହିଁ ଅଟେ। ତତ୍‌ପରବର୍ତ୍ତୀ ସମୟରେ ରାମଚନ୍ଦ୍ର ମିଶ୍ର, ଭଞ୍ଜକିଶୋର ପଟ୍ଟନାୟକ ଏବଂ ଗୋପାଳ ଛୋଟରାୟ ମଧ୍ୟ ତାଙ୍କରି ନିର୍ଦ୍ଦେଶିତ ମାର୍ଗକୁ ଗ୍ରହଣ କରି ନାଟକ କ୍ଷେତ୍ରରେ କିଛିଟା ପ୍ରସିଦ୍ଧି ଅର୍ଜନ କରିପାରିଥିଲେ। ଡ. ଆଲୋକ ବରାଳଙ୍କ ମତ ଏଠାରେ ପ୍ରଣିଧାନଯୋଗ୍ୟ। ତାଙ୍କ ମତରେ- "କାଳୀବାବୁଙ୍କ ପରେ ଏହି ନୂତନ ଦୃଷ୍ଟିକୋଣସମ୍ପନ୍ନ ଦୁଃସାହସିକ, ପ୍ରଗତିଶୀଳ ମାନସିକତା ସମ୍ପନ୍ନ ନାଟ୍ୟକାରମାନଙ୍କର ଅଭ୍ୟୁତ୍‌ଥାନ ଘଟି ନ ଥିଲେ ଓଡ଼ିଆ ନାଟକର ଗତି ସ୍ଥିର ଓ ନିଶ୍ଚଳ ହୋଇଯାଇଥାନ୍ତା। ତେଣୁ ପୁରାତନକୁ ବିରୋଧ କରୁଥିବା ଏହି ନାଟ୍ୟକାରମାନେ ବାସ୍ତବିକ ଅଭିନନ୍ଦନ ପାଇବାକୁ ଯୋଗ୍ୟ।"

ରାମଚନ୍ଦ୍ର ମିଶ୍ରଙ୍କ 'ମୂଲିଆ', 'ଭାଇଭାଉଜ', 'ଘରସଂସାର', 'ନରୋତ୍ତମ ଦାସ କହେ', ଭଞ୍ଜକିଶୋର ପଟ୍ଟନାୟକଙ୍କ 'ଦେବୀ', 'ବେନାମୀ', 'ଶିକାରୀ', 'ମାଣିକଯୋଡ଼ି', 'ଜୟମାଲ୍ୟ', 'ପହିଲିରଜ', 'ସୁନାସଂସାର', ଗୋପାଳ ଛୋଟରାୟଙ୍କ 'ଫେରିଆ', 'ଶଙ୍ଖା ସିନ୍ଦୂର', 'ପରକଲମ', 'ଅର୍ଦ୍ଧାଙ୍ଗିନୀ', 'ନଷ୍ଟଉର୍ବଶୀ', 'ପଥିକବନ୍ଧୁ', 'ଅଭାଗିନୀର ସ୍ୱର୍ଗ' ପ୍ରଭୃତି ନାଟକ କେବଳ ଯେ ରଙ୍ଗମଞ୍ଚରେ ପ୍ରଦର୍ଶନ ହୋଇ ବହୁ ବାହାବା ସାଉଁଟିଥିଲା ତାହା ନୁହେଁ, ଓଡ଼ିଆ ନାଟକର ଉଭୟ ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ବୈଚିତ୍ର୍ୟ ଆଣିବା ସହ ଦର୍ଶକୀୟ ଅଭିରୁଚିକୁ ମଧ୍ୟ ସମ୍ମାନ ଜଣାଇବାରେ ସଫଳ ହୋଇଥିଲା। ତେଣୁ ଏହିଭଳି ନାଟକ ହିଁ ସଫଳତାର ଶୀର୍ଷତମ ସୋପାନକୁ ଛୁଇଁଥାଏ। ନୋହିଲେ, ବିଂଶ ଶତାବ୍ଦୀର ଷଷ୍ଠ ଦଶକରେ ସୃଷ୍ଟି ହୋଇଥିବା ଆବସର୍ଡଧର୍ମୀ ନାଟକ ଭଳି ବୌଦ୍ଧିକତାକୁ ସ୍ପର୍ଶ କରିବ ସିନା, ଦର୍ଶକୀୟ ସହାନୁଭୂତି ଲାଭ କରିବାରୁ ବଞ୍ଚିତ ହେବ। ଅବଶ୍ୟ ଏଥିପାଇଁ ଏକ ବୌଦ୍ଧିକ ଦର୍ଶକମଣ୍ଡଳୀ ସୃଷ୍ଟି ହୋଇପାରିବେ। ତଥାପି ଏହାଙ୍କ ସଂଖ୍ୟା ବା କେତେ? ଉପନ୍ୟାସ ବା ଗଳ୍ପ ଭଳି ନାଟକକୁ କେବଳ ଲେଖିଦେଇ ପାଠ୍ୟମାଧ୍ୟମରେ ତା'ର ରସକୁ ଉପଭୋଗ କରାଯାଇପାରେନା। ନାଟକର ସଫଳତା ନିର୍ଦ୍ଧାରଣ କରନ୍ତି ମଞ୍ଚ ଏବଂ ପ୍ରେକ୍ଷାଳୟରେ ବସିଥିବା ବିଚାରକଗଣ। ସେଥିପାଇଁ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା ନାଟ୍ୟ ରଚନା ଏକ ଦୁରୂହ ବ୍ୟାପାର।

**ଉପନ୍ୟାସ ବା ଗଳ୍ପ ଭଳି ନାଟକକୁ କେବଳ ଲେଖିଦେଇ ପାଠ୍ୟମାଧ୍ୟମରେ ତା'ର ରସକୁ ଉପଭୋଗ କରାଯାଇପାରେନା।**

### ମଞ୍ଚାଭିନୟ

ସେ ଯାହା ବି ହେଉ, ନାଟ୍ୟରଚନା ପରେ ପରବର୍ତ୍ତୀ ପର୍ଯ୍ୟାୟ ମଞ୍ଚାଭିନୟ। ଏଥିପାଇଁ ନିର୍ଦ୍ଦେଶକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନାଟକର ପାଣ୍ଡୁଲିପି ପରେ ନିର୍ଦ୍ଦେଶକ ତା'ର ସୁବିଧା ଅନୁସାରେ ଅଭିନେତା/ନେତ୍ରୀ, ମଞ୍ଚ ତଥା ଦର୍ଶକଙ୍କ ଗ୍ରହଣ କରିବା କ୍ଷମତାକୁ ଦୃଷ୍ଟିରେ ରଖି ରଙ୍ଗଲିପି (ଷ୍ଟେଜ୍ ସ୍କ୍ରିପ୍ଟ) ପ୍ରସ୍ତୁତ କରିଥାନ୍ତି। ଏହାପରେ ନାଟକର ମଞ୍ଚାଭିନୟ ହେବା ପୂର୍ବରୁ ବହୁଦିନ ଧରି ରିହର୍ସାଲ ଚାଲେ। ନାଟକର ପ୍ରାକ୍‌ଅଭିନୟ ସମୟରେ ଯାହା ବି ଦୋଷତ୍ରୁଟି ଧରାପଡ଼େ, ସଙ୍ଗେ ସଙ୍ଗେ ତାହାର ସଂଶୋଧନ କରାଯାଏ। ରିହର୍ସାଲ୍‌ରେ ବାରମ୍ବାର

ଅଭ୍ୟାସ ପରେ ନାଟକ ଦର୍ଶକମାନଙ୍କ ସମ୍ମୁଖକୁ ଆସିବା ପାଇଁ ପ୍ରସ୍ତୁତ ହୋଇଯାଏ। ଏଠାରେ ଏବେ ମୁଖ୍ୟ ଭୂମିକା ଅଭିନେତାମାନଙ୍କର। ନାଟ୍ୟକାର ଏବଂ ନିର୍ଦ୍ଦେଶକ ଏହି ସମୟରେ ମଞ୍ଚ ଆଢୁଆଳରେ ହିଁ ରହିଯାନ୍ତି। ମଞ୍ଚାଭିନୟ ସମୟରେ ଅଭିନେତା/ନେତ୍ରୀ ଯଦି ଚ କୌଣସି ଭୁଲ କରିବସନ୍ତି, ସେମାନେ ଚାହିଁଲେ ମଧ୍ୟ କିଛି କରିପାରନ୍ତି ନାହିଁ। ତେଣୁ ଏହି ସମୟରେ ସେମାନେ ଯେଉଁଭଳି ଭାବରେ ଅଭିନୟ କରିବେ, ଦର୍ଶକମାନେ ତାହା ସେହିଭଳି ଭାବେ ଗ୍ରହଣ କରିବେ। ୨-୩ ଘଣ୍ଟାର ସମୟ ମଧ୍ୟରେ ଅଭିନେତା/ନେତ୍ରୀ ନିଜର ସତ୍ତାକୁ ଆତ୍ମବିସ୍ମୃତ ହୋଇ ନାଟକୀୟ ଚରିତ୍ରର ସତ୍ତାକୁ ଆପଣାଇଥାନ୍ତି। ନାଟକର ସଫଳତା ଏବେ ତାଙ୍କ ହାତରେ। ମନେ ରଖିବାକୁ ହେବ ଯେ, ନାଟକ ପରିବେଷଣରେ ସର୍ବଦା କୃତ୍ରିମତାକୁ ପରିହାର କରିବା ଏକାନ୍ତ ଆବଶ୍ୟକ। ନୋହିଲେ ନାଟକ ଥିଏଟ୍ରିକାଲ ହୋଇପଡ଼ିବ। ଯାହା ନାଟକ ପାଇଁ ଶୁଭଙ୍କର ନୁହେଁ। ତେଣୁ ପାତ୍ରୋଚିତ ସଂଳାପକୁ ଦୃଷ୍ଟିରେ ରଖି ଯେଉଁ ଚରିତ୍ର ଯେଉଁ ଅଭିନେତାକୁ ସାଜିବ, ନିର୍ଦ୍ଦେଶକ ତାହା ବାଛିବା ଆବଶ୍ୟକ। ଏହିପରି ହେଲେ ନାଟକ ବାସ୍ତବାଭିମୁଖୀ ହେବ। ଦର୍ଶକମାନେ ମଧ୍ୟ ଏହାକୁ ସହଜରେ ଗ୍ରହଣ କରିନେବେ। ଭିକାରି ମୁହଁରେ ଆଳଂକାରିକ ସଂଗୀତ ଦେବା ନାଟକ ପାଇଁ ଶୋଭାଦାୟକ ହେବ କି? ଗ୍ରାମୀଣ ପରିବେଶରେ ସହରୀ ଚାଲିଚଳଣ କେତେଦୂର ଯୁକ୍ତିଯୁକ୍ତ? ଦର୍ଶକମାନେ ଅକୁଣ୍ଠ ଚିତ୍ତରେ ଏହାକୁ ଗ୍ରହଣ କରିପାରିବେ ତ? ତେଣୁ ଯେଉଁ ଜୀବନ ଅଭିନେତାର ନିଜସ୍ୱ ନୁହେଁ, ତା'ରି ଭିତରେ ନିଜକୁ ଅନ୍ୱେଷଣ କରିବା ହିଁ ଅଭିନେତାର ଧର୍ମ।




### ତିନୋଟି ବିଚାର

ନାଟ୍ୟସମାଲୋଚିକା ଡ. ସଂଘମିତ୍ରା ମିଶ୍ରଙ୍କ ମତରେ, "ଦର୍ଶକମାନେ ନାଟକକୁ ଉପଭୋଗ କରିବା ସମୟରେ ତିନୋଟି ବିଚାର ସେମାନଙ୍କ ଭାବନାକୁ ନିୟନ୍ତ୍ରଣ କରିଥାଏ-

(୧) ତତ୍କାଳୀନ ସାଂସ୍କୃତିକ ପରିବେଶ।

(୨) ପାରମ୍ପରିକ ନାଟ୍ୟଶୈଳୀ।

(୩) ଅତୀତର ସ୍ମରଣଯୋଗ୍ୟ ଅନୁଭୂତି।

ନାଟକ ଆଜିର ସମୟରେ ବେଶି ମାତ୍ରାରେ ଅଭିନୟ ଧର୍ମୀ ହେବା ସହ ସେଥିରେ ଉଭୟ ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ବହୁ ନୂତନତା ଅନୁପ୍ରବେଶ କରିଥିବାର ଆମ୍ଭେ ଦେଖୁ। ବିଂଶ ଶତାବ୍ଦୀର ଅଷ୍ଟମ ଦଶକ ବେଳକୁ ଆମ୍ଭେ ପ୍ରତ୍ୟକ୍ଷ କରୁ ଓଡ଼ିଆ ନାଟକ ପୁଣି ଥରେ ସେହି ପାଶ୍ଚାତ୍ୟଧର୍ମୀ ସ୍ଲୋଗାନ 'ବ୍ୟାକ୍ ଟୁ ଫର୍ମ'କୁ ଅନୁସରଣ କରିଚାଲିଲା। ଅର୍ଥାତ୍ ନାଟକ କ୍ରମେ ଇଣ୍ଟେଲେକଚୁଆଲ ଧାରାକୁ ବଦଳାଇ ପୁଣି ଥରେ ସେହି ପରମ୍ପରାକୁ ଫେରିଗଲା। ଏଥି ସହ ସୃଷ୍ଟି ହେଲା ଏକ ନବନାଟକର ଧାରା। ମିଥ୍‌ର ନବମୂଲ୍ୟାୟନ (ଇତି ମିଶ୍ରଙ୍କ 'ସତର୍କ ସଂଘମିତ୍ରା', 'ସୀତା', 'ଚାଞ୍ଚଲ୍ୟକର', ରବୀନ୍ଦ୍ରନାଥ ଦାସଙ୍କ 'ଅନ୍ତିମପର୍ବ', 'ନାନାଦି ଯନ୍ତ୍ରଣା', କୁଞ୍ଜ ରାୟଙ୍କ 'କଳାନ୍ତର', ବିଜୟ ଶତପଥୀଙ୍କ 'ଶୋଣିତ ସ୍ୱାକ୍ଷର', 'କଂସର ଆତ୍ମା', 'କର୍ଣ୍ଣ', 'କାରାଗାରର କାହାଣୀ' ପ୍ରଭୃତି), ଇତିହାସ ଚରିତ୍ରର ପୁନର୍ବିଚାର ପ୍ରସଙ୍ଗ (ହରିହର ମିଶ୍ରଙ୍କ 'ଅଦୃଶ୍ୟନଟ', ଶୈଳେଶ୍ୱର ନନ୍ଦଙ୍କ 'ଉପେନ୍ଦ୍ର ଭଞ୍ଜ', ଉମାକାନ୍ତ ବେହେରାଙ୍କ 'ସମ୍ରାଟ ଅଶୋକ', ଶଙ୍କର ତ୍ରିପାଠୀଙ୍କ 'ସାଗର ସଙ୍ଗମ' ପ୍ରଭୃତି), ଆଦିବାସୀ ଜୀବନକୁ ଆଧାର କରି ବନବିହାରୀ ପଣ୍ଡାଙ୍କ 'ଗୋଟିଏ ଝରାଫୁଲର କାହାଣୀ', 'ରମେଶ ପାଣିଗ୍ରାହୀଙ୍କ 'ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ', ହୃଷୀକେଶ ପଣ୍ଡାଙ୍କ 'ଭାସ୍କୋଡାଗାମା', ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ 'ମୁଣ୍ଡ ଉପରେ ଛାତ', ଅରଣ୍ୟର ଅଶ୍ରୁ'), ମହାବାତ୍ୟାର ବିଭୀଷିକା (ରମେଶ ପାଣିଗ୍ରାହୀଙ୍କ 'ଜାତୀୟ ସଙ୍କଟ', ବିଜୟ ଶତପଥୀଙ୍କ 'ପ୍ରାୟ ପରେ', ସୁବୋଧ ପଟ୍ଟନାୟକଙ୍କ 'ଗୀତ', ନାରାୟଣ ସାହୁଙ୍କ 'ଅନ୍ଧାର'), ଏକ ବିପର୍ଯ୍ୟୟ ଚାଷୀର ହାହାକାର ଦୃଶ୍ୟକୁ ନେଇ (ନୀଳାଦ୍ରିଭୂଷଣଙ୍କ 'ରାସ୍ତାନାଇଁ' ବିଜୟ ଶତପଥୀଙ୍କ 'ଜଣେ ଚାଷୀଙ୍କ ଆତ୍ମହତ୍ୟାକୁ ନେଇ', ପ୍ରେମଚାନ୍ଦ ପଟ୍ଟନାୟକଙ୍କ 'ଚଷାଭାଇ'), ବିସ୍ଥାପିତ ମଣିଷର ଦୁଃସ୍ଥିତି (ଶଙ୍କର ତ୍ରିପାଠୀଙ୍କ 'ସାମ୍ରାଜ୍ୟ ପତନର ବେଳ', ନୀଳାଦ୍ରିଭୂଷଣଙ୍କ 'ଅରଣ୍ୟର ଅଶ୍ରୁ', ସୁବୋଧ ପଟ୍ଟନାୟକଙ୍କ 'ଧୂଆଁ', ବିଜୟ ଶତପଥୀଙ୍କ 'କୋକୁଆ'), ନକ୍ସଲ ଓ ମାଓବାଦୀ ସମସ୍ୟା (ସୁବୋଧ

ପଟ୍ଟନାୟକଙ୍କ 'ଅବରୁଦ୍ଧ ଉଦ୍ଧବ', ନାରାୟଣ ସାହୁଙ୍କ 'କ୍ରାନ୍ତି', ବିଜୟ ଶତପଥୀଙ୍କ 'କୋକୁଆ', ପ୍ରଦୀପ ଭୋଳଙ୍କ 'ମାଓ'), ମାନବେତର ଚରିତ୍ର ଆଧାରରେ (ବିଜୟ ମିଶ୍ରଙ୍କ 'ଜଣେ ରାଜା ଥିଲେ', ରବୀନ୍ଦ୍ର ନାଥ ଦାସଙ୍କ 'ସାପ', କେଶର ରଞ୍ଜନ ପ୍ରଧାନଙ୍କ 'ପଥର କଥା', ସୁବୋଧ ପଟ୍ଟନାୟକଙ୍କ 'ବିପ୍ଲବୀ ବିହଙ୍ଗ') ଏହିଭଳି ବିଭିନ୍ନ ଭାବଧାରା ଏବଂ ଶୈଳୀକୁ ଆଧାର କରି ନାଟକ ରଚନା ହେବା ସହ ମଞ୍ଚାୟନରେ ସଫଳତା ମଧ୍ୟ ଲାଭ କରୁଛି। ଚରିତ୍ର ଚିତ୍ରଣରେ ଅଭିନେତା ପାତ୍ରମୁଖୀ ସଂଳାପ, ଆଲୋକ ସଂପାତରେ ନୂତନତା, ଦର୍ଶକୀୟ ସମ୍ପୃକ୍ତି (ଅଡିଏନ୍‌ସ୍ ପାର୍ଟିସିପେସନ) ତଥା ମଞ୍ଚ କ୍ଷେତ୍ରରେ ବାସ୍ତବଦୃଶ୍ୟ ପ୍ରଦର୍ଶନ କ୍ଷେତ୍ରରେ ମଧ୍ୟ ନୂତନ ଦୃଷ୍ଟିଭଙ୍ଗୀ ଦେଖିବାକୁ ମିଳୁଛି।

**ବିଲୁପ୍ତ ମଞ୍ଚ**

ସମ୍ପ୍ରତି ବ୍ୟବସାୟିକ ମଞ୍ଚ ବିଲୁପ୍ତ। ଯାହା ବି କିଛି ନାଟକ ପରିବେଷଣ କରାଯାଉଛି ତାହା ସୌଖୀନ ମଞ୍ଚରେ। ବ୍ୟାବସାୟିକ ମଞ୍ଚର ଅଭାବଟିକୁ ସୌଖୀନ ମଞ୍ଚ ପୂରଣ କରିବାରେ ସଫଳ ହୋଇଛି। ତଥାପି ଆଜିର ଯାତ୍ରା, ଅପେରା, ସିନେମା ଯୁଗରେ ନାଟକ ସେମାନଙ୍କ ସମାସ୍କନ୍ଧ ହୋଇ ଚାଲିବାରେ ବାଧା ଉପୁଜିଛି। ଯାହା ନାଟକର ଭବିଷ୍ୟତ ନିମନ୍ତେ ଚିନ୍ତାର କାରଣ ହେଉଛି। ଯାହା ସହଜରେ ଏବଂ ସୁବିଧାରେ ଘରର ଚାରିକାନ୍ଥ ଭିତରେ ମୋବାଇଲ ମାଧ୍ୟମରେ ଦେଖାଯାଇପାରୁଛି, ସେହି ନାଟକ ନିମନ୍ତେ ଏତେ ଦୂରକୁ ଯାଇ ଟିକେଟ୍ କ୍ରୟ କରି ଦେଖିବାକୁ କିଏ ବା କାହିଁକି ପସନ୍ଦ କରିବେ? ଏ ତ ଗଲା ଗୋଟିଏ କଥା। ଦ୍ୱିତୀୟରେ ଅଧୁନା ନାଟ୍ୟକାରମାନେ ମଧ୍ୟ ଅର୍ଥ ନିମିତ୍ତ ମଞ୍ଚ ନାଟକ ଅପେକ୍ଷା ଯାତ୍ରା ନାଟକ ଲେଖିବାରେ ଆଗ୍ରହ ପ୍ରକାଶ କରୁଛନ୍ତି। ଅଭିନେତା/ନେତ୍ରୀଗଣ ଯେଉଁମାନଙ୍କ ଅଭିନୟ କ୍ୟାରିଅର ପ୍ରଥମେ ମଞ୍ଚ ନାଟକରୁ ଆରମ୍ଭ ହୋଇ ପ୍ରସିଦ୍ଧି ଅର୍ଜନ କରିଥିଲା ଏବେ ଯାତ୍ରା ଆଡ଼କୁ ପାଦ ବଢ଼ାଉଛନ୍ତି। ଏହି ପ୍ରସଙ୍ଗ ଉପରେ ଆଲୋଚନା କଲେ କାହିଁକି କେଜାଣି କବିଚନ୍ଦ୍ର ଏବଂ ତାଙ୍କର ଓଡ଼ିଶା ଥିଏଟର୍ସର ବିଲୟର କାହାଣୀ ସ୍ମୃତିପଥକୁ ଆସିଯାଏ। ଅବଶ୍ୟ ଓଡ଼ିଶା ଥିଏଟର୍ସର ବିଲୟର ଅନ୍ତରାଳରେ ରହିଥିବା କାହାଣୀର ସତ୍ୟାସତ୍ୟ ଆଜି ମଧ୍ୟ ସନ୍ଦେହ ଘେରରେ। କାରଣ ଥିଏଟର୍ସ ସହ ସମ୍ପୃକ୍ତ ଥିବା ଅଭିନେତା/ନେତ୍ରୀଗଣଙ୍କ କହିବା ଗୋଟାଏ କଥା ଏବଂ 'କୁମ୍ଭାରଚକ'ରେ କବିଚନ୍ଦ୍ର ଅନ୍ୟ ଏକ କଥା ଉଲ୍ଲେଖ କରିଛନ୍ତି। ସେ ଯାହା ବି ହେଉ, ଏ ଗଲା ଦ୍ୱିତୀୟ କଥା। ତୃତୀୟରେ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଆଜିର ସମୟରେ ବିଭିନ୍ନ ପତ୍ରପତ୍ରିକାରେ ଯେଭଳି ଶୋଭାମଣ୍ଡନ କରୁଛି; ଅଧୁନା ନାଟକ ଲେଖି ପ୍ରକାଶ କରିବା ପାଇଁ ସେହିଭଳି ଖଣ୍ଡିଏ ପତ୍ରିକା ନାହିଁ। ଯାହା ବି କିଛି ଅଛି ତାହା ହାତଗଣତି କେଇଖଣ୍ଡ। ନାଟକ ପ୍ରକାଶ ନିମନ୍ତେ ମଧ୍ୟ ପୁସ୍ତକ ପ୍ରକାଶନ ସଂସ୍ଥା ରାଜି ନୁହନ୍ତି। ନାଟ୍ୟକାରଙ୍କ ନିଜ ପ୍ରଚେଷ୍ଟାରେ ଯାହା କିଛି ପ୍ରକାଶ ହେବା କଥା ହେଉଛି। ନାଟକ ଲେଖା ସରିବା ପରେ ତା'ର ମଞ୍ଚାଭିନୟକୁ ନେଇ ବିବିଧ ସମସ୍ୟା। ତେବେ ଏହିଭଳି ଏକ ଶୋଚନୀୟ ପରିସ୍ଥିତିରେ ଜଣେ ନାଟ୍ୟକାର ନାଟକ ଲେଖିବାକୁ ଯିବ କାହିଁକି? ନୂଆ ନାଟ୍ୟକାର ବା ସୃଷ୍ଟି ହେବେ କାହିଁକି? ସେହିପରି ବିଭିନ୍ନ ପତ୍ରପତ୍ରିକାରେ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଉପରେ ଶହ ଶହ ଆଲୋଚନାତ୍ମକ ପ୍ରବନ୍ଧ ପ୍ରକାଶ ପାଉଥିଲେ ହେଁ ନାଟକ ସମ୍ବନ୍ଧୀୟ ଆଲୋଚନା ତହିଁରୁ ଖୋଜି ମିଳିବା କଷ୍ଟକର। ନାଟ୍ୟାଲୋଚନାର ଧାରା ନଥିବାରୁ ଏ ପାଇଁ ମଧ୍ୟ ବହୁ ବ୍ୟାଘାତ ଘଟୁଛି। ଏହିସବୁ ବାଧାବିଘ୍ନ ସତ୍ତ୍ୱେ ମଧ୍ୟ ନାଟକ ଆଜିର ସମୟରେ ବହୁଳ ଭାବରେ ଅଭିନୟ ହୋଇ ଚାଲିଛି।

**ଅଧୁନା ନାଟ୍ୟକାରମାନେ ମଧ୍ୟ ଅର୍ଥ ନିମିତ୍ତ ମଞ୍ଚ ନାଟକ ଅପେକ୍ଷା ଯାତ୍ରା ନାଟକ ଲେଖିବାରେ ଆଗ୍ରହ ପ୍ରକାଶ କରୁଛନ୍ତି।**

ଉପସଂହାରରେ ଏତିକି କୁହାଯାଇପାରେ ଯେ ନାଟକ ପରି ସୁକୁମାର ଯୌଥକଳା ଜୀବନ୍ମୃତ ହୋଇପଡ଼ିଛି। ଏହା ଶୁଭଙ୍କର ନୁହେଁ। ସମୟ ଥିଲା ନାଟକକୁ ମନୋରଞ୍ଜନ ତଥା ଲୋକଶିକ୍ଷାର ଏକ ମାଧ୍ୟମ ରୂପେ ଗ୍ରହଣ କରାଯାଉଥିଲା। ତେଣୁ ମିଳିତ ଭାବରେ ଏହାର ପୁନରୁଦ୍ଧାର ନିହାତି ଆବଶ୍ୟକ। ତେବେ ଏଥିପାଇଁ କେବଳ ସେମିନାର୍, ସଭା ସମିତି କରି ଆଲୋଚନା କରି ବସିଲେ ଚଳିବ ନାହିଁ। ଏକ ଯୌଥ ଉଦ୍ୟମର ଆବଶ୍ୟକତା ଅଛି। ଯେଉଁ ଉଦ୍ୟମର ଫଳସ୍ୱରୂପ ଏହା ହେବ ସମାଜର, ସମାଜ ପାଇଁ, ସମାଜ ଦ୍ୱାରା।

□□

ଲେଖକଙ୍କ ଇ-ମେଲ୍ ଠିକଣା:
chinmayasamal97@gmail.com



ରମ୍ୟ ରଚନା

# ବିଜ୍ଞ ଅଭିଜ୍ଞ ସର୍ବଜ୍ଞ

**ଡା. ଅଭୟ ଦାଶ**

ଅଭୟ ଦାଶ ବସି ଭାବୁଛି, ଯେମିତି, 'ଶିଂଶପା ବୃକ୍ଷର ଡାଳେ, ହନୁ ମନେ ମନେ ଭାଳେ, ନିଶ୍ଚୟ ଜାନକୀ ଜନକ ନନ୍ଦିନୀ ଦେଖିବଇଁ ବେନି ଡୋଳେ!' କ'ଣ ଗୋଟାଏ କରି ପକାନ୍ତା! ଓଡ଼ିଆ ସାହିତ୍ୟ ମୃତ ପ୍ରାୟ, କହନ୍ତି ବିଜ୍ଞ ଜନେ। ସେ ବିଜ୍ଞତାର କିଛି ଷ୍ଟାଣ୍ଡାର୍ଡାଇଜେସନ କି ପାସ୍‌ଚୁରାଇଜେସନ ହୋଇ ନାହିଁ। ବିଏ ପାସ୍ କଲେ ବିଜ୍ଞ, ଏମ୍‌ଏ ପାସ୍ କଲେ ଅଭିଜ୍ଞ, ଆଇଏଏସ୍ ପାଇଲେ ସର୍ବଜ୍ଞ। ଏଇଟା ସ୍ୱାମୀ ଅଭୟାନନ୍ଦଙ୍କ କ୍ଲାସିଫିକେସନ। ସାହିତ୍ୟ ଚଳେଇବାକୁ ହେଲେ ଏଇ 'ଜ୍ଞ' ମାନଙ୍କ ମଧ୍ୟରେ ଚଳେଇବାକୁ ହେବ! ଦେଖାଯାଉ କେତେଦୂର ସମ୍ଭବ ହେଉଛି! ଆଗରୁ ଶୁଣି ଆସିଛି ଏଠିକା ବଜାର ଟିକିଏ ମାନ୍ଦା। ଆଜି ନା, ଆଗରୁ ଥିଲା ଏ ବଜାର? ଏବେ କ'ଣ ହେଉଛି କି, ବହି କିଣିବା ଦରକାର ନାହିଁ। ପୁସ୍ତକ ଉନ୍ମୋଚନ ନିତିଦିନ ଖେଳ। ସେଠିକି ଗଲେ ଟାଇମ୍ ପାସ୍ ହୋଇଯାଏ। ସେଇ ଚିହ୍ନାମୁହଁମାନେ ଦେଖା ଦିଅନ୍ତି। ମଞ୍ଚ ଉପରେ ବିରାଜମାନ ଅତିଥିମାନଙ୍କୁ ଆପଣ କେଉଁଠି ନା କେଉଁଠି ଦେଖିଛନ୍ତି। ଏ ଲେଖକ କିନ୍ତୁ ନୂଆ। ବହି ଛପାଇ ଅଛନ୍ତି ଯେତେବେଳେ ତାହା ଗୋଟିଏ ମଉଛବ କରି ଚଳେଇବାକୁ ହେବ। ସେଇ ବହି ଖଣ୍ଡେ ମିଳିଯାଏ। ତା' ସାଙ୍ଗକୁ ଜଳଯୋଗ ଆଦି ହୋଇ ଯାଏ। ପଢ଼ିସାରି ମତାମତ ଦେବା କଥା ଯେ, ସେମିତି କିଛି କଥା ନାହିଁ। କହିଲେ ଭଲ, ନ କହିଲେ କିଛି ନାହିଁ।

ଏଇ ଯେଉଁ 'ଜ୍ଞ' ଗୋଷ୍ଠୀ ଅଛନ୍ତି, ସେମାନେ ବହୁତ ଅବଗାହି ଲୋକ। ବହି ଦେଖୁ ଦେଖୁ କହିଦେବେ ଭୁଲ କେଉଁଠି ଅଛି? ଏକ୍‌ସପେରିଏନ୍ସ ସାର୍!



**କି ଶବ୍ଦ ସମ୍ଭାର!**

ଏମିତି ଗୋଟାଏ ଗୋଟାଏ କଡ଼ା ବହି ଅଛି, ମୁଣ୍ଡ ଝାଇଁ ଝାଇଁ କରିଦେବ! କି ଶବ୍ଦ ସମ୍ଭାର! ସମ୍ଭାଳିବା କଷ୍ଟକର। 'ରେ ସଙ୍ଗାତ ସମ୍ଭାଳି ନ ପାରେ ଆଉ, ଅମ୍ଭୋରୁହାକ୍ଷର ଖେଳା କଟାକ୍ଷର, ଦମ୍ଭୋଳିରୁ ବଳି ଦାଉ।' ଶଶି ଥରୁର ଇଂଲିସ୍ ଭଳିଆ, ସେଇ କାଟର ଓଡ଼ିଆ, ମାନେ ଆମ ପିଲାଦିନେ ଯାହାକୁ କହୁଥିଲୁ ବମ୍ବାଷ୍ଟିକ୍ ଓଡ଼ିଆ। ପଢ଼ିବୁ, ନା ଡିକ୍ସନାରୀ ଖୋଜିବୁ? ଆଜିକାଲି କୁଆଡ଼େ ଇଣ୍ଟରନେଟ୍ ଗୁଗୁଲ୍ ଉଇକିପେଡ଼ିଆରେ ସବୁ ମିଳୁଛି ଗୋଟିଏ ଆଙ୍ଗୁଠି ଅଗରେ! ଆମେ ପଢ଼ିବୁ ନା ବୋତାମ ଚିପିବୁ? ବିଜ୍ଞ ଜନ, ଅଭିଜ୍ଞ ଜନମାନଙ୍କୁ ପଚାରିଲେ କହିବେ। ସର୍ବଜ୍ଞମାନେ ଏସବୁର ଉପରେ। ତାଙ୍କୁ କାହିଁକି ପଚାରିବେ? ପଚାରିଲେ କ'ଣ ସତକଥା ଶୁଣିବେ? ସେମାନେ କଥାକୁ ଉଡ଼ାଇ ଦେବେ। ଜାଣିନାହୁଁ, କହିବା ତାଙ୍କ ଡିକ୍ସନାରୀରେ ନାହିଁ। 'ଅନ୍ଦର କି ବାତ୍ ହେ!' ସେଇମାନେ ନାକ ଟେକନ୍ତି ଏଗୁଡ଼ା ଏମିତି ଗାଉଁଟିଆ ଭାଷା ଲେଖିଲେ, ଓଡ଼ିଆ ବଞ୍ଚିବଟି? ଓଡ଼ିଆ ଜାତିଟା ନିଜ ଖାଦ୍ୟପେୟ ଭାଷା ଚଳଣି ସବୁକୁ ଅଣଦେଖା କରିଥାଏ। ବେଙ୍ଗଲି ରସଗୋଲା, ପଞ୍ଜାବି ତଡ଼କା, ତାୱା ରୋଟି, ମାଡ୍ରାସି ଦୋଶା, ଇଡ୍‌ଲି ଆଗରେ ନିଜ ରସଗୋଲା, ଖେଚେଡ଼ି ଡାଲମା, ଚକୁଳି, ଚିତୋଉଙ୍କୁ ବଳି ଚଢ଼ିଥାଏ। ସେହିପରି ଭାଷା, ସାହିତ୍ୟ। ବୁଦ୍ଧି ଆସିଲା ବେଳକୁ, 'ଘୁଷୁରି ଯାଇ ମଙ୍ଗଳପୁରେ!' ପରେ ରସଗୋଲା ଠାରୁ ଚକୁଳି ଏଣ୍ଡୁରୀ ସବୁକୁ ଆମର କହି, ବାଡ଼େଇ ପିଟି ହେଇ କି ଲାଭ? ଶିର ପୀଡ଼ା!

କିଏ ପଢ଼ିବ ଏଗୁଡ଼ା? ଏଥିରେ ଲୋକଙ୍କ ଭାଷା କାହିଁ?

କାହିଁ ଏଥିରେ ଗରିବ ପୀଡ଼ିତ ନିଷ୍ପେଷିତ ସର୍ବହରାର ଭାଷା? ଏଗୁଡ଼ା ସମ୍ଭ୍ରାନ୍ତ ବଡ଼ଲୋକଙ୍କ ଭାଷା। ଏମାନେ ସର୍ବଜ୍ଞଙ୍କ ଉପର ସ୍ତରରେ ଥିବା ଲୋକପ୍ରତିନିଧି, ଯେଉଁମାନେ ଶୟନେ ସ୍ୱପନେ ଜାଗରଣେ କେବଳ ଲୋକ ଓ ଲୋକଙ୍କ ଭାଷାର ପକ୍ଷଧର ଅଟନ୍ତି।

**ବଜାର ନାହିଁ?**


ଲେଖକ? ମାନେ, ଏ ଅଭୟ ଦାଶ ଭଳିଆ ଲେଖକ ଦ୍ୱିଧାରେ। କ'ଣ ଲେଖିବା? ଲାଗୁଛି ଆମର ଆଉ ବଜାର ନାହିଁ?

**ମନେ କରନ୍ତୁ ଗୋଟାଏ କଡ଼ା ପୁରସ୍କାର ମିଳିଗଲା। ସର୍ବଜ୍ଞ ଗୋଷ୍ଠୀ ସେତେବେଳେ ଚିତ୍କାର କରୁଥିବା ଶୁଣାଯିବ, ଅନ୍ୟାୟ ହୋଇଗଲା!**

ମଣିଷର ଲୋଭ ତ, କ'ଣ ଗୋଟାଏ ହୋଇ ଯାଆନ୍ତା କି? ବଜାର ନାହିଁ ଯେ, କିଏ କହିବ ସେନସେକ୍ସ କେତେବେଳେ ତେଜିବ? ସେୟାର ବଜାର ଭଳିଆ ସାହିତ୍ୟ ବଜାରରେ କିଛି ବି ହୋଇପାରେ! ଆଜି ନ ହେଲେ କାଲି, କିଏ ଦେଖିଛି? ଅଭୟ ଦାଶ ଭାବିଲା, ଲେଖିଯିବା! କିଏ କ'ଣ କହିବେ କହନ୍ତୁ! ମନେ କରନ୍ତୁ ଗୋଟାଏ କଡ଼ା ପୁରସ୍କାର ମିଳିଗଲା। ନିଜେ ପୁରସ୍କାର ନେଇ ସାରିଥିବା ସର୍ବଜ୍ଞ ଗୋଷ୍ଠୀ ସେତେବେଳେ ଚିତ୍କାର କରୁଥିବା ଶୁଣାଯିବ, ଅନ୍ୟାୟ ହୋଇଗଲା! ଏଇଟାକୁ ମିଳିଲା! ଯିଏ ନ ପାଇଲେ କହିବେ, 'ଶଳା ତେଲିଆ! ଆମେ ଜାଣିନୁ, ଏଇଟା କେଡ଼େ ଯୋଗ୍ୟ?' ଅଭୟ ଦାଶ ଭାବୁଥାଏ, ସତରେ କ'ଣ ପୁରସ୍କାର ଗନ୍ଧାଏ? ପୁରସ୍କାର! ମାନେ ଗୋଟାଏ ପଦ୍ମ, କି ଏକାଡେମୀ, ସରସ୍ୱତୀ, ସାରଳା ଭଳିଆ ତିନିଲକ୍ଷ, ପାଞ୍ଚ ଲକ୍ଷର ଚେକ୍ ସାଙ୍ଗକୁ ମାନପତ୍ର, ଉପଢୌକନ, ଫୁଲତୋଡ଼ା ସତ କହିଲେ, କାହାକୁ ଗନ୍ଧାଏ? ମିଛ ଆଞ୍ଜା ଖାଲି ଛଳନା! ଅଭୟ ଦାଶକୁ ମିଳିବାରୁ ମାରା ହୋଇଗଲା, କାହିଁକିନା ସିଏ ଅଙ୍କ ଗ୍ରୁପର! ଏ ଯେଉଁ ଏଲିଟ୍ ଗ୍ରୁପ ଠାରୁ ବହୁତ ଦୂରରେ। ଦେଖାଯାଉ ବାଜି ତ ଲଗାଇବାକୁ ହେବ! ଦେଖାଯାଉ ସେତେବେଳେ ପୁରସ୍କାର ବିରୋଧୀମାନେ କ'ଣ କହୁଛନ୍ତି!

□□

ଲେଖକଙ୍କ ଇ-ମେଲ୍ ଠିକଣା:
abhaydash1@gmail.com




ମୂଲ୍ୟ : ଟ. ୧୨୦/-


ପ୍ରକାଶ ପାଇଲା

## ଅଭୟାନନ୍ଦ ଉବାଚ

ଆମର ସାମାଜିକ, ପାରିବାରିକ ତଥା ରାଜନୈତିକ ଜୀବନର ବିଭିନ୍ନ ବିସଙ୍ଗତିକୁ ନେଇ ଶାଣିତ ବ୍ୟଙ୍ଗ ମାଧ୍ୟମରେ ରୂପାୟିତ ଏହି ପୁସ୍ତକଟିରେ ସ୍ଥାନିତ ହୋଇଛି ଡା. ଅଭୟ ଦାଶଙ୍କ ଦ୍ୱାରା ରଚିତ ୩୩ଟି ରମ୍ୟରଚନା। ଏକ ଅନନ୍ୟ ପାଠକୀୟ ଅନୁଭବର ପ୍ରତିଶ୍ରୁତି ରଖନ୍ତି ପ୍ରତ୍ୟେକଟି ଲେଖା।

ପ୍ରକାଶକ : ସାହିତ୍ୟ ଚର୍ଚ୍ଚା

ନିକଟସ୍ଥ ପୁସ୍ତକ ବିକ୍ରୟ କେନ୍ଦ୍ରରେ ଅନୁସନ୍ଧାନ କରନ୍ତୁ। ଅନ୍‌ଲାଇନ୍‌ରେ ଆମାଜନ୍ ଜରିଆରେ ମଧ୍ୟ ଉପଲବ୍ଧ।



ପ୍ରବନ୍ଧ

# ପୁସ୍ତକ ପ୍ରକାଶନ ଓ ସଂପାଦନାର କେତେକ ଦିଗ

ମାନସ ରଂଜନ ମହାପାତ୍ର

ସଂପାଦନା ଏକ ବିଧି ବା କୌଶଳ। ଅନେକ ଏକଥା ଜାଣନ୍ତି ନାହିଁ ଯେ ଖବରକାଗଜ, ପତ୍ରପତ୍ରିକା, ପ୍ରଚାର ପତ୍ରିକାଠାରୁ ପୁସ୍ତକ ସଂପାଦନା ଯେ ଏକ ଅଲଗା କାମ। ୧୯୮୫ ମସିହାରେ ମୋ ଉପନ୍ୟାସିକାର ପାଣ୍ଡୁଲିପି ସଂପାଦନା କଲାବେଳେ ଅନୁଭବ କରିଛି। ୧୯୯୦ ରୁ ୨୦୨୦ ମସିହା ପର୍ଯ୍ୟନ୍ତ ନ୍ୟାସନାଲ ବୁକ୍ ଟ୍ରଷ୍ଟରେ ସଂପାଦକ ଭାବେ କାମ କଲାବେଳେ ମତେ ପ୍ରାୟ ଏକ ହଜାର ପାଣ୍ଡୁଲିପି ସଂପାଦନା କରିବାର ସୁଯୋଗ ମିଳିଲା। ତା’ ବି କେବଳ ଓଡ଼ିଆରେ ନୁହେଁ, ହିନ୍ଦୀ ଓ ଇଂରାଜୀ ଭାଷାରେ ମଧ୍ୟ।


ଓଡ଼ିଆ ଭାଷାରେ ପୁସ୍ତକ ସଂପାଦନା ବିଷୟକ ପୁସ୍ତକ ବିରଳ। ମୋର ଗୁରୁତୁଲ୍ୟ ପ୍ରଫୁଲ୍ଲ କୁମାର ତ୍ରିପାଠୀ ଏ ଦିଗରେ ପ୍ରାରମ୍ଭିକ ଉଦ୍ୟମ ଆଜିଠୁ ଅର୍ଦ୍ଧ ଶତାବ୍ଦୀ ତଳେ କରିଥିଲେ।

## କଳା ନା ବିଜ୍ଞାନ?

ପୁସ୍ତକ ସମ୍ପାଦନା ଏକ କଳା ବା ବିଜ୍ଞାନ? ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପୁସ୍ତକ ପ୍ରକାଶନ ପାଇବାବେଳେ ମୁଁ ଏଇ ପ୍ରଶ୍ନର ସମ୍ମୁଖୀନ ବାରମ୍ବାର ହୋଇଛି। ମୋ ଛାତ୍ର ସକୁର କୁନ୍ଦ୍ରା ଓ ଛାତ୍ରୀ ସ୍ୱାତୀ ମତେ ଏ ପ୍ରଶ୍ନ ପଚାରିବା ବେଳେ ପ୍ରଥମେ ମୁଁ ନିରବ ରହିଥିଲି। ପରେ ନିଜକୁ ବାରମ୍ବାର ପଚାରିଲି, ଯାହା ନିଷ୍କର୍ଷରେ ପହଞ୍ଚିଲି, ତାହା ହେଉଛି, ପୁସ୍ତକର ସଜ୍ଜିତ ରଙ୍ଗ, ପାଣ୍ଡୁଲିପିର ଲିଖନ ଏକ କଳା, ମୁଦ୍ରଣ ଓ ସଂଶୋଧନ ଏକ ବିଜ୍ଞାନ।

ମୋ ନନା (ବାପା) ଜଣେ ସାମ୍ବାଦିକ ଥିଲେ। ଆଜିଠୁ ପଞ୍ଚାବନ ବର୍ଷ ଆଗେ ସେ ପୁରୀରୁ ‘ଜନମତ’ ନାମକ ସାପ୍ତାହିକର ସମ୍ପାଦନା କରୁଥିଲେ। ମତେ ସେତେବେଳକୁ ସାତବର୍ଷ ବୟସ। ନନା ନାଲି କଲମରେ ଲେଖା ସଂଶୋଧନ କରୁଥାନ୍ତି। ବେଳେବେଳେ ପୃଷ୍ଠା ପୃଷ୍ଠା କାଟିଦେବା ମୁଁ ଦେଖିଛି। ହେଲେ, ଲେଖା ସହ କିଛି ଯୋଡ଼ିବା ବା ପାରାଗ୍ରାଫ୍ ଉପର ତଳ କରିବା ମୁଁ ଦେଖିନାହିଁ।

ପୂର୍ବରୁ କହିଛି, ଖବରକାଗଜ ସଂପାଦନା ଓ ପୁସ୍ତକ ସଂପାଦନା ଏକ କଥା ନୁହଁ। ସଂକଳନ କରିବା କାମକୁ ଅନେକ ସଂପାଦନା ବୋଲି ଭାବିଥାନ୍ତି। ବହୁ ସଂକଳନ ଦେଖିଛି, କିଛି ଲେଖା ଏକାଠି କରି ଟୀକା ବା ଭୂମିକା ଲେଖି ଅନେକ ସଂପାଦକ ହୋଇଥାନ୍ତି। ଗଲା ପଚାଶ ବର୍ଷ ଭିତରେ କେତେଜଣ ହାତଗଣତି ଲୋକଙ୍କୁ ଛାଡ଼ିଦେଲେ ଭାରତରେ ମୁଁ ପୁସ୍ତକ ସଂପାଦକ ଦେଖିନାହିଁ। ଶୁଣିଛି, ମୁନ୍ସୀ ପ୍ରେମଚନ୍ଦ ପୁସ୍ତକ ସଂପାଦନା କଲାବେଳେ କେବେ କେବେ ଲେଖାଟିର ପୁନର୍ଲିଖନ କରିଦେଉଥିଲେ। ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କୁ ଏ ପ୍ରକାର କାମ କରିବାର ମୁଁ ଦେଖିଛି। ଅଭିରାମ ମହାପାତ୍ରଙ୍କ ପରି ପ୍ରକାଶକମାନେ ମଧ୍ୟ ଭଲ ପୁସ୍ତକ ସଂପାଦକ ଥିଲେ। ମୋ ଜୀବଦ୍ଦଶାରେ କ୍ୱଚିତ୍ ବୃତ୍ତିଗତ ପୁସ୍ତକ ସଂପାଦକ ମୁଁ ଓଡ଼ିଶାରେ ଦେଖିଛି। ବଂଗଳାରେ ନରେନ୍ଦ୍ରନାଥ ଚକ୍ରବର୍ତ୍ତୀ ବା ଇଂରାଜୀରେ ରବି ଦୟାଲ୍ ବା ସାମୁଏଲ୍ ଇଜ୍ରାଏଲଙ୍କ ପରି ପୁସ୍ତକ ସଂପାଦକମାନଙ୍କୁ ମୁଁ ଭେଟିଛି ଏବଂ ସେମାନଙ୍କଠାରୁ ଅନେକ କଥା ଶିଖିଛି।



ମୋ ଜୀବଦ୍ଦଶାରେ କ୍ୱଚିତ୍ ବୃତ୍ତିଗତ ପୁସ୍ତକ ସଂପାଦକ ମୁଁ ଓଡ଼ିଶାରେ ଦେଖିଛି। ବଂଗଳାରେ ନରେନ୍ଦ୍ରନାଥ ଚର୍କବର୍ତ୍ତୀ ବା ଇଂରାଜୀରେ ରବି ଦୟାଲ୍ ବା ସାମୁଏଲ୍ ଇଜ୍ରାଏଲ୍ ଙ୍କ ପରି ପୁସ୍ତକ ସଂପାଦକମାନଙ୍କୁ ମୁଁ ଭେଟିଛି ଏବଂ ସେମାନଙ୍କଠାରୁ ଅନେକ କଥା ଶିଖିଛି।

ଲେଖକ ବା ଶିଳ୍ପୀମାନେ ସର୍ଜନଶୀଳ ପ୍ରାଣୀ। ତାଙ୍କ ସୃଷ୍ଟି ଦେଖିଲେ କିଭଳି ଦିଶିବ, ତାହାର ଏକ ମୂଳରୂପ ବା ପ୍ରରୂପ ସେମାନେ ତିଆରି କରିଥାନ୍ତି; ଯାହାକୁ ପ୍ରକାଶିତ ବା ମୁଦ୍ରିତ କରି ଲୋକଲୋଚନକୁ ଅଣାଯାଇପାରିବ। ‘ସକ୍‌ସେସ୍ ଅଫ୍

କ୍ରିଏଟିଭିଟି ଲାଇଜ୍ ଇନ୍ ରିପ୍ରଡକ୍ସନ' ବୋଲି ବହୁ ମନୀଷୀ କହିଛନ୍ତି। ଇଂରାଜୀରେ 'ପାଣ୍ଡୁଲିପି' ପାଇଁ ଦୁଇଟି ଶବ୍ଦ ଅଛି - 'ମାନୁସ୍କ୍ରିପ୍ଟ' ଏବଂ 'କପି'। କପିର ଆକ୍ଷରିକ ଅର୍ଥ ହେଉଛି ନକଲ। ଯେଉଁ ପାଣ୍ଡୁଲିପିଟି ପ୍ରକାଶ ପାଇଁ ଯାଏ ତାହା ହିଁ ହେଉଛି ମୂଳ ଲେଖାର ନକଲ ବା ପ୍ରତିରୂପ।

**ଭାବ ହିଁ ଭିତ୍ତି**

ଆଇଡିଆ ବା ଭାବ ବା ଆଧାର ହେଉଛି ସବୁ ସୃଜନକର୍ମର ମୂଳଭିତ୍ତି। ତାହାର ପ୍ରକାଶନ ଶୈଳୀ ଉପରେ ନିର୍ଭର କରେ ସ୍ରଷ୍ଟାର ସଫଳତା। ପର୍ବତ ଗୁମ୍ଫାରେ ବା ପଥରରେ ଖୋଦେଇ କରି ଏକଦା ସାହିତ୍ୟ ବା ଚିତ୍ର ସୃଷ୍ଟି କରାଯାଉଥିଲା। କାଗଜର ଓ ମୁଦ୍ରଣଯନ୍ତ୍ରର ଉଦ୍ଭାବନ ପୂର୍ବରୁ ମଧ୍ୟ ପାଣ୍ଡୁଲିପି ତିଆରି ହେଉଥିଲା। ଭୁର୍ଜପତ୍ରରେ ଲେଖନୀ ସାହାଯ୍ୟରେ ପ୍ରଥମେ ପାଣ୍ଡୁଲିପି ମୌଖିକ ପରମ୍ପରାରୁ ମୁଦ୍ରିତ ରୂପକୁ ରୂପାନ୍ତରିତ ହେଲା। କାଗଜର ଉଦ୍ଭାବନ ଏବଂ ଗୁଟେନ୍‌ବର୍ଗଙ୍କ ଦ୍ୱାରା ମୁଦ୍ରଣ ଯନ୍ତ୍ରର ଉଦ୍ଭାବନ ପରେ ମୁଦ୍ରିତ ପୁସ୍ତକ ପ୍ରସ୍ତୁତ ହେବା ଆରମ୍ଭ ହେଲା। ମୁଦ୍ରଣ କଳାର ଇତିହାସ ପଢ଼ିଲେ ଏ ବିଷୟରେ ଅନେକ କଥା ଜଣାପଡ଼େ।

ମୋ ପିଲାଦିନେ ଯେଉଁ ମୁଦ୍ରଣ ଯନ୍ତ୍ରରେ ପୁସ୍ତକ ଛପା ଯାଉଥିଲା, ତାହାକୁ ଲେଟର ପ୍ରେସ୍ କୁହାଯାଉଥିଲା। ସୀସା ଅକ୍ଷର ସବୁ ବର୍ଣ୍ଣମାଳା ଅନୁସାରେ କାଠ ଖୋପରେ ରଖାଯାଉଥିଲା ଏବଂ କମ୍ପୋଜିଟରମାନେ ତାକୁ ସଜାଡ଼ି କାଠଫ୍ରେମ୍‌ରେ ବାନ୍ଧି ପୃଷ୍ଠା ତିଆରି କରୁଥିଲେ। ପୃଷ୍ଠାଟି ଗୋଟିଏ ଯନ୍ତ୍ର ମାଧ୍ୟମରେ ପାଦ ଦ୍ୱାରା ଚାଳିତ ପ୍ୟାଡଲ ସାହାଯ୍ୟରେ ଚକ ବୁଲାଇ କାଗଜରେ ଛପାଯାଉଥିଲା। ପରେ ପରେ ଏହି ମୁଦ୍ରଣ ଯନ୍ତ୍ରଟି ମୋଟର ମାଧ୍ୟମରେ ଚାଲିବା ଆରମ୍ଭ ହେଲା। ମୁଦ୍ରଣର ଏହି ବିକାଶ ପଥରେ ଚାଲୁଚାଲୁ ଆମେ ଫଟୋ ଟାଇପ୍‌ସେଟିଂ ଓ ଡିଟିପି ଯୁଗରେ ପହଞ୍ଚିଗଲୁ। ମୁଦ୍ରଣର ପରମ୍ପରା ମଧ୍ୟ ଲେଟର ପ୍ରେସ୍‌ଠାରୁ ସିଟିପି ବା କ୍ୟାମେରା ଟୁ ପ୍ରିଣ୍ଟରେ ପହଞ୍ଚିଗଲା।

ପାଣ୍ଡୁଲିପି ତିଆରିର ପରମ୍ପରା ମଧ୍ୟ ବାଇଣ୍ଡିଂ କରା କାଗଜଠାରୁ ଡିଜିଟାଲ ସ୍ତରରେ ପହଞ୍ଚିଲା। ତେବେ ପାଣ୍ଡୁଲିପି ତିଆରିର ଧାରା ବଦଳି ନାହିଁ। ଯେଉଁ ଧାରାଟି ସର୍ବକାଳୀନ ସେ ବିଷୟରେ ଏଠାରେ ଆଲୋଚନା କରିବା :

ଫାଷ୍ଟ ଡ୍ରାଫ୍ଟ ବା ଲେଖାର ସର୍ବପ୍ରଥମ ରୂପ- ଅନେକ ଏହାକୁ ରଫ୍ ଡ୍ରାଫ୍ଟ ବୋଲି ମଧ୍ୟ କହନ୍ତି। ମୂଳ ଲେଖାଟି ଲେଖିଲାବେଳେ ଲେଖକଟି ଯାହା ମନକୁ ଆସେ ଲେଖିଯାଏ। ଲେଖା ସହ ସମତାଳରେ ସଂଶୋଧନ କରିହୁଏ ନାହିଁ। ସଂଶୋଧନ କଲେ ନିରବଚ୍ଛିନ୍ନ ଭାବେ ଲେଖି ହୁଏ ନାହିଁ। କବିତା, ଗଳ୍ପ, ପ୍ରବନ୍ଧ, ରମ୍ୟରଚନା, ଭ୍ରମଣ କାହାଣୀ ଆଦି ଖଣ୍ଡ ଖଣ୍ଡ କରି ଲେଖିହୁଏ। ମାତ୍ର ନାଟକ ବା ଉପନ୍ୟାସ ଗୋଟିଏ କ୍ରମରେ ହିଁ ଲେଖିବାକୁ ପଡ଼େ। ଏସବୁ ଲେଖାଗଲେ ବହୁପୃଷ୍ଠା ଏକାଠି ହୁଏ। କାମଟି ସମ୍ପୂର୍ଣ୍ଣ ହୋଇଗଲେ ଲେଖକ ତାକୁ ଥରେ ପଢ଼େ। ସେତେବେଳେ ଲେଖିବା ସମୟରେ ହୋଇଥିବା ବର୍ଣ୍ଣାଶୁଦ୍ଧି, ବର୍ଣ୍ଣନା ବିଭ୍ରାଟ, କ୍ରମ ଭଙ୍ଗ ଆଦି ଅନେକ ଭୁଲ୍ ନଜରରେ ଆସେ। ସଂଶୋଧନ ପରେ ପୁଣିଥରେ ପାଣ୍ଡୁଲିପିଟି ତିଆରି କରାଯାଏ। ଏହାକୁ ସଂଶୋଧିତ ପାଣ୍ଡୁଲିପି ବା ସେକେଣ୍ଡ ଡ୍ରାଫ୍ଟ କୁହାଯାଏ। ଆଗରୁ ଏହା କଲମରେ କରାଯାଉଥିଲା। ଏବେ ଲାପଟପ୍ ବା କମ୍ପ୍ୟୁଟରରେ ଟାଇପ୍ କଲା ପରେ କରାଯାଉଛି।

**ମୂଳ ଲେଖାଟି ଲେଖିଲାବେଳେ ଲେଖକଟି ଯାହା ମନକୁ ଆସେ ଲେଖିଯାଏ। ଲେଖା ସହ ସମତାଳରେ ସଂଶୋଧନ କରିହୁଏ ନାହିଁ।**

**'ଫିଡ୍‌ବ୍ୟାକ୍'ର ମହତ୍ତ୍ୱ**

ସିଙ୍ଗାପୁରରେ କେତେକ ଲେଖକ ପ୍ରଥମ ଡ୍ରାଫ୍ଟଟି ସଂଶୋଧନ କଲା ପରେ କତିପୟ ନିର୍ବାଚିତ ପାଠକଙ୍କୁ ମତାମତ ବା ଫିଡ୍‌ବ୍ୟାକ୍ ଦେବାକୁ କହିବାର ମୁଁ ଦେଖିଛି। ଭାରତରେ ମଧ୍ୟ ଇଂରାଜୀ ଲେଖକ ରସ୍କିନ ବଣ୍ଡ ନିଜ ପାଣ୍ଡୁଲିପିର ସେକେଣ୍ଡ ଡ୍ରାଫ୍ଟ ନେଇ ସ୍କୁଲ ପିଲାମାନଙ୍କୁ ଶୁଣାନ୍ତି ବୋଲି ମୁଁ ଶୁଣିଛି। ଫିଡ୍‌ବ୍ୟାକ୍ ବା ମତାମତ ପାଇଲେ ଲେଖକ ନିଜର ତ୍ରୁଟି ବିଚ୍ୟୁତି ଜାଣିବା ସହଜ ହୁଏ। କିନ୍ତୁ ଓଡ଼ିଶାର ଲେଖକମାନେ ମତାମତ ଆଧାରରେ ନିଜ ରଚନାକୁ ସଂଶୋଧନ କରିବାର ପରମ୍ପରା ପ୍ରାୟ ନାହିଁ କହିଲେ ଚଳେ।

ତେବେ ମତାମତ ଆଧାରରେ ସଂଶୋଧନ ପରେ ଯେଉଁ ପାଣ୍ଡୁଲିପିଟି ତିଆରି ହୁଏ, ତାହାକୁ ଥାର୍ଡ ଡ୍ରାଫ୍ଟ କୁହାଯାଏ। ଏହି ସମୟରେ ପୁସ୍ତକରେ ଥିବା ସୂଚନା ବା ଡାଟା, ଗଣନା, ବର୍ଣ୍ଣନା ଓ ନାମ ସବୁକୁ ପୁଣି ଥରେ ପରଖି ନିଆଯାଏ। ଯଦି

ବହିଟି ସୂଚନାଧର୍ମୀ ପୁସ୍ତକ ହୋଇଥାଏ, ତେବେ ତହିଁରେ ଥିବା ସୂଚନାକୁ ସଦ୍ୟତମ ସୂଚନା ସହ ମିଳାଇ ଦେଖିବାକୁ ପଡ଼େ। ପିଲାଙ୍କ ପାଇଁ ପ୍ରକାଶିତ ଚିତ୍ରିତ ପୁସ୍ତକ ବା ଇଲଷ୍ଟ୍ରେଟେଡ୍ ବୁକ୍ / ପ୍ରାକ୍ଟିସ୍ ବୁକ୍‌ରେ ଚିତ୍ର ପାଠ ଅନୁରୂପ ହୋଇଛି କି ନାହିଁ; ତାହା ସଂପାଦନା ବିଧିର ଅନ୍ତର୍ଗତ। ଗୋଟିଏ ପାଣ୍ଡୁଲିପିର ସଂଶୋଧନ ବା ଡ୍ରାଫ୍ଟ ତିଆରି କରିବା ପ୍ରକ୍ରିୟାର ସୀମା ବିଷୟରେ କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ। 'ଫ୍ରିଡମ୍ ଆଟ୍ ମିଡ୍‌ନାଇଟ୍' ପୁସ୍ତକର ଲେଖକ ଡୋମିନିକ୍ ଲାପିଏର୍ ଚଉଦଟି ଡ୍ରାଫ୍ଟ ତିଆରି କରିବା କଥା ମୋତେ ସାକ୍ଷାତକାର ବେଳେ ୧୯୮୧ ମସିହାରେ କହିଥିଲେ।



ଅଭିଧାନ ମଧ୍ୟ ପରିବର୍ତ୍ତନଶୀଳ। ନୂଆ ନୂଆ ଶବ୍ଦ ବନାନର ନିୟମ ଅନୁସାରେ ପାଣ୍ଡୁଲିପିକୁ ସଂଶୋଧନ କରିବାକୁ ପଡ଼େ। ଏକଦା 'ନ ଥାଏ' ଦୁଇଟି ଶବ୍ଦ ଭାବରେ ରହୁଥିଲା। ଏବେ ତାହା ଅନେକ ପୁସ୍ତକରେ 'ନଥାଏ' ଗୋଟିଏ ଶବ୍ଦ ଭାବରେ ରହୁଛି। ଭାଷାବିତ୍ ଡକ୍ଟର ବିଜୟ ପ୍ରସାଦ ମହାପାତ୍ରଙ୍କ ମତରେ ବ୍ୟାକରଣ ଧ୍ୱନି ବା ସାମ୍ପ୍ରତିକ୍ ଉଚ୍ଚାରଣ ଉପରେ ନିର୍ଭରଶୀଳ ହେବା ଉଚିତ୍।


ଏକଦା ପାଣ୍ଡୁଲିପିର ନକଲ ରଖିବା ପାଇଁ କାର୍ବନ ବ୍ୟବହାର କରାଯାଉଥିଲା। ପ୍ରକାଶକମାନେ ମୂଳ କପିଟି ପ୍ରକାଶନ ପାଇଁ ନେଉଥିଲେ। କାର୍ବନ କପିଟି ରେକର୍ଡ ପାଇଁ ରହୁଥିଲା। ନ୍ୟାସନାଲ ବୁକ୍ ଟ୍ରଷ୍ଟରେ ମୁଁ ଯୋଗ ଦେଲାବେଳକୁ ଆମେ ଲେଖକ ବା ଅନୁବାଦକଙ୍କଠାରୁ ମୂଳ କପି ବା କାର୍ବନ କପି ଦୁଇଟି ଯାକ ନେଉଥିଲୁ। ସେ କ୍ଷେତ୍ରରେ ଲେଖକ ଓ ଅନୁବାଦକ ଆଉ ଏକ କାର୍ବନ କପି କରି ନିଜ ପାଇଁ ରଖୁଥିଲେ।

ପୁସ୍ତକ ପ୍ରକାଶନ, ବିଶେଷତଃ ପାଣ୍ଡୁଲିପି ସଂପାଦନା ମୂଳତଃ ଏକ କଳା। କିନ୍ତୁ ବିଦେଶରେ, ବିଶେଷ କରି ଇଂଲଣ୍ଡରେ ଏହାକୁ ଏକ ବିଜ୍ଞାନ ବା ପ୍ରଦ୍ୟୋଗିକୀର ମର୍ଯ୍ୟାଦା ମଧ୍ୟ ମିଳିଛି। ସିଂଗାପୁରରେ ଏହା ଏକ ମ୍ୟାନେଜମେଣ୍ଟ ଭାବରେ ଗୃହୀତ ହୋଇଥିବା ଆମ ଦୃଷ୍ଟିକୁ ଆସେ।

□□

ଲେଖକଙ୍କ ଇ-ମେଲ ଠିକଣା:
mrmahapatra@yahoo.co.in

ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ




ଧାରା ଶ୍ରୀରାଧା

କବି - ମଙ୍ଗଳାପ୍ରସାଦ ପ୍ରଧାନ

DHARA SHREE RADHA TRUST
Regd. No.: 41081705388
Bhubaneswar, Odisha

**DHARA SHREE RADHA TRUST**
**(A Literary & Cultural Organisation)**
**Email - dharashreeradha2017@gmail.com**

**କବିତା**

# ଅରଣ୍ୟକ୍ଷେତ୍ର



**ବଳରାମ ପୂଜାରୀ**

ପାହାଡ଼ ପିଠିଆ !
ଅରଣ୍ୟ ଅଗଣା ସାରା, କିଏ କେଜାଣି
ବଡ଼ି ଭୋରରୁ ମଖେଇ ଦେଇଯାଏ !
ସବୁଜ ସବୁଜ ସାବ୍‌ଜା ରଙ୍ଗ,
ଅଳସୀ ଫୁଲରେ ଛାଟି ଦେଇଯାଏ
ହଳଦୀ କାଠୁଆରୁ
କାଠୁଏ ଗୁରୁ ଗୁରୁ ହଳଦୀ ପାଣି,
ସୁନାରୀ ଫୁଲରେ ଘଷି ଦେଇ ଯାଏ
ସୁବର୍ଣ୍ଣଭଣ୍ଡାରର ମୁଠା ମୁଠା ସ୍ୱର୍ଣ୍ଣଭସ୍ମ,
ମହୁଲ ଫୁଲରେ ଖୁନ୍ଦି ଦେଇଥାଏ
ହାଲ୍‌କା ଫୁଲ୍‌କା
ଝୁମୁରୁ ଝୁମୁରୁ ମହୁଲିଆ ନିଶା ।





କେନ୍ଦୁ କାନ୍ଦୁଲରେ କିଏ ଭରିଦିଏ
ପେଟେ ପେଟେ ଜୀବନ ଆୟୁଷ,
ସଲପ୍‌ ଗଜୁରା ଚାଉଁର ଖେନ୍ଦାକୁ
କିଏ ପେଇ ଦେଇ ଯାଏ
ତୁମ୍ବୁଣିଏ ତୁମ୍ବୁଣିଏ ଦୁଃଖ ଭୁଲିବାର ତାକତ୍‌,
ପାହାଡ଼ଖୋଲ ସାରା ସିଞ୍ଚି ସିଞ୍ଚି ଯାଏ,
ଜୀବନ ଗଜରାର ମୁନ୍ଦିଏ ମୁନ୍ଦିଏ ରତୁରେତ
'କେରଙ୍ଗ' ପାଟ ପତନୀରେ
ମଖେଇ ଦେଇଯାଏ ନାଲିନେଳି ରଙ୍ଗର ତନ୍ତବୁଣା ତଥାସ୍ତୁ,
ଅସରାଏ ବର୍ଷାରେ 'ଲଣ୍ଡାପାହାଡ଼'ରୁ 'ମୟୂରଝୋଲା' ଯାଏଁ
କିଏ, ଟାଙ୍ଗି ଦେଇଯାଏ
ଆକାଶେ ମଥାନେ ଉଚ୍ଚର ସାତସିଆଁ' ସାତରଙ୍ଗିଆ
ବଙ୍କିଲା 'ଇନ୍ଦ୍ରଧନୁ' ପଟେ ।



ଏଇଠି
ସକାଳ ପହରୁ କିଏ ଚିପୁଡ଼ିଦିଏ
ଆଞ୍ଜୁଳା ଆଞ୍ଜୁଳା ମେଘମହୁ,



ମହୁପାଟନା ପର୍ବତର ଖୋପରେ
'ଶାପୁଆ' ଡଙ୍ଗର ସାରା ଲେସି ଦେଇଯାଏ
ଭୋକହୁଡ଼ା ଦିଶାରୀ ମନ୍ତୁରା ସଞ୍ଜିବନୀ ଶ୍ଳୋକ,
ଅଧା ମରା ଅଧା ଜିଆ ଝୋଲା ଝାଲିଆରେ,
ଓଜାଡ଼ି ଦେଇଯାଏ ଜଳାମୃତ,
ସୁଲୁସୁଲିଆ କାଜୋଡି 'ରିଞ୍ଜୋଡ଼ି' ଗୀତରେ !

ପ୍ରତି ମୁହୂର୍ତ୍ତରେ ରଙ୍ଗୀନ ଏଠି ରଙ୍ଗମଞ୍ଚ !
ଭୋକ ସହ ଜୀବନମାନଙ୍କ ତୃତୀୟ ବିଶ୍ୱଯୁଦ୍ଧ
ଭୋକିଲା ଭୋକମାନଙ୍କୁ କାଖେଇ ପେଟେଇ,
କିଏ, ଗଢ଼ି ଦେଇଛି, ଏ ସୁବର୍ଣ୍ଣ ସୀମାନ୍ତ,
ଘଷ୍ଟ ଘାଗୁଡ଼ିରେ ଘୋଡ଼େଇ ରଖିଛି
ଏ ରଙ୍ଗଡ଼ିଆ ଭୂମଣ୍ଡଳ
ସୁଜ ସାମ୍ରାଜ୍ୟର ସୁରମ୍ୟ ସରହଦ,
ଆୟୁଷ୍ମତୀ ଅରଣ୍ୟ ଅଗଣାର
ଅଗନା ଅଗନି 'ଅରଣ୍ୟକ୍ଷେତ୍ର' ।



□□


ଲେଖକଙ୍କ ଇ-ମେଲ ଠିକଣା:
balarampujari1974@gmail.com

**ମାଲକାନଗିରି ଅଞ୍ଚଳର ସ୍ଥାନୀୟ ଶବ୍ଦ :**

**ସଲପ୍‌** – ଆଦିବାସୀମାନଙ୍କ ପାନୀୟ, ଯାହା କି ଏକ ଗଛରୁ ଝରିଥାଏ ।

**ତୁମ୍ବୁଣୀ** – ଲାଉତୁମ୍ବା, ଏକ ଛୋଟ ବଣୁଆ ଲାଉ ଖୋଳରେ ଆଦିବାସୀମାନେ ଏହା ତିଆରି କରିଥାନ୍ତି ।

**କେରଙ୍ଗ ପାଟ** – ଆଦିବାସୀମାନେ ନିଜ ହାତରେ ବୁଣୁଥିବା ବସ୍ତ୍ର । କେରଙ୍ଗ ଗଛର ଛାଲିକୁ ଉତାରି ଏହାର ମଣ୍ଡ ରୁ ପ୍ରସ୍ତୁତ ହୁଏ ତନ୍ତ ।



**ମୟୂରଝୋଲା** – ଏକ ପାହାଡ଼ୀ ଝରଣା ।

**ମହୁପାଟଣା** – ଏକ ପାହାଡ଼ର ନାମ ।

**ଶାପୁଆ ଡଙ୍ଗର** – ଏକ ପାହାଡ଼ର ନାମ ।

**ଦିଶାରୀ** – ଆଦିବାସୀମାନଙ୍କ ପୂଜକ ବା ଗୁଣିଆ ।

**ରିଞ୍ଜୋଡ଼ି** – ପରଜା ଜନଜାତିର ଗୀତ ।

ଗଳ୍ପ



# ପରିଣତି

ଆର୍ତ୍ତତ୍ରାଣ ମହାପାତ୍ର

ପ୍ରତିମାକୁ ଖୋଜି ଖୋଜି ନୟାନ୍ତ ହୋଇ ସାରିଲେଣି ଦେବବ୍ରତବାବୁ। ପାର୍କଠାରୁ ଯିବା ଆସିବା ରାସ୍ତା, ରାସ୍ତା କଡ଼ ସିମେଣ୍ଟ ବେଞ୍ଚ, ବୁଦାମୂଳ ଶେଷରେ ନଈକୂଳ ସବୁଜାଗା ଖୋଜିସାରିଲେଣି ପିଲାଟା ଗଲା କୁଆଡ଼େ ? ଭାବିଭାବି ଆଖିରେ ଲୁହ ଆସିଗଲାଣି। କରିବେ କ'ଣ ? କ'ଣ ପୋଲିସ ଷ୍ଟେସନ ଯିବେ ? ହେଲେ ପୋଲିସ ଏବେ ଦୁନିଆ କଥା କହିବ। ଦଶମ ଶ୍ରେଣୀରେ ପଢୁଥିବା ଝିଅ ପୁଣି ପରୀକ୍ଷା ଦେଇଛି। ପୋଲିସ ଏବେ ସବୁ ଦିଗ କଥା ପଚାରିବେ କାହା ସହିତ ସମ୍ପର୍କ ! କୁଆଡ଼େ ଯାଏ ! କିଏ ତା'ର ସାଙ୍ଗସାଥୀ ଇତ୍ୟାଦି ଅନେକ କଥା।



ଦେବବ୍ରତ ବାବୁଙ୍କର ଗୋଟିଏ ବୋଲି ଝିଅ, ଇଂରାଜୀ ମାଧ୍ୟମରେ ପଢ଼େ। ପିଲା ଡଉଲ ଡାଉଲ, ଖୁବ ସୁନ୍ଦର। ସେ ଯେତେବେଳେ ଯାହା ମାଗେ ବାପା ତାକୁ ଦେବାରେ କେବେ ହେଳା କରିନାହାନ୍ତି। ପୁଅ ହେଉ କି ଝିଅ ହେଉ ଭଲପାଠ ପଢ଼ିଲେ ଭଲ ମଣିଷ ହେବା ସବୁ ବାପା ମାଆ ଚାହାନ୍ତି।

ଦେବବ୍ରତ ବାବୁଙ୍କ ପତ୍ନୀ ଅତ୍ୟନ୍ତ ଧର୍ମପରାୟଣା। କହିବାକୁ ଗଲେ ସମ୍ପୂର୍ଣ୍ଣ ପୂଜାପାଠ କରି କରି ଧର୍ମାନ୍ଧ ପାଲଟି ଯାଇଛନ୍ତି। ସବୁବେଳେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ କଳହ ହୁଏ, ସେହି ପୂଜା ପାଠକୁ ନେଇ। ଘରୁ ଟଙ୍କା ପଇସା ନେଇ ବ୍ରାହ୍ମଣଙ୍କୁ ଦାନ କରିବା, ଅଯଥାରେ ବ୍ରାହ୍ମଣ କହିବା ମୁତାବକ ମନ୍ଦିରରେ ଘିଅ ପୋଡ଼ିବା, ଦାନ ଦକ୍ଷିଣାରେ ଅଧା ଦରମା ଚାଲିଯାଏ ଦେବବ୍ରତ ବାବୁଙ୍କର । ସେଥିପାଇଁ ସବୁବେଳେ ଘରେ ଝଗଡ଼ା ଲାଗେ। ପୂଜାପାଠ କରନ୍ତି ସୁପ୍ରିୟା ଘରେ ଶାନ୍ତି ହେବା ପାଇଁ, ହେଲେ ରାତିପାଇଲେ କଳି କଳି ଖାଲି କଳି। ଟିକେ ଗାଳିମନ୍ଦ ଦେଲେ ସେ ଧମକ ଦିଅନ୍ତି ମୁଁ ଆତ୍ମହତ୍ୟା କରିବି। ତୁମକୁ ବନ୍ଧେଇ ଦେବି। ଦେବବ୍ରତ ବାବୁ ଚୁପ ରୁହନ୍ତି ନିଜର ମାନ୍‌ମହତକୁ ଜଗି।

ସୁପ୍ରିୟାଙ୍କର ଠାକୁର ଘର ଗୋଟେ ଅଛି। ସେଠି ସବୁ ଠାକୁର ଅଛନ୍ତି ସେଠାରେ ଗୋଟେ ଫ୍ୟାନ ଚବିଶ ଘଣ୍ଟା ଘୂରୁଥାଏ। ତା' ପାଇଁ ବିଜୁଳି ବିଲ୍ ଅଧିକ ଡଣ୍ଡ ଗଣନ୍ତି ଦେବବ୍ରତବାବୁ। ସେଥିପାଇଁ ସବୁଦିନେ ପାଟିଗୋଳ। ତା ଭିତରେ ବୁଝାନ୍ତି ଦେବବ୍ରତବାବୁ, ଦେଖ ବିଜ୍ଞାନ ଯାଇଁ କେଉଁଠି ହେଲାଣି ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ, ବର୍ଷା ଖରା ଗ୍ରହମଣ୍ଡଳର ସମସ୍ତ ଗତି ବିଧି ଆମେ ଜାଣି ପାରୁଛେ ହେଲେ ତୁମେ ଏତେ ମାନ୍ଧାତା ଅମଳର ଲୋକ ବୋଲି ମୁଁ ଜାଣି ନ ଥିଲି। ଯଦି ତୁମେ ଭାବୁଛ ଦିଅଁ ଅଛନ୍ତି ସେ ଥାଆନ୍ତୁ। ତୁମେ ଝିଅଟାକୁ କାହିଁକି ତୁମ ବାଟରେ ନେଉଛ ? ସେ ପାଠ ପଢୁଛି, ପଢିଲେ ସେ ଜାଣିବ। ଅନେକ କଥା। ତା'ର ଜ୍ଞାନ ବିଜ୍ଞାନର ଆଲୋକ ଦେଖିବ। ତୁମେ ଏଭଳି ଗୋଟେ ଲୋକ ଯେ ରାତି ନ ପାଉଣୁ ତାକୁ ଉଠାଇ ସବୁ ମନ୍ଦିରକୁ ନେବ ପୂଜା ବସାଇବାକୁ, ଏହା ଭଲ ଲକ୍ଷଣ ନୁହେଁ। ତୁମେ ଯଦି ସେତିକି ସମୟ ତାକୁ ପାଠ ପଢ଼ାନ୍ତ ସେ ଆଜି ଭଲ ନମ୍ବର ରଖିଥାନ୍ତା। ତୁମରି ପାଇଁ ଆଜି ପ୍ରତିମା ସମସ୍ତଙ୍କ ପଛରେ ରହିଯାଇଛି।

ସୁପ୍ରିୟା ରାଗରେ ପାଚି ଲାଲ ହୋଇଗଲେ, "କ'ଣ କହିଲ ? ମୋ ପାଇଁ ପିଲା ଖରାପ ହେଉଛି ତୁମେ କିଛି ଜାଣିନ, ମୁଁ ପୂଜା ପାଠକୁ ତାକୁ ନେବାରୁ ସେ ଆଜି ଏତେ ବାଟ ଯାଇଛି।" ଦୁହିଁଙ୍କ ଭିତରେ ଏ ସବୁ ଝଗଡ଼ା ପ୍ରାୟ ସବୁ ଦିନ ଚାଲେ। ଦେବବ୍ରତ ବୁଝାଇଲେ, "ଦେଖ ସୁପ୍ରିୟା ? ତୁମର

ମୋର ଯେବେ ବିବାହ ପ୍ରସ୍ତାବ ପଡ଼ିଲା ସେତେବେଳେ ଜ୍ୟୋତିଷ କହିଥିଲେ ତୁମର ରାଜଯୋଟକ। ହେଲେ ତୁମେ କୁହ କେଉଁ ଦିନ ଆମର ଘରେ କଳି ଲାଗି ନାହିଁ! ଏ ପାଠ ସବୁ ମନଗଢ଼ା କାହାଣୀ, ପୂରା ମିଛ। ତୁମେ ଦୁନିଆକୁ ଜାଣି ପାରୁନ ଆଜିଯାଏ। ତୁମେ ମତେ ବହୁତ କଷ୍ଟ ଦେଲଣି। ବାପା ଚାଲିଗଲେ, ସେ ଜ୍ୟୋତିଷ କ'ଣ ଦେଖିଲା ଯେ କହିଲା ପୁଷ୍କର ଲାଗିଛି। ତା' ପାଇଁ ମତେ ଗୁଡ଼ାଏ ଟଙ୍କା ତଣ୍ଡ ଗଣିବାକୁ ପଡ଼ିଲା। ସେଇଟା ଗୋଟେ ତାଙ୍କର ବେପାର, ତୁମେ ସରଳିଆ ମଣିଷ ସେଥିପାଇଁ ତୁମେ ଠକି ଯାଇଛ। ତୁମକୁ ଯେତେ ବୁଝାଇଲେ ତୁମେ ବୁଝିପାରୁ ନାହଁ।"

ସୁପ୍ରିୟା ବହୁତ ରାଗିଗଲେ; ତାଙ୍କର ମାନ ସମ୍ମାନ ଜ୍ଞାନ ଗରିମା ଉପରେ ପ୍ରଶ୍ନ ଲଗାଇ ଦେଲେ ଦେବବ୍ରତବାବୁ, ଏବେ ଯାଆନ୍ତି କୁଆଡ଼େ, ସମ୍ଭାଳେ କିଏ। ରାଗିକି ପୂରା ପଞ୍ଚମରେ ପାଟିକୁ ଯାହା ଆସିଲା ଦେବବ୍ରତ ବାବୁଙ୍କର ଚଉଦ ପୁରୁଷ ଶ୍ରାଦ୍ଧ କରିଦେଲେ ଏବଂ କହିଲେ, "ମୁଁ କହୁଥିଲି ବା ଝିଅଟାର ଗ୍ରହ ଦୋଷ ଅଛି, ସେ ଶନି ମନ୍ଦିରର ନନା କହୁଥିଲେ ତୁମେ ପୂଜା କଲ ନାହିଁ, ଏବେ ଦେଖ ଫଳ କିପରି ଫଳିଲା। ତୁମେ ସବୁ ବେଳେ ମୋ କଥାକୁ ହେୟଜ୍ଞାନ କରୁଛ, ଏବେ ଦେଖ ତା'ର ଜ୍ୱଳନ୍ତ ପ୍ରମାଣ।" ଦେବବ୍ରତ ଉତ୍ତର ଦେଲେ, "ତୁମେ ପରା ମତେ କହିଲ ରୁଦ୍ରାଭିଷେକ କରିବା ପାଇଁ ମୁଁ ବାଧ୍ୟରେ ବିଭାଘର ସୁନା ଚେନ ବନ୍ଧାପକାଇ ଟଙ୍କା ଆଣି ସେ ବ୍ରାହ୍ମଣ କଥାରେ ସବୁ ଜିନିଷ କିଣି ରୁଦ୍ରାଭିଷେକ କରାଇଲି। ହେଲେ କ'ଣ ଫଳ ମିଳିଲା। ତୁମର କିଛି ପରିବର୍ତ୍ତନ ହେଲା ନାହିଁ କି ଘରେ ଶାନ୍ତି ଫେରିଲା ନାହିଁ। ଶେଷରେ ଝିଅଟା ମୋର ଘରୁ ଗୋଡ଼ କାଢ଼ି କୁଆଡେ ଚାଲିଗଲା। ମୁଁ କୁଆଡ଼େ ଖୋଜିବି ତାକୁ ?" କାନ୍ଦିବାକୁ ଲାଗିଲେ ଦେବବ୍ରତ ବାବୁ।

**ଶେଷରେ ଝିଅଟା ମୋର ଘରୁ ଗୋଡ଼ କାଢ଼ି କୁଆଡେ ଚାଲିଗଲା। ମୁଁ କୁଆଡ଼େ ଖୋଜିବି ତାକୁ ?**

"ତୁମେ କାନ୍ଦିଲେ ହେବ କ'ଣ ? ସେ ଜ୍ୟୋତିଷ କଥା ସତହେଲା। ସେ ତା'ର ହାତ ଦେଖି କହିଥିଲେ ପିଲାଟାର ଘୋର ବିପଦ ଅଛି। ତା' ରିଷ୍ଟ ଖଣ୍ଡନ ପାଇଁ ତୁମେ ଗ୍ରହ ପୂଜା କର। ତୁମେ ତ କଲ ନାହିଁ ତେଣୁ ଫଳ ଫଳିଲା। ଖାସ ତୁମରି ପାଇଁ ମୋ ଝିଅ ଆଜି ଏ ଦଶା ଭୋଗୁଛି। କେତେ ପଣ୍ଡିତଙ୍କୁ ମୁଁ ଦେଖାଇଛି। ସମସ୍ତେ ସେହି ଗୋଟିଏ କଥା କୁହନ୍ତି ତା'ର ମହାଦଶା ଅଛି। ତୁମେ ମାନୁ ନାହଁ। ହାଏରେ ମୋ କପାଳ ଏହିଭଳି ସ୍ୱାମୀ ଲେଖିଥିଲା ମୋ ଭାଗ୍ୟରେ," କହି ମୁଣ୍ଡରେ ହାତପିଟି କାନ୍ଦିବାକୁ ଲାଗିଲେ।


"ଦେଖ, କାନ୍ଦିଲେ କ'ଣ ହେବ ? ଖୋଜ ଟିକେ। ତା'ର ସାଙ୍ଗ ଘରକୁ ଟିକେ ଫୋନକର," ଦେବବ୍ରତବାବୁ କହିଲେ। "ମୁଁ ତ ତା'ର ସାଙ୍ଗମାନଙ୍କ ଘରକୁ ଫୋନ କରିଥିଲି, କେହି କିଛି କହିପାରୁ ନାହାନ୍ତି। ଓଲଟା ସଜମାଛରେ ପୋକ ପକାଇବା କଥା କହୁଛନ୍ତି। ସବୁ ସେହି ଠାକୁରଙ୍କ ଇଚ୍ଛା," କହି ସେ ଠାକୁର ଘରଟାରେ ମୁଣ୍ଡ ପିଟିବାକୁ ଲାଗିଲେ ସୁପ୍ରିୟା।

ଦେବବ୍ରତ ବାବୁ, ତାଙ୍କର ସ୍କୁଟିଟା ଧରି ପୁଣି ବାହାରିଗଲେ ଖୋଜି, ସବୁ ମନ୍ଦିର ଖୋଜିଲେ। ପୂଜକମାନଙ୍କୁ ପଚାରିଲେ; ପାର୍କ ଓ ଗଳିକନ୍ଦି ଖୋଜିଲେ, ହେଲେ କେଉଁଠି ତାକୁ ପାଇଲେ ନାହିଁ। କୋହରେ ଛାତିଫାଟି ପଡୁଥାଏ। ଅନେକ ଆଶଙ୍କା ଅନେକ ମନ୍ଦ ଭାବନା ମନ ଭିତରକୁ ପଶି ଆସୁଥାଏ। ସତରେ ପିଲାଟା ଗଲା କୁଆଡ଼େ ? ଏ ବର୍ଷ ତ ରେଜଲ୍ଟ ବହୁ ପିଲା ଖରାପ କରିଛନ୍ତି, ଖରାପ ହେଲା ବୋଲି ଜୀବନ କ'ଣ ହାରିଦେଲା! ସତରେ କ'ଣ ତା'ର ଫେସ୍‌ବୁକ ଫ୍ରେଣ୍ଡ କିଏ ଥିଲା କି ଆମ ଆଢୁଆଳରେ, ନା ତା'ର କିଏ ବଏଫ୍ରେଣ୍ଡ ଥଲା ? ଏହିଭଳି ଅନେକ ଅଡୁଆ ସୂତା ଭିତରେ ବାନ୍ଧି ହୋଇଗଲେ ଦେବବ୍ରତ ବାବୁ। କରିବେ କ'ଣ ? ବୁଝିପାରିବେ ନାହିଁ ଯିବେ କୁଆଡ଼େ ?

ଏହି ସମୟରେ ଏକ ଅଜଣା ଫୋନ ନମ୍ବରରୁ କଲ୍ ଆସିଲା: ତୁମେ ଶୀଘ୍ର ଆସି ସରକାରୀ ମେଡିକାଲରେ ପହଁଚ, ତୁମ ଝିଅ ନାମ ପ୍ରତିମା ତ, ଶୀଘ୍ର ଆସ। ଆଉ କାଳ ବିଳମ୍ବ ନ କରି ଦେବବ୍ରତ ବାବୁ ଗାଡ଼ି ଛୁଟାଇ ଚାଲିଲେ। ଗଲା ବେଳେ ଅନେକ ଭାବନାର ଜାଲ। ସତରେ କ'ଣ, ହେଲା କ'ଣ ହୋଇଛି ଭାବି ଭାବି ଚାଲିଲେ; ଏବଂ କିଛି ସମୟ ପରେ ପହଞ୍ଚିଲେ ମେଡିକାଲରେ। ଫୋନକୁ ଆଧାର କରି ବେଡ୍ ପାଖକୁ ଗଲେ। ଦେଖିଲେ ପ୍ରତିମା ମୁଣ୍ଡରେ ପଟି, ବ୍ୟାଣ୍ଡେଜ୍ ବନ୍ଧା ଯାଇଛି ଓ ସେ ବେଡ୍‌ରେ ଆରାମରେ ବସିଛି। ବାପାକୁ ଦେଖି ପ୍ରତିମା ଭୋ ଭୋ ହୋଇ କାନ୍ଦି ଉଠିଲା; ବାପା ମଧ୍ୟ

କୋହ ସମ୍ଭାଳି ନ ପାରି କାନ୍ଦିଲେ।

ସେହି ସମୟରେ ଯେଉଁ ପିଲାମାନେ ତାକୁ ନଦୀରୁ ଉଦ୍ଧାର କରିଥିଲେ, ସେମାନେ କହିଲେ, "ପିଲାଟି ବ୍ରିଜ୍ ଉପରୁ ଡେଇଁ ପଡ଼ିଥିଲା। ଯୋଗକୁ ସେଠି ଅଳ୍ପ ପାଣି ଥିଲା। ସାମାନ୍ୟ ଆହତ ହୋଇଛି ପିଲାଟି। ସେତେବେଳେ ତା'ର ଚେତା ନ ଥିଲା, ଆମେ ତୁରନ୍ତ ତାକୁ ଉଠାଇ ମେଡିକାଲ ନେଇ ଆସିଥିଲୁ।"



"ତୁମକୁ ଅଶେଷ ଧନ୍ୟବାଦ ମୋ ଝିଅକୁ ବଞ୍ଚାଇ ଦେଲ, ମୁଁ ତୁମର ଋଣୀ ହୋଇ ରହିବି।"

ପିଲାମାନେ କହିଲେ, "ଦେଖନ୍ତୁ ଆମେ ନୁହେଁ, ଡାକ୍ତରଙ୍କୁ ଧନ୍ୟବାଦ ଦିଅନ୍ତୁ, ସେ ଆପଣଙ୍କ ଝିଅକୁ ବଞ୍ଚାଇଲେ।"

ଡାକ୍ତର ସେହି ସମୟରେ ପହଞ୍ଚିଗଲେ ଏବଂ ଦେବବ୍ରତଙ୍କୁ ସେଠାରେ ଦେଖି କହିଲେ, "ସେ ପିଲା କହୁଛି, ତାକୁ ପ୍ରେତ ଡାକି ଆଣିଲା ଏବଂ ନଦୀକୁ ଠେଲିଦେଲା, ସେ କିଛି ବୁଝି ପାରିଲା ନାହିଁ। ରାତିରେ ଶୋଇଥିଲା, ନିଦରୁ ଉଠି ଏତେ ବାଟ ଯାଇ ନଈକୁ ଡେଇଁ ପଡ଼ିବା, - ସଚେତନ ମଣିଷଟା ଏହା କହିପାରେ ନା। ବେଳେ ବେଳେ ମଧ୍ୟ କହୁଛି ମୋତେ ଠାକୁର ଡାକିଲେ ସେଥିପାଇଁ ମୁଁ ଉଠି ପଳାଇ ଆସିଲି। ଆପଣମାନେ ଏ ସବୁ ଗ୍ରହ ପୂଜା ପାଠ ବିଶ୍ୱାସ ତା' ମୁଣ୍ଡରେ ପୂରାନ୍ତୁ ନାହିଁ। ଦେଖନ୍ତୁ ପିଲାଟି ଏବେ ତ ସୁସ୍ଥ ହୋଇଛି, ହେଲେ ତା' ମୁଣ୍ଡରେ ଭୂତ ପ୍ରେତ, ଡାହାଣୀ, ଚିରଗୁଣୀ, ଠାକୁର, ଗ୍ରହ କଥା କ'ଣ ପାଇଁ ପୂରାଇଚ ? ସେ ପିଲାକୁ ସ୍ୱାଧୀନ ଭାବେ ଛାଡ଼ିଦିଅ ସେ ପାଠ ପଢୁ, ଜ୍ଞାନବିଜ୍ଞାନ ଜାଣୁ। ସେ ବଡ଼ ହେଲେ ବୁଝିପାରିବ ଭୁଲ କେଉଁଟା ଠିକ୍ କେଉଁଟା।"

ଏହି ସମୟରେ ସୁପ୍ରିୟା ଯାଇ ପହଞ୍ଚିଗଲେ। ଝିଅକୁ ଦେଖି କୁଣ୍ଢାଇ କାନ୍ଦ କାନ୍ଦ ହୋଇ ଗଲେ। ଡାକ୍ତର କହିଲେ, "ଦେଖନ୍ତୁ କାନ୍ଦିଲେ କ'ଣ ହେବ? ପିଲାର ଯତ୍ନ ନିଅ।"

ନୀରବରେ ମୁଣ୍ଡ ପୋତିଲେ ସୁପ୍ରିୟା ଓ ଦେବବ୍ରତ।

□□

ଲେଖକଙ୍କ ଇ-ମେଲ ଠିକଣା:
arttatrana1961@gmail.com

ଏକ ନୂଆ ପ୍ରୟାସ...
AMESABU
WE ALL. FOR ALL.
ଆମେସବୁ
ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ ଆମେସବୁ ପ୍ଲାଟଫର୍ମରେ
ANDROID APP ON Google Play
@amesabu

ଗଳ୍ପ


# ଚାରିଟି ଅଣୁଗପ



**ରବିନାରାୟଣ ଦାଶ**

## ଅମ୍ଳଜାନ

ଅକ୍ସିଜେନ ଦର ହୁ' ହୁ' ବଢୁଥିଲା। ଲୋକେ ଚିତ୍କାର କରୁଥିଲେ, ଏତେ ଦରରେ ଅକ୍ସିଜେନ୍ କିଣି କ'ଣ ବଞ୍ଚିହେବ? ଆଗକୁ ନିର୍ବାଚନ ଥିବାରୁ ସରକାର ଗରିବ ଲୋକଙ୍କ ପାଇଁ 'ମୁକ୍ତ ଜୀବନ' ନାମରେ ଏକ ନୂଆ ଯୋଜନା ଘୋଷଣା କଲେ। ଏଥିରେ ଗରିବ ଲୋକଙ୍କୁ ମାସକୁ ୧୦ କିଲୋ ଅକ୍ସିଜେନ୍ ମାଗଣାରେ ମିଳିବ। ତାଙ୍କ ଦଳ କ୍ଷମତାକୁ ଆସିଲେ ସବୁଲୋକଙ୍କୁ ମାଗଣାରେ ୧୦ କିଲୋ ଅକ୍ସିଜେନ ଦିଆଯିବ ବୋଲି ଘୋଷଣା କଲା ବିରୋଧୀ ଦଳ।



## ଜଙ୍ଗଲ

ଜଙ୍ଗଲ ଉପରେ ପ୍ରୋଜେକ୍ଟ କରିବା ପାଇଁ ସ୍କୁଲ୍‌ରୁ ଦିଆଯାଇଥିଲା ଟାସ୍କ୍। ଡିଜିଟାଲ ସ୍କ୍ରିନ୍‌ରେ ଜଙ୍ଗଲ ଦେଖି ଆଶ୍ଚର୍ଯ୍ୟ ହେଉଥିଲେ ପିଲାମାନେ। ସେମାନେ ଭାବି ବି ପାରୁ ନ ଥିଲେ ଗୋଟେ ଜାଗାରେ ଏତେ ପରିମାଣର ଓ ଏତେ ସୁନ୍ଦର ଗଛ ଥାଏ ବୋଲି। ସହର ସାରା ଗଛ କେଉଁଠି ବି ନ ଥିଲା। କେବଳ କିଛି କମ୍ପାନି ଅମ୍ଳଜାନ ଉତ୍ପାଦନ ପାଇଁ ନିଜ କ୍ୟାମ୍ପସରେ ରଖିଥିଲେ ହାଇବ୍ରିଡ୍ ଗଛ, ଯାହା ଜଙ୍ଗଲର ଗଛ ସହ ଆଦୌ ମେଳ ଖାଉ ନ ଥିଲା।

## ଅବ୍ୟକ୍ତ

ଆଖି ସାମ୍ନାରେ ଗୋପୀନାଥ। ଜୀବନକାଳ ମଧ୍ୟରେ କେବେ ବି ଗୋପୀନାଥଙ୍କ ସେବାରେ ହେଳା କରି ନାହାନ୍ତି ବୈରାଗୀ ନନା। ମରଣ ସହ ଲଢୁଛି ପୁଅ। ଡାକ୍ତର ଆଶା ଛାଡ଼ିଦେଇଛନ୍ତି। ଘରେ ମା' ମାଟି ଦରାଣ୍ଡୁଛି, ଝିଙ୍ଗାସୁଛି। ସବୁବେଳେ ଗୋପୀନାଥ, ଗୋପୀନାଥ ହୁଅ ପରା, ଏବେ କିଆଁ ପାଟି ଖୋଲୁନି? ଯାଇ କୁହ ତାକୁ ମୋ ପୁଅକୁ ସେ ଭଲ କରିଦେଉ; ନ ହେଲେ ଆଉ ଦିନେ ତା' ଦ୍ୱାରମୁହଁ ମାଡ଼ିବ ନାହିଁ କହିଦେଉଛି।

ବୈରାଗୀନନା ହାତ ଯୋଡ଼ି ଠିଆ ହେଇଛନ୍ତି, ଆଖିରୁ ଧାରଧାର ଲୁହ ଗଡ଼ିଯାଉଛି।

ବହୁ କଷ୍ଟରେ ତାଙ୍କ ଓଠ ଖୋଲିଲା- ଗୋପୀନାଥେ ତୁମ ଇଚ୍ଛା ପୂର୍ଣ୍ଣ ହେଉ, ପ୍ରଭୁ!

## ମଣିଷପଣିଆ

ମଣିଷପଣିଆ ବଞ୍ଚିଛି ବୋଲି ଗୋଟେ ଗୁଜବ କିଏ ପ୍ରଚାର କରିଦେଲା। କେହି କହିଲା ପୂର୍ବରୁ ଯେଉଁଠି ନଈଟେ ଥିଲା ତା'ରି ପାଖରେ ଥିବା ପାହାଡ଼ରେ ମଣିଷପଣିଆକୁ ଦେଖିବାକୁ ମିଳିଥିଲା। ଗୋଟେ ମଣିଷ ତାକୁ ନିଜ ସହ ବାନ୍ଧି ରଖିଥିଲା। ଲୋକେ ଧାଇଁଲେ ସେଆଡ଼େ। ବ୍ରେକିଂ ନ୍ୟୁଜ୍ ପାଇଁ ସେଠାକୁ ଧାଇଁଲେ ସାମ୍ବାଦିକ। ବୈଜ୍ଞାନିକମାନେ ସେ ନେଇ ଗବେଷଣା କରିବେ ବୋଲି ମଧ୍ୟ ଘୋଷଣା କଲେ। ହେଲେ ପରେ ଜଣାପଡ଼ିଲା ସେସବୁ ମିଛ। ଢ଼େର ବର୍ଷ ପୂର୍ବରୁ ମଣିଷପଣିଆ ଲୋପ ପାଇସାରିଥିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
rabin003@gmail.com

ଶିଶୁ ଗଳ୍ପ




# ଫୁଲଚୋର ଓ ମହୁମାଛି

ରବୀନ୍ଦ୍ରନାଥ ମାଝୀ

ରାତି ପାହିଲାଣି । ଆକାଶରେ ତାରାମାନେ ଆଉ ଦିଶୁ ନାହାନ୍ତି । ଫୁଲ ଫୁଟି ଉଠିଲେଣି । ସ୍ୱାଗତ କରିବେ ସକାଳକୁ । ସତ୍ୟ ହାତରେ ଫୁଲଡାଲାଟିଏ ଆଉ ଛୋଟ ନଗିଟିଏ । ବଡ଼ି ସକାଳୁ କେହି ଉଠିବା ଆଗରୁ ସେ ଅନ୍ୟବାଡ଼ିରେ ପଶି ଫୁଲ ତୋଳି ଲାଗିଛି । ଫୁଲ ତୋଳି ଠାକୁରଙ୍କୁ ମଣ୍ଡେଇ ଦେବ । ଗୋଟିଏ ହେଲେ ଫୁଲ ଗଛରେ ରଖୁନାହିଁ ।

ଫୁଲ ପାଇଁ ସୂର୍ଯ୍ୟ ଧୀରେ ଧୀରେ ଉଏଁ । ନରମ କିରଣରେ ବାସ ଛୁଟେଇ ସେ ଫୁଟେ । ଖରା ପଡ଼ିଲେ ମହୁମାଛି ଫେଣା ଛାଡ଼ି ଉଡ଼ି ଆସେ ଫୁଲ ବଗିଚାକୁ । ଫୁଲ ପାଖକୁ । ଅଳ୍ପ ମିଠା ଆଣି ସେ ରଖିଥାଏ ତା' ଛୋଟ ଖୋପରେ । ଖରା ପଡ଼ିଲେ ଫୁଲ ଖୋଲିଦିଏ ତା' ପରାଗ ପେଟି । ମହୁ ଓ ପରାଗ ନେଇ ଫୁଲରୁ ଫୁଲକୁ ଉଡ଼େ । ଏ ଫୁଲର ପରାଗ ସେ ଫୁଲରେ ପଡ଼େ । ପରାଗ ସଙ୍ଗମ ହୁଏ । ଏତକ କରିବାକୁ ଫୁଲ ମହୁମାଛିକୁ ଡାକେ । ମହୁମାଛି ଅଳିଆ ଖୋଜେନାଇଁ କି ଅସନା ଥାନରେ ବସେ ନାହିଁ ।



ରାସ୍ତା ଉପରେ ପଡ଼ି ମହୁମାଛିଟିଏ ଛଟପଟ ହେଉଛି । ସୁମତି ଦେଖି ତା' ପାଖକୁ ଧାଇଁଗଲା । ଗୋଟିଏ ଛୋଟ କାଠିରେ ତାକୁ ଓଲଟେଇ ପକାଇଲା । ମହୁମାଛି ଚାଲିପାରୁନାହିଁ । ବଳ ପାଉ ନାହିଁ ।

ସତ୍ୟ ଫୁଲଡାଲା ଧରି ସୁମତି ପାଖକୁ ଆସି ପଚାରିଲା, “କିରେ କ'ଣ ହେଲା ।” ସୁମତି କହିଲା, “କ'ଣ ଆଉ ହବ ? ଏ ମହୁମାଛିଟାକୁ ତୁ ତଳେ ପକେଇ ଦେଲୁ । ସେ ଆଉ ଉଡ଼ି ପାରୁନାହିଁ ।” ସତ୍ୟ କହିଲା, “ମୁଁ କିଆଁ ଏକଥା କରିବି ? ମୋତେ ଦୋଷ ନ ଦେଲେ ତୋ' ଭାତ ହଜମ ହେବନି ।”

ସୁମତି ଠିଆ ହୋଇ ପଡ଼ି କହିଲା, ତୁ ଏତେ ସକାଳୁ ଆସି ୟା ବାଡ଼ିରୁ ତା' ବାଡ଼ିରୁ ଫୁଲ ଚୋରି କରୁଛୁ । ଗୋଟିଏ ହେଲେ ଫୁଲ ଗଛ ଛାଡ଼ୁ ନାହୁଁ । ବିଚରା ମହୁମାଛିଟି ଉଡ଼ି ଆସିଥିଲା ଫୁଲରୁ ମହୁ ଟିକେ ପିଇ ଥାଆନ୍ତା । ଫୁଲ ସବୁ ତୋ ଡାଲାରେ ! ସେ ଏ ରାସ୍ତାରେ ପଡ଼ି ଛଟପଟ ହେଉଛି । ଇଏ ମଲେ ତୋତେ ପାପ ଲାଗିବ ।”

ସୁମତିର ବଡ଼ବାପା ସେ ବାଟେ ଯାଉଥିଲେ । ପଚାରିଲେ “କ'ଣ ହେଲା କିରେ, ପିଲେ ? ଠିଆ ହୋଇ କ'ଣ କଥା ହେଉଛ ?”

ସୁମତି ଅଭିଯୋଗ କରି କହିଲା, “ଏ ସତ୍ୟ ସକାଳୁ ଉଠି ସବୁ ଫୁଲ ତୋଳି ପକେଇଛି । ମହୁମାଛି ଉଡ଼ି ଆସିଥିଲା । ଫୁଲଟିଏ ପାଇଲା ନାହିଁ । ତଳେ ପଡ଼ି ଛଟପଟ ହେଉଛି ।

ସତ୍ୟ କହିଲା, “ସେ ଉଡ଼ି ପାରୁ ନାହିଁ । ଉଡ଼ି ନ ପାରିଲେ ଏଇଠି ପଡ଼ି ମରିବ । ମୋର ଏଥିରେ କ'ଣ ଦୋଷ ? ସୁମତି ମୋତେ କହୁଛି ଫୁଲଚୋର । ଗଛରେ ଫୁଲ ଫୁଟିଛି । ଫୁଲ ନେଇ ଠାକୁର ପୂଜିବି । ମୁଁ ଚୋର ହେଲି କେମିତି ?

ସୁମତି ଫଣ ଫଣ ହୋଇ କହିଲା, “ପର ଘରେ ପଶି, ଢ଼ାଳଟିଏ ନେଇଯିବା ଯଦି ଚୋରି, ପର ବାଡ଼ିରୁ ଫୁଲ ନେଇଯିବା ବି ଚୋରି । ଏଇ ଫୁଲ ଚୋର ସକାଶେ ବିଚରା ମହୁମାଛିଟି କି କଷ୍ଟ ପାଉଛି କହିଲ ବଡ଼ବାପା ।”

ବଡ଼ବାପା ସୁମତିର ମୁଣ୍ଡ ଆଉଁଶି ଦେଲେ । ସତ୍ୟକୁ କହିଲେ, “ମହୁମାଛିର ଜୀବନ ମହୁ । ମହୁ ପିଇଲେ ସେ ଶକ୍ତି ପାଏ । ଡେଣା ପିଟି ଉଡ଼ି ଯାଇପାରେ ।”


ବଡ଼ବାପା ଆଉ କ'ଣ କହିଥା'ନ୍ତେ, ସତ୍ୟ କଥା ମଝିରେ

କହିଲା, "ଫୁଲ ନାହିଁ ତ ସେ ଫେରିଯିବ। ପଡ଼ିଗଲା କାହିଁକି ? ନିକମାଟାଏ !"

ବଡ଼ବାପା ହସିଦେଲେ। କହିଲେ, "ମହୁମାଛି ଅଳସୁଆ ନୁହେଁ। ନିକମା ବି ନୁହେଁ। ମହୁ ପିଇଲେ ସେ ବଳ ପାଇଥା'ନ୍ତା। ତୁ ଫୁଲଟିଏ ତ ଛାଡ଼ି ନାହୁଁ। ଫୁଲରୁ ସେ ମହୁ ପିଇଥିଲେ ଶକ୍ତି ପାଇ ଉଡ଼ିଯାଇଥାନ୍ତା। ଆଚ୍ଛା ସତ୍ୟ ! ସ୍କୁଟରରୁ ତେଲ ସରିଗଲେ ସେ କ'ଣ ଧାଇଁ ପାରିବ ?"

ସତ୍ୟ କହିଲା, "ତେଲ ନ ଥିଲେ ସ୍କୁଟର କ'ଣ ଚାଲିପାରିବ ?"

ବଡ଼ବାପା କହିଲେ, "ଠିକ୍ କଥା କହିଲୁ। ତେଲ ଯେମିତି ସ୍କୁଟରକୁ ଶକ୍ତି ଦିଏ, ମହୁ ସେମିତି ମହୁମାଛିକୁ ଶକ୍ତି ଦିଏ। ଗଛରେ ଫୁଲ ଥିଲେ ସେ ମହୁ ପିଇ ପିଇ ଉଡ଼ିଯାଇଥାନ୍ତା। ସୁମତି ଭୁଲ କହୁ ନାହିଁ। ଫୁଲ ଅଭାବରୁ କାହିଁ କେତେ ମହୁମାଛି ଏମିତି କେଉଁଠି ମରି ପଡୁଥିବେ।"




ସୁମତି ସାହସ ପାଇଗଲା, କହିଲା "ବଡ଼ବାପା ! ଠାକୁର ଫୁଲ ଫୁଟେଇଲେ ମହକ ଦେଲେ। ମହୁ ଦେଲେ। ମହୁମାଛି ସୃଷ୍ଟି କଲେ ଫୁଲ ପାଇଁ। ସକାଳେ ଫୁଲ ଫୁଟିବ। ମହୁମାଛି ଉଡ଼ି ଆସିବ। ମହୁ ପିଇବ। ପରାଗ ସଂଗମ ହେବ। ନୂଆ ମଞ୍ଜିଟିଏ ହେବ। ନୂଆ ଗଛ ସେ ମଞ୍ଜିରୁ ହେବ। ସୃଷ୍ଟି ପାଇଁ ପରା ସ୍ରଷ୍ଟା। ସେ କ'ଣ ଚାହାନ୍ତି ତାଙ୍କ ସୃଷ୍ଟିକୁ ସତ୍ୟ ଭଳି ଫୁଲଚୋର ଧ୍ୱଂସ କରି ଦିଅନ୍ତୁ ? ଏ ପଟେ ପାପ କରି ସେପଟେ ପୁଣ୍ୟ ପାଇଁ ଫୁଲ ଠାକୁରଙ୍କୁ ସଜେଇବା କି ଭଲ କାମ ଯେ ?"


ବଡ଼ବାପା ସୁମତିର ପିଠି ଆପୁଡ଼େଇ କହିଲେ, "ଶାନ୍ତ ହୋଇ ଯାଆରେ ମାଆ ! ସତ୍ୟକୁ କହିଲେ, "ସୁମତି ଯାହା କହୁଛି ମିଛ କହୁ ନାହିଁ। ତୋ' ପାଇଁ ଆଜି ଏ ମହୁମାଛି ମରିବାକୁ ଯାଉଛି, 'ଜୀବେ ଦୟା' ବଡ଼ ବଡ଼ ଲୋକେ କହିଯାଇଛନ୍ତି। ମାଆକୁ ଯାଇ ପଚାରିବୁ ଗୀତାରେ କୃଷ୍ଣ କ'ଣ କହିଛନ୍ତି ? ଫୁଲ ଚନ୍ଦନ.... ଭୋଗରେ ସେ ଯେତିକି ସନ୍ତୁଷ୍ଟ ନୁହନ୍ତି, ମୁଁ ଦିଏ ଜଳରେ... ଭକ୍ତିଭରା ନମସ୍କାରରେ ସେ ଆନନ୍ଦ ପାଆନ୍ତି। ଫୁଟିବା ମାତ୍ରେ ଫୁଲଟି ଈଶ୍ୱରଙ୍କୁ ସମର୍ପିତ ହୋଇ ସାରିଥାଏ। ତାକୁ ତୋଳି ଆଉ ଥରେ ସମର୍ପଣ କରିବା କ'ଣ ପାପ ନୁହେଁ କିରେ ବାପା ?"

କଥା ହେଉଥିବା ବେଳେ ଦଳେ ମହୁମାଛି କୁଆଡ଼େ ଥିଲେ ଉଡ଼ି ଆସିଲେ। ଗୁଣୁଗୁଣୁ ହୋଇ କ'ଣ କହୁଥିଲେ। ଫୁଲଚୋରକୁ ଘେରିଗଲେ। ସତ୍ୟ ଡରିଗଲା। ସେ ଜାଣିଛି ମହୁମାଛିର ନାହୁଡ଼ରେ ବିଷ ଅଛି। ନାହୁଡ଼ରେ ବିନ୍ଧି ଦେଲେ ଜୀବନ ଛାଡ଼ିଗଲା ପରି ଲାଗିବ। ତା' ହାତରେ ଫୁଲ ଡାଲା ଥିଲା। ସେ ଫୁଲଡାଲାକୁ ପକେଇ ଘରକୁ ଦୌଡ଼ିଲା।

ଏମିତି ଏକ ଘଟଣାଟିଏ ଯେ ଘଟିବ ସୁମତି ଭାବି ନ ଥିଲା। ବଡ଼ବାପା ପାଟି ଖୋଲିଲେ; କହିଲେ, "ଏ ମହୁମାଛିମାନେ ସହଜେ କାହାକୁ ନାହୁଡ଼ ବିନ୍ଧିବେ ନାହିଁ। ସେମାନେ ଜାଣନ୍ତି ନାହୁଡ଼ ବିନ୍ଧିଲେ ସେମାନେ ହିଁ ମରିଯିବେ।"




ଜଣେ ଥିଲେ ବୈଜ୍ଞାନିକ। ଅସରନ୍ତି ଶକ୍ତିର କଥା ସେ କହିଛନ୍ତି। ସୁମତି କହିଲା, "ସେ ପରା ଆଇନଷ୍ଟାଇନ, କିଏ ନ ଜାଣେ ତାଙ୍କୁ ?" ବଡ଼ବାପା ପୁଣି କହିଲେ, "ସେ କହିଥିଲେ- ଫୁଲ ବଗିଚାର ଗୀତ, ମହୁମାଛିର ଗୁଣୁଗୁଣୁ ଗୀତ। ଯେଉଁଦିନ ମହୁମାଛି ଲୋପ ପାଇଯିବ, ଠିକ୍ ଚାରିବର୍ଷ ପରେ ପୃଥିବୀ ପୃଷ୍ଠରେ ମଣିଷମାନେ ବି ଲୋପ ପାଇଯିବେ। ମହୁମାଛି ନାହିଁ ତ ପରାଗ ସଂଗମ ହେବ ନାହିଁ। ନୂଆ ଗଛ ଆଉ ଉଠିବ ନାହିଁ। ପଶୁମାନେ କ'ଣ ଖାଇବେ ? ପଶୁ ଜଗତ ବିଲୋପ ପାଇବ। ମନୁଷ୍ୟ ବି।"



ବଡ଼ବାପାଙ୍କ କଥା ଶୁଣି ଶୁଣି ସୁମତି ସତ୍ୟ ଘର ପାଖରେ ପହଞ୍ଚିଗଲା। ସତ୍ୟ ଝରକା ବାଟେ ଦେଖିଲା, ମହୁମାଛିମାନେ ଉଡ଼ିଗଲେଣି। କହିଲା, "ବଡ଼ବାପା ! ମୁଁ ସୁମତି କଥା ମାନୁ ନ ଥିଲି। ସାନ ଭଉଣୀଟେ ମୋତେ ଆଜି ମହାଦୀକ୍ଷା ଦେଲା। ମୁଁ ଆଉ ଫୁଲ ଚୋରି କରିବି ନାହିଁ ବଡ଼ବାପା। ଗଛରେ ଫୁଲ ଥାଉ। ମହୁମାଛିର ଗୀତରେ ଫୁଲ ବଗିଚା ଗୀତ ଗାଉ ଥାଉ।"

□□

ଲେଖକଙ୍କ ଇ-ମେଲ ଠିକଣା:
rabindranathmajhee@gmail.com




**ପୁସ୍ତକ ସମୀକ୍ଷା**

# ଶ୍ରେଷ୍ଠ ଓଡ଼ିଆ ଗଳ୍ପ ୨୦୨୧

**ସଂକଳକ ଓ ପ୍ରକାଶକ : ସରଳ କୁମାର ଦାସ**

**ବିତରକ: ଲିଜେଣ୍ଡ ପବ୍ଲିକେସନ**

**ପୃଷ୍ଠା : ୫୭୬, ମୂଲ୍ୟ: ଟ. ୬୦୦/-**

ଯଦି ୨୦୨୧ ମସିହାର ଅବ୍ୟବହିତ ପରେ ଆମକୁ ଏହି ସଂକଳନଟି ପଢ଼ିବାର ଅବସର ମିଳିଥା'ନ୍ତା; କିମ୍ବା ଏବକୁ 'ପାଠକଙ୍କ ନିର୍ବାଚିତ ଶ୍ରେଷ୍ଠ ଓଡ଼ିଆ ଗଳ୍ପ ୨୦୨୨' ନାମକ ସଂକଳନଟିଏ ଆମ ସାମ୍ନାରେ ଥାଆନ୍ତା, ତେବେ ହୁଏତ ଆମେ ଅଧିକ ଖୁସି ହୋଇଥାଆନ୍ତୁ। ଆଲୋଚ୍ୟ ପୁସ୍ତକଟି କିଛି ଦିନ ତଳେ ହିଁ ଉନ୍ମୋଚିତ ହୋଇଥିବା କଥା ବିଚାରକୁ ନେଲେ ମନେହୁଏ ଯେ ଗୋଟିଏ ନିର୍ଦ୍ଦିଷ୍ଟ ବର୍ଷରେ ରଚିତ ଗଳ୍ପମାନଙ୍କର ସୁନିର୍ବାଚିତ ସଂଗ୍ରହଟିଏ ଦୀର୍ଘ ଦେଢ଼ ବର୍ଷ ପରେ ପ୍ରକାଶ ପାଇବା ହୁଏତ ସଦ୍ୟ ରଚିତ ଗଳ୍ପ ପଠନ ପାଇଁ ଅପେକ୍ଷାରେ ଥିବା ପାଠକମାନଙ୍କୁ ଏଥିପ୍ରତି କିଛିଟା ନିଃସ୍ପୃହ କରିପାରେ। ଅବଶ୍ୟ ଏ ଧରଣର ସଂକଳନଟିଏର ପରିକଳ୍ପନା କରି ତାହାକୁ ସାକାର କରିବା ଏତେ ସହଜ କଥା ନୁହେଁ।

ପୁସ୍ତକଟିର ମୁଖବନ୍ଧରୁ ଅବଗତ ହେଲୁ ଯେ "ଏକ ବିଶ୍ୱସନୀୟ ପ୍ରକ୍ରିୟାରେ ଭଲ ଗପ ବାଛି ସେଗୁଡ଼ିକୁ ପରିବେଷଣ କରିବା" ହେଉଛି ଏହି ପ୍ରକଳ୍ପଟିର ଉଦ୍ଦେଶ୍ୟ। ଗୋଟିଏ ନିର୍ଦ୍ଦିଷ୍ଟ ବର୍ଷରେ ପ୍ରକାଶିତ ଓଡ଼ିଆ ଭାଷାର ପ୍ରାୟ ୬୩୦୦ ଗଳ୍ପ ମଧ୍ୟରୁ ୬୧ଟିକୁ ବାଛିବାର ପ୍ରକ୍ରିୟା, ଏକ ଦୃଷ୍ଟିରୁ ଦେଖିଲେ ସାଗର ମନ୍ଥନ କରି ସେଥିମଧ୍ୟରୁ ଅମୃତ ସାଉଁଟିବା ଭଳି। ତେବେ ସୂଚୀପତ୍ରରେ ସ୍ଥାନିତ ୬୧ଟି ଯାକ ଗଳ୍ପ ଯେ ସେହିବର୍ଷ ପ୍ରକାଶିତ ହୋଇଥିବା ଓଡ଼ିଆ ଗଳ୍ପର ଅମୃତୋପମ ପ୍ରତିନିଧିତ୍ୱ କରନ୍ତି ଏହା ନିଶ୍ଚିତ ଭାବରେ କହିହେବ ନାହିଁ।

ଅନ୍ୟ ଏକ କଥା ହେଲା, କୌଣସି ସାରସ୍ୱତ କୃତିକୁ 'ଶ୍ରେଷ୍ଠ-ନିକୃଷ୍ଟ' ବା 'ଭଲ-ଖରାପ' ଭଳି ସହଜ ବର୍ଗୀକରଣର ଅନ୍ତର୍ଭୁକ୍ତ କରାଇବା ପ୍ରଥା ସମ୍ଭ୍ରାନ୍ତ ସମାଲୋଚନା ସାହିତ୍ୟରେ ନାହିଁ। ଏ ଦୃଷ୍ଟିରୁ ଏହାକୁ 'ଶ୍ରେଷ୍ଠ ଗଳ୍ପ' ବୋଲି ନ କହି, କେବଳ 'ପାଠକଙ୍କ ନିର୍ବାଚିତ ଗଳ୍ପ -୨୦୨୩' ବା ସେହିଭଳି କିଛି ଭାବରେ ନାମିତ କରିବା ବୋଧହୁଏ ଅଧିକ ଯଥାର୍ଥ ହୋଇଥାଆନ୍ତା। ଏହି ଗଳ୍ପଗୁଡ଼ିକର ଚୟନ ପ୍ରକ୍ରିୟାରେ ୫୯ ଜଣ ପାଠକ ଭାଗ ନେଇଥିବା ଜଣାଯାଏ। ଏହି କ୍ରମରେ ପ୍ରଥମେ ସେହି ବର୍ଷରେ ପ୍ରକାଶିତ ଓଡ଼ିଆ ଗଳ୍ପଗୁଡ଼ିକ ମଧ୍ୟରୁ ୨୫୨ ଗୋଟି ଗଳ୍ପକୁ ସଂକ୍ଷିପ୍ତ-ସୂଚିବଦ୍ଧ (ସର୍ଟଲିଷ୍ଟେଡ୍) କରାଯାଇ ସେମାନଙ୍କୁ ମୋଟ ୫୦ ନମ୍ବରରୁ ପ୍ରଯୁଜ୍ୟ ନମ୍ବର ଦେବାପାଇଁ ନିର୍ଦ୍ଦିଷ୍ଟ କିଛି ପାଠକ ଅବା ବିଚାରକମାନଙ୍କୁ କୁହାଯାଇଥିଲା। ମୋଟାମୋଟି ଭାବରେ କହିଲେ, ଏହି ପ୍ରକ୍ରିୟାରେ ଗୋଟିଏ ବର୍ଷରେ ପ୍ରକାଶିତ ଗଳ୍ପଗୁଡ଼ିକ ପ୍ରକାଶକଙ୍କ ଦ୍ୱାରା ଆୟୋଜିତ ଏକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ କିଛି ପାଠକଙ୍କ ଦ୍ୱାରା ନିର୍ବାଚିତ ଏହି ୬୧ ଯାକ ଗଳ୍ପ ଯେ ପରିଶେଷରେ କାଳଜୟୀ ହେବାରେ ସମର୍ଥ ହେବେ ତାହା କହିହେବ ନାହିଁ। ଫକୀରମୋହନଙ୍କ 'ରେବତୀ', ଗୋଦାବରୀଶଙ୍କ 'ମାଗୁଣିର ଶଗଡ଼' ବା କାନ୍ତକବିଙ୍କ 'ବୁଢ଼ା ଶଙ୍ଖାରି' ଆଦି ଗଳ୍ପ ଭୂମିଷ୍ଠ ହେବାର ବହୁ ଦଶକ ପରେ ମଧ୍ୟ ଆଜି ଅଗଣିତ ପାଠକଙ୍କର ମନରେ ପ୍ରିୟ ଗଳ୍ପ ଭାବରେ ରାଜତ୍ୱ କରୁଛନ୍ତି, ସେମାନେ ଏଭଳି କୌଣସି ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହୋଇଥିବା ସତ୍ତ୍ୱେ।

ସଂକଳନଟିର ସୂଚୀପତ୍ରରେ ସ୍ଥାନ ପାଇଥିବା ଚିହ୍ନା ଗାଳ୍ପିକମାନଙ୍କ ତୁଳନାରେ ନବ ପ୍ରତିଭାଙ୍କ ସଂଖ୍ୟା ଯଥେଷ୍ଟ କମ୍ ; ଯେତେବେଳେ କି ଆଶା କରାଯିବା ସ୍ୱାଭାବିକ ଯେ ଏହି ଅଭିନବ ଚୟନ ପ୍ରକ୍ରିୟାର ମାଧ୍ୟମଟି ଦେଇ ଅଧିକାଧିକ ବିସ୍ମୟ-ପ୍ରତିଭା ମଧ୍ୟ ଲୋକଲୋଚନକୁ ଆସିପାରିଥାନ୍ତେ। ଅବଶ୍ୟ ଏହି ସଂକଳନଟିକୁ ଆମ ସାହିତ୍ୟ ଜଗତରେ ଏକ ଅନନ୍ୟ ପ୍ରୟୋଗ ବୋଲି କହିବାକୁ ହେବ।

*- ନିହାର ଶତପଥୀ*

# ସାହିତ୍ୟ ସମାଚାର

## ବନ୍ଧୁଘର ସାହିତ୍ୟ ପିଣ୍ଡାରେ ଆଲୋଚିତ ହେଲା ଓଡ଼ିଆ ସ୍ୱାଭିମାନର ପ୍ରସଙ୍ଗ




ପ୍ରତି ମାସ ଭଳି ଚଳିତ ଅଗଷ୍ଟ ମାସର ୨୦ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରର ସମ୍ ହାସପାତାଳ ନିକଟସ୍ଥ 'ବନ୍ଧୁଘର ସାହିତ୍ୟ ପିଣ୍ଡା'ରେ ଏକ ନିଆରା ଢଙ୍ଗର ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏହି ସାରସ୍ୱତ ସମାରୋହରେ ଅତିଥିମାନେ ଉଦ୍ୟୋକ୍ତା ବୈଷ୍ଣବ ମହାନ୍ତିଙ୍କ ବାସଭବନର ଉଚ୍ଚ ପିଣ୍ଡା ଉପରେ ମସିଣା ପାରି ବସିଥିଲେ, ଏବଂ ସାମନାରେ ବଗିଚାର ଖୋଲା ଆକାଶ ତଳେ ବସିଥିଲେ ପ୍ରାୟ ୬୦ ଜଣ ସାହିତ୍ୟ-ରସିକ ଶ୍ରୋତୃମଣ୍ଡଳୀ। ପିଣ୍ଡା ଉପରେ ଯେଉଁ ଅତିଥିମାନେ ଉପବିଷ୍ଟ ଥିଲେ, ସେମାନଙ୍କ ମଧ୍ୟରେ ଥିଲେ ଦାଶ ବେନହୁର, ପ୍ରଫେସର ସନ୍ତୋଷ କୁମାର ରଥ, ଓଁ ଅଭିଜ୍ଞାନ ସାହୁ ଓ ଜ୍ଞାନ ହୋତା।

ଏହି ଅଧିବେଶନର ଆଲୋଚ୍ୟ ବିଷୟ ଥିଲା, 'ଓଡ଼ିଶା ଓ ତା'ର ସାଂସ୍କୃତିକ ସ୍ୱାଭିମାନ'। ଏହି ବିଷୟ ଉପରେ ଆଲୋକପାତ କରି ପ୍ରଫେସର ସନ୍ତୋଷ କୁମାର ରଥ କହିଲେ ଯେ, ଉତ୍କଳ ଗୌରବ ମଧୁସୂଦନଙ୍କର ଆମ ସାମାଜିକ ଓ ରାଜନୈତିକ ଦୃଶ୍ୟପଟରେ ଅଭ୍ୟୁଦୟ ହେବା ପରେ ଓଡ଼ିଆ ସ୍ୱାଭିମାନ ପ୍ରତି ସଚେତନତା ସୃଷ୍ଟି ହେଲା। ତେବେ 'ସ୍ୱାଭିମାନ' ଶବ୍ଦ ୧୯୭୦ ପୂର୍ବରୁ ନଥିଲା। 'ମାଟିର ମଣିଷ' ଉପନ୍ୟାସରେ ବରଜୁ ଯେତେବେଳେ ନିଜର ଭାଇ ପାଇଁ ସବୁକିଛି ସମ୍ପତ୍ତି ତ୍ୟାଗ କରି ଚାଲିଯାଇଛି, ତାହାହିଁ ସ୍ୱାଭିମାନର ଶ୍ରେଷ୍ଠ ଦୃଷ୍ଟାନ୍ତ। ଏହି ପ୍ରସଙ୍ଗର ଆଉ ଟିକିଏ ଆଗକୁ ଯାଇ ସେ ମଧ୍ୟ ମତ ଦେଇଥିଲେ ଯେ ମଶାଣି ହେଉଛି ଏକମାତ୍ର ସ୍ଥଳ ଯେଉଁଠାରେ ସବୁ ମଣିଷଙ୍କର ସ୍ୱାଭିମାନର ବିଲୟ ଘଟେ।

## ନବ ସ୍ଥାପିତ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ହେଲେ ସବିତା ପ୍ରଧାନ



ସତ୍ୟବାଦୀଠାରେ ପ୍ରତିଷ୍ଠିତ ହୋଇଥିବା ଓଡ଼ିଆ ଭାଷା ଓ ସାହିତ୍ୟର ବହୁ ପ୍ରତୀକ୍ଷିତ ବାଣୀପୀଠ 'ଓଡ଼ିଆ ବିଶ୍ୱବିଦ୍ୟାଳୟ'ର ପ୍ରଥମ କୁଳପତି ଭାବେ ପ୍ରଫେସର ସବିତା ପ୍ରଧାନଙ୍କୁ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଦୁଇ ବର୍ଷ ପାଇଁ ନିଯୁକ୍ତି ପ୍ରଦାନ କରିଛନ୍ତି। ଏନେଇ କୁଳାଧିପତିଙ୍କ କାର୍ଯ୍ୟାଳୟ, ରାଜଭବନ ପକ୍ଷରୁ ୧୮ ଅଗଷ୍ଟ ଦିନ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନ ପ୍ରଫେସର ପ୍ରଧାନ ଶାନ୍ତି ନିକେତନ ସ୍ଥିତ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରଫେସର ଭାବେ କାର୍ଯ୍ୟରତ।

ପ୍ରଫେସର ପ୍ରଧାନ କହିଛନ୍ତି ଯେ ନୂଆ ବିଶ୍ୱବିଦ୍ୟାଳୟର କୁଳପତି ହେବାପରେ ତାଙ୍କର ଦାୟିତ୍ୱ ବଢ଼ିଯିବ ଏବଂ ସେ ଆଗାମୀ ଦିନରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସ୍ୱତନ୍ତ୍ର ଗବେଷଣା ଉପରେ ଗୁରୁତ୍ୱ ଦେବେ।

ସୂଚନାଯୋଗ୍ୟ, ବର୍ତ୍ତମାନ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ ସ୍ନାତକୋତ୍ତର ଏବଂ କଳାବିଭୂଷଣ ପାଇଁ ୩ଟି ବିଷୟ ଯଥା 'ଓଡ଼ିଆ ଭାଷା ଓ ସାହିତ୍ୟ', 'ଭାଷା ବିଜ୍ଞାନ ଓ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ' ଏବଂ 'ଆଞ୍ଚଳିକ ଆଦିବାସୀ ଭାଷା ଓ ଐତିହ୍ୟ'ରେ ଛାତ୍ରମାନଙ୍କ ନାମ ଲେଖା ପାଇଁ ଏସ.ଏସ.ବି ପକ୍ଷରୁ ଚୟନ ପରୀକ୍ଷା କରାଯାଇଥିଲା। ମୋଟ ୭୨ଟି ଆସନ ମଧ୍ୟରୁ ପ୍ରତ୍ୟେକ ବିଭାଗରେ ୨୪ଟି ଲେଖାଏଁ ଆସନ ରହିଛି। କୁଳପତିଙ୍କ ନିଯୁକ୍ତି ସହ ନବ ସ୍ଥାପିତ 'ଓଡ଼ିଆ ବିଶ୍ୱବିଦ୍ୟାଳୟ' ଆଉ ଏକ ପାଦ ଅଗ୍ରସର ହେଲା ବୋଲି କୁହାଯାଉଛି।

# ଶେଷ ପୃଷ୍ଠା



# ନିଘଣ୍ଟୁ *

ବୀରବର ଗୀତାଭିଧାନ କୋଷକାବ୍ୟରେ ଲେଖିଛନ୍ତି; 'ନାନାର୍ଥ ବିଧିକି ବୁଝାଇଲେ ବୁଝି ମୂର୍ଖ ହିଁ ହେବ ପଣ୍ଡିତ, ଶବ୍ଦ ଅର୍ଥକୁ ଜାଣିବା ଇଚ୍ଛା ଥିଲେ ପଢ଼ ଏହା ଦେଇ ଚିତ୍ତ।'

ହେଲେ, ଆଜି ଅଭିଧାନ ସବୁ ଗମ୍ଭିରିକୋଣେ ପଡ଼ିରହିଛି ଓଡ଼ିଆଘରେ। ଭାଷାର ଉତ୍କର୍ଷକୁ ନେଇ ଉକୁଡାଉକୁଡି ହେଉଥିବା ଓଡ଼ିଆ ଜାତିରେ ଏବେ ଅଜାଗଳସ୍ତନ ପଣ୍ଡିତ ଓ ଭାଷାବିତ୍‌ଙ୍କର ଅଭ୍ୟୁଦୟହୋଇଛି। କିଏ ବର୍ଣ୍ଣମାଳାରୁ ଅକ୍ଷର ଲିଭାଇବା ପାଇଁ ବୋଧଜ୍ଞାନ ବାଣ୍ଟିବାରେ ବ୍ୟସ୍ତ ତ, କିଏ ଯୁକ୍ତାକ୍ଷର ଓ କାବ୍ୟାଳଙ୍କାରକୁ ଅଣଦେଖା କରିବାର ଉପଦେଶ ଦେବାକୁ ଲାଗିଲେଣି।

"ନିରସ୍ତେ ପାଦପେ ଦେଶେ, ଏରଣ୍ଡୋଽପି ଦ୍ରୁମାୟତେ" ନ୍ୟାୟରେ ଏହି ଗବଗଛିଆ ବିଜ୍ଞଙ୍କୁ ନେପଥ୍ୟ କୋଳାହଳରେ ପଣେ ଉତ୍ସାହିତ କରିବାର ପଶ୍ଚାତ୍‌ପଦ ହେଉନାହାନ୍ତି। ଭାଷାକୋଷରେ ପଢ଼ିଥିଲି ଯେ ଯାସ୍କ ମୁନି ବୈଦିକ ଶବ୍ଦମାନଙ୍କର ନିଘଣ୍ଟୁର ବ୍ୟାଖ୍ୟା ସଙ୍କଳନ କରିଥିଲେ, ତାହା ନିରୁକ୍ତ ନାମରେ ଖ୍ୟାତ। ଶବ୍ଦର ପ୍ରକୃତିଗତ ଅର୍ଥବାଦର ଏହା ଏକ ଗ୍ରନ୍ଥ। ସାୟନାଚାର୍ଯ୍ୟଙ୍କ ମତରେ ଏକ ଶବ୍ଦର ଏକାଧିକ ଅର୍ଥ ଓ ପର୍ଯ୍ୟାୟ ଲେଖାଥିବା ସଙ୍କଳନ ହିଁ ନିରୁକ୍ତ। କେତୋଟି ନିରୁକ୍ତ ତତ୍ତ୍ୱ ହେଲା; ବର୍ଣ୍ଣାଗମ– ଅକ୍ଷର ବଢ଼ାଇବା, ବର୍ଣ୍ଣବିପର୍ଯ୍ୟୟ– ଅକ୍ଷରମାନଙ୍କୁ ଆଗ ପଛ କରିବା, ବର୍ଣ୍ଣବିକାର– ଅକ୍ଷର ପରିବର୍ତ୍ତନ ଏବଂ ବର୍ଣ୍ଣନାଶ– ଅକ୍ଷରର ଲୋପ ଓ ଧାତୁର ଗୋଟିଏ ଅର୍ଥ ସିଦ୍ଧ କରିବା। ହେଲେ ଆଜି ନିରୁକ୍ତକାରମାନଙ୍କ ଶ୍ରମ ସବୁ କେଉଁ ଥାକରେ ଧୂଳିମଳିରେ ସଢ଼ୁଛନ୍ତି ତାର ଠିକଣା ନାହିଁ। ସେଥିକୁ ଆମ ବିଜ୍ଞାନୀଙ୍କ ନିଘା କାହିଁ!

ଓଡ଼ିଆ ଭାଷା ଶବ୍ଦର ଗନ୍ତାଘର। ଅନେକ ସଙ୍କଳକଙ୍କ ତଥ୍ୟ ଅନୁଯାୟୀ ୧୭୧୦ରୁ ୧୯୪୨ ପର୍ଯ୍ୟନ୍ତ ପାୟତଃ ୪୦ ପ୍ରକାରର ଓଡ଼ିଆ ଅଭିଧାନ ସମସ୍ତଙ୍କ ପାଇଁ ଉପଲବ୍ଧ ଅଛି। ଉପେନ୍ଦ୍ର ଭଞ୍ଜଙ୍କ ଗୀତାଭିଧାନ ଠାରୁ ଆରମ୍ଭ କରି ପ୍ରମୋଦ ଅଭିଧାନ ଯାଏଁ ଏହି ସବୁ ଅଭିଧାନ ବିଭିନ୍ନ ମାଧ୍ୟମରେ ସମସ୍ତ ଓଡ଼ିଆ ଅଜ୍ଞ – ବିଜ୍ଞ – ସର୍ବଜ୍ଞଙ୍କ ପାଇଁ ସାଇତା ହୋଇ ରହିଛି। ଅଭିଧାନରେ ଶବ୍ଦଗୁଡ଼ିକର ଅର୍ଥ, ବନାନର ବିବିଧତା, ଉଚ୍ଚାରଣ, ଉତ୍ପତ୍ତି ସବୁର ସୂଚନା ଥାଏ। ସେଥି ମଧ୍ୟରୁ ବିଦେଶରେ ଚହଳ ପକାଇଥିବା ୱେବ୍‌ଷ୍ଟର, ଚାମ୍ବର୍ସ, ଅକ୍ସଫୋର୍ଡ଼ ଅଭିଧାନ ପରି, ୨୧ବର୍ଷ ଶ୍ରମଦାନରେ ପ୍ରକାଶ ହୋଇଥିବା ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ଭାରତୀୟ ଭାଷାର ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ଭାଷାକୋଷ। କେବଳ ଓଡ଼ିଆ ନୁହଁନ୍ତି; ବିଦେଶୀମାନେ ମଧ୍ୟ ଆମ ଓଡ଼ିଆ ଅଭିଧାନ ପାଇଁ ଅନେକ କିଛି କରିଯାଇଛନ୍ତି। ସଟନ୍‌ଙ୍କ ସହଯୋଗରେ ପ୍ରକାଶିତ ଉତ୍କଳ ଭାଷାର୍ଥାଭିଧାନ ଓ ସାଧୁଭାଷାର୍ଥାଭିଧାନ ଅନ୍ୟତମ। ଓଡ଼ିଆଙ୍କ ପାଇଁ ଅନେକ ଅଭିଧାନ ଅଛି; ହେଲେ ପଢୁଛି କିଏ!

ଶେଷପଦରେ ଲେଖିବି ସେଇ କଥା;

"ଅଗାଧ ଜଳସଂଚାରୀ ମା ଗର୍ବଂ ଯାତି ରୋହିତଃ, ଗଣ୍ଡୁଷ ଜଳମାତ୍ରେଣ ଶଫରୀ ଫର୍ଫରାୟତେ।"


ଏଣୁ, ହେ ମୋର କେରାଣ୍ଡିଆ ବୁଦ୍ଧିବାଦୀ ସମଗ୍ର; ଚାଲନ୍ତୁ ନିଘଣ୍ଟୁର ସେହି ଗଭୀର ଜଳରେ ରୋହିମାଛ ଭଳି ବୁଡ଼ ଦେଇ ଆସିବା। କିଛି ବୋଧଜ୍ଞାନ ସାଉଁଟି ଆଣିବା ଆପଣା ପାଣ୍ଡିତ୍ୟ ନିମନ୍ତେ। ଆସନ୍ତୁ, ଅଭିଧାନଟିଏ ପଢ଼ିବା; ଶବ୍ଦାର୍ଥଟିଏ ଜାଣିବା। ଶବ୍ଦାର୍ଥାନଭିଜ୍ଞ ହେବା ଅପେକ୍ଷା ନୂଆ ଶବ୍ଦଟିଏ ଜାଣିବାରେ ହାନି କଣ !

-ପ୍ରଭୂ

* **ନିଘଣ୍ଟୁ** – ଶବ୍ଦକୋଷ

□□

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com


Bringing SMILE
to the Rural Life...
Mining
Power & Steel
Green Energy
Education
Agritech
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com

Eastern India's **No.1*** Paediatric Hospital

# JAGANNATH HOSPITAL

AN EXCLUSIVE PERINATAL CENTRE

## Because we treat every child like our own



- 24 X 7 PAEDIATRIC NEONATAL EMERGENCY
- LEVEL - 3 NICU
- PAEDIATRICS & NEONATAL SURGERY
- 24 X 7 OBSRETRIC & GYNAECOLOGY
- 24 X 7 PATHO LAB

**Call : 8093091301**

185-P, Saheed Nagar, Bhubaneswar-15

*Source: Times of India Critical Healthcare Survey







Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy